ଧରିତ୍ରୀ
DHARITRI
ଶୁକ୍ରବାର, ଏପ୍ରିଲ ୧୭/୨୦୨୦ (୧୭ ପୃଷ୍ଠା) Friday, April 17/2020
୪୬ଶ ଭାଗ ୧୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



### ପୁଅକୁ କଥକ ଶିଖାଉଛନ୍ତି ମାଧୁରୀ

ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିବାରୁ ଏବେ ବଲିଉଡ୍‌ର ଧକ୍‌ଧକ୍ ଗର୍ଲ ମାଧୁରୀ ଦୀକ୍ଷିତ ନିଜ ପୁଅକୁ କଥକ ନୃତ୍ୟ ଶିଖାଉଛନ୍ତି।

୦୫

୧୭

### ରୋହିତ 'କ୍ରିକ୍‌କିଙ୍ଗଡମ୍' ର ବ୍ରାଣ୍ଡ୍ ଆମ୍ବାସାଡର

ଭାରତୀୟ କ୍ରିକେଟର ରୋହିତ ଶର୍ମା ଦୁବାଇସ୍ଥିତ 'କ୍ରିକ୍‌କିଙ୍ଗଡମ୍' ନାମକ କୋଚିଂ ସେଣ୍ଟରର ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ନିଯୁକ୍ତି ପାଇଛନ୍ତି।



## ■ କରୋନା ମହାମାରୀ ବେଳେ ଦକ୍ଷିଣ କୋରିଆରେ ନିର୍ବାଚନ
# ଶାସକ ଦଳ ବିଜୟୀ

ସିଓଲ,୧୬।୪

କରୋନା ମହାମାରୀ ସାରା ବିଶ୍ୱକୁ କବଳିତ କରିଥିବାବେଳେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ନିର୍ବାଚନରେ ଶାସକ ଦଳ ବିପୁଳ ବିଜୟ ହାସଲ କରିଛି। ୩୦୦ ଆସନ ବିଶିଷ୍ଟ ଜାତୀୟ ଆସେମ୍ବ୍ଲିରେ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ଡେମୋକ୍ରାଟିକ୍ ପାର୍ଟି ଓ ଏହାର ସହଯୋଗୀ ଦଳ ୧୮୦ ଆସନ ଜିତିଛନ୍ତି। ବିରୋଧୀ ୟୁନାଇଟେଡ ଫିଉଚର ପାର୍ଟି ଓ ଏହାର ଛୋଟ ସହଯୋଗୀ ଦଳଗୁଡ଼ିକ ୧୦୩ଟି ଆସନ ହାତେଇଛନ୍ତି। ବୁଧବାର ଅନୁଷ୍ଠିତ ନିର୍ବାଚନରେ ୬୬.୨% ଭୋଟଗ୍ରହଣ ହୋଇଥିଲା। ଭୋଟରମାନେ ମାସ୍କ ପିନ୍ଧି ସାମାଜିକ ଦୂରତ୍ୱ ରକ୍ଷା ସହିତ ଧାଡ଼ିରେ ଛିଡ଼ାହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖାଯାଇଥିଲା। ☞ପୃଷ୍ଠା-୪

# ୨୦୨୨ ଯାଏ ଜାରି ରହିପାରେ ସାମାଜିକ ଦୂରତ୍ୱ

### ସତର୍କ କରାଇଲେ ହାର୍ଭାର୍ଡ ଗବେଷକ



### ■ ୨୦୨୫ ପର୍ଯ୍ୟନ୍ତ ପୁଣି ମୁଣ୍ଡ ଟେକିପାରେ କରୋନା

ୱାଶିଂଟନ,୧୬।୪

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ଅଦ୍ୟାବଧି ବିଶ୍ୱର କୌଣସି ରାଷ୍ଟ୍ର ଭାକ୍‌ସିନ ପ୍ରସ୍ତୁତ କରିପାରି ନାହାନ୍ତି। ସାମାଜିକ ଦୂରତ୍ୱ ବା ସୋସିଆଲ ଡିଷ୍ଟାନ୍ସିଂ ହିଁ ଏହି ଘାତକ ମହାମାରୀରୁ ମୁକ୍ତି ପାଇଁ ଏକମାତ୍ର ଔଷଧ ବୋଲି ବିବେଚନା କରାଯାଉଛି। ତେବେ ସୋସିଆଲ୍ ଡିଷ୍ଟାନ୍ସିଂ ଅବଲମ୍ବନ ଲାଗି କେବଳ ଗୋଟିଏ ଥର ଲକ୍‌ଡାଉନ୍ କରିଦେଲେ ଏହି ଭୂତାଣୁ ନିୟନ୍ତ୍ରଣକୁ ଆସିବ ନାହିଁ। ବର୍ଷ ବର୍ଷ ଧରି ମଝିରେ ମଝିରେ ଏହି ଉପାୟକୁ ଆପଣାଇବାକୁ ପଡ଼ିବ। ଅନ୍ତତଃ ୨୦୨୨ ପର୍ଯ୍ୟନ୍ତ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପଡ଼ିବ ବୋଲି ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି। ଜର୍ନାଲ ସାଇନ୍ସରେ ପ୍ରକାଶିତ ନିବନ୍ଧ ଅନୁସାରେ ଥରେ ଲକ୍‌ଡାଉନ୍ କରିଦେବା ଫଳରେ ମହାମାରୀ କରୋନା ନିୟନ୍ତ୍ରଣକୁ ଆସିବ ନାହିଁ। କଟକଣା ନିରନ୍ତର ଲାଗି ନ ରହିଲେ ଏହାର ଅତିରିକ୍ତ ବୃଦ୍ଧି ବର୍ତ୍ତମାନଠାରୁ ଆହୁରି ଭୟଙ୍କର ହୋଇପାରେ। ଏପରି କି ଭାକ୍‌ସିନ ନ ବାହାରିଲେ ଅଥବା ପ୍ରଭାବଶାଳୀ ଚିକିତ୍ସା କରା ନ ଗଲେ ୨୦୨୫ ପର୍ଯ୍ୟନ୍ତ କରୋନା ଭାଇରସ୍ ପୁଣି ମୁଣ୍ଡ ଟେକିପାରେ ବୋଲି ହାର୍ଭାର୍ଡ ୟୁନିଭର୍ସିଟିର ଏପିଡେମିଓଲୋଜି ପ୍ରଫେସର ମାର୍କ ଲିପ୍‌ଷ୍ଟିକ୍ ସତର୍କ କରାଇଦେଇଛନ୍ତି। ବିଶ୍ୱବିଦ୍ୟାଳୟର ମହାମାରୀ ବିଜ୍ଞାନ ଆନୁକୂଲ୍ୟରେ ଅଧ୍ୟୟନର ନେତୃତ୍ୱ ନେଇଥିବା ଲିପ୍‌ଷ୍ଟିକ୍ କହିଛନ୍ତି, ସଂକ୍ରମଣ ମୁଖ୍ୟତଃ ଦୁଇ ପ୍ରକାର ଲୋକଙ୍କଠାରୁ ବଢ଼ିଥାଏ। ଗୋଟିଏ ହେଲା ସଂକ୍ରମିତ ଓ ଅନ୍ୟଟି ଅତି ସମ୍ବେଦନଶୀଳ ବ୍ୟକ୍ତିଙ୍କଠାରୁ। ଯଦି ପର୍ଯ୍ୟାପ୍ତ ପରିମାଣର ପ୍ରତିଷେଧକ ଉପଲବ୍ଧ ନ ଥିବ ତେବେ ବହୁସଂଖ୍ୟକ ଲୋକଙ୍କ ଜୀବନ ବିପଦ ମଧ୍ୟକୁ ଠେଲି ହୋଇଯିବା ଆଶଙ୍କା ରହିଛି। ୨୦୨୦ ଗ୍ରୀଷ୍ମରେ ଏହି ଭୂତାଣୁ ସଂକ୍ରମଣ ହ୍ରାସ ପାଇବ ବୋଲି ପୂର୍ବରୁ ଯାହା ଅନୁମାନ କରାଯାଉଥିଲା ତାହା ସମ୍ପୂର୍ଣ୍ଣ ଭାବେ ଭୁଲ ପ୍ରମାଣିତ ହୋଇଛି ବୋଲି ଲିପ୍‌ଷ୍ଟିକ୍ କହିଛନ୍ତି। ତାଙ୍କର ଏହି ରିପୋର୍ଟ ଆମେରିକା ସରକାରଙ୍କ ସାଇଣ୍ଟିଫିକ୍ ଆଡ୍‌ଭାଇଜରି ଗ୍ରୁପ୍ ଫର୍ ଏମର୍ଜେନ୍ସି (ସେଜ୍) ପକ୍ଷରୁ ଉନ୍ମୋଚିତ ହୋଇଛି। ହାର୍ଭାର୍ଡ ଟି.ଏଚ୍. ଚାନ୍ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥର ଗବେଷକମାନେ ମଧ୍ୟ ଅନୁରୂପ ମତବ୍ୟକ୍ତ କରି ବିଶ୍ୱବାସୀଙ୍କୁ ସତର୍କ କରାଇଛନ୍ତି।

# ଦିନକୁ ଘଣ୍ଟାଏ ଖୋଲିବ କୋର୍ଟ

କଟକ ଅଫିସ୍,୧୬।୪

ଆସନ୍ତା ୨୦ ତାରିଖରୁ ସକାଳୁଆ କୋର୍ଟ ଚାଲିବ। କରୋନା ଭୂତାଣୁକୁ ଦୃଷ୍ଟିରେ ରଖି ହାଇକୋର୍ଟଙ୍କ ତରଫରୁ ନିମ୍ନ ଅଦାଲତଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯେଉଁ କୋର୍ଟଗୁଡ଼ିକ ସକାଳୁଆ ଚାଲିବ, ସେଗୁଡ଼ିକ ଘଣ୍ଟାଏ ଲେଖାଏଁ, ଅର୍ଥାତ ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ତେବେ ଯେଉଁ କୋର୍ଟଗୁଡ଼ିକ ସକାଳୁଆ ଖୋଲା ରହିବ ନାହିଁ, ସେଗୁଡ଼ିକ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ତେବେ ଏହି ସମୟରେ କେବଳ ଜରୁରୀରୁ ଅତି ଜରୁରୀ ମାମଲାଗୁଡ଼ିକର ଶୁଣାଣି କରାଯିବ ବୋଲି ସୂଚନା ମିଳିଛି।

**ଆଜିର ସମ୍ପାଦକୀୟ**

**ସରକାର ଦିଶାହୀନ**

# ସମାଧାନ ନୁହେଁ ଲକ୍‌ଡାଉନ

## କରୋନା ବିରୋଧରେ ମିଳିତ ଲଢ଼େଇ ପାଇଁ ରାହୁଲଙ୍କ ଆହ୍ୱାନ



■ ବ୍ୟାପକ ପରୀକ୍ଷା ଉପରେ ଗୁରୁତ୍ୱ

■ ତାଲାବନ୍ଦ ଏକ ପଜ୍ ବଟନ

ନୂଆଦିଲ୍ଲୀ,୧୬।୪

କୋଭିଡ୍-୧୯କୁ ପରାଜିତ କରିବାକୁ ହେଲେ ଲକ୍‌ଡାଉନ ସମାଧାନର ମାର୍ଗ ନୁହେଁ ବରଂ ଏହାକୁ ସାମୟିକ ଭାବେ ବନ୍ଦ ରଖିବା ପାଇଁ ଏକ ପଜ୍ ବଟନ ବୋଲି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। କଟକଣା ଉଠିବା ପରେ କରୋନା ଭୂତାଣୁ ଯେପରି ପୁଣି ନ ଫେରିବ, ସେଥିପାଇଁ ବିସ୍ତୃତ ରଣନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ବ୍ୟାପକ ପରୀକ୍ଷା କରୋନା ଲଢ଼େଇରେ ମୁଖ୍ୟ ଅସ୍ତ୍ର ବୋଲି ରାହୁଲ କହିଛନ୍ତି। ଗୁରୁବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି, ସମସ୍ତେ ଯଦି ଆତ୍ମବିଶ୍ୱାସର ସହ ଭୂତାଣୁ ବିରୋଧରେ ଲଢ଼ିବେ, ତେବେ ଭାରତ ବେଶ୍ ଭଲ ସ୍ଥାନରେ ରହିପାରିବ।

ଲକ୍‌ଡାଉନ ଯୋଗୁ ବିଭିନ୍ନ ଅଞ୍ଚଳରେ ଦାଦନ ଶ୍ରମିକ ଅଟକି ରହିଛନ୍ତି। ସେମାନଙ୍କ ପାଖରେ ଖାଦ୍ୟ କି ଟଙ୍କାପଇସା ନାହିଁ। ଏଭଳି ସ୍ଥିତି ବେଶିଦିନ ଲାଗିରହିଲେ ସାମାଜିକ ଆନ୍ଦୋଳନ ମୁଣ୍ଡ ଟେକିପାରେ ବୋଲି ରାହୁଲ ଆଶଙ୍କା ପ୍ରକଟ କରିବା ସହ ସରକାର ଦାଦନ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଆହ୍ୱାନ ଦେଇଛନ୍ତି। ଗରିବଙ୍କୁ ଖାଦ୍ୟ ବଣ୍ଟନ କରିବା ସହ ଏମ୍‌ଏସ୍‌ଏମ୍‌ଇ ଏବଂ ଅନ୍ୟ ଶିଳ୍ପସଂସ୍ଥାକୁ ସହାୟତା ପ୍ୟାକେଜ୍ ଯୋଗାଇଦେବାକୁ କଂଗ୍ରେସ ନେତା କହିଛନ୍ତି।

ଭାରତରେ କରୋନା ପରୀକ୍ଷା ହାର ଯଥେଷ୍ଟ କମ୍। ଏଠାରେ ବର୍ତ୍ତମାନ ସୁଦ୍ଧା ହାରାହାରି ପ୍ରତି ୧୦ ଲକ୍ଷ ଲୋକରେ ୧୯୯ ଜଣଙ୍କର କୋଭିଡ୍-୧୯ ପରୀକ୍ଷା କରାଯାଇଛି। ପ୍ରତି ଜିଲାରେ ପାଖାପାଖି ୩୫୦ ପରୀକ୍ଷା ହୋଇଛି। ତେଣୁ ଭୂତାଣୁ କେଉଁ ବାଟ ଦେଇ ଗତି କରୁଛି ତାହା ନିର୍ଣ୍ଣୟ କରିବା ଲାଗି ଏତିକି ପରୀକ୍ଷା ଯଥେଷ୍ଟ ନୁହେଁ ବୋଲି ରାହୁଲ କହିଛନ୍ତି। କରୋନା ଭୂତାଣୁକୁ ଦୂରେଇବାକୁ ହେଲେ ପରୀକ୍ଷା ହାରକୁ ଯଥେଷ୍ଟ ବଢ଼ାଇବାକୁ ହେବ। ଲକ୍‌ଡାଉନ ସମାଧାନ ନୁହେଁ, ଏକ ପଜ୍ ବଟନ ବୋଲି ଭାରତ ସମେତ ବିଶ୍ୱର ବିଶେଷଜ୍ଞମାନେ ମତ ଦେଇଥିବା ସେ କହିଛନ୍ତି। ଲକ୍‌ଡାଉନ ଉଠିବା ପରେ ଭୂତାଣୁ ତା'ର କାମ ଆରମ୍ଭ କରିଦେବ। ତେଣୁ ଲକ୍‌ଡାଉନରୁ ବାହାରିବାକୁ ହେଲେ ରଣକୌଶଳ ପ୍ରସ୍ତୁତ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି କଂଗ୍ରେସ ନେତା କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାରଙ୍କ କୋଭିଡ୍-୧୯ ବିରୋଧୀ ଲଢ଼େଇକୁ ରାହୁଲ ସମର୍ଥନ ଜଣାଇବା ସହ ଜନସାଧାରଣଙ୍କୁ ବିବ୍ରତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି। ମିଳିତ ଭାବେ ଲଢ଼ିଲେ ବର୍ତ୍ତମାନର ସଙ୍କଟରୁ ଆମେ ମୁକୁଳିପାରିବା ବୋଲି ସେ କହିଛନ୍ତି। ଏହି ଲଢ଼େଇରେ ଜାତି, ଧର୍ମ ଭେଦଭାବକୁ ଭୁଲିଯିବା ଲାଗି ରାହୁଲ ପରାମର୍ଶ ଦେଇଛନ୍ତି। ହଟ୍‌ସ୍ପଟ୍‌ଗୁଡ଼ିକୁ ଚିହ୍ନଟ କରିବା ଲାଗି ବିସ୍ତୃତ ପରୀକ୍ଷା ଜରୁରୀ। ଲକ୍‌ଡାଉନ ଉଠିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲଗୁଡ଼ିକୁ କିପରି ପ୍ରସ୍ତୁତ କରିବାକୁ ହେବ, ପରୀକ୍ଷା ପାଇଁ କ'ଣ ରଣନୀତି ☞ପୃଷ୍ଠା-୪

# ଏନ୍‌ଡିଆର୍‌ଏଫ୍ ଭଳି ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପ୍ରଶମନ କେନ୍ଦ୍ର ଖୋଲାଯାଉ

### କରୋନା ମୁକାବିଲା ପାଇଁ କେନ୍ଦ୍ରକୁ ରାଜ୍ୟର ପ୍ରସ୍ତାବ

■ କୋଭିଡ୍ ମୁକାବିଲା ପରୀକ୍ଷଣ ବଢ଼ିବ

■ ସବୁ ଜିଲାରେ ହେବ ନମୁନା ପରୀକ୍ଷା

ଭୁବନେଶ୍ୱର,୧୬।୪(ବ୍ୟୁରୋ)

କୋଭିଡ୍-୧୯ ମୁକାବିଲା କରିବା ପାଇଁ ରାଜ୍ୟରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ(ଏନ୍‌ଡିଆର୍‌ଏଫ୍) ଭଳି ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପ୍ରଶମନ ତାଲିମ କେନ୍ଦ୍ର ସ୍ଥାପନ କରାଯାଉ, ଯଦ୍ୱାରା ସ୍ୱାସ୍ଥ୍ୟ ବିପର୍ଯ୍ୟୟ ସମୟରେ ଡାକ୍ତର, ନର୍ସ, ପାରାମେଡିକାଲ ଷ୍ଟାଫଙ୍କୁ ଉଚିତ୍ ତାଲିମ ଦିଆଯାଇପାରିବ। ଗୁରୁବାର ରାଜ୍ୟ ଉଚ୍ଚକ୍ଷମତା ସମ୍ପନ୍ନ ମନ୍ତ୍ରୀସ୍ତରୀୟ କମିଟି କେନ୍ଦ୍ର ସରକାରଙ୍କୁ ଏହି ପ୍ରସ୍ତାବ ଦେଇଛି। କରୋନା ମୁକାବିଲା ନେଇ ଗୁରୁବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ଜରିଆରେ ଏକ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଆଗାମୀ ଦିନରେ ବହୁ ସଂଖ୍ୟାରେ କୋଭିଡ-୧୯ ପରୀକ୍ଷା କରାଯିବ। ଏଥିସହିତ ରାଜ୍ୟରେ ଥିବା ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ପରୀକ୍ଷା କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆଗାମୀ ଦିନରେ ଗୋଷ୍ଠୀଗତ ବା ପୁଲ୍ ଟେଷ୍ଟ କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ସରକାର ମଧ୍ୟ ରାଜ୍ୟର ଏହି ପ୍ରସ୍ତାବକୁ ଗ୍ରହଣ କରିଛନ୍ତି। ଏବେ ବୁର୍ଲା ମେଡିକାଲରେ ଟେଷ୍ଟିଂ କେନ୍ଦ୍ର ଖୋଲାଯାଇଛି। ଆଗାମୀ ଦିନରେ ଏହାକୁ ବୃଦ୍ଧି କରିବାକୁ କୁହାଯାଇଛି। ଆଉ ଦୁଇଟି ଟେଷ୍ଟିଂ କେନ୍ଦ୍ର ଯୋଗାଇ ଦେବାକୁ ଦାବି କରାଯାଇଥିବା ନବ କହିଛନ୍ତି। ପୂର୍ବରୁ ଦିନକୁ ମାତ୍ର ୧୦୦ନମୁନା ପରୀକ୍ଷା ହେଉଥିଲା। ଏବେ ୧ହଜାରରୁ ୨ହଜାର ନମୁନା ପରୀକ୍ଷା କରାଯାଉଛି। ଆଗାମୀ ଦିନରେ ଏହାକୁ ୨ରୁ ୩ ହଜାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ☞ପୃଷ୍ଠା-୪



ଲକ୍‌ଡାଉନ ବେଳେ ଗୁରୁବାର ସୁରଟରେ ଖାଦ୍ୟ ନେବା ଲାଗି ଲୋକଙ୍କ ଲମ୍ବା ଲାଇନ।

# ଉପଭୋକ୍ତାଙ୍କୁ ସେସୁର ୪% ରିହାତି

### ମାର୍ଚ୍ଚ, ଏପ୍ରିଲ୍‌ର ବିଲ୍‌ରେ ଅତିରିକ୍ତ ଭାବେ ମିଳିବ



ଭୁବନେଶ୍ୱର,୧୬।୪(ବ୍ୟୁରୋ)

ମାର୍ଚ୍ଚ ୨୫ ତାରିଖରୁ ସମଗ୍ର ଦେଶରେ ଲକ୍‌ଡାଉନ ଜାରି ରହିଛି। ବନ୍ଦ ଯୋଗୁ ଜନସାଧାରଣ ସେମାନଙ୍କର ବିଦ୍ୟୁତ୍ ବିଲ୍ ନିର୍ଦ୍ଧାରିତ ସମୟରେ ପଇଠ କରିନାହାନ୍ତି। ଲକ୍‌ଡାଉନକୁ ଦେଖି ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି(ସେସୁ) ଉପଭୋକ୍ତାଙ୍କ ପାଇଁ ମାର୍ଚ୍ଚ ଏବଂ ଏପ୍ରିଲ ମାସ ଲାଗି ଅତିରିକ୍ତ ୪ ପ୍ରତିଶତ ରିହାତି ଦେବାକୁ ଘୋଷଣା କରିଛି। ଯେଉଁ ଉପଭୋକ୍ତାମାନେ ମାର୍ଚ୍ଚ ମାସର ବିଲ୍ ନିର୍ଦ୍ଧାରିତ ସମୟ ଅର୍ଥାତ୍ ସେହି ମାସର ୨୧ରୁ ୩୧ ତାରିଖ ମଧ୍ୟରେ ପଇଠ କରିନାହାନ୍ତି ସେମାନଙ୍କୁ ମଧ୍ୟ ଏହି ସୁବିଧା ଉପଲବ୍ଧ ହେବ। ପୂର୍ବରୁ ଥିବା ରିହାତି ଉପରେ ଏହି ଅତିରିକ୍ତ ୪ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏପ୍ରିଲରେ ବିଲ୍ ପୈଠ କଲେ ବିଦ୍ୟୁତ ଉପଭୋକ୍ତା ଏହି ସୁବିଧା ପାଇପାରିବେ। ଏ ନେଇ ଗୁରୁବାର ସେସୁ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ଲକ୍‌ଡାଉନ ସମୟରେ ସେସୁ ପକ୍ଷରୁ ୨୭ ଲକ୍ଷ ପରିବାରଙ୍କୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। ସେସୁର ରାଜ୍ୟରେ ଥିବା ୩୦୦ କାର୍ଯ୍ୟାଳୟର ୮୦୦ କର୍ମଚାରୀଙ୍କ ଦିନରାତି ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି। ବିଦ୍ୟୁତ ଦେୟ ଡିଜିଟାଲ ମୋଡ୍‌ରେ ହୋଇପାରୁଛି। ମୋବାଇଲ ଆପ୍, ଡେବିଟ ଓ କ୍ରେଡିଟ କାର୍ଡ ଜରିଆରେ ଦେୟ ପଇଠ କରିବାକୁ ସେସୁ ପକ୍ଷରୁ କୁହାଯାଇଛି।

# କଳଙ୍କକୁ ବଢ଼ାଇଚାଲିଛି କରୋନା

ମହାମାରୀ କେବେ ଭେଦଭାବ ଦେଖେନି। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ କିଛି ମାନେନାହିଁ ଭୂତାଣୁ। ଯୁଆଡ଼େ ପାରିବ ମାଡ଼ିଯିବ। ହେଲେ ଆମେ ମଣିଷମାନେ ସୃଷ୍ଟି କରୁଛୁ ବୈଷମ୍ୟ ଓ ଦେଖୁଛୁ ମଣିଷ ମଣିଷ ଭିତରେ ଭେଦଭାବ। କେଉଁଠି ତଳ ଜାତିର ଲୋକଙ୍କୁ ଅସ୍ପୃଶ୍ୟ ବୋଲି ପୃଥକ୍ ରହିବାକୁ ବାଧ କରାଯାଉଛି ତ ଆଉ କେତେବେଳେ ସଂକ୍ରମିତଙ୍କୁ ରୋଗୀ ବିବେଚନା ନ କରି ହିନ୍ଦୁ, ମୁସ୍‌ଲିମ ଭାବେ ବର୍ଗୀକୃତ କରାଯାଉଛି। ଦେଶରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାବେଳେ ଗୁରୁବାର ସାମ୍ନାକୁ ଆସିଥିବା ଏଭଳି ଦୁଇଟି କାହାଣୀ ତଥାକଥିତ ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ପାଇଁ ପର୍ଯ୍ୟାପ୍ତ। ସାମ୍ପ୍ରତିକ କୋଭିଡ୍ ସଙ୍କଟ ଭାରତ ସମେତ ବିଶ୍ୱ ପାଇଁ ସବୁଠୁ ବଡ଼ ଆହ୍ୱାନ ରୂପେ ଛିଡ଼ା ହୋଇଥିବାବେଳେ ଭାଇରସ୍‌ର ମୁକାବିଲା କ୍ଷେତ୍ରରେ ସରକାର-ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଆନ୍ଧ୍ରପ୍ରଦେଶ ଓ ଗୁଜରାଟର ଘଟଣାଦ୍ୱୟ।

### ଭାରତୀୟ ଜାତି ବ୍ୟବସ୍ଥାରେ ଦଳିତଙ୍କୁ ଅସ୍ପୃଶ୍ୟ ମନେକରାଯାଏ

ନୂଆଦିଲ୍ଲୀ,୧୬।୪

ଦକ୍ଷିଣ ଭାରତର ଏକ ପାହାଡ଼ ଉପରସ୍ଥିତ ବସ୍ତିରେ ରହୁଥିବା ପୋଲାମ୍ମା ନିକଟରେ ଥିବା ଗ୍ରସେରି ଦୋକାନକୁ ଯିବା ପାଇଁ ଅତି ସାବଧାନତା ସହ ୨୫୦ ପାଦ ତଳକୁ ଓହ୍ଲାଇଛନ୍ତି। ପୋଲାମାଙ୍କ ୪ ପିଲାଛୁଆ ଥିବାବେଳେ ସେ ଏବେ ୯ ମାସର ଗର୍ଭବତୀ। କିନ୍ତୁ ଏକ ପ୍ରମୁଖ ଜାତିର କେତେଜଣ ନେତା ତାଙ୍କୁ ଖାଲିହାତରେ ଫେରିଯିବା ପାଇଁ ବାଧ କରିଛନ୍ତି।

ମାର୍ଚ୍ଚ ୨୫ରେ ଭାରତରେ କରୋନା ଭାଇରସ୍ ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ୍ ଘୋଷଣା କରାଯିବା ପରଠୁ ଆନ୍ଧ୍ରପ୍ରଦେଶର ବିଜୟୱାଡାସ୍ଥିତ ପୋଲାମାଙ୍କ ପାହାଡ଼ି ଗାଁରେ ରହୁଥିବା ୫୭ ପରିବାରକୁ ତଳକୁ ନ ଓହ୍ଲାଇବା ପାଇଁ ବାରଣ କରାଯାଇଛି। ଏପରି କି ଔଷଧ ଓ ଖାଦ୍ୟ ଭଳି ଜରୁରୀ ସାମଗ୍ରୀ କିଣିବା ପାଇଁ ମଧ୍ୟ ସେମାନଙ୍କୁ ମନା କରାଯାଇଛି। ଏହି ପରିବାରମାନେ ହେଉଛନ୍ତି ୟାନାଡ଼ି ସମ୍ପ୍ରଦାୟର, ଯାହାଙ୍କ ମୁଖ୍ୟ ଜୀବିକା ହେଲା ଅଳିଆ ଆବର୍ଜନା ☞ପୃଷ୍ଠା-୪

# ହିନ୍ଦୁ, ମୁସ୍‌ଲିମ ରୋଗୀଙ୍କ ପାଇଁ ଅଲଗା ୱାର୍ଡ

### ହସ୍ପିଟାଲରେ ଧର୍ମକୁ ନେଇ ଭେଦଭାବ

ନୂଆଦିଲ୍ଲୀ,୧୬।୪

କରୋନା ଭାଇରସ୍ ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ଗୁଜରାଟର ଏକ ହସ୍ପିଟାଲରେ ଧର୍ମକୁ ନେଇ ଭେଦଭାବ ଦେଖିବାକୁ ମିଳିଛି। ଏହି ବୈଷମ୍ୟପୂର୍ଣ୍ଣ ବିଷୟ ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଭାଜପା ଶାସିତ ରାଜ୍ୟ ଗୁଜରାଟର ଅହମଦାବାଦସ୍ଥିତ ଏକ ସରକାରୀ ହସ୍ପିଟାଲରେ କରୋନା ଭାଇରସ୍‌ରେ ସଂକ୍ରମିତ ରୋଗୀଙ୍କ ଚିକିତ୍ସା କରାଯାଉଛି। ସେଠାରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ସେମାନଙ୍କ ଧର୍ମ ଆଧାରରେ ଅଲଗା ଅଲଗା ରଖାଯାଉଛି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଏପରି କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ଦାବି କରୁଛନ୍ତି। ଅହମଦାବାଦ ସିଭିଲ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଗୁଣବନ୍ତ ଏଚ୍. ରାଠୋଡ୍ କହିଛନ୍ତି, ସାଧାରଣତଃ ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ରହିଛି। କିନ୍ତୁ ଆମେ ଏଠାରେ ହିନ୍ଦୁ ଓ ମୁସଲମାନ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ଗଠନ କରିଛୁ। ଏହା ହେଉଛି ସରକାରଙ୍କ ନିର୍ଦ୍ଦେଶ। ଆପଣ ଚାହିଁଲେ ସରକାରଙ୍କୁ ପଚାରିପାରନ୍ତି।

ଏନେଇ ଗୁଜରାଟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରଧାନ ସଚିବ ଜୟନ୍ତୀ ରବିଙ୍କୁ ପଚରାଯିବାରୁ ତାଙ୍କ ବ୍ୟକ୍ତିଗତ ସହାୟକ ଫୋନ୍ ଧରିଥିଲେ। ସେ କିଛି ଉତ୍ତର ଦେବା ପରିବର୍ତ୍ତେ ହସ୍ପିଟାଲର ରେସିଡେଣ୍ଟ ମେଡିକାଲ ଅଫିସର ଡକ୍ଟର ସଞ୍ଜୟ ସୋଲାଙ୍କିଙ୍କ ସହ କଥା ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ସୋଲାଙ୍କି ମଧ୍ୟ ମୁହଁ ଖୋଲିବା ପାଇଁ ମନା କରିବା ସହ ଡକ୍ଟର ରାଠୋଡ୍‌ଙ୍କ ସହ ଆଲୋଚନା କରିବାକୁ କହିଥିଲେ। ଶେଷରେ ଗୁଜରାଟ ସ୍ୱାସ୍ଥ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪



କୋଲ୍‌କାତାରେ ମାଗଣା ଖାଦ୍ୟ ଅପେକ୍ଷାରେ ଥିବା ପିଲାମାନେ କରୋନା ଭୟରେ ଟି-ଶାର୍ଟରେ ମୁହଁ ଢାଙ୍କିଛନ୍ତି।

# ଆମେରିକାରେ ୩୩ ହଜାର ମୃତ

**ୱାଶିଂଟନ, ୧୬।୪**

ଆମେରିକା ଏବେ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। କରୋନା ସଂକ୍ରମିତଙ୍କ ସଂଖ୍ୟା ଗୁରୁବାର ଏଠାରେ ବଢ଼ି ୬ ଲକ୍ଷ ୫୨ ହଜାରରେ ପହଞ୍ଚି ଥିବାବେଳେ ୩୩ ହଜାର ଲୋକ ପ୍ରାଣ ହରାଇଥିବା ଜଣାପଡ଼ିଛି। ଗତ ୨୪ ଘଣ୍ଟାରେ ୩,୨୦୦ ନୂଆରୋଗୀ ଚିହ୍ନଟ କରାଯାଇଛି। କେବଳ ଗୁରୁବାର ୭୪୫ ଆମେରିକୀୟଙ୍କ ପ୍ରାଣହାନି ଘଟିଛି। ଏହା ଛଡ଼ା ସ୍ପେନ୍‌ରେ ୧.୮୨ ଲକ୍ଷ ଭୂତାଣୁ ଆକ୍ରାନ୍ତ ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ବଢ଼ି ୧୯,୧୩୦ରେ ପହଞ୍ଚିଛି। ଇଟାଲୀରେ ସଂକ୍ରମିତଙ୍କ ସଂଖ୍ୟା ୧.୬୫ ଲକ୍ଷ ରହିଥିବା ବେଳେ ମୃତ୍ୟୁସଂଖ୍ୟା ରହିଛି ୨୧,୬୪୫। ଫ୍ରାନ୍ସରେ ୧୭,୧୬୭ ଏବଂ ବ୍ରିଟେନରେ ୧୩,୭୨୯ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି।

# କ୍ୱାରାଣ୍ଟାଇନରେ ୭୨ ପରିବାର



**ଫୁଡ୍ ଡେଲିଭରି ବୟଙ୍କୁ କରୋନା**

ନୂଆଦିଲ୍ଲୀ,୧୬।୪: ଦିଲ୍ଲୀରେ ଖାଦ୍ୟ ଡେଲିଭରି କରୁଥିବା ଜଣେ ୧୯ ବର୍ଷୀୟ ଯୁବକଙ୍କଠାରେ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୭୨ଟି ପରିବାରକୁ କ୍ୱାରାଣ୍ଟାଇନରେ ରଖାଯାଇଛି। ଉକ୍ତ ପରିବାରଗୁଡ଼ିକରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଯୁବକ ଜଣକ ଦକ୍ଷିଣ ଦିଲ୍ଲୀସ୍ଥିତ ମାଲବ୍ୟନଗରରେ ଥିବା ଏକ ରେସ୍ତୋରାଁରେ ଡେଲିଭରି ବୟ ଭାବେ କାର୍ଯ୍ୟ କରୁଥିଲେ। ସେ ଗତ ରବିବାର ପର୍ଯ୍ୟନ୍ତ ଖାଦ୍ୟ ଡେଲିଭରି କରିଥିଲେ। ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଆର୍‌ଏମ୍‌ଏଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶେଷ ୧୫ ଦିନରେ ସେ ହଉଜଖାସ୍, ମାଲବ୍ୟନଗର, ସାବିତ୍ରୀ ନଗର ଆଦି ଅଞ୍ଚଳର ୭୨ଟି ପରିବାରରେ ଖାଦ୍ୟ ପହଞ୍ଚାଇଥିଲେ। ଉକ୍ତ ପରିବାରଗୁଡ଼ିକୁ ହୋମ୍ କ୍ୱାରାଣ୍ଟାଇନରେ ରଖାଯିବା ସହ ପର୍ଯ୍ୟବେକ୍ଷଣ କରାଯାଉଛି। ଏହାବ୍ୟତୀତ ଉକ୍ତ ଯୁବକଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ୧୭ ଜଣ ଡେଲିଭରି ବୟଙ୍କୁ ଛତ୍ରପୁରର ଏକ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଛି। ଲକ୍‌ଡାଉନ ବେଳେ ସହରାଞ୍ଚଳର ଅଧିକାଂଶ ଫୁଡ୍ ଡେଲିଭରି ଉପରେ ନିର୍ଭର କରୁଥିବାବେଳେ ଏହି ଘଟଣା ଜନସାଧାରଣଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି।

# ଚାଇନାରୁ ଆସିଲା ୬.୫ ଲକ୍ଷ ପରୀକ୍ଷା କିଟ୍




**ନୂଆଦିଲ୍ଲୀ,୧୬।୪:** ଚାଇନା ପଠାଇଥିବା ୬, ୫୦,୦୦୦ କୋଭିଡ୍ ପରୀକ୍ଷା କିଟ୍ ଗୁରୁବାର ଭାରତରେ ପହଞ୍ଚିଛି। ଏହାବ୍ୟତୀତ ଦକ୍ଷିଣ କୋରିଆ, ଫ୍ରାନ୍ସ, କାନାଡାରୁ ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ଓ ଡାକ୍ତରୀ ସରଞ୍ଜାମ ଆଣିବା ଲାଗି ଉଦ୍ୟମ ଜାରି ରହିଛି। ଚାଇନାରୁ ଦୁଇଟି କାର୍ଗୋ ବିମାନରେ ପରୀକ୍ଷା କିଟ୍‌ଗୁଡ଼ିକ ଆସିଛି। ପୂର୍ବରୁ ଚାଇନା ଫାର୍ମର କିଟ୍ ଗୁଣବତ୍ତା ପରୀକ୍ଷାରେ ବିଫଳ ହୋଇଥିଲା। ତେଣୁ ଆବଶ୍ୟକ ମାନଦଣ୍ଡ ପୂରଣ କରୁଥିବା କମ୍ପାନୀଠାରୁ କିଟ୍ ଆଣିବା ଲାଗି ପଦକ୍ଷେପ ନିଆଯାଇଥିବା ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଚାଇନା କମ୍ପାନୀରୁ ଦୁଇ ସପ୍ତାହ ମଧ୍ୟରେ ୧୫ ଲକ୍ଷ ପରୀକ୍ଷା କିଟ୍ କିଣିବା ଲାଗି ଅର୍ଡର କରାଯାଇଥିବାବେଳେ ଗୁରୁବାର ଆସିଥିବା ୬.୫ ଲକ୍ଷ ତାହାର ଅଂଶବିଶେଷ।




ଜାମଶେଦପୁରସ୍ଥିତ ଏକ ପାର୍କରେ ଥିବା ଗଛ କୋରଡ଼ରୁ ବାହାରକୁ ଅନେଇଛି ଶୁଆ।

# ‘ସାମାଜିକ ଦୂରତ୍ୱ କଡ଼ାକଡ଼ି ପାଳନ କର’

ନୂଆଦିଲ୍ଲୀ,୧୬।୪(ପି.ଟି.): ଲକ୍‌ଡାଉନ ବେଳେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଆଦି ନିୟମକୁ କଡ଼ାକଡ଼ି ପାଳନ କରିବା ଲାଗି ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। କୌଣସି ସ୍ଥାନରେ ୫ କିମ୍ବା ତାହାଠାରୁ ଅଧିକ ଲୋକ ଏକାଠି ନ ହେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପୁଣ୍ୟ ସଲୀଳା ଶ୍ରୀବାସ୍ତବ କହିଛନ୍ତି। ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବାକୁ କୁହାଯାଇଛି। ବୟସ୍କ, ଅସୁସ୍ଥ କର୍ମଚାରୀଙ୍କୁ ଘରେ ରହି କାମ କରିବା ଲାଗି ପ୍ରୋତ୍ସାହିତ କରାଯାଉ। କାର୍ଯ୍ୟସ୍ଥଳୀରେ ତାପମାତ୍ରା ଯାଞ୍ଚ ଓ ହ୍ୟାଣ୍ଡ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ କରିବା ଲାଗି ଶ୍ରୀବାସ୍ତବ ପରାମର୍ଶ ଦେଇଛନ୍ତି। ମଦ, ଗୁଟଖା ଓ ତମାଖୁଜାତ ସାମଗ୍ରୀ ବିକ୍ରି ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ସେ କହିଛନ୍ତି।

# ୟୁପିରେ କରୋନା ଯୋଦ୍ଧାଙ୍କୁ ଆକ୍ରମଣ କଲେ ଏନ୍‌ଏସ୍‌ଏ

**ଲକ୍ଷ୍ନୌ,୧୬।୪:** ଉତ୍ତରପ୍ରଦେଶରେ ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ ପରିମଳ ବିଭାଗ କର୍ମଚାରୀଙ୍କ ଉପରେ ଆକ୍ରମଣ କରୁଥିବା ଲୋକଙ୍କ ବିରୋଧରେ ଏନ୍‌ଏସ୍‌ଏ(ଜାତୀୟ ସୁରକ୍ଷା ଆଇନ) ଏବଂ ବିପର୍ଯ୍ୟୟ ପରିଚାଳନା ଆଇନରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି। କରୋନା ସଂକ୍ରମଣ ସ୍ଥିତି ସମୀକ୍ଷା ବୈଠକ ବେଳେ ସେ ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିସହିତ ଆକ୍ରମଣକାରୀଙ୍କଠାରୁ କ୍ଷୟକ୍ଷତି ଭରଣା କରିବା ଲାଗି କୁହାଯାଇଛି। ଅଭିଯୁକ୍ତ କ୍ଷତିପୂରଣ ଦେଇ ନ ପାରିଲେ, ତାଙ୍କ ସମ୍ପତ୍ତି ଜବତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳକୁ ଗସ୍ତ କଲାବେଳେ ପୋଲିସ ସେମାନଙ୍କୁ ସାଙ୍ଗରେ ଯିବାକୁ କୁହାଯାଇଛି। ମୋରାଦାବାଦରେ ସ୍ୱାସ୍ଥ୍ୟ ଓ ସଫେଇ କର୍ମଚାରୀଙ୍କୁ ଆକ୍ରମଣ ଘଟଣା ପରେ ଏଭଳି ନିର୍ଦ୍ଦେଶନାମା ଜାରି ହୋଇଛି।

# ଜମାତ ନେତାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା

**ନୂଆଦିଲ୍ଲୀ, ୧୬।୪**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁବାର ତବ୍‌ଲିଘି ଜମାତ ନେତା ମୌଲାନା ସାଦ୍ କାନ୍ଧାଲ୍‌ଭି, ଟ୍ରଷ୍ଟ ସଦସ୍ୟଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ କରାଯାଇଛି। ଦିଲ୍ଲୀ ପୋଲିସର ଏଫ୍‌ଆଇଆର୍‌କୁ ଆଧାର କରି ଏଭଳି କରାଯାଇଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ଆପରାଧିକ ମାମଲା ମଧ୍ୟ ରୁଜୁ କରାଯାଇଛି। ମାର୍ଚ୍ଚ ୩୧ରେ ଦିଲ୍ଲୀ ପୋଲିସର କ୍ରାଇମ ବ୍ରାଞ୍ଚ୍ ପକ୍ଷରୁ ଧର୍ମଗୁରୁଙ୍କୁ ମିଶାଇ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ପ୍ରକାଶଥାଉ କି, କରୋନା କଟକଣା ନ ମାନି ତବ୍‌ଲିଘି ଜମାତ ଅନୁଗାମୀଙ୍କୁ ଏକତ୍ର କରିବା ଅପରାଧରେ ନିଜାମୁଦ୍ଦିନ ପୋଲିସ ଷ୍ଟେଶନର ଏସ୍‌ଏଚ୍‌ଓ ଆଣିଥିବା ଅଭିଯୋଗକୁ ଭିତ୍ତିକରି କ୍ରାଇମ୍‌ବ୍ରାଞ୍ଚ୍ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା।



ମୌଲାନା ସାଦ୍



ପୁଣେରେ ଲକ୍‌ଡାଉନ୍ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରୁଛି ପୋଲିସ।

# ଜୁମ୍ ଭିଡିଓ କନ୍‌ଫରେନ୍ସ ଆପ୍ ନିରାପଦ ନୁହେଁ

**ସତର୍କ କରାଇଲେ ସରକାର**

**ନୂଆଦିଲ୍ଲୀ,୧୬।୪:** ଭିଡିଓ କନ୍‌ଫରେନ୍ସିଂ ଆପ୍ ‘ଜୁମ୍’ ନିରାପଦ ନୁହେଁ ବୋଲି ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି। ଏହାକୁ ବ୍ୟବହାର ନ କରିବା ଲାଗି ସରକାରୀ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଘରୋଇ ବ୍ୟକ୍ତିବିଶେଷ ମଧ୍ୟ ଏହାକୁ ବ୍ୟବହାର କରିବା ନିରାପଦ ନୁହେଁ। କୋଭିଡ୍-୧୯ କାରଣରୁ ହଜାର ହଜାର ଲୋକ ଘରେ ରହି ଅଫିସ୍ କାମ କରୁଛନ୍ତି। ଏଥିପାଇଁ ସେମାନେ ଜୁମ୍ ଆପ୍ ବ୍ୟବହାର କରୁଥିଲେ। ଏହି ଆପ୍ ସୁରକ୍ଷିତ ନୁହେଁ ବୋଲି ଜାତୀୟ ସାଇବର ସୁରକ୍ଷା ସଂସ୍ଥା କମ୍ପ୍ୟୁଟର ଏମର୍ଜେନ୍ସି ରେସ୍ପନ୍ସ ଟିମ୍ ଅଫ ଇଣ୍ଡିଆ (ସିଇଆର୍‌ଟି-ଇନ୍) ସତର୍କ କରାଇଦେଇଛି। ଏନ୍‌ଆଇସି (ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର) ପ୍ଲାଟଫର୍ମ ଅଧିକାଂଶ ସରକାରୀ ଭିଡିଓ କନ୍‌ଫରେନ୍ସରେ ବ୍ୟବହାର କରାଯାଉଛି। ବୈଠକ ପାଇଁ କୌଣସି ଥାର୍ଡ ପାର୍ଟି ଆପ୍ ଓ ସେବା ବ୍ୟବହାର ନ କରିବା ଲାଗି ପରାମର୍ଶ ଦିଆଯାଇଛି। ସରକାରଙ୍କ ସାଇବର ସମନ୍ୱୟ କେନ୍ଦ୍ର (ସାଇକୋର୍ଡ) ପକ୍ଷରୁ ଉପରୋକ୍ତ ଆଡଭାଇଜରି ଜାରି ହୋଇଛି।

# ୨୯୮ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ଲକ୍ଷ୍ୟଧାର୍ଯ୍ୟ

**ନୂଆଦିଲ୍ଲୀ:** ୨୦୨୦-୨୧ ବର୍ଷରେ ୨୯୮ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୧୯-୨୦ ବର୍ଷରେ ୨୯୧.୧୦ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା। ଖରିଫ୍ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ସହ ମିଶନ୍ ମୋଡ୍‌ରେ କୃଷକଙ୍କ ଆୟ ଦୁଇଗୁଣା କରିବା ଲାଗି ପଦକ୍ଷେପ ନେବାକୁ ସବୁ ରାଜ୍ୟକୁ କୁହାଯାଇଥିବା ଗୁରୁବାର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଜାତୀୟ ଖରିଫ୍ ସମ୍ମିଳନୀ,୨୦୨୦କୁ ସମ୍ବୋଧିତ କରି କୃଷିମନ୍ତ୍ରୀ କହିଛନ୍ତି, ଲକ୍‌ଡାଉନକୁ ଦୃଷ୍ଟିରେ ରଖି ଖରିଫ ଚାଷ ପ୍ରସ୍ତୁତି ସମ୍ପର୍କରେ ରାଜ୍ୟଗୁଡ଼ିକ ସହ ପରାମର୍ଶ କରି ବିଭିନ୍ନ ପଦକ୍ଷେପର ତାଲିକା ପ୍ରସ୍ତୁତ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ। କରୋନା ଭୂତାଣୁ ଯୋଗୁ ଦେଶରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। କୃଷି ସେକ୍ଟରରେ ଲଢ଼ୁଆ ମନୋଭାବ ନେଇ ଏଭଳି ସ୍ଥିତିରେ ମୁକାବିଲା କରିବାକୁ ହେବ ବୋଲି ତୋମାର କହିଛନ୍ତି।

# ୫୩ ଦେଶରେ ୩୩୩୬ ଭାରତୀୟଙ୍କୁ କରୋନା

**ନୂଆଦିଲ୍ଲୀ, ୧୬।୪**

୫୩ ଦେଶରେ ମୋଟ ୩୩୩୬ ଜଣ ଭାରତୀୟ କରୋନାରେ ସଂକ୍ରମିତ ହୋଇଥିବାବେଳେ ୨୫ ଜଣଙ୍କ ମୃତ୍ୟୁ ହେଲାଣି। ବିଦେଶରେ ଅଟକିଥିବା ଭାରତୀୟଙ୍କୁ ଧୈର୍ଯ୍ୟ ରଖିବା ଲାଗି ସରକାର ପରାମର୍ଶ ଦେଇଛନ୍ତି। ଦେଶରେ କରୋନା ସଂକ୍ରମଣ ରୋକିବା ଲାଗି ବୃହତ୍ତର ନୀତିଗତ ନିଷ୍ପତ୍ତି ସ୍ୱରୂପ ବିଦେଶରୁ ଭାରତୀୟଙ୍କୁ ଫେରାଇ ଅଣାଯାଇ ପାରୁ ନ ଥିବା ସରକାରୀ ସୂତ୍ରରୁ କୁହାଯାଇଛି। ସରକାର ୫୫ଟି ଦେଶକୁ ବ୍ୟବସାୟିକ ଭିତ୍ତିରେ ଓ ସହାୟତା ସ୍ୱରୂପ ମ୍ୟାଲେରିଆ ନିରାକରଣ ଔଷଧ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଯୋଗାଇଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ସେହିପରି ଭାରତ ଦକ୍ଷିଣ କୋରିଆ ଓ ଚାଇନାରୁ ପରୀକ୍ଷା କିଟ୍ ମଗାଇଥିବାବେଳେ ଜର୍ମାନୀ, ଆମେରିକା, ବ୍ରିଟେନ, ମାଲେସିଆ, ଜାପାନ ଓ ଫ୍ରାନ୍ସରୁ ଡାକ୍ତରୀ ଉପକରଣ କିଣିବାକୁ ଯୋଜନା କରିଛି।

# ୩୨୫ ଜିଲା କୋଭିଡ୍ ମୁକ୍ତ

**ନୂଆଦିଲ୍ଲୀ, ୧୬।୪ (ଆଇଏଏନ୍‌ଏସ୍)**



ଭାରତର ୭୩୬ ଜିଲା ମଧ୍ୟରୁ ୩୨୫ଟିରେ କେହି କରୋନା ସଂକ୍ରମିତ ନାହାନ୍ତି। ଏହାବ୍ୟତୀତ ଗତ ୧୪ ଦିନରେ ୧୭ ରାଜ୍ୟର ୨୭ଟି ଜିଲାରେ କେହି ପଜିଟିଭ୍ ଚିହ୍ନଟ ହୋଇ ନ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ୨୪ ଘଣ୍ଟାରେ ଭାରତରେ ୯୪୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୩୭ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ୍ ଅଗ୍ରୱାଲ କହିଛନ୍ତି। ଲକ୍‌ଡାଉନ ଓ ପ୍ରତିଷେଧକ ବ୍ୟବସ୍ଥା ଫଳପ୍ରଦ ହୋଇଛି। ୧୨.୦୨ ପ୍ରତିଶତ ସଂକ୍ରମିତ ଭଲ ହେଲେଣି। ଚାଇନାର ଦୁଇଟି କମ୍ପାନୀରୁ ୫ ଲକ୍ଷ ପରୀକ୍ଷା କିଟ୍ ଆସି ପହଞ୍ଚିଥିବା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) କହିଛି।

# ‘ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଫଳପ୍ରଦ ହୋଇ ନ ପାରେ’

**ବେଜିଂ, ୧୬।୪**

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଏକ ଉପାଦେୟ ଔଷଧ ବୋଲି ଭାରତ ସମେତ ଅନେକ ରାଷ୍ଟ୍ର ଏହାର ବ୍ୟବହାର ଉପରେ ଜୋର ଦେଉଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ବ୍ରାଜିଲ ପ୍ରତିପକ୍ଷ ଜୈର ବୋଲସୋନାରୋ ମଧ୍ୟ ଏହି ମ୍ୟାଲେରିଆ ନିରୋଧୀ ଔଷଧକୁ ସମର୍ଥନ କରି ନିଜ ରାଷ୍ଟ୍ର ପାଇଁ ଏହାକୁ ଭାରତରୁ ମଗାଇସାରିଛନ୍ତି। ହେଲେ କୋଭିଡ୍-୧୯ ମୁକାବିଲା ଦିଗରେ ଶସ୍ତାରେ ମିଳୁଥିବା ଏହି ଔଷଧ ଫଳପ୍ରଦ ହୋଇ ନ ପାରେ ବୋଲି ଚାଇନାର ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି।

ମ୍ୟାଲେରିଆରୁ ଉପଶମ ପାଇବା ସକାଶେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବ୍ୟବହାର କରାଯାଇଥାଏ। ଏପରି କି ଗଣ୍ଠିବାତ ରୋଗୀ ଅନ୍ୟ କୌଣସି ଔଷଧ ଦ୍ୱାରା ସୁଫଳ ନ ପାଇଲେ ଏହାକୁ ସେବନ କରିଥାଆନ୍ତି। ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ) ଏହି ମ୍ୟାଲେରିଆ ନିରୋଧୀ ଔଷଧକୁ କରୋନା ଭାଇରସ୍ ମୁକାବିଲା ଲାଗି ଅବ୍ୟର୍ଥ ବୋଲି ଚିହ୍ନଟ କରିସାରିଛି। କିନ୍ତୁ ଚାଇନାର ଗବେଷକମାନେ ୧୫୦ ହସ୍ପିଟାଲ ଓ ୧୬ଟି ସରକାରୀ ମାନ୍ୟତାପ୍ରାପ୍ତ କୋଭିଡ୍-୧୯ କେନ୍ଦ୍ରର ରୋଗୀଙ୍କ ଉପରେ ପରୀକ୍ଷାନିରୀକ୍ଷା କରିବା ପରେ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ କରୋନା ଭୂତାଣୁକୁ ପ୍ରତିହତ କରିବା ଲାଗି ଉପାଦେୟ ହୋଇ ନ ପାରେ ବୋଲି




ମେଡ୍‌ରିକ୍ସିଭ୍‌ରେ ପ୍ରକାଶ ପାଇଥିବା ରିପୋର୍ଟରୁ ଜଣାପଡ଼ିଛି। ଚଳିତ ମାସ ପ୍ରାରମ୍ଭରେ କାନାଡିଆନ୍ ମେଡିକାଲ ଆସୋସିଏଶନ ଜର୍ନାଲରେ ପ୍ରକାଶ ପାଇଥିଲା ଯେ, କୋଭିଡ୍-୧୯ ସଂକ୍ରମଣ ରୋକିବା ଲାଗି କ୍ଲୋରୋକୁଇନ୍, ହାଇଡ୍ରୋକ୍ସିକ୍ଲୋରୋକୁଇନ ଏବଂ ଆଜିଥ୍ରୋମାଇସିନ୍ ବ୍ୟବହାର ସେଭଳି ଉପାଦେୟ ହେଉ ନ ଥିବା ସତ୍ତ୍ୱେ ତାହାର ବ୍ୟବହାର କରାଯାଉଛି। କିନ୍ତୁ ଡାକ୍ତର ଓ ରୋଗୀମାନେ ଏହାର ସାଂଘାତିକ ପାର୍ଶ୍ୱ ପ୍ରତିକ୍ରିୟାକୁ ହୃଦୟଙ୍ଗମ କରିବା ଉଚିତ ବୋଲି କୁହାଯାଇଛି। ଏହାକୁ ବହୁଳ ଭାବେ ବ୍ୟବହାର କରାଗଲେ ତାହା ହୃତ୍‌ପିଣ୍ଡ, ରକ୍ତ ଶର୍କରା ଅଂଶ ସ୍ୱାଭାବିକଠାରୁ କମ୍ କରିବା ସହ ମଣିଷକୁ ହୃଦ୍‌ଘାତ ଓ କୋମା ସ୍ତରକୁ ନେଇଯିବ ବୋଲି ଗବେଷକମାନେ ମତ ଦେଇଛନ୍ତି।

ଅନ୍ୟପକ୍ଷରେ ଚାଇନା କୋଭିଡ୍-୧୯ର ଚିକିତ୍ସା ପାଇଁ ବିକଳ୍ପ ଔଷଧ ଅନୁସନ୍ଧାନରେ ରହିଛି ବୋଲି କିଛିଦିନ ତଳେ ରିପୋର୍ଟ ପ୍ରକାଶ ପାଇଥିଲା। ଆମେରିକା ଭଳି ରାଷ୍ଟ୍ର ଭାରତଠାରୁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ନେଇ ତା’ର ରୋଗୀଙ୍କ ଜୀବନ ବଞ୍ଚାଇବାକୁ ପ୍ରୟାସ କରିଥିବାରୁ ଚାଇନା ତା’ର ଗବେଷକମାନଙ୍କୁ ଏଭଳି ରିପୋର୍ଟ ପ୍ରକାଶ କରିବାକୁ ପ୍ରବର୍ତ୍ତାଇଛି ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। କାରଣ ଚାଇନା କରୋନାର ମୁକାବିଲା ପାଇଁ ଧନୀ ରାଷ୍ଟ୍ରଗୁଡ଼ିକୁ କିଟ୍ସ, ଗ୍ଲୋଭ୍ସ, ଭେଣ୍ଟିଲେଟର ଓ ଅନ୍ୟ ଜୀବନ ରକ୍ଷାକାରୀ ଉପକରଣ ରପ୍ତାନି କରି ବିପୁଳ ଅର୍ଥ ଉପାର୍ଜନ କରିବା ସହ ତା’ର ଅର୍ଥନୀତିକୁ ସଜାଡୁଛି।

# ସତର୍କ କରିବାରେ ବିଫଳ ହୋଇଥିଲା ଚାଇନା

**ବେଜିଂ,୧୬।୪:** କରୋନା ଭୂତାଣୁ ବିଶ୍ୱରେ ମହାମାରୀର ରୂପ ନେଇଛି। ୨୧୦ ଦେଶ ଏବେ ଏହା କବଳରେ ପଡ଼ି ଛଟପଟ ହେଉଛନ୍ତି। ଚାଇନାରୁ ଆସିଥିବା ଏହି ଭୂତାଣୁ ଏବେ ସମସ୍ତଙ୍କ ମେରୁଦଣ୍ଡ ଭାଙ୍ଗିପକାଇଛି। ପ୍ରାରମ୍ଭରୁ ଏନେଇ ଲୋକଙ୍କୁ ସତର୍କ କରାଯାଇଥିଲେ ସୁଫଳ ମିଳିବାର ସମ୍ଭାବନା ସୃଷ୍ଟି ହୋଇଥାନ୍ତା ବୋଲି କୁହାଯାଉଛି। ଚାଇନା କରୋନା ଭୂତାଣୁର ଭୟାବହତା ସମ୍ପର୍କରେ ପ୍ରଥମେ ଜାଣିଥିଲେ ବି ଲୋକମାନଙ୍କୁ ସତର୍କ କରାଇବାରେ ବିଫଳ ହୋଇଥିଲା।

ଗତବର୍ଷ ଡିସେମ୍ବରରେ ଏହି ଭୂତାଣୁ ଚାଇନାର ଉହାନରେ ପ୍ରଥମେ ଲୋକଙ୍କୁ ଆକ୍ରାନ୍ତ କରିଥିଲା। ଚାଇନାର ବରିଷ୍ଠ ଅଧିକାରୀମାନେ ନୂଆ ଭୂତାଣୁର ଭୟାବହତା ଅନୁଭବ କରିବାର ୬ ଦିନ ପୂର୍ବରୁ ଚନ୍ଦ୍ର ନବବର୍ଷ ପାଳନ ଲାଗି ଉହାନରେ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏଥିରେ ଅନେକ ବିଦେଶ ଫେରନ୍ତା ମଧ୍ୟ ଯୋଗ ଦେଇଥିଲେ। ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଜାନୁୟାରୀ ୨୦ରେ ଏନେଇ ଲୋକମାନଙ୍କୁ ସତର୍କ କଲାବେଳକୁ ୩ହଜାର ଲୋକ ଭୂତାଣୁରେ ଆକ୍ରାନ୍ତ ହୋଇସାରିଥିଲେ। ୬ ଦିନ ପୂର୍ବରୁ ଚାଇନାର ନ୍ୟାଶନାଲ ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ(ସିଡିସି) ପାଖରେ କୌଣସି ଆକ୍ରାନ୍ତଙ୍କ ତାଲିକା ନ ଥିଲା। ଚାଇନାର ସାମାନ୍ୟ ବିଳମ୍ବ ଯୋଗୁ ଏବେ ସାରା ବିଶ୍ୱ କରୋନା ମହାମାରୀର ଶିକାର ହୋଇ କଲବଲ ହେଉଛି।



ଜାନୁୟାରୀ ୫ରୁ ୧୭ ମଧ୍ୟରେ ଉହାନରେ ଭୂତାଣୁ ଆକ୍ରାନ୍ତଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଏହାପରେ ଜାନୁୟାରୀ ୧୩ରେ ପ୍ରଥମ କରି ବିଦେଶ(ଥାଇଲାଣ୍ଡ)ରେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଭୂତାଣୁର ଭୟାବହତା ବାହାରେ ପ୍ରକାଶ ନ କରି ଚାଇନା ଏହାକୁ ଲୁଚାଇ ରଖିଲା। ବିଳମ୍ବରେ ଏନେଇ ସଫେଇ ଦିଆଯାଇଥିଲା। ଏହାଛଡ଼ା ମଣିଷରୁ ମଣିଷକୁ ଏହି ଭୂତାଣୁ ବ୍ୟାପିବାର ଆଶଙ୍କା କମ୍ ବୋଲି ଜାନୁୟାରୀ ୧୫ରେ ସିଡିସି ଇମର୍ଜେନ୍ସି ସେଣ୍ଟର ମୁଖ୍ୟ ଲି କୁନ୍‌ଙ୍କ ମନ୍ତବ୍ୟ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିଥିଲା। ଜାନୁୟାରୀ ୨୦ରେ ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗ ପ୍ରଥମ ଥର ଲାଗି ଭୂତାଣୁର ଭୟାବହତା ସମ୍ପର୍କରେ ଜନସାଧାରଣଙ୍କୁ ସତର୍କ କରାଇଥିଲେ। ମହାମାରୀ ବିଶେଷଜ୍ଞ ଡା. ଝୋଙ୍ଗ୍ ନନ୍‌ଶାନ୍ ପ୍ରଥମ ଥର ଲାଗି ମଣିଷରୁ ମଣିଷକୁ ଏହା ବ୍ୟାପେ ବୋଲି ପ୍ରକାଶ କରିଥିଲେ। ଚାଇନାର ଏଭଳି ବିଳମ୍ବ ଯୋଗୁ ଆମେରିକା ସହ ଅନ୍ୟ ବିକଶିତ ଦେଶଗୁଡ଼ିକ ଦୋଷ ଲଦିଛନ୍ତି। ପୂର୍ବରୁ ଭୂତାଣୁ ସମ୍ପର୍କରେ ସତର୍କ କରାଯାଇଥିଲେ ଏଭଳି ମହାମାରୀର ଶିକାର ହେବାକୁ ପଡ଼ି ନଥାନ୍ତା ବୋଲି କୁହାଯାଇଛି। ସାମାଜିକ ଦୂରତ୍ୱ ରକ୍ଷା, ବହୁଳ ମାସ୍କ ବ୍ୟବହାର ଓ ଡାକ୍ତରୀ ଚିକିତ୍ସା ଫଳରେ ପ୍ରାରମ୍ଭରୁ ଏହାକୁ ରୋକାଯିବା ଲାଗି ସମୂହ ପ୍ରୟାସ କରାଯାଇ ପାରିଥାନ୍ତା ବୋଲି ବହୁମତ ପ୍ରକାଶ ପାଇଛି।

# ଭୁବନେଶ୍ୱରରୁ ଫେରନ୍ତା ଭଡ଼ାଟିଆଙ୍କୁ ଘରେ ପୂରାଇଲେନି ମାଲିକ

**ବାଲେଶ୍ୱର ଅଫିସ,୧୬।୪:** ଭୁବନେଶ୍ୱରରୁ ଫେରିଥିବାରୁ ଜଣେ ଭଡ଼ାଟିଆଙ୍କୁ ତାଙ୍କ ଘର ମାଲିକ ଘରେ ନ ପୂରାଇବା ଘଟଣା ବାଲେଶ୍ୱର ଅଡ଼ରବଜାର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଶେଷରେ ସେ ଅନ୍ୟ ଉପାୟ ନ ପାଇ ଗୁରୁବାର ସହଦେବଖୁଣ୍ଟା ମଡ଼େଲ ଥାନାରେ ଅଭିଯୋଗ କରିଛନ୍ତି। ସଦର ତହସିଲଦାର ପୂର୍ଣ୍ଣଚନ୍ଦ୍ର ପାତ୍ର, ଡା.ମୃତ୍ୟୁଞ୍ଜୟ ମିଶ୍ର, ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ, ମେଡ଼ିକାଲ ଟିମ୍ ସହ ସେଠାରେ ପହଞ୍ଚି ଭଡ଼ାଟିଆ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ଘର ମାଲିକଙ୍କ ବୃଦ୍ଧା ମା' ବାପା ଏବଂ ବଡ଼ ଭାଇମାନେ ପରିବାରରେ ରହୁଥିବାରୁ ସେ ଭଡ଼ାଟିଆଙ୍କୁ ରଖିବା ପାଇଁ ବାରଣ କରିଥିଲେ। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ଏହି ଘଟଣାରେ ହସ୍ତକ୍ଷେପ କରି ଭଡ଼ାଟିଆଙ୍କ ପରିବାରର ଦୁଇଜଣ ଲୋକଙ୍କୁ ସାବଧାନତା ସହକାରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ସମ୍ପର୍କୀୟଙ୍କ ଅନ୍ୟତ୍ର ରହିବା ପାଇଁ ଅଧିକାରୀମାନେ ଏକ ପ୍ରସ୍ତାବ ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ବିଷୟରେ ଅଧିକାରୀମାନେ ଘର ମାଲିକଙ୍କ ସହ ଆଲୋଚନା କରୁଥିବାର ଜଣାପଡ଼ିଛି।

ଅଡ଼ରବଜାର ଓଡ଼ିଏନ୍ ଟକିଜ୍ ପଛପଟେ ଦୀର୍ଘଦିନ ହେଲା ଅମିତ୍ ଶର୍ମା ନାମକ ବ୍ୟକ୍ତି ଭଡ଼ାରେ ରହିଆସୁଛନ୍ତି। ତାଙ୍କ ବାପାଙ୍କ ଦେହ ଖରାପ ଥିବା କାରଣରୁ ସେ ଭୁବନେଶ୍ୱରସ୍ଥିତ ଏକ ହସ୍‌ପିଟାଲକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ସେଠାରେ କିଛିଦିନ ଚିକିତ୍ସା ପରେ ଗୁରୁବାର ଅପରାହ୍ନ ୨ଟା ସମୟରେ ଅମିତ ପରିବାର ସହ ବାଲେଶ୍ୱରସ୍ଥିତ ଭଡ଼ାଘରକୁ ଫେରିଥିଲେ। କରୋନା ଭୂତାଣୁ ସଂକ୍ରମଣ ଭୟରେ ଘର ମାଲିକ ସେମାନଙ୍କୁ ଘର ଭିତରେ ପଶିବାକୁ ଦେଇ ନ ଥିଲେ। ଅନ୍ୟତ୍ର ରହିବା ପାଇଁ କହିଥିଲେ।

# ୨୦ ସୁଦ୍ଧା ସବୁ ଜିଲାରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ରାଜ୍ୟରେ କରୋନା (କୋଭିଡ୍-୧୯) ସଂକ୍ରମଣ ଆଶଙ୍କା କରି ରାଜ୍ୟ ସରକାର ସମସ୍ତ ଜିଲାରେ କୋଭିଡ୍ ହସ୍ପିଟାଲ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ରାଜ୍ୟର ୨୧ ଜିଲାରେ ୨୪ଟି କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ଏହି ହସ୍ପିଟାଲଗୁଡ଼ିକରେ ୩୯୫୧ ଶଯ୍ୟା ସାଙ୍ଗକୁ ୨୯୩ ଆଇସିୟୁ ବେଡ୍ ବ୍ୟବସ୍ଥା ରହିଛି। କଳାହାଣ୍ଡି ଜିଲାର ଭବାନୀପାଟଣା ସରକାରୀ ଇଞ୍ଜିନିୟରିଂ କଲେଜରେ ୧୯୪ ଶଯ୍ୟା ବିଶିଷ୍ଟ ଏବଂ ୬ଟି ଆଇସିୟୁ ବେଡ୍ ଥିବା ହସ୍ପିଟାଲ ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଗୁରୁବାର ଉନ୍ନୟନ କମିଶନର ସୁରେନ୍ଦ୍ର ଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ଆସନ୍ତା ୨୦ ତାରିଖ ସୁଦ୍ଧା ରାଜ୍ୟର ୧୧ଟି ଜିଲାରେ ଆହୁରି ୧୧ଟି କୋଭିଡ୍ ହସ୍ପିଟାଲ ନିର୍ମାଣ କରାଯିବ। ଅନ୍ୟ ରୋଗୀମାନେ ଯେପରି କୋଭିଡ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିବେ ନାହିଁ ସେ ନେଇ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ନିର୍ମାଣ କରାଯାଉଛି ବୋଲି ଉନ୍ନୟନ କମିଶନର କହିଛନ୍ତି।

# ବନ୍ୟପ୍ରାଣୀ, ବନ କର୍ମଚାରୀଙ୍କ ସୁରକ୍ଷା ଚିନ୍ତା

**ସ୍ଥିତି ସମୀକ୍ଷା କଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ**

- ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ
- କରୋନା ମୁକାବିଲା ପାଇଁ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ
- ଉତ୍ପାଦିତ ହୋଇଛି ୯ କୋଟି ୨୯ ଲକ୍ଷ ଚାରା

ଭୁବନେଶ୍ୱର, ୧୬।୪(ବ୍ୟୁରୋ)

ଲକ୍‌ଡାଉନ୍ ଓ କରୋନା କଟକଣାରୁ ମୁକ୍ତ ରହିଛି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର କାର୍ଯ୍ୟ। ତେବେ ସଂକ୍ରମଣ ଭୟ ଥିବାରୁ ଚିନ୍ତା ବଢ଼ିଛି। କୋଭିଡ୍-୧୯ ଦ୍ୱାରା ସବୁକିଛି ପ୍ରଭାବିତ ହୋଇଥିବାବେଳେ ଏହି ମହାମାରୀର ମୁକାବିଲା ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମତବ୍ୟକ୍ତ କରିଛନ୍ତି। ଲକ୍‌ଡାଉନ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ମନ୍ତ୍ରୀ ବନ୍ୟପ୍ରାଣୀ ଓ ବନ କର୍ମଚାରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ସାମାଜିକ ଦୂରତ୍ୱର ଅନୁପାଳନ କରି କାର୍ଯ୍ୟ କରିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଗୁରୁବାର ଅରଣ୍ୟ ଭବନଠାରେ ଭିଡ଼ିଓ କନ୍‌ଫରେନ୍ସିଂରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ କରୋନା ମୁକାବିଲାରେ ବିଭାଗୀୟ ଅଧିକାରୀଙ୍କ ଭୂମିକା, ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁର ପ୍ରତିରୋଧ, ଚିଡ଼ିଆଖାନା ଓ ହରିଣପାର୍କରେ ଜୀବଜନ୍ତୁଙ୍କ ଯତ୍ନ, ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଏହାସହ କେନ୍ଦୁପତ୍ର ତୋଳିବା ଓ ନର୍ସରୀ ପରିଚାଳନା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆର୍‌ସିସିଏଫ୍ ଏବଂ ଡିଏଫ୍‌ଓମାନଙ୍କ ସହ କଥା ହୋଇଥିଲେ। କ୍ଷେତ୍ରୀୟ ବନ କର୍ମଚାରୀଙ୍କୁ ପର୍ଯ୍ୟାପ୍ତ ସାନିଟାଇଜର, ମାସ୍କ, ଗ୍ଲୋଭସ୍ ଆଦି ଯୋଗାଇବା, ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ, ଜିଲା ପ୍ରଶାସନକୁ କୋଭିଡ୍ ମୁକାବିଲାରେ ସହଯୋଗ କରିବା ପାଇଁ ୫ ଜଣ ବନରକ୍ଷୀଙ୍କୁ ସର୍ବଦା ପ୍ରସ୍ତୁତ ରଖିବା ଏବଂ ଭୁବନେଶ୍ୱରରେ ସାମାଜିକ ଦୂରତା ବଜାୟ ରଖିବା ପାଇଁ ୪୨ ଜଣ ବନପାଳଙ୍କୁ ନିୟୋଜିତ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଚଳିତ ଆର୍ଥିକବର୍ଷରେ ଲକ୍ଷ୍ୟଧାର୍ଯ୍ୟ ୧୬ କୋଟି ୧୩ ଲକ୍ଷ ଚାରା ମଧ୍ୟରୁ ଏପ୍ରିଲ ୩ ସୁଦ୍ଧା ୯ କୋଟି ୨୯ ଲକ୍ଷ ଉତ୍ପାଦନ ହୋଇଛି। ଅବଶିଷ୍ଟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଅତିରିକ୍ତ ପ୍ରସ୍ତାବ ମନରେଗା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ପଞ୍ଚାୟତିରାଜ ବିଭାଗର ଅନୁମୋଦନ ଲୋଡ଼ାଯାଇଛି। ଜଙ୍ଗଲ ବିଭାଗର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ, ବନମଣ୍ଡଳ ଓ ବନଖଣ୍ଡ ଅଧିକାରୀମାନଙ୍କର ମିଳିତ ଗୋଟିଏ ଦିନର ଦରମା ହିସାବରେ ସମୁଦାୟ ୮୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା।

ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା କୋଭିଡ୍-୧୯ ସମ୍ପର୍କିତ ସମସ୍ତ ସରକାରୀ ନିର୍ଦ୍ଦେଶନାମାକୁ ଠିକ୍‌ଭାବେ ଅନୁପାଳନ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କନ୍‌ଫରେନ୍ସିଂରେ ପିସିସିଏଫ୍ ଏବଂ ବନବାହିନୀ ମୁଖ୍ୟ ଡ. ସନ୍ଦୀପ ତ୍ରିପାଠୀ, ପିସିସିଏଫ୍(କେନ୍ଦୁଲିଫ୍) ପ୍ରଭାକର ବେହେରା, ପିସିସିଏଫ୍(ବନ୍ୟପ୍ରାଣୀ) ହରିଶଙ୍କର ଉପାଧ୍ୟାୟ, ଓଡ଼ିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ରାଜୀବ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ସଦର ବ୍ଲକ୍ ଅପିଳ ଗ୍ରାମରେ ଜଣେ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ବହି ପ୍ରଦାନ କରୁଛନ୍ତି।

# ପିଲାଙ୍କୁ ବହି ବାଣ୍ଟିଲେ ଶିକ୍ଷୟିତ୍ରୀଶିକ୍ଷକ

ପୁରୀ ଅଫିସ,୧୬।୪

କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଅବଧିକୁ ପ୍ରଧାନମନ୍ତ୍ରୀ ମେ' ୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ମଧ୍ୟ ଜୁନ୍ ୧୭ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖିବାକୁ ଘୋଷଣା କରିଛନ୍ତି। ଏହି ସମୟରେ ପିଲାମାନେ ଘରେ ରହିବେ, ପଢ଼ିବେ ବୋଲି କୁହାଯାଇଥିଲା। ହେଲେ ପାଖରେ ବହି ନ ଥିବାରୁ ସେମାନେ କିଭଳି ପାଠପଢ଼ିବେ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବାପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଘରେ ବହି ପହଞ୍ଚାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ଏହିକ୍ରମରେ ପ୍ରଥମ ପର୍ଯ୍ୟାୟରେ ବୁଧବାରଠାରୁ ପୁରୀ ଜିଲାରେ ଛାତ୍ରୀଛାତ୍ରଙ୍କୁ ବହି ବଣ୍ଟନ କରାଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ମାଧ୍ୟମରେ ଶିକ୍ଷୟିତ୍ରୀଶିକ୍ଷକମାନେ ପିଲାଙ୍କ ଘର ଘର ବୁଲି ବହି ବାଣ୍ଟିଛନ୍ତି। ପ୍ରଥମ ଦିନରେ ପୁରୀ ପୌରାଞ୍ଚଳ ସମେତ ସଦର ଓ ବ୍ରହ୍ମଗିରି ବ୍ଲକର କେତେକ ଜାଗାରେ ବହି ବଣ୍ଟନ କରାଯାଇଥିବା ଜଣାପଡିଛି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ବହି ବ୍ଲକ ଏବଂ ସ୍କୁଲସ୍ତରରେ ପହଞ୍ଚିଛି। ଏହାକୁ ଆସନ୍ତା ୨୫ତାରିଖ ସୁଦ୍ଧା ପୁରୀ ଜିଲାର ସମସ୍ତ ପିଲାଙ୍କ ଘରେ ପହଞ୍ଚାଇବାକୁ ଗଣଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି। କୌଣସି ପିଲା ବହି ନେବାକୁ ସ୍କୁଲକୁ ଆସିବେ ନାହିଁ। ଶିକ୍ଷୟିତ୍ରୀଶିକ୍ଷକମାନେ ସାମାଜିକ ଦୂରତା ରକ୍ଷା କରି ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ବହି ବଣ୍ଟନ କରିବେ ବୋଲି ନିର୍ଦ୍ଦେଶ ରହିଛି।

# ଘରକୁ ଫେରିବା ଲାଗି ଛାତ୍ରୀଛାତ୍ରଙ୍କ ଟୁଇଟ୍

**ଜୟପୁର,୧୬।୪:** କରୋନା ସଂକ୍ରମଣ ଯୋଗୁ ଭାରତରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସୁରକ୍ଷା ଦୃଷ୍ଟିରୁ ମେ ୩ ପର୍ଯ୍ୟନ୍ତ ଦେଶରେ ଲକ୍‌ଡାଉନ୍ ଜାରି ହୋଇଛି। ଏପରିସ୍ଥଳେ ରାଜସ୍ଥାନ କୋଟାରେ କୋଚିଂ ନେଉଥିବା ଛାତ୍ରୀଛାତ୍ରମାନେ ଘରକୁ ଫେରି ନ ପାରି ଛାତ୍ରାବାସରେ ହିଁ ରହିଯାଇଛନ୍ତି। ଆଉ ଏମାନେ ଘରକୁ ଫେରିବା ଲାଗି ଟୁଇଟ୍ କରୁଛନ୍ତି। ତେବେ ପରିବହନ ବ୍ୟବସ୍ଥା ବ୍ୟାହତ ହୋଇଥିବାରୁ ଘରକୁ ଫେରିବା ସମ୍ଭବ ହେଉନି। ଅପରପକ୍ଷରେ ଲକ୍ ଡାଉନ୍ ଯୋଗୁ ଦୋକାନ ବଜାର ବନ୍ଦ ରହିଛି। ତେଣୁ ଛାତ୍ରାବାସ କ୍ୟାଣ୍ଟିନରେ ମନ ପସନ୍ଦର ଖାଦ୍ୟ ମିଳୁନାହିଁ। ଛାତ୍ରୀଛାତ୍ରମାନେ ପରିବାର ସଦସ୍ୟଙ୍କୁ ଏ ସମ୍ପର୍କରେ ଟୁଇଟ୍ କରି ଜଣାଉଛନ୍ତି। ଛାତ୍ରାବାସ କର୍ତ୍ତୃପକ୍ଷ ମଧ୍ୟ ଛାତ୍ରୀଛାତ୍ରଙ୍କୁ କିଭଳି ସ୍ୱାଭାବିକ ଭାବେ ରଖାଯିବ ସେନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଛାତ୍ରାବାସରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରାଯାଇଛି। ଏପ୍ରିଲ୍ ୨୦ ପରେ ଲକ୍ ଡାଉନ୍‌କୁ ସର୍ତ୍ତମୂଳକ କୋହଳ କରାଯିବା ପରେ ଛାତ୍ରାବାସର ସ୍ଥିତିରେ କିଛି ପରିବର୍ତ୍ତନ ଆସିବ ବୋଲି କର୍ତ୍ତୃପକ୍ଷ କହୁଛନ୍ତି। ଏଠାରେ ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଆଦି ରାଜ୍ୟର ଛାତ୍ରୀଛାତ୍ରମାନେ ଅଟକି ରହିଛନ୍ତି।

# ୨୦ ଯାଏ ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୬।୪(ବ୍ୟୁରୋ):** ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଅଧିକାଂଶ ସ୍ଥାନରେ ପାରଦ ୩୯ରୁ ୪୧ ଡିଗ୍ରୀ ସେଲସିୟସ୍‌କୁ ଟପିଯାଇଛି। କେତେକ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରେ ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେରରେ ୪୦.୧, ଅନୁଗୋଳରେ ୪୦.୧, ମାଲକାନଗିରିରେ ୪୦.୨, ସୋନପୁରରେ ୪୦.୩ ଏବଂ ବୌଦ୍ଧରେ ୪୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ୨୦ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ଥିବା ଯୋଗୁ ତାପମାତ୍ରା ୪୦ ଡିଗ୍ରୀ ମଧ୍ୟରେ ରହିବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡ଼ା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କନ୍ଧମାଳ, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଅଳ୍ପ କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି।



ଗୁରୁବାର ସକାଳେ ପୁରୀ ବେଳାଭୂମି ରାସ୍ତା ପାର୍ଶ୍ୱ ନଳା ଫାଟି ମଇଳା ପାଣି ମାଡ଼ିଯାଇଛି।

# ସବୁ ଗରିବଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଉ: ପ୍ରତାପ ଷଡ଼ଙ୍ଗୀ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କହିଛନ୍ତି ଯେ, ସବୁ ଗରିବଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଉ। ଦିନକ ପୂର୍ବରୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ରାଜ୍ୟ ସରକାରଙ୍କ ନିକଟରେ କରିଥିବା ଦାବିକୁ ସେ ଦୋହରାଇଛନ୍ତି। କେନ୍ଦ୍ରମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଲକ୍‌ଡାଉନ ସମୟରେ ବିଭିନ୍ନ ରାଜ୍ୟର ଏନ୍‌ଜିଓ, ପ୍ରଶାସନିକ ଅଧିକାରୀ ଏବଂ ସ୍ୱେଚ୍ଛାସେବୀମାନଙ୍କ ସହ ଯୋଗାଯୋଗ ରହୁଛି। ସେହିଭଳି ଓଡ଼ିଶାରେ ଏହି କ୍ଷେତ୍ରରେ ରହି କାର୍ଯ୍ୟ କରୁଥିବା ଲୋକଙ୍କ ସହିତ ମଧ୍ୟ ଆଲୋଚନା କରିଛି। ଅନେକ ଗରିବ ଲୋକ ଏହି ସମୟରେ ଖାଇବାକୁ ପାଉନାହାନ୍ତି। ସେହିପରି ବହୁ ଗରିବ ପରିବାର ଅଛନ୍ତି ଯେଉଁମାନେ ରାସନ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ସେମାନଙ୍କୁ ଏହି ସମୟରେ ଚାଉଳ, ଡାଲି ଆଦି ପ୍ରଦାନ କରନ୍ତୁ। ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀମାନେ ଗରିବଙ୍କୁ ଚିହ୍ନଟ କରି ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ତୁରନ୍ତ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ବ୍ୟବହାର ପାଇଁ ଡାକ୍ତରୀ ପରାମର୍ଶ ଜରୁରୀ

ଭୁବନେଶ୍ୱର,୧୬।୪(ବ୍ୟୁରୋ)

କୋଭିଡ୍-୧୯ ଚିକିତ୍ସା ପାଇଁ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ (ଏଚ୍‌ସିକ୍ୟୁ) ପରି ଔଷଧ ବାବଦରେ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଔଷଧ ବ୍ୟବହାର ନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ମୁଖପାତ୍ର(କୋଭିଡ୍-୧୯) ସୁବ୍ରତୋ ବାଗ୍‌ଚୀ ଗୁରୁବାର ଏହା କହିଛନ୍ତି। କରୋନା ଭୂତାଣୁ ସଂକ୍ରମଣକୁ ଦୃଢ଼ତାର ସହ ମୁକାବିଲା ପାଇଁ ସରକାର ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ସହ ଡାକ୍ତରଙ୍କ ସ୍ୱତନ୍ତ୍ର ତାଲିମ ଉପରେ ଗୁରୁତ୍ୱ ଦେଉଛନ୍ତି। କରୋନା ସନ୍ଦିଗ୍ଧଙ୍କୁ ଆଇସିୟୁର ଆବଶ୍ୟକତା ପଡ଼ିଲେ କିପରି ଚିକିତ୍ସା କରାଯିବ, ସେ ନେଇ ବିଭିନ୍ନ ଜିଲାର ଡାକ୍ତରଙ୍କୁ ଏସ୍‌ସିବି ମେଡିକାଲ୍ କଲେଜ(କଟକ)ରେ ପ୍ରଶିକ୍ଷଣ ଦିଆଯାଉଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରି ବାଗ୍‌ଚୀ କହିଛନ୍ତି ଯେ, ବୁଧବାର ମଧ୍ୟରାତ୍ର ସୁଦ୍ଧା ରାଜ୍ୟରେ ୬୭୩୪ଟି କୋଭିଡ୍-୧୯ ନମୁନା ପରୀକ୍ଷା କରାଯାଇଛି। ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ସମୁଦାୟ ୬୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ନମୁନା ସଂଗ୍ରହରୁ ପଜିଟିଭ୍ ବ୍ୟକ୍ତିଙ୍କ ପ୍ରତିଶତ ହାର ମାତ୍ର ୦.୮୯ ରହିଛି। ପୂର୍ବରୁ ସଂକ୍ରମିତ ହୋଇଥିବା ୧୯ ଜଣ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଡାକ୍ତରଖାନାରୁ ଫେରି ସାରିଛନ୍ତି। ଏଯାବତ୍ ଜଣେମାତ୍ର କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି। ରାଜ୍ୟରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୪୦ ରହିଛି। କେବଳ ଗୁରୁବାର ୧୧୯୭ଟି କୋଭିଡ୍-୧୯ ନମୁନା ପରୀକ୍ଷା କରାଯାଇଛି। ପରୀକ୍ଷା ସଂଖ୍ୟା ଦୃଷ୍ଟିରୁ ଏହା ବର୍ତ୍ତମାନ ସୁଦ୍ଧା ସର୍ବୋଚ୍ଚ ରହିଛି।

# କଣ୍ଟେନ୍‌ମେଣ୍ଟ ଜୋନ୍ ଲାଗି ନୂଆ ନିର୍ଦ୍ଦେଶନାମା

ଭୁବନେଶ୍ୱର, ୧୬।୪(ବ୍ୟୁରୋ)

କରୋନା ମୁକାବିଲା ଲାଗି ନିର୍ଦ୍ଦିଷ୍ଟ ଅଞ୍ଚଳରେ ହେଉଥିବା କଣ୍ଟେନ୍‌ମେଣ୍ଟ ଜୋନ୍ ପାଇଁ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ଲାଗି ହୋଇଥିବା କଣ୍ଟେନମେଣ୍ଟ ଜୋନ୍‌କୁ ସମ୍ପୂର୍ଣ୍ଣ ବ୍ୟାରିକେଡ୍ କରାଯାଇ ପ୍ରବେଶ ଏବଂ ପ୍ରସ୍ଥାନକୁ ନିଷିଦ୍ଧ କରାଯିବ। ତେବେ ଜୋନ୍‌ରେ ଏକାକୀ ରହୁଥିବା ମହିଳାଙ୍କ ଘର, ବୟସ୍କ ବ୍ୟକ୍ତି ତଥା ଗର୍ଭବତୀଙ୍କ ଗୃହ ଏବଂ ଗୁରୁତର ଆକ୍ରାନ୍ତ ବ୍ୟକ୍ତି ଏବଂ ଦିବ୍ୟାଙ୍ଗଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଅଙ୍ଗନୱାଡ଼ି, ଏଏନ୍‌ଏମ୍, ସ୍ୱାସ୍ଥ୍ୟକର୍ମୀ ଓ ଶିକ୍ଷକଙ୍କ ଟିମ୍ କଣ୍ଟେନମେଣ୍ଟ ଜୋନ୍‌ରେ ଘରକୁ ବୁଲି ଲୋକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବେ। ଫ୍ଲୁ ଭଳି ଲକ୍ଷଣ ଦେଖାଯାଉଥିବା ସମସ୍ତ ବ୍ୟକ୍ତିଙ୍କ ନମୁନା ସଂଗ୍ରହକରି ପରୀକ୍ଷା କରାଯିବ।

ଇତି ମଧ୍ୟରେ ରାଜ୍ୟ ସରକାର ଗତ ୨ ତାରିଖରେ ସୂର୍ଯ୍ୟନଗରକୁ ପ୍ରଥମ କରୋନା କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଥିଲେ। ଏହାପରେ ୧୦ଟି ଜିଲାରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା ସରିଛି। ତେବେ ଆଗକୁ ସ୍ୱାସ୍ଥ୍ୟ ବିଭାଗର ବିନା ଅନୁମତିରେ କୌଣସି ଜିଲାପାଳ କିମ୍ବା ମହାନଗର ନିଗମ କମିଶନର କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିପାରିବେ ନାହିଁ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏହି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସେହିପରି ସ୍ଥାନୀୟ ସଂକ୍ରମଣକୁ ରୋକିବା ଲାଗି ଲକ୍ଷଣ ଦେଖାଯାଉ ନ ଥିବା ବ୍ୟକ୍ତିଙ୍କ ନମୁନା ମଧ୍ୟ ସଂଗ୍ରହ କରାଯିବ। ଜୋନ୍ ଅଞ୍ଚଳର ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ହ୍ୱାଟ୍ସଆପ୍ ଗ୍ରୁପ ଜରିଆରେ ଜୋନ୍ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇପାରିବ। ଦୁଇ ରାଉଣ୍ଡ ସର୍ଭେ ପରେ ଯଦି ନୂଆ ପଜିଟିଭ କେସ୍ ନ ବାହାରେ ତେବେ ସମ୍ପୃକ୍ତ ଅଞ୍ଚଳରୁ କଣ୍ଟେନମେଣ୍ଟ ଜୋନ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରାଯିବ। ଏନେଇ ପୋଲିସ ଡିଜି, ସବୁ ଅତିରିକ୍ତ ସଚିବ ଓ ପ୍ରମୁଖ ସଚିବ, ପୋଲିସ କମିଶନର, ମ୍ୟୁନିସିପାଲ କମିଶନର ଏବଂ ପୌର ନିର୍ବାହୀ ଅଧିକାରୀ ଏବଂ ଜିଲାପାଳମାନଙ୍କୁ ଚିଠି ଲେଖି ମୁଖ୍ୟ ଶାସନ ସଚିବ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି।

# ଲକ୍‌ଡାଉନ ବେଳେ ଅନାହାର ସହ ସଂଗ୍ରାମ



ନୂଆଦିଲ୍ଲୀ,୧୬।୪

ଗତ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ସାରା ବିଶ୍ୱରେ ଜୀବନ ବଦଳିଯାଇଛି ବୋଲି କହିବା ବାହୁଲ୍ୟ ହେବ ନାହିଁ। କରୋନା ମହାମାରୀ ସାରା ଦୁନିଆକୁ ଘୋଟିଛି। ଏହାର ସଂକ୍ରମତାଜନିତ ପରିଣାମ ଭୋଗିବାରୁ ପ୍ରାୟତଃ କୌଣସି ଦେଶ ଛାଡ଼ ପାଇନାହିଁ। ତେଣୁ ସଙ୍ଗରୋଧ ହୋଇ ରହିବା ଏବଂ ସାମାଜିକ ଦୂରତ୍ୱ ପାଳନ କରାଯାଉଥିବା ସବୁଠି ଦେଖିବାକୁ ମିଳୁଛି। ଲୋକଙ୍କୁ ଘରେ ରହି କାମ କରିବା ପାଇଁ ପରାମର୍ଶ ଦିଆଯାଉଛି। ଅନେକ କ୍ଷେତ୍ରରେ ଏସବୁକୁ ପାଳନ କରିବାକୁ ଲୋକଙ୍କୁ ବାଧ୍ୟ କରାଯାଉଛି। ହେଲେ ଏହି ପରାମର୍ଶ ଓ ନୀତି ଲକ୍ଷାଧିକ ଲୋକଙ୍କ ପାଇଁ ବିକଳ୍ପ ନୁହେଁ। ଏହି ମହାମାରୀ ଯଦି କିଛି ପ୍ରମୁଖ ଭାବେ ଦର୍ଶାଉଛି, ତାହାହେଉଛି ବିଶ୍ୱର ଅସମାନତା। ଦେଶଗୁଡ଼ିକ ମଧ୍ୟରେ ସର୍ବଦା 'ବିକାଶୀଳ ଏବଂ ବିକଶିତ' ଏକ ବିଷୟବସ୍ତୁ ହୋଇରହିଛି।

ଭାରତରେ ରାତାରାତି ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଦେଶର ସୀମାକୁ ବନ୍ଦ କରାଯାଇଛି। ୧୪୦ କୋଟି ଲୋକ ଘରେ ରହିବାକୁ ବାଧ୍ୟ ହୋଇଛନ୍ତି। ଦେଶ ଏବଂ ପୂର୍ବରୁ ଦୁର୍ବଳ ଥିବା ଏହାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଏହି ମହାମାରୀ ଭୂତାଣୁ ଗ୍ରାସିଦେବା ଆଶଙ୍କା ବଢ଼ିବା ସହ ଜନଜୀବନ ମଧ୍ୟ ଅସ୍ତବ୍ୟସ୍ତ ହୋଇଯାଇଛି। ଅନ୍ୟ ଦେଶଗୁଡ଼ିକରେ ଯାହା କରାଯାଉଛି, ତାହାକୁ ଭାରତରେ ବ୍ୟାପକ ଭାବେ ନକଲ କରାଯାଇଥିବାବେଳେ ସେହି ସମୟରୁ ହିଁ ଲକ୍ଷ ଲକ୍ଷ ଶ୍ରମିକ ଓ ଦିନ ମଜୁରିଆ ଅକଥନୀୟ ଦୁର୍ଦ୍ଦଶା ଭୋଗିବେ ବୋଲି ଜଣାପଡୁଥିଲା।

ସାରା ଉପ-ମହାଦେଶରେ କୋଟି କୋଟି ଲୋକ ଏକ କ୍ଷଣରେ କାମ ହରାଇଲେ। ନିର୍ମାଣ ସ୍ଥାନଗୁଡ଼ିକ ଅଚଳ ହୋଇଗଲା। ଯେଉଁମାନେ ଗୃହରକ୍ଷୀ ରଖୁଥିଲେ, ସେମାନେ କବାଟ ବନ୍ଦ କରିଦେଲେ। ଏହି ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ଦୈନିକ ରୋଜଗାର ଉପରେ ବଞ୍ଚୁଥିଲେ। ଟଙ୍କା ସଞ୍ଚୟ କରିବାର ସାମର୍ଥ୍ୟ ନ ଥିଲା। ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ମହାନଗରରୁ ସେମାନେ ନିଜ ଘରକୁ ଫେରିବାକୁ ବାଧ୍ୟ ହେଲେ। କାରଣ ସେମାନେ ଖାଦ୍ୟ କିଣିବାକୁ ଅସମର୍ଥ ହୋଇଥିଲେ। ଭାଇରସ୍ ସଂକ୍ରମଣ ଅପେକ୍ଷା ସେମାନେ ଅନାହାରକୁ ଅଧିକ ଭୟ କରୁଥିଲେ। ତେଣୁ ଶହ ଶହ କିଲୋମିଟର ଦୂର ନିଜ ଗାଁକୁ ଚାଲିଯିବାକୁ ଚାହିଁଲେ। ଏହି ପ୍ରବାସୀ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ବିହାର ଓ ଝାଡ଼ଖଣ୍ଡ ଭଳି ଗରିବ ରାଜ୍ୟର। ରୋଜଗାର ସନ୍ଧାନରେ ସେମାନେ ଘର, ପରିବାର ଛାଡ଼ି ଯାଇଥିଲେ। ଲକ୍‌ଡାଉନ୍ ଯୋଗୁ ଭାରତର କୋଣ ଅନୁକୋଣରେ ଏଭଳି ଦୁର୍ଦ୍ଦଶା ଦେଖିବାକୁ ମିଳୁଛି। ଜୀବିକା ହରାଇଥିବା ଶ୍ରମିକ, କର୍ମଚାରୀ ଓ ଦିନ ମଜୁରିଆମାନେ ଏବେ ଲକ୍‌ଡାଉନ ସମୟରେ ଅନାହାରରୁ ବର୍ତ୍ତିବା ପାଇଁ ସଂଗ୍ରାମ କରୁଛନ୍ତି। ଏହି ଦୁର୍ଦ୍ଦିନ ସମୟରେ ସେମାନଙ୍କ ମୁହଁରେ ଆହାର ଦେବାକୁ ଅନେକ ବଦାନ୍ୟ ବ୍ୟକ୍ତି, ସାମାଜିକ କର୍ମୀ ଆଗେଇ ଆସିଛନ୍ତି। ଭୋପାଳରେ ଅନାହାରରେ ଛଟପଟ ହେଉଥିବା ଲୋକଙ୍କ ପାଇଁ ଦେବଦୂତ ସାଜିଛନ୍ତି ସାମାଜିକ କର୍ମୀ ରବି ମିଶ୍ରା। ସେ ପ୍ରଥମେ ନିଜ ଉଦ୍ୟମରେ ୨୮ଟି ପରିବାର ପାଇଁ ଖାଦ୍ୟ ଯୋଗାଇଥିଲେ। ସେହି ପରିବାରଗୁଡ଼ିକର ଲୋକମାନେ ୨ ଦିନ ଧରି ଖାଦ୍ୟ ନ ପାଇ କେବଳ ପାଣି ପିଇ ବଞ୍ଚିଥଲେ। ଏ ସମ୍ପର୍କରେ ରବିଙ୍କ ଜଣେ ସାଙ୍ଗ ଜାଣିବା ପରେ 'ଗୋ ଫଣ୍ଡ ମି' ନାମକ ଅନ୍‌ଲାଇନ ପାଣ୍ଠି ପୃଷ୍ଠା ତିଆରି କରିଥିଲେ। ଲୋକଙ୍କ ଦୁର୍ଦ୍ଦଶାର କାହାଣୀ ସେଥିରେ ସ୍ଥାନ ପାଇଥିଲା। ଏହାପରେ ଉକ୍ତ ପାଣ୍ଠିକୁ ବହୁ ବଦାନ୍ୟ ବ୍ୟକ୍ତି ଅର୍ଥଦାନ କରିଥିଲେ। ସେଥିରେ ରବି ଓ ତାଙ୍କ ବନ୍ଧୁମାନଙ୍କ ଦ୍ୱାରା ୧୪ ଦିନ ପାଇଁ ୨୪୦୦ ଅସହାୟ ଲୋକଙ୍କ ନିମନ୍ତେ ଦିନକୁ ୨ ଓଳା ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ସହାୟତା ପାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ ଗଛମୂଳେ ରହିଛନ୍ତି ତ କିଏ ନିଜ ପିଲାଙ୍କୁ ଅଳ୍ପ ଟିକିଏ କ୍ଷୀର ଦେବାକୁ ଅସମର୍ଥ। ଏହି ବ୍ୟକ୍ତିମାନଙ୍କ ପାଇ ରବି 'ରାଶନବାଲା ଭାଇ' ପାଲଟିଛନ୍ତି। ଏବେ ଦାନ ଅର୍ଥ କମି ଆସିଥିଲେ ମଧ୍ୟ ରବି ଲୋକଙ୍କୁ ଖାଦ୍ୟ ଯୋଗାଇବା କାର୍ଯ୍ୟ ଜାରି ରଖିଛନ୍ତି। ଜୀବନ ସଙ୍କଟରେ ପଡ଼ିଥିବା ଏତେ ସଂଖ୍ୟକ ଲୋକଙ୍କ ଦୁର୍ଦ୍ଦଶା ଦୂର କରାଯାଇପାରିଲା କେବଳ ରବି ଏବଂ ଆର୍ଥିକ ଦୁଃସ୍ଥିତି ସମୟରେ ଅର୍ଥଦାନ କରିଥିବା ବ୍ୟକ୍ତିମାନଙ୍କ ମାନବିକତା ଯୋଗୁ। ହେଲେ ଗତ ଦଶନ୍ଧି ମଧ୍ୟରେ ଉନ୍ନତି ସତ୍ତ୍ୱେ ଭାରତର ପରିସ୍ଥିତି ବ୍ୟାପକ ଅସମାନତାକୁ ପଦାରେ ପକାଇଛି। ଏବେ ଏଭଳି ଦିନ ପହଞ୍ଚିଛି, ଯେଉଁଠି ଲୋକମାନେ ଖାଦ୍ୟ କିଣିବାକୁ ଅସମର୍ଥ। ଲକ୍ଷ ଲକ୍ଷ ଲୋକଙ୍କୁ ଅନାହାରରେ ରହିବାକୁ ପଡୁଛି। ସେହିପରି ଲକ୍‌ଡାଉନ ଏକ କଟୁ ସତ୍ୟକୁ ଉନ୍ମୋଚନ କରିଛି। ତାହା ହେଉଛି ଗରିବ ରାଜ୍ୟଗୁଡ଼ିକରେ କମ୍ ମୂଲ୍ୟରେ ଉପଲବ୍ଧ ଶ୍ରମ ଉପରେ ଭାରତର ବିକାଶ କେତେ ନିର୍ଭରଶୀଳ। କିନ୍ତୁ ସେହି ଶ୍ରମଜୀବୀଙ୍କୁ କୌଣସି ପ୍ରକାର ସୁରକ୍ଷା ଯୋଗାଇ ଦିଆଯାଇପାରି ନାହିଁ। ଏପରି କି ଖାଦ୍ୟ ସୁରକ୍ଷା ଭଳି ମୌଳିକ ମାନବିକ ଅଧିକାର ସେମାନଙ୍କୁ ମିଳିପାରୁନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲମୀଲୋ, ଘରେ ଥା,**
**ଓଲେଇଲୋ, ଘରୁ ଯା।**

ବୁଦ୍ଧିହୀନ, ନିର୍ବୋଧ, ଅଚତୁର ବ୍ୟକ୍ତିଙ୍କୁ ଓଲୁ ବା ଓଲି କୁହାଯାଏ। ଓଲି ବା ହୁଣ୍ଡି ନାରୀ କୌଣସି କଥା ବୁଝିପାରି ନ ଥାନ୍ତି କି ଜାଣିପାରି ନ ଥାନ୍ତି। ତାଙ୍କ ଦ୍ୱାରା କୌଣସି କାର୍ଯ୍ୟ ସଠିକ୍ ବା ସୁଚାରୁ ରୂପେ ହୋଇପାରି ନ ଥାଏ। ସେହିପରି ଓଲେଇ ଖାଇବା ଜିନିଷ ଦେଖିବା ମାତ୍ରକେ ପାଟିରେ ପକାଇ ଦେଇଥାଏ। ସମୟ ଓ ପରିମାଣ ଜ୍ଞାନ ରଖି ନ ଥାଏ। ଓଲି ଅପେକ୍ଷା ଓଲେଇ ନାରୀ ପ୍ରତି ଆଡ଼ ଆଡ଼ ଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଶକା କଢ଼ି !**
**ତୋ ମନରେ ଥାଏ କି ନ ଥାଏ**
**ମୋ ମନରେ ଷୋହଳ ଘଡ଼ି।**

ସହୀ ସଙ୍ଗାତ ଦେଖା ହୋଇଗଲେ କେତେକ ଆବଶ୍ୟକତା ଠୁ ଅଧିକ ଆପଣାର ଭାବ ଦେଖେଇ ହୁଅନ୍ତି। ମନରେ ପଛେ ଥାଉ କି ନ ଥାଉ ମିଠା ମିଠା କଥା କହି ଜମା ଭୁଲିପାରି ନ ଥିବା ଭଳି ଆଖି ଛଳ ଛଳ କରିବସନ୍ତି। ଆତ୍ମୀୟତା ପରିପ୍ରକାଶ କରିବାର ତୁଚ୍ଛା ବାହାନା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ.ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା, ଗ୍ରାମାଞ୍ଚଳରେ ଖାଦ୍ୟ ବଣ୍ଟନକୁ ଗୁରୁତ୍ୱ

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ବାହାର ରାଜ୍ୟର ପ୍ରାୟ ୭୭,୦୦୦ ଅତିଥି ଶ୍ରମଜୀବୀଙ୍କୁ ୨୫୫୩ ଶିବିର ଜରିଆରେ ଖାଇବା, ରହିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଅଭିଯୋଗ ଗ୍ରହଣ ପାଇଁ ଶ୍ରମଜୀବୀ ସହାୟତା କଲ୍ ସେଣ୍ଟର ଟୋଲ୍ ଫ୍ରି ନଂ.-୧୮୦୦୩୪୫୬୭୦୩ ଜାରି କରାଯାଇଛି। ରାଜ୍ୟର ୬୭୯୮ଟି ଗ୍ରାମପଞ୍ଚାୟତରେ ୭୦୩୩ଟି ଅସ୍ଥାୟୀ ଚିକିତ୍ସା ଶିବିର କାର୍ଯ୍ୟ କରୁଛି। ଏସବୁରେ ୧,୬୩,୬୪୯ ଶଯ୍ୟାର ବ୍ୟବସ୍ଥା ରହିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ସୁଦ୍ଧା ୫୪୩୮ ଗ୍ରାମପଞ୍ଚାୟତରେ ୩,୩୪,୪୨୬ ଜଣ ନିରାଶ୍ରୟ ଓ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ସେହିପରି ୧୧୩ ପୌରାଞ୍ଚଳରେ ୩୫,୧୭୩ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଏପ୍ରିଲ ୧୫ରୁ ଏପ୍ରିଲ ୧୬ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ୧୪୪ଟି ମାମଲା ଦାୟର କରାଯାଇଛି। ସେଥିରୁ ୧୩୪ଟି ମାମଲା ଲକ୍‌ଡାଉନ୍ ସଂପର୍କିତ ହୋଇଥିବାବେଳେ ୪ଟି ହୋମ୍ କ୍ୱାରାଣ୍ଟାଇନ୍ ଉଲ୍ଲଂଘନ ଏବଂ ୬ଟି ଅନ୍ୟାନ୍ୟ କାରଣ ବୋଲି ଜଣାପଡ଼ିଛି। ଅପରପକ୍ଷରେ ବିଭିନ୍ନ ଅଭିଯୋଗରେ ୧୫୨ ଜଣଙ୍କୁ ଗିରଫ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଗୁଜବ ପ୍ରଚାର ଅଭିଯୋଗରେ ୭୬ ଜଣଙ୍କ ବିରୋଧରେ ମାମଲା ଦାୟର କରାଯାଇଛି।

**ଲକ୍‌ଡାଉନ ସମ୍ପର୍କିତ ୧୩୪ ମାମଲା**

# ସୀମିତ ଖଣ୍ଡପୀଠରେ କାର୍ଯ୍ୟକରିବ ହାଇକୋର୍ଟ

**କଟକ ଅଫିସ୍,୧୬।୪**

କେନ୍ଦ୍ର ସରକାରଙ୍କ ତରଫରୁ ଲକ୍‌ଡାଉନ୍ ଅବଧି ମେ' ୩କୁ ବୃଦ୍ଧି ପାଇଛି। ତେଣୁ ଏହି ସମୟରେ ସୀମିତ ଖଣ୍ଡପୀଠରେ କେବଳ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରାଯିବ ବୋଲି ହାଇକୋର୍ଟଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ମେ' ୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଡିଭିଜନ୍ ବେଞ୍ଚ(୨ଜଣିଆ ଖଣ୍ଡପୀଠ) ଏବଂ ଦୁଇଟି ସିଙ୍ଗଲ୍ ବେଞ୍ଚ(ଜଣିକିଆ ଖଣ୍ଡପୀଠ)କୁ ନେଇ ହାଇକୋର୍ଟ କାର୍ଯ୍ୟ କରିବ ବୋଲି ରେଜିଷ୍ଟ୍ରାର୍ ଜୁଡିସିଆଲ୍ ପି.କେ. ପାତ୍ର ସୂଚନା ଦେଇଛନ୍ତି। ତେବେ ଏହା ନିୟମିତ ବଦଳରେ କାର୍ଯ୍ୟଦିବସଗୁଡ଼ିକରେ ଦିନେ ଛଡ଼ା ଦିନେ ଅର୍ଥାତ୍ ଏପ୍ରିଲ୍ ୧୭, ୨୦, ୨୨, ୨୪, ୨୯ ଏବଂ ମେ' ୧ ତାରିଖରେ କାର୍ଯ୍ୟ କରିବ। ଏପରି କି ସମସ୍ତ ଶୁଣାଣି ଭିଡିଓ କନ୍‌ଫରେନ୍ସିଂ ଜରିଆରେ କରାଯିବ। ଆବେଦନ ଦାଖଲ କାଉଣ୍ଟର ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। କାଉଣ୍ଟର୍‌ରେ ଯେମିତି ଭିଡ଼ ନ ହୁଏ ଏବଂ ସାମାଜିକ ଦୂରତା ପାଳନ କରାଯିବ ସେଥିପାଇଁ ଆବଶ୍ୟକ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରାଯିବ। ଆଇନ୍‌ଜୀବୀଙ୍କଠାରୁ ଆବେଦନଗୁଡ଼ିକ ଗ୍ରହଣ କରିବା ପାଇଁ ସେକ୍ସନ୍ ସୁପରିଣ୍ଟେଣ୍ଡେଣ୍ଟ ତାଙ୍କ ବିଭାଗର କର୍ମଚାରୀଙ୍କ ରୋଷ୍ଟର୍ ଡ୍ୟୁଟି ପ୍ରସ୍ତୁତ କରିବେ। ସେହିଭଳି ଜୁଡିସିଆଲ୍ ସେକ୍ସନର ସୁପରିଣ୍ଟେଣ୍ଡେଣ୍ଟମାନେ ମଧ୍ୟ ଆବଶ୍ୟକ କର୍ମଚାରୀଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିବେ। କୋର୍ଟ କାର୍ଯ୍ୟକୁ ସହଜ କରିବାକୁ ପଦକ୍ଷେପ ନେବା ପାଇଁ ଅନ୍ୟ ବିଭାଗର ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ଦାୟିତ୍ୱ ଦିଆଯାଇଛି।

# କୋହଳ ପରବର୍ତ୍ତୀ ପରିସ୍ଥିତି ପାଇଁ ପ୍ରସ୍ତୁତ ରୁହ



**ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଡିଜିପିଙ୍କ ଭିଡିଓ କନ୍‌ଫରେନ୍ସ**

**କଟକ ଅଫିସ୍,୧୬।୪**

ରାଜ୍ୟରେ ଲକ୍‌ଡାଉନ୍ ସ୍ଥିତିର ସମୀକ୍ଷା କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ। ଗୁରୁବାର ସେ ଏନେଇ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ ଯଥା ସମସ୍ତ ରେଞ୍ଜର ଆଇଜି, ଡିଆଇଜି, ଏସ୍‌ପିମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ଏପ୍ରିଲ୍ ୨୦ତାରିଖ ପରେ ଲକ୍‌ଡାଉନ୍‌ରେ କିଛି ପରିମାଣରେ କୋହଳ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣୁ କୋହଳ ପରବର୍ତ୍ତୀ ପରିସ୍ଥିତିକୁ ମୁକାବିଲା କରିବା ପୋଲିସ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଅଯଥା ଭିଡ଼କୁ କେମିତି ନିୟନ୍ତ୍ରିତ କରାଯାଇପାରିବ, ସେନେଇ ବୈଠକରେ ବିଶେଷ ଆଲୋଚନା ହୋଇଥିଲା।

ରାଜ୍ୟ ସରକାର ପ୍ରଥମେ ଲକ୍‌ଡାଉନ୍ ଅବଧିକୁ ଏପ୍ରିଲ୍ ୩୦ତାରିଖ ପର୍ଯ୍ୟନ୍ତ ବଢ଼ାଇଥିଲେ। କିନ୍ତୁ କେନ୍ଦ୍ର ସରକାର ଏହାକୁ ମେ' ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇଛନ୍ତି। ତେବେ ଏପ୍ରିଲ୍ ୨୦ତାରିଖ ପରେ ଯାନବାହନ ଚଳାଚଳ ଏବଂ ଅନ୍ୟାନ୍ୟ କେତେକ କ୍ଷେତ୍ରରେ ଅନେକ ପ୍ରକାର କୋହଳ କରାଯିବା ସମ୍ଭାବନା ରହିଛି, ଯାହାଫଳରେ ରାସ୍ତାରେ ଯାନବାହନ ସଂଖ୍ୟାରେ ବୃଦ୍ଧି ହେବାର ଆଶଙ୍କା ରହିଛି। କଟକଣା ମୁକ୍ତ ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ଅଭୟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଲକ୍‌ଡାଉନ୍ ସମ୍ପର୍କିତ ମାମଲାଗୁଡ଼ିକ ବଢ଼ିବାରେ ଲାଗିଛି। ସେହି ମାମଲାଗୁଡ଼ିକର ଠିକ୍ ତଦନ୍ତ ଏବଂ ଏହା ଉପରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନେଇ ସେ ଆଲୋଚନା କରିଥିଲେ। ପୋଲିସ ବିଭାଗ ତରଫରୁ ଲକ୍‌ଡାଉନ୍ କଟକଣାକୁ କଡ଼ାକଡ଼ି ପାଳନ ଦିଗରେ ବିଶେଷ ପଦକ୍ଷେପ ନିଆଯାଇଛି। ଯାହାକୁ ସବୁଆଡୁ ପ୍ରଶଂସା ମିଳୁଛି। ଏତଦ୍‌ବ୍ୟତୀତ ସଡ଼କରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ପାଇଁ କଲ୍ୟାଣ କାର୍ଯ୍ୟକ୍ରମ, ଆନ୍ତଃଜିଲା ଏବଂ ଆନ୍ତଃ ରାଜ୍ୟ ଗମନାଗମନ ଉପରେ ଅନୁମତି ପ୍ରସଙ୍ଗ, ରାଜ୍ୟରେ ଥିବା ପ୍ରବାସୀ ଶ୍ରମିକଙ୍କ ଶିବିରଗୁଡ଼ିକର ସ୍ଥିତି, ଜନସାଧାରଣଙ୍କ ମୁଖା ପିନ୍ଧାକୁ ବାଧ୍ୟତାମୂଳକ କରିବା, ବେଆଇନ ମଦ କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ଘରୋଇ ହିଂସା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଆଲୋଚନା ହୋଇଥିଲା। ବୈଠକରେ ଏଡିଜି(ମୁଖ୍ୟାଳୟ) ବିନୟତୋଷ ମିଶ୍ର, ଏଡିଜି(ଆଇନ୍ ଶୃଙ୍ଖଳା) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି(ଗୋଇନ୍ଦା), ଆଇଜି (ଆଧୁନିକୀକରଣ) ରେଖା ଲୋହାନୀ, ଆଇଜି(ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ୍‌ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାହାରେ ଫସିଥିବା ଶ୍ରମିକଙ୍କ ପରିବାରକୁ ସହାୟତା ଦିଆଯାଉ

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

- ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଚିଠି
- ବ୍ୟାପକ ନମୁନା ପରୀକ୍ଷା ଉପରେ ଗୁରୁତ୍ୱ

କରୋନା ମୁକାବିଲା ପାଇଁ ସାରା ଦେଶରେ ଲକ୍‌ଡାଉନ ଜାରି ରହିଛି। ଏହାଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ଓଡ଼ିଆ ଶ୍ରମିକ ଫସି ରହିଛନ୍ତି। ରେଳ ଚଳାଚଳ ଏବଂ ବେସରକାରୀ ପରିବହନ ବନ୍ଦ ରହିଥିବାରୁ ସେମାନେ ବର୍ତ୍ତମାନ ରାଜ୍ୟକୁ ଫେରିବା ସମ୍ଭବ ନୁହେଁ। ସେମାନେ କରୁଥିବା ରୋଜଗାର ଦ୍ୱାରା ତାଙ୍କ ପରିବାରର ପ୍ରତିପୋଷଣ ହୋଇଥାଏ, ତେଣୁ ସରକାର ରାଜ୍ୟ ବାହାରେ ଫସିଥିବା ଓଡ଼ିଆ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଗୁରୁବାର କହିଛନ୍ତି।

ଏ ନେଇ ଶ୍ରୀକାନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠି ମାଧ୍ୟମରେ ସେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ସର୍ବନିମ୍ନ ୫୦୦୦ ଟଙ୍କା ଶ୍ରମିକଙ୍କ ପରିବାରକୁ ପ୍ରଦାନ କରନ୍ତୁ। ଏହାଦ୍ୱାରା ଅନେକାଂଶରେ ସେହି ପରିବାରଗୁଡିକ ଉପରୁ ଆର୍ଥିକ ବୋଝ ହ୍ରାସ ପାଇବ। ରାଜ୍ୟ ସରକାର ରାଶନ କାର୍ଡଧାରୀଙ୍କୁ ଚାଉଳ, ଡାଲି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରୁଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ, ସେହିପରି ରାଶନ କାର୍ଡ ନ ଥାଇ ମଧ୍ୟ ଅନେକ ଯୋଗ୍ୟ ଲୋକ ରାଜ୍ୟରେ ରହିଛନ୍ତି। ତେଣୁ ସ୍ୱାୟତ୍ତ ଶାସନ ପଦ୍ଧତିରେ ତାଙ୍କୁ ଚିହ୍ନଟ କରି ତୁରନ୍ତ ୩ ମାସର ସହାୟତା ପ୍ରଦାନ କରିବାକୁ ଶ୍ରୀକାନ୍ତ କହିଛନ୍ତି। ଅନୁରୂପ ଭାବେ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି। ତେଣୁ ରାଜ୍ୟ ସରକାର ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଯଥାସମ୍ଭବ ସର୍ବାଧିକ ନମୁନା ପରୀକ୍ଷା କରିବାର ଆବଶ୍ୟକତା ରହିଛି। ଯେତେ ଅଧିକ ପରୀକ୍ଷା ହେବ, ରାଜ୍ୟରେ କରୋନାର ସ୍ଥିତି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଅତି ଜରୁରୀ ପରିସ୍ଥିତିରେ ରୋଗୀକୁ ଭେଣ୍ଟିଲେଟର ଆବଶ୍ୟକ ହୋଇଥାଏ। ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ କେତେ ଭେଣ୍ଟିଲେଟର ରହିଛି, ତାହା ସରକାର ଜଣାନ୍ତୁ ବୋଲି ଶ୍ରୀକାନ୍ତ ଦାବି କରିଛନ୍ତି।

# ଓଡିଶା ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ପକ୍ଷରୁ ରିଲିଫ୍ ପାଣ୍ଠିକୁ ଦାନ

**ଭୁବନେଶ୍ୱର,୧୬।୪**

କୋଭିଡ୍-୧୯ ଲଢେଇରେ ଯୋଗଦାନ ସ୍ୱରୂପ ଓଡିଶା ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩.୪୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ମ୍ୟୁଚୁଆଲ ଶିଳ୍ପ ସହ ଜଡିତ ୨୦୦ ଅଂଶୀଦାରଙ୍କ ଦାନ ଏହା ମଧ୍ୟରେ ସାମିଲ ରହିଛି। କୋଭିଡ-୧୯ ମାନବଜାତି ଏକ ବଡ ଚ୍ୟାଲେଞ୍ଜ ହୋଇଛି। ବର୍ତ୍ତମାନ ସମସ୍ତେ ଏହା ବିରୋଧରେ ମିଳିତ ହୋଇ ଲଢିବାର ଆବଶ୍ୟକତା ରହିଛି। ଅସୁବିଧାରେ ଥିବା ବ୍ୟକ୍ତି ବିଶେଷଙ୍କ ସହାୟତା ଲାଗି ଲୋକମାନେ ଆଗେଇ ଆସିବାକୁ ଶିଳ୍ପ ପକ୍ଷରୁ ନିବେଦନ କରାଯାଇଛି।

# ବୁଲା ପ୍ରାଣୀଙ୍କ ଖାଇବା ଲାଗି ସରକାର ଖର୍ଚ୍ଚ କରିବେ ୮୦ଲକ୍ଷ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ରାସ୍ତାରେ ବୁଲୁଥିବା କୁକୁର ଏବଂ ଅନ୍ୟ ପ୍ରାଣୀମାନଙ୍କ ଖାଇବା ଦାୟିତ୍ୱ ରାଜ୍ୟ ସରକାର ନିଜ ହାତକୁ ନେଇଛନ୍ତି। ସରକାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅର୍ଥ ଆଣି ଲକ୍‌ଡାଉନ ସମୟ ଶେଷ ହେବା ପର୍ଯ୍ୟନ୍ତ ବୁଲା ପଶୁଙ୍କୁ ଖାଦ୍ୟ ପ୍ରଦାନ କରିବେ। ମେ ୩ ତାରିଖ ପର୍ଯ୍ୟନ୍ତ ସରକାର ଖାଦ୍ୟ ପ୍ରଦାନ କରିବା ଲାଗି ଘୋଷଣା କରିଛନ୍ତି। ମତ୍ସ୍ୟ ସମ୍ପଦ ବିଭାଗ ସଚିବ ଆର୍. ରଘୁପ୍ରସାଦ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ମ୍ୟୁନିସିପାଲ କର୍ପୋରେଶନ, ୪୮ ମ୍ୟୁନିସିପାଲିଟି ଏବଂ ୬୧ ଏନ୍‌ଏସିରେ ଏହି ବ୍ୟବସ୍ଥା ଗ୍ରହଣ କରାଯିବ। ବୁଲା ପଶୁଙ୍କ ଖାଇବା ଲାଗି ମାନବ ସମ୍ବଳ, ଖାଦ୍ୟ ସରଞ୍ଜାମ ଆଦିର ବ୍ୟବସ୍ଥା ସରକାର କରିବେ। ଏହି ଦାୟିତ୍ୱ ଏନ୍‌ଜିଓ ଓ ପ୍ରାଣୀ ବିକାଶ ସଂସ୍ଥାକୁ ଯିବ। ଏହି କାର୍ଯ୍ୟ ଠିକ୍‌ରେ ପରିଚାଳନା କରିବାକୁ ୟୁଏଲ୍‌ବି(ଏନଏସି ଏବଂ ପୌରସଂସ୍ଥା) ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ କହିଛନ୍ତି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଲାଗି ସରକାର ୩ଲକ୍ଷ ୮୦ହଜାର, ଅନ୍ୟ ମ୍ୟୁନିସିପାଲ କର୍ପୋରେଶନ ଲାଗି ୭ଲକ୍ଷ ୬୦ହଜାର, ମ୍ୟୁନିସିପାଲିଟି ପାଇଁ ୪୫ଲକ୍ଷ ୬୦ହଜାର ଏନ୍‌ଏସି ଲାଗି ୨୩ଲକ୍ଷ ୧୮ ହଜାର ଖର୍ଚ୍ଚ ହେବ। ଏହିପରି ସରକାର ମୋଟ ୮୦ଲକ୍ଷ ୧୮ ହଜାର ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି।

**ଆଜିର ମନ୍ତବ୍ୟ**

"ଦାଦନ ଶ୍ରମିକ ଯେଉଁଠି ଅଛନ୍ତି ସେଇଠି ଥାଆନ୍ତୁ, ଲକ୍‌ଡାଉନ ଉଠିଲେ ସେମାନଙ୍କୁ ଘରେ ଛାଡ଼ିବା ବ୍ୟବସ୍ଥା କରାଯିବ।

**-ସୁଶୀଲ କୁମାର ମୋଦି, ବିହାର ଉପମୁଖ୍ୟମନ୍ତ୍ରୀ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମକ୍ଷେତ୍ରରେ ଚତୁଃଗ୍ରହଜନିତ ରାଜଯୋଗ ପ୍ରଭାବରୁ ଧୈର୍ଯ୍ୟ ଓ ସାହସିକତା ପ୍ରଦର୍ଶନ କରି ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁ ରୂପେ କରିପାରିବେ। ରବି ଓ ଶୁକ୍ରଙ୍କ ଶୁଭତ୍ୱ କାରଣରୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନରେ ଉନ୍ନତି ହେବ। ପରିବାରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ**
ଶୁକ୍ର ରାଶିରେ ରହିଥିବାରୁ ସ୍ୱାସ୍ଥ୍ୟ ଭଲ ରହିବା ସଙ୍ଗକୁ ମନୋରଞ୍ଜନର ମଉକା ମାନସିକ ସ୍ଥିତିକୁ ଖୁସୀ ରଖିବ। ଯାତ୍ରା,ବାଣିଜ୍ୟ,ପ୍ରତିଦ୍ୱନ୍ଦ୍ୱିତା,ପାରିବାରିକ ସମ୍ପର୍କ କ୍ଷେତ୍ରରେ ଉଚ୍ଚ ମାନର ସୁଫଳ ପାଇବେ। କିନ୍ତୁ ନିଜ କାମ ପଛକୁ ପକାଇ ପଡୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ।

**ମିଥୁନ**
ରବିଙ୍କ ପ୍ରଭାବରେ ଧନପାଇବେ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଉପକୃତ ହେବେ। କିନ୍ତୁ ଅଷ୍ଟମସ୍ଥ ଗ୍ରହଜନିତ ଅର୍ଥସମ୍ପର୍କୀୟ ସମସ୍ୟା କିମ୍ବା କଳହର ସମ୍ମୁଖୀନ ହେବାକୁ ପଡିପାରେ। ଘର କିମ୍ବା ଜମିଜମା,ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ଆଲୋଚନା କରିପାରନ୍ତି।

**କର୍କଟ**
ଏକାଧିକ ଗ୍ରହ ଗହଣରେ ଚନ୍ଦ୍ର ଦୈହିକ ଅସୁସ୍ଥତା କିମ୍ବା ମାନସିକ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିବ। ଭଲକାମ କଲେ ମଧ୍ୟ ବନ୍ଧୁବର୍ଗଙ୍କ ସମାଲୋଚନା କାରଣରୁ ଶାନ୍ତି ଭଗ୍ନ ହୋଇପାରେ। ଟଙ୍କା ପଇସା,ନେବା ଆଣିବା,ଦିଆ ନିଆ କ୍ଷେତ୍ରରେ ସତର୍କ ନ ରହିଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବାର ଆଶଙ୍କା ରହିଛି।

**ସିଂହ**
ମଙ୍ଗଳଗ୍ରହ ଷଷ୍ଠସ୍ଥାନସ୍ଥ ଯୋଗୁଁ ଅସ୍ୱସ୍ତିକର ପାରିପାର୍ଶ୍ୱିକ ପରିସ୍ଥିତି ମାନସିକ ଅସୁସ୍ଥତାର କାରଣ ହେବ। ବ୍ୟବସାୟ,ବାଣିଜ୍ୟ, ପରିବହନ,ଜମିଜମା କାରବାର,ନିର୍ମାଣ କ୍ଷେତ୍ରରୁ ଭଲ ଲାଭ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମ ଦେଖାଦେଇ ପାରେ।

**କନ୍ୟା**
ବୁଧ ଏକାଦଶରେ ଚନ୍ଦ୍ର ଥିବାରୁ ଆଜି ଯାହା ଚାହୁଁଛନ୍ତି ତାହା ତ ନିଶ୍ଚିତ ପାଇବେ କିନ୍ତୁ ପ୍ରଥମାବସ୍ଥାରେ ସମସ୍ୟା ଆସିବ। ଶତ୍ରୁତା କରୁଥିବା ଲୋକମାନେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ରାଜନୀତି,ସଂଗଠନ,ଆଲୋଚନା କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା**
ତୃତୀୟସ୍ଥ କେତୁ ବନ୍ଧୁସମ୍ପର୍କ ନଷ୍ଟ କରିପାରେ କିନ୍ତୁ ଜୀବନଚର୍ଯ୍ୟାରେ ଅସଂଗତି ଦୂର କରିବା ସକାଶେ ମନକୁ ଦୃଢ କରିପାରିବେ। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ବାକ୍‌ଯୁଦ୍ଧ ଲାଗି ଯାଇପାରେ। ସାହିତ୍ୟ ଚର୍ଚ୍ଚା, ଲେଖାପଢା ଓ ସାମ୍ବାଦିକତାରେ ପ୍ରଂଶସିତ ହେବେ। ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ପାପଗ୍ରହଯୁକ୍ତ ଚନ୍ଦ୍ର ହେତୁ ଅନାଗତ ଆଶଙ୍କାର ପରିକଳ୍ପନାରେ ମନ ଭାରାକ୍ରାନ୍ତ ରହିବ। ବାରମ୍ବାର ପୁନର୍ବିଚାର ବିନା କୌଣସି ଦୃଢ ପଦକ୍ଷେପ ନେବା ଠିକ୍ ହେବନି। ବାଣିଜ୍ୟ,ଆମଦାନୀ,ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମସ୍ୟା ବୃଦ୍ଧି ପାଇଲେ ମଧ୍ୟ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି।

**ଧନୁ**
ଏକାଧିକ ଗ୍ରହ ମୁଖଭାବରେ ଅବସ୍ଥାନ କରୁଥିବାରୁ ବାକ୍‌ସଂଯମତାର ଅଭାବ ବିଭିନ୍ନ ସମସ୍ୟାର କାରଣ ହେବ। ଆତ୍ମୀୟଙ୍କ ରୋଷର ଶିକାର ହେବା କାରଣରୁ କାମରେ ସହଯୋଗ ପାଇବା କଷ୍ଟକର ହୋଇପାରେ। କିନ୍ତୁ ଅଭାବନୀୟ ପରିବେଶରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମକର**
କର୍ମାଧିପ ସ୍ୱଗୃହରେ ରହିଥିବାରୁ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କିମ୍ବା ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶ କ୍ରମେ ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଲେଖାପଢା, ଗବେଷଣା,ଅନୁସନ୍ଧାନ ଏବଂ ରଚନାତ୍ମକ କାମରୁ ସୁଫଳ ମିଳିବ।

**କୁମ୍ଭ**
ଭାଗ୍ୟାଧିପଙ୍କ ଶୁଭତ୍ୱ କାରଣରୁ ଆପଣଙ୍କ ଆଶା ଓ ଅଭିଳାଷ ନିଶ୍ଚିତ ପୂରଣ ହୋଇଯିବ। ଆର୍ଥିକ ସ୍ଥିତି ସୁଦୃଢ ରହିବ, କିନ୍ତୁ ଋଣ ପରିଶୋଧ କରିବାରେ ପଛେଇ ଯିବେ। ଭୁଲ୍ ବୁଝାମଣାଜନିତ ପରିବହନରେ ଝଗଡାର ସମ୍ମୁଖୀନ ହୋଇପାରନ୍ତି। ନିର୍ମାଣ ବାଣିଜ୍ୟ ଏବଂ ବ୍ୟବସାୟରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**ମୀନ**
ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ। ଦୈନନ୍ଦିନ ବ୍ୟବସାୟିକ ସଂସ୍ଥା କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଅର୍ଥଲାଭ,କାର୍ଯ୍ୟ ସାଧନରୁ ଉପକୃତ ହୋଇପାରନ୍ତି। ଆଲୋଚନାରେ,ତର୍କ ବିତର୍କରେ ସଫଳତା ହାସଲ କରିପାରିବେ ନାହିଁ।

ଆଜି ବୈଶାଖ କୃଷ୍ଣ ଦଶମୀ ଶୁକ୍ରବାର, ଏପ୍ରିଲ ୧୭ ତାରିଖ, ବିଶ୍ୱ ହିମୋଫିଲିଆ ଦିବସ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୧୨.୧୮ମି.ଗତେ କୁମ୍ଭ ଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାତ୍ରୋ ବିବାହ, ପ୍ରାତଃ ଘ.୦୫.୩୦ମି.ଗତେ ଘ.୦୬.୨୦ମି.ମଧ୍ୟେ, ଘ.୦୭.୧୦ମି.ଗତେ ଘ.୦୯.୪୧ମି.ମଧ୍ୟେ, ଘ.୧୨.୧୧ମି.ଗତେ ଘ.୦୨.୪୧ମି.ମଧ୍ୟେ, ଘ.୦୪.୨୧ମି.ଗତେ ଘ.୦୬.୦୧ମି.ମଧ୍ୟେ, ସନ୍ଧ୍ୟା ଘ.୦୭ .୩୩ମି.ଗତେ ଘ.୦୯.୦୫ମି.ମଧ୍ୟେ, ଘ. ୦୧.୪୦ମି.ଗତେ ଘ.୦୩.୧୨ମି.ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୦୫ମି. ଗତେ ଘ.୦୩. ୦୯ମି. ମଧ୍ୟେ, ଘ.୦୩.୧୨ମି.ଗତେ ଘ. ୦୩.୫୮ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୨ମି.ଗତେ ଘ.୧୧.୪୬ମି.ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### କଳଙ୍କକୁ ବଢ଼ାଇଚାଲିଛି ...

ଗୋଟାଇବା ଓ ଡ୍ରେନ୍ ସଫା କରିବା। କରୋନା ଆସିବା ପୂର୍ବରୁ ମଧ୍ୟ ସେମାନଙ୍କୁ ଅଲଗା କରାଯାଇଥିଲା କେବଳ ସେମାନଙ୍କ ଜାତିକୁ ନେଇ।

ପୋଲ୍ଲାମା କହିଛନ୍ତି, ଆମକୁ ଏଠାରେ କଏଦୀଙ୍କ ଭଳି ବନ୍ଦୀ କରିଦିଆଯାଇଛି। ଆମେ ଏକ କ୍ଷୀର ଫ୍ୟାକ୍ଟ୍ରି ନିକଟରେ ରହୁଛୁ। ହେଲେ ମୋ ପିଲାମାନେ ଟୋପାଏ ବି କ୍ଷୀର ପିଇବାକୁ ପାଉନାହାନ୍ତି। ଆମକୁ ଅସ୍ୱଚ୍ଛ ବିବେଚନା କରାଯାଉଛି। ସେମାନେ କହୁଛନ୍ତି ଆମେ କୁଆଡ଼େ ରୋଗ ବିସ୍ତାର କରୁଛୁ। ସେ ଖାଦ୍ୟ ପାଇଁ ୧ କି.ମି. ଦୂର ବଜାରକୁ ଯାଉଥିବାବେଳେ ତାଙ୍କୁ ଉଚ୍ଚଜାତିର ଗୋଷ୍ଠୀ ନେତାମାନେ ଅଟକାଇଥିଲେ ବୋଲି ପୋଲ୍ଲାମା କ୍ଷୋଭବ୍ୟକ୍ତ କରିଛନ୍ତି।

୧୯୫୦ରେ ଭାରତରେ ଜାତି ବ୍ୟବସ୍ଥା ଆନୁଷ୍ଠାନିକ ଭାବେ ଉଚ୍ଛେଦ ହୋଇଥିଲା। କିନ୍ତୁ ଏହି ୨,୦୦୦ ବର୍ଷ ପୁରୁଣା ସାମାଜିକ ଅନୁକ୍ରମ ଲୋକଙ୍କ ଉପରେ ଥୋପି ଦିଆଯାଇଛି। ଜନ୍ମ ଆଧାରରେ ଲଦି ଦିଆଯାଇଥିବା ଏହି କଳଙ୍କିତ ପରମ୍ପରା ଅଦ୍ୟାବଧି ଜୀବନର ଅନେକ କ୍ଷେତ୍ରରେ ଜାରି ରହିଛି। ଜାତି ପ୍ରଥା ହିନ୍ଦୁମାନଙ୍କୁ ଜନ୍ମ ଆଧାରରେ ବର୍ଗୀକୃତ କରିଥାଏ। ସମାଜରେ ସେମାନଙ୍କ ସ୍ଥାନ, ସେମାନେ କ'ଣ କରିପାରିବେ ଓ କାହାକୁ ବାହା

ହୋଇପାରିବେ ଆଦି ବିଷୟକୁ ନିର୍ଦ୍ଧାରିତ କରିଥାଏ। ମୁଖ୍ୟ ଚାରି ବର୍ଣ୍ଣ (ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର)ରୁ ବାଦ୍ ପଡୁଥିବା ଏହି ଶ୍ରେଣୀବଦ୍ଧ ଢାଞ୍ଚାର ତଳସ୍ତରରେ ଥିବା ଲୋକଙ୍କୁ 'ଅସ୍ପୃଶ୍ୟ' ବା ଦଳିତ ବୋଲି ବିବେଚନା କରାଯାଏ। ଭାରତୀୟ ସମ୍ବିଧାନରେ ଦେଶର ମୋଟ ୧ କୋଟି ୩୦ ଲକ୍ଷ ଜନସଂଖ୍ୟାର ୧୫% ଲୋକଙ୍କୁ ତଫସିଲଭୁକ୍ତ ଜାତି (ଦଳିତ) ଓ ତଫସିଲଭୁକ୍ତ ଉପଜାତି (ଆଦିବାସୀ) ଭାବେ ବର୍ଗୀକୃତ କରାଯାଇଛି। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଦୀର୍ଘ ଶତାବ୍ଦୀ ଧରି ବଞ୍ଚିତ ହୋଇଆସିଥିବା ଆଦିବାସୀମାନେ ସ୍ୱଦେଶୀ ଭାରତୀୟ। ଏହି ଉଭୟ ଗୋଷ୍ଠୀଙ୍କୁ କାଳ କାଳ ଧରି ସାମାଜିକ ବାସନ୍ଦ କରାଯାଇଆସିଛି। କିନ୍ତୁ କରୋନା ଭାଇରସ୍‌ର ଦ୍ରୁତ ସଂକ୍ରମଣ ଓ ଏହାକୁ ରୋକିବା ଲାଗି ନିଆଯାଉଥିବା ପଦକ୍ଷେପ ସେମାନଙ୍କ ଅବସ୍ଥାକୁ ଆହୁରି ସଙ୍ଗିନ କରିଛି। ଶହ ଶହ ବର୍ଷ ଧରି ଦଳିତ ଏବଂ ଆଦିବାସୀମାନଙ୍କୁ ମିଳିଥିବା ସଫେଇ କର୍ମୀ, ମେହନ୍ତର ଓ ଆବର୍ଜନା ଗୋଟାଳି ଭଳି କାମ ସେମାନଙ୍କ ଜୀବନକୁ ବଡ଼ ବିପଦ ଭିତରକୁ ଠେଲି ଦେଇଛି। ସଂକ୍ରମଣ ସମୟରେ ସେମାନଙ୍କ କାର୍ଯ୍ୟକୁ ଭାରତ ସରକାରଙ୍କ ଦ୍ୱାରା ଜରୁରୀ ସେବା ଭାବେ ପରିଗଣିତ ହେଉଛି। କିନ୍ତୁ ସେମାନଙ୍କୁ କୋଭିଡ୍-୧୯ ବିରୋଧରେ ଲଢ଼େଇ କରିବା ପାଇଁ ପର୍ଯ୍ୟାପ୍ତ ଉପକରଣ ଦିଆଯାଇ ନ ଥିବା କୁହାଯାଉଛି। ସେମାନେ ରୁଗ୍ଣ ହୋଇଗଲେ ଏପରି କୌଣସି ସାମାଜିକ ନିରାପତ୍ତା ନାହିଁ, ଯାହା ଏହି ବର୍ଗର ଲୋକେ ଆହୁରି ଉତ୍କଟ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯିବେ ନାହିଁ ସୁନିଶ୍ଚିତ କରିବ। ୧୯୧୮ରେ ଭାରତକୁ ସ୍ପାନିଶ୍ ଫ୍ଲୁ ମାଡ଼ିଆସିଥିବାବେଳେ ପ୍ରାୟ ୧ କୋଟି ୭୦ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା। ସେତେବେଳେ କିଏ ସ୍ୱାସ୍ଥ୍ୟସେବା ପାଇବ ଓ କିଏ ମରିବ ସେନେଇ ଜାତିପ୍ରଥା ମୁଖ୍ୟ ଭୂମିକା ନେଇଥିଲା। ବସ୍ତିରେ ରହୁଥିବା ନୀଚ ଜାତିର ଲୋକେ ଅଧିକ ସଂକ୍ରମିତ ହୋଇଥିଲେ ଓ ଅନାହାରରେ ମୃତ୍ୟୁ ମୁଖରେ ପଡ଼ିଥିଲେ ବୋଲି ଏହି ମହାମାରୀ ସମ୍ପର୍କରେ ବ୍ୟାପକ ଅଧ୍ୟୟନ କରିଥିବା ଐତିହାସିକ ଡାଭିଡ୍ ଆର୍ନୋଲ୍ଡ ପ୍ରକାଶ କରିଥିଲେ। 'ରାଇଡିଂ ଦି ଟାଇଗର'ର ଲେଖକ ତଥା ଐତିହାସିକ ଅମିତ୍ କପୁରଙ୍କ ମତରେ ୬୧ଟି ନୀଚ ଜାତିର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା ମହାମାରୀ।

### ସମାଧାନ ନୁହେଁ ...

ଆପଣାଇବାକୁ ହେବ ତାହା ଜରୁରୀ। କାରଣ ଲକ୍‌ଡାଉନ ପରେ ସଂକ୍ରମଣ ବଢ଼ିବ। ସେଥିପାଇଁ ଅବିଳମ୍ବେ ପଦକ୍ଷେପ ନିଆଯିବାକୁ ସେ ପରାମର୍ଶ ଦେଇଛନ୍ତି।

କଂଗ୍ରେସ ନେତା ଆହୁରି କହିଛନ୍ତି, କରୋନା ମହାମାରୀ ଦେଶର ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିଛି। ବହୁସଂଖ୍ୟାରେ ଲୋକ ନିଯୁକ୍ତି ହରାଇଛନ୍ତି। ଆଗକୁ ପରିସ୍ଥିତି ଆହୁରି ଖରାପ ହେବାକୁ ଯାଉଛି। ତେଣୁ ଏସ୍‌ଏମ୍‌ଇ ଏବଂ ବୃହତ୍ କମ୍ପାନୀଗୁଡ଼ିକ ଲାଗି ପ୍ୟାକେଜ୍ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କଂଗ୍ରେସର ପ୍ରସ୍ତାବିତ ନ୍ୟାୟ ଯୋଜନା ଆଧାରରେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିବା ୨୦ ପ୍ରତିଶତ ଗରିବଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବା ପାଇଁ ରାହୁଲ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଆଗକୁ ଆର୍ଥିକ ସଙ୍କଟ ଗୁରୁତର ହେବାକୁ ଥିବାରୁ ଷ୍ଟ୍ରକ୍ଚର ଓ ମ୍ୟାନେଜିଂ ଫଣ୍ଡ ସ୍ଥାପନ କରିବାକୁ ସେ କହିଛନ୍ତି।

### ଏନ୍‌ଡିଆର୍‌ଏଫ୍ ଭଳି ...

ରଖାଯାଇଛି। ଏଥିସହିତ ରୋଗ ପ୍ରତିରୋଧକ ଶକ୍ତି ଗବେଷଣା କେନ୍ଦ୍ର ସ୍ଥାପନ କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ରାଜ୍ୟରେ ମେଡିକାଲ ଉପକରଣ ପ୍ରସ୍ତୁତ କାରଖାନା ସ୍ଥାପନ କରିବା ନେଇ ମଧ୍ୟ ବୈଠକରେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟରେ ତାଲିମ ଓ ଦକ୍ଷତା ବୃଦ୍ଧିକୁ କିପରି ଅଧିକ ତ୍ୱରାନ୍ୱିତ କରାଯାଇ ପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିବା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

### ଶାସକ ଦଳ ...

ଭୋଟ ଦେବା ପୂର୍ବରୁ ନାଗରିକଙ୍କ ତାମପାତ୍ରା ଯାଞ୍ଚ କରାଯିବା ସହ ହାତ ସାନିଟାଇଜ କରାଯାଇଥିଲା ଏବଂ ପ୍ଲାଷ୍ଟିକ୍ ଗ୍ଲୋଭ୍ ପିନ୍ଧିବାକୁ ଦିଆଯାଇଥିଲା। କ୍ୱାରାଣ୍ଟାଇନରେ ଥିବା ୧୩ ହଜାର ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

### ହିନ୍ଦୁ, ମୁସ୍‌ଲିମ ରୋଗୀଙ୍କ...

ନୀତିନ ପଟେଲ କହିଥିଲେ, ଏପରି କିଛି ଘଟିନାହିଁ। ଲୋକଙ୍କୁ ଯାହା ଦରକାର ସମସ୍ତ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ପ୍ରକାଶ ଯେ, ଭାଜପା ଉଭୟ ଗୁଜରାଟ ଓ କେନ୍ଦ୍ରରେ କ୍ଷମତାସୀନ ଅଛି। ନରେନ୍ଦ୍ର ମୋଦି ୨୦୧୪ରେ ଭାରତର ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ୨୦୦୧ରୁ ୧୩ ବର୍ଷ ଧରି ଏହି ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ।



ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ କରୋନା ମହାମାରୀର ପ୍ରଭାବ ପଡ଼ିଛି। ରୋହିତ ସେଟ୍ଟୀ ଇଣ୍ଡଷ୍ଟ୍ରିରେ କାମ କରୁଥିବା ଛୋଟ ଫଟୋଗ୍ରାଫରଙ୍କ ଆକାଉଣ୍ଟରେ ଟଙ୍କା ପଠାଇ ସେମାନଙ୍କୁ ସାହାଯ୍ୟ କରିଛନ୍ତି। ଲକ୍‌ଡାଉନ୍ ଯୋଗୁ ସବୁ ବନ୍ଦ ହୋଇଯାଇଛି। କାମ ବନ୍ଦ ହେବାରୁ ସେମାନେ ଏକପ୍ରକାର ବେରୋଜଗାର ହୋଇପଡ଼ିଛନ୍ତି। ଦୁଇଓଳି ଖାଇବା ପାଇଁ ମଧ୍ୟ ସେମାନଙ୍କ ପାଖେ ସକ୍ଷମତା ନାହିଁ। ଏହି ବିପଦ ସମୟରେ ରୋହିତ ସେମାନଙ୍କର ସାହାରା ବନିଛନ୍ତି।

# ଚଟାଣରେ ସକ୍ରିୟ ରୁହେ ଭୂତାଣୁ



ନୂଆଦିଲ୍ଲୀ/ନ୍ୟୁୟର୍କ: କରୋନା ସଂକ୍ରମଣକୁ ରୋକିବା ପାଇଁ ସାନିଟାଇଜ୍ କରିବା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ତେବେ ଘର ଚଟାଣରେ କରୋନା ଭୂତାଣୁ ବହୁଦିନ ପର୍ଯ୍ୟନ୍ତ ସକ୍ରିୟ ରହିପାରେ ବୋଲି ଗବେଷକ କହିଛନ୍ତି। ସେଥିଲାଗି ଉପଯୁକ୍ତ ଡିସ୍‌ଇନ୍‌ଫେକଟାଣ୍ଟ ସ୍ପ୍ରେ କରି ୧୦ ମିନିଟ୍ ପରେ ଚଟାଣ ସଫା କରିବା ଆବଶ୍ୟକ। ସପ୍ତାହରେ ୩-୪ ଥର ଏପରି କରିବା ଜରୁରୀ। ସେହିପରି ଶୋରୁମ୍‌ର ଚଟାଣ ପ୍ରତିଦିନ ୨ ଥର ସଫା କରିବା ଦରକାର ବୋଲି ଗବେଷକମାନେ ମତପୋଷଣ କରିଛନ୍ତି। ଘରେ ବ୍ଲିଚିଂ ପାଉଡରକୁ ପାଣିରେ ମିଶାଇ ଏହାଦ୍ୱାରା ଚଟାଣ ସଫା କଲେ କରୋନା ଭୂତାଣୁ ନଷ୍ଟ ହୋଇଯାଇଥାଏ। ସାଧାରଣତଃ କରୋନା ଭୂତାଣୁର ପିଏଚ୍ ସ୍ତର ୫.୫ରୁ ୮.୫ ମଧ୍ୟରେ ହୋଇଥାଏ। ତେଣୁ ଏହାଠାରୁ ଅଧିକ ଏସିଡିକ୍ ଡିସ୍‌ଇନ୍‌ଫେକଟାଣ୍ଟ ସ୍ପ୍ରେ କଲେ ଭୂତାଣୁ ଉପରେ ଥିବା ଜେନେଟିକ୍ ଆର୍‌ଏନ୍‌ଏ ଆବରଣ ନଷ୍ଟ ହୋଇଯାଇଥାଏ ବୋଲି ଗବେଷକ କହିଛନ୍ତି।

## ପୁଅକୁ କଥକ ଶିଖାଉଛନ୍ତି ମାଧୁରୀ



ମୁମ୍ବାଇ: କରୋନା ଭାଇରସ୍ ଯୋଗୁ ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିବାରୁ ଏବେ ସମସ୍ତେ ପ୍ରାୟ ଘରେ ସମୟ କାଟୁଛନ୍ତି। ବଲିଉଡ୍ ସେଲିବ୍ରିଟିମାନେ ମଧ୍ୟ ଏବେ ଘରେ ରହି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭିଡିଓ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ନିକଟରେ ବଲିଉଡ୍ ଧକ୍‌ଧକ୍ ଗର୍ଲ ମାଧୁରୀ ଦୀକ୍ଷିତ ଏମିତି ଏକ ଭିଡିଓ ଶେୟାର କରିଛନ୍ତି, ଯାହା ତାଙ୍କ ପ୍ରଶଂସକଙ୍କ ମନକୁ ପାଇଛି। ଏଥିରେ ମାଧୁରୀ ତାଙ୍କ ପୁଅକୁ କଥକ ନୃତ୍ୟ ଶିଖାଉଥିବା ଦେଖାଯାଇଛି। ବଲିଉଡ୍‌ର ଜଣେ ଭଲ ଡ୍ୟାନ୍ସର ଭାବେ ଦର୍ଶକଙ୍କ ବେଶ୍ ପସନ୍ଦ ମାଧୁରୀ। ଏବେ ସେ ଜଣେ ଭଲ ଶିକ୍ଷୟିତ୍ରୀ ଭାବେ ନିଜ ପୁଅକୁ ନୃତ୍ୟ ଶିଖାଉଥିବା ଦେଖାଯାଇଛି। ନିଜେ ପାଦରେ ଘୁଙ୍ଗୁର ବାନ୍ଧିବା ସହ ଯେଉଁ ଷ୍ଟେପ୍ ଦେଖାଉଛନ୍ତି ପୁଅ ମଧ୍ୟ ଜଣେ ଭଲ ଛାତ୍ର ଭାବେ ଏହାକୁ ରିପିଟ୍ କରୁଥିବା ଦେଖାଯାଇଛି। ନୃତ୍ୟ ମାଧୁରୀଙ୍କ ପ୍ରଥମ ପସନ୍ଦ ବୋଲି କୁହାଯାଉଥିବା ବେଳେ ସେ ତାଙ୍କ ପରିବାରକୁ ମଧ୍ୟ ସେତିକି ଭଲ ପାଆନ୍ତି



ବୋଲି କୁହାଯାଏ। ଏବେ ଅବସର ସମୟ ମିଳିଥିବାରୁ ସେ ପିଲାମାନଙ୍କ ସହ ସମୟ କାଟୁଥିବା ନଜର ଆସିଛି। ଏହି ଭିଡିଓକୁ ତାଙ୍କ ପ୍ରଶଂସକମାନେ ଖୁବ୍ ପସନ୍ଦ କରିଥିବା ବେଳେ ଏହାକୁ ନେଇ ଭିନ୍ନ ଭିନ୍ନ କମେଣ୍ଟ ଆସୁଥିବା ଦେଖିବାକୁ ମିଳିଛି।

## କାଶରୁ ବି ଚିହ୍ନିହେବେ କରୋନା ରୋଗୀ



ବେଙ୍ଗାଲୁରୁ: କରୋନା ସଂକ୍ରମଣକୁ ଦୂରେଇବା ପାଇଁ ବହୁବିଧ ସଚେତନତା ଏବଂ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦିଆଯାଉଛି। ସଂକ୍ରମିତଙ୍କୁ ଚିହ୍ନଟ କରିବା ଲାଗି ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନ(ଆଇଆଇଏସ୍‌ସି) ପକ୍ଷରୁ ଏକ ନୂଆ ପ୍ରକାରର ଉପକରଣ ନିର୍ମାଣ କରାଯାଇଛି। ଏହି ଉପକରଣ କାଶ ଏବଂ ନିଃଶ୍ୱାସପ୍ରଶ୍ୱାସ ଶୈଳୀରୁ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରିବାକୁ ସକ୍ଷମ ହେବ ବୋଲି ଆଇଆଇଏସ୍‌ସି କହିଛି। ଏହାଦ୍ୱାରା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସଂକ୍ରମଣର ଆଶଙ୍କା ରହିବ ନାହିଁ। ଏହି ଉପକରଣ ଦ୍ୱାରା ନିଶ୍ୱାସପ୍ରଶ୍ୱାସ ତରଙ୍ଗ ଏବଂ କାଶରୁ ଏକ ବାୟୋମାର୍କର ପ୍ରସ୍ତୁତ କରାଯିବ। ଏନେଇ ୮ ଜଣ ଗବେଷକ ଗବେଷଣା ଜାରି ରଖିଛନ୍ତି। ନିଃଶ୍ୱାସପ୍ରଶ୍ୱାସ ତରଙ୍ଗ ଏବଂ କାଶକୁ ୫ ମିନିଟ୍ ପର୍ଯ୍ୟନ୍ତ ରେକର୍ଡିଂ କରାଯିବା ପରେ କରୋନା ସଂକ୍ରମଣ ହୋଇଛି କି ନାହିଁ ତାହା ପରୀକ୍ଷା କରାଯିବ। ଗବେଷଣାରୁ ମିଳିଥିବା ଜ୍ଞାନକୁ ପୃଥିବୀର ଅନ୍ୟ ଦେଶର ବୈଜ୍ଞାନିକଙ୍କୁ ଜଣାଇ ଦିଆଯିବ, ଯାହାଦ୍ୱାରା କରୋନ ସହିତ ଲଢ଼େଇ କରିବାରେ ସହଜ ହେବ ବୋଲି ଆଇଆଇଏସ୍‌ସିର ପ୍ରଫେସର ଶ୍ରୀରାମ ଗଣପତି ସୂଚନା ଦେଇଛନ୍ତି।

## ସଂକ୍ରମଣ ପୂର୍ବରୁ ପାଦରେ ଦେଖାଦିଏ ଲାଲ୍ ଦାଗ



ମାଦ୍ରିଦ୍: କରୋନା ସଂକ୍ରମଣ ପୂର୍ବରୁ ଶରୀରରେ କେତେକ ଲକ୍ଷଣ ଦେଖାଦେଇଥାଏ। ସେସବୁ ମଧ୍ୟରେ ଥଣ୍ଡା, କାଶ, ସର୍ଦ୍ଦି, ଜ୍ୱର, ଗଳା ଦରଜ ଆଦି ରହିଛି। ଏହାସହିତ କେତେକଙ୍କ ଘ୍ରାଣଶକ୍ତି କମି ଯାଉଥିବା କୁହାଯାଉଛି। ସେହିପରି କିଛି ଲୋକଙ୍କଠାରେ ଆଖି ପୋଡ଼ିବା ସମସ୍ୟା ମଧ୍ୟ ଦେଖାଦେଇଥାଏ। ତେବେ ଏହା ସହିତ ପାଦରେ ରକ୍ତ ଜମାଟ ବାନ୍ଧିବା ଭଳି ଦାଗ ମଧ୍ୟ ଦେଖାଦେଇଥାଏ ବୋଲି ସ୍ପେନ୍‌ର କେତେକ ଗବେଷକ ସୂଚନା ଦେଇଛନ୍ତି। ଏନେଇ ଏକ ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି। ମିଳିମିଳା ଭଳି ଲାଲ୍ ଲାଲ୍ ଦାଗ ପାଦରେ କରୋନା ସଂକ୍ରମଣ ପୂର୍ବରୁ ଦେଖାଦେଇଥାଏ। ଇଟାଲି, ସ୍ପେନ୍ ଏବଂ ଫ୍ରାନ୍ସର ବହୁ ଲୋକଙ୍କଠାରେ ଏଭଳି ଲକ୍ଷଣ ଦେଖାଦେଇଥିବା ସ୍ପାନିଶ୍ ଜେନେରାଲ କାଉନସିଲ୍ ଅଫ୍ ଅଫିସିଆଲ୍ ପେଡ଼ିଆଟ୍ରିକ୍ କଲେଜର ଗବେଷକ ଦାବି କରିଛନ୍ତି। ଏପରି ଲକ୍ଷଣ ଦେଖାଦେବା ପରେ ଶୀଘ୍ର ଚିକିତ୍ସା କଲେ ସଂକ୍ରମିତ ସୁସ୍ଥ ହୋଇପାରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## କର୍ତ୍ତବ୍ୟ ଆଗରେ ହାର୍ ମାନିଛି ସମ୍ପର୍କ

**ଫ୍ଲୋରିଡା:** କରୋନା ଚିକିତ୍ସା କରୁଥିବା ଡାକ୍ତରମାନେ କିଭଳି ବ୍ୟକ୍ତିଗତ ଜୀବନର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ କର୍ତ୍ତବ୍ୟ କରୁଛନ୍ତି, ତାହାର ଏକ ଭାବପ୍ରବଣ ଦୃଶ୍ୟ ଦେଖିବାକୁ ମିଳିଛି ଫ୍ଲୋରିଡାର ଟାମ୍ପା ଜେନେରାଲ୍ ହସ୍ପିଟାଲରେ। ଆମେରିକାରେ କରୋନା ଭାଇରସ୍ ମାରାତ୍ମକ ସ୍ଥିତିରେ ପହଞ୍ଚିଥିବାରୁ ସେଠାରେ ଡାକ୍ତରମାନେ ମାସ ମାସ ଧରି ପରିବାର ଲୋକଙ୍କ ଠାରୁ ଦୂରେଇ ରହି ଚିକିତ୍ସା କରିଚାଲିଛନ୍ତି। ଏମିତିକି ହସ୍ପିଟାଲରେ ଥିବା ଦୁଇ ଡାକ୍ତର ଦମ୍ପତି ମଧ୍ୟ ପରସ୍ପରକୁ ସମୟ ଦେଇପାରୁନାହାନ୍ତି। ଫ୍ଲୋରିଡାର ଟାମ୍ପା ଜେନେରାଲ ହସ୍ପିଟାଲରେ ଡାକ୍ତର ବେନ୍ କେୟର ଓ ତାଙ୍କ ପତ୍ନୀ ମିଣ୍ଡି ବ୍ରକ ଏକାଠି କାମ କରନ୍ତି। କିନ୍ତୁ ଗୋଟିଏ ହସ୍ପିଟାଲରେ ଥାଇ ବି ସେମାନେ ପରସ୍ପର ସହିତ ଏକାଠି ରହି ପାରୁନାହାନ୍ତି। ହସ୍ପିଟାଲରେ ଥରେ ଏକ ସର୍ଜରୀ ରୁମ୍‌ରେ ଏହି ଦମ୍ପତିଙ୍କ ପରସ୍ପର ସହିତ ଭେଟ ହୋଇଛି। ଉଭୟ ପରସ୍ପରକୁ ସ୍ୱତନ୍ତ୍ର ପୋଷାକ ପିନ୍ଧିଥିବାବେଳେ ଦେଖା କରିଛନ୍ତି। ତେଣୁ ପାଖରେ ଥାଇ ବି ସେମାନେ ପରସ୍ପରକୁ ଛୁଇଁପାରୁ ନାହାନ୍ତି କି ଏକାଠି ହୋଇପାରୁ ନାହାନ୍ତି। କେବଳ ଆଖିରେ ଆଖି ମିଶାଇ ସେମାନେ ପରସ୍ପରକୁ ଚାହିଁ ରହିଛନ୍ତି। ଏହି ସମୟର ଦୃଶ୍ୟକୁ ନର୍ସମାନେ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି।

ଡାକ୍ତର ଦମ୍ପତିଙ୍କ ଏହି ଫଟୋ ଏବେ ସାରା ବିଶ୍ୱରେ ଲୋକଙ୍କୁ ଭାବପ୍ରବଣ କରିଛି। ଡାକ୍ତର କେୟରଙ୍କ ମତରେ ସେ ଓ ତାଙ୍କ ପତ୍ନୀ ଉଭୟଙ୍କ ଜୀବନ ଏକ ଭିନ୍ନ ସମୟ ଦେଇ ଗତି କରୁଛି, ଯେଉଁଠି କେବଳ କର୍ତ୍ତବ୍ୟ ଆଗରେ ଆଉ କିଛି ଦେଖା ଯାଉନାହିଁ। ଉଭୟ ପାଞ୍ଚ ବର୍ଷ ତଳେ ବିବାହ କରିଥିଲେ। କିନ୍ତୁ କରୋନା ଭାଇରସ୍ ଆସିବା ପରଠାରୁ ସେମାନେ କୋଭିଡ-୧୯ ହସ୍ପିଟାଲରେ କାମ କରୁଛନ୍ତି। କରୋନା ରୋଗୀ ଏବଂ ଡାକ୍ତରମାନେ କିଭଳି ଅବସ୍ଥାରେ କେଉଁ ମାନସିକ ସ୍ଥିତିରେ ରହୁଛନ୍ତି, ତାହା କେବଳ ଦେଖିବାଲୋକେହିଁ ବିଶ୍ୱାସ କରିପାରିବ।



ଡାକ୍ତର ଦମ୍ପତିଙ୍କ ଭାବପ୍ରବଣ ସାକ୍ଷାତ

## ଦେଢ଼ ଲକ୍ଷରେ ପୋର୍ଟେବୁଲ୍ ଭେଣ୍ଟିଲେଟର



ନଏଡ଼ା: କରୋନା ଭାଇରସ୍ ଚିକିତ୍ସାରେ ସୁବିଧା ଲାଗି ମାତ୍ର ଦେଢଲକ୍ଷ ଟଙ୍କାରେ ଏକ ଭେଣ୍ଟିଲେଟର ତିଆରି କରିଛନ୍ତି ଉତ୍ତରପ୍ରଦେଶର ନଏଡା ଅନ୍ତର୍ଗତ ସେକ୍ଟର-୭ରେ ଥିବା ଏଗବା ମେଡିକିୟୋର କମ୍ପାନୀ। ଦେଶର ଅଗ୍ରଣୀ କାର୍ ନିର୍ମାତା କମ୍ପାନୀ ମାରୁତି ସୁଜୁକିର ସହାୟତାରେ ଏହି କମ୍ପାନୀ ଭେଣ୍ଟିଲେଟର ତିଆରି କରିଛି। ଏହି ପୋର୍ଟେବୁଲ ଭେଣ୍ଟିଲେଟରକୁ ବ୍ୟବହାର କରିବା ବହୁତ ସହଜ। ଟର୍ବାଇନ୍‌ଯୁକ୍ତ ଏହି ଭେଣ୍ଟିଲେଟରକୁ ଘର, ଟ୍ରେନ କିମ୍ବା ହୋଟେଲ ଆଦି ଯେକୌଣସି ସ୍ଥାନକୁ ସହଜରେ ନେବାଆଣିବା କରିହେବ। ବିଜୁଳି ନ ଥିବା ସମୟରେ ବି ଏହା ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ପାୱାର ବ୍ୟାକ୍‌ଅପ୍ ମାଧ୍ୟମରେ କାମ କରିବ। ଏହା ମାତ୍ର ଅଢେଇ କିଲୋଗ୍ରାମ ଓଜନର। ଅନ୍ୟ ଭେଣ୍ଟିଲେଟରଗୁଡ଼ିକ ୮ ରୁ ୧୦ ଲକ୍ଷ ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ ଏହାର ମୂଲ୍ୟ ମାତ୍ର ଦେଢ ଲକ୍ଷ ଟଙ୍କା। ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏହି କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ଏକ ହଜାର ଭେଣ୍ଟିଲେଟର ତିଆରି କରିଛି ଏବଂ ଆଗକୁ ଅଧିକ ତିଆରି କରିବା ପାଇଁ ଲକ୍ଷ୍ୟ ରଖିଛି।

## ଜାହ୍ନବୀ-ଖୁସୀଙ୍କ ପ୍ରଥମ ଟିକ୍‌ଟକ୍ ଭିଡିଓ

ମୁମ୍ବାଇ: ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା ଜାରି ହୋଇଛି। ସବୁଲୋକ ଏକପ୍ରକାର ବନ୍ଦହୋଇ ରହିଥିବାବେଳେ ବଲିଉଡ୍ ତାରକାମାନେ ଏଥିରୁ ବାଦ୍ ପଡ଼ିନାହାନ୍ତି। ଏହି ସମୟକୁ ସମସ୍ତେ ଭିନ୍ନ ଢଙ୍ଗରେ କିଛି ନା କିଛି କରି ବିତାଉଛନ୍ତି। ତେବେ ଲକ୍‌ଡାଉନ୍ ଘୋଷଣା ପୂର୍ବରୁ ଜାହ୍ନବୀଙ୍କ ଭଉଣୀ ଖୁସୀ କପୁର ନିଜ ଘରକୁ ଆସିଥିଲେ। ଦୁଇ ଭଉଣୀ ଖୁସୀ ଏବଂ ଜାହ୍ନବୀ ମସ୍ତ ଭାବେ ନିଜ କ୍ୱାଲିଟି ସମୟ ବିତାଉଛନ୍ତି। ଦୁଇ ଜଣ ବହୁତ ଫ୍ରେଣ୍ଡ୍‌ଲି। ସବୁକଥା ଶେୟାର ମଧ୍ୟ କରନ୍ତି। ଜାହ୍ନବୀ ଏବଂ ଖୁସୀ କିଛି ଦିନ ତଳେ ଏକ ଟିକ୍-ଟକ୍ ଭିଡିଓ କରି ସୋସିଆଲ ସାଇଟ୍‌ରେ ଶେୟାର କରିଛନ୍ତି। ଏହି ଭିଡିଓଟି ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଦୁଇଭଉଣୀ କେତେକ ଫନୀ ପ୍ରଶ୍ନର ଉତ୍ତର ଦେଉଥିବା ଦେଖିବାକୁ ମିଳିଛି। ଖୁସୀ ପୂର୍ବରୁ ଟିକ୍ ଟକ୍‌ରେ ନ ଥିଲେ। ତେବେ ଫ୍ୟାନ୍‌ମାନେ ଏହାକୁ ବେଶ୍ ପସନ୍ଦ ମଧ୍ୟ କରୁଛନ୍ତି। ଖୁସୀଙ୍କୁ ଏହି ଭିଡିଓଟି ଏତେ ଭଲ ଲାଗିଛି ଯେ, ଜାହ୍ନବୀଙ୍କ ପୂର୍ବରୁ ସେ ସବୁ ସୋସିଆଲ ସାଇଟ୍‌ରେ ଏହାକୁ ଶେୟାର କରିଛନ୍ତି। ପ୍ରଶ୍ନ ମଧ୍ୟରୁ ଦୁହିଁଙ୍କ ମଧ୍ୟରୁ ବହୁତ ଷ୍ଟାଇଲିଶ୍ କିଏ, କିଏ ଆଗ ବିବାହ କରିବ ଏବଂ ଦୁହିଁଙ୍କ ମଧ୍ୟରୁ ଅଧିକ ଖର୍ଚ୍ଚ କିଏ କରେ ଏମିତି ଅନେକ ପ୍ରଶ୍ନର ଉତ୍ତର ଦୁହେଁ ଦୁହିଁଙ୍କୁ ଦେଇଛନ୍ତି।



## ଘରେ ମଦ ପହଞ୍ଚାଉଛି କୁକୁର



**ୱାଶିଂଟନ୍:** କରୋନା ଭାଇରସ୍ ସମଗ୍ର ବିଶ୍ୱରେ କାୟାବିସ୍ତାର କରିଚାଲିଛି। ଏହାକୁ ରୋକିବା ପାଇଁ ଅଧିକାଂଶ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏଥିରୁ ମଧ୍ୟ ବାଦ୍ ପଡ଼ିନି ଆମେରିକା। ଏଠାରେ ମଧ୍ୟ ଲକ୍‌ଡାଉନ୍ ଜାରି ହୋଇଛି। ଏଭଳି ପରିସ୍ଥିତିରେ ଲୋକମାନେ କରୋନା ସଂକ୍ରମଣରୁ ରକ୍ଷାପାଇବା ପାଇଁ ସତର୍କତା ଅବଲମ୍ବନ କରୁଛନ୍ତି। ଆମେରିକାର ମେରିଲ୍ୟାଣ୍ଡର ଏକ ମଦ ଦୋକାନ ସାମାଜିକ ଦୂରତାର ସମସ୍ତ ନିୟମ ଅନୁସରଣ କରି ଗ୍ରାହକଙ୍କୁ ମଦ ବିତରଣ କରିବାର ଏକ ନୂତନ ଉପାୟ ଅବଲମ୍ବନ କରୁଛି। ବାସ୍ତବରେ, ଏକ କୁକୁର କ୍ୱାରାଣ୍ଟାଇନ୍ ସମୟରେ ଲୋକମାନଙ୍କୁ ମଦ ପରିବହନ କରୁଛି। ସୋଡା ନାମକ ଏହି କୁକୁରକୁ ମଦ ଦୋକାନରେ ସାହାଯ୍ୟ କରିବା ପାଇଁ ରଖାଯାଇଛି। କୁକୁର ମାଧ୍ୟମରେ ଗ୍ରାହକଙ୍କ ନିକଟରେ ମଦ ସହଜରେ ପହଞ୍ଚିପାରୁଛି। 'ଷ୍ଟୋନ୍ ଅର୍ବାନ ୱାଇନାରୀ' ପକ୍ଷରୁ ନିଜର ଫେସ୍‌ବୁକ୍ ପେଜ୍‌ରେ କୁକୁରର ଫଟୋ ଏବଂ ଭିଡିଓଗୁଡ଼ିକୁ ଶେୟାର କରାଯାଇଛି। ଯାହାକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।

ଲୋକଙ୍କ ନିକଟରେ ମଦ ପହଞ୍ଚାଇବା ଲାଗି ସୋଡା ପିଠିରେ ଏକ କଷ୍ଟମାଇଜ୍ କପଡ଼ା ବନ୍ଧା ଯାଇଛି। ଯେଉଁଥିରେ ଏକ ସମୟରେ ଦୁଇଟି ମଦ ବୋତଲ ରଖାଯାଇପାରିବ। ଫଳରେ ଗ୍ରାହକଙ୍କର ଯେମିତି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। କରୋନା ସମୟରେ ସାମାଜିକ ଦୂରତା ରକ୍ଷା କରିଥିବା ଲୋକଙ୍କୁ ମଦଦୋକାନ ମାଲିକଙ୍କ ଏହି କୌଶଳ ବେଶ୍ ସୁହାଉଛି।

## ଭାରତୀୟ ବାଦୁଡ଼ିଙ୍କଠାରେ ବିଟି-କୋଭ ଚିହ୍ନଟ





**ନୂଆଦିଲ୍ଲୀ, ୧୬।୪(ପିଟି):** କରୋନା ଭାଇରସ୍ କିପରି ଏବଂ କେଉଁଠୁ ବ୍ୟାପିଲା, ତାକୁ ନେଇ ଚାଲିଛି ଅନେକ ଗବେଷଣା। ମାତ୍ର ଏଯାବତ୍ କେହି କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରି ନାହାନ୍ତି। ଏହିକ୍ରମରେ ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର) ପକ୍ଷରୁ କରାଯାଇଥିବା ଗବେଷଣାରୁ ଏବେ ଏକ ନୂଆ ତଥ୍ୟ ଜଣାପଡ଼ିଛି। ଭାରତରେ ଦେଖାଯାଉଥିବା ୨ପ୍ରଜାତିର ବାଦୁଡ଼ିଙ୍କଠାରେ ଭିନ୍ନ ପ୍ରକାର କରୋନା ଭୂତାଣୁ ଠାବ କରାଯାଇଛି। ତେବେ ଏହି ୨ପ୍ରଜାତି ବାଦୁଡ଼ିଙ୍କଠାରେ ଦେଖିବାକୁ ମିଳିଥିବା କରୋନା ଭୂତାଣୁ ମଣିଷଙ୍କଠାରେ କୌଣସି ରୋଗ ସୃଷ୍ଟି କରିବା ନେଇ ନିର୍ଦ୍ଦିଷ୍ଟ ପ୍ରମାଣ ମିଳି ନ ଥିବା ଆଇସିଏମ୍‌ଆର୍ ପକ୍ଷରୁ କୁହାଯାଇଛି। ସାରା ବିଶ୍ୱ ଏବେ କରୋନା ମହାମାରୀ କବଳରେ ଛନ୍ଦି ହୋଇଯାଇଛି। ଏହାର କୌଣସି ଔଷଧ ନ ଥିବାରୁ ସବୁଠାରେ ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଶ୍ୱର ବିଭିନ୍ନ ସଂସ୍ଥା ପକ୍ଷରୁ ଏହାକୁ ନେଇ ଗବେଷଣା ଜାରି ରହିଛି। ଇତିମଧ୍ୟରେ ଆଇସିଏମ୍‌ଆର ପକ୍ଷରୁ କରାଯାଇଥିବା ଏକ ଗବେଷଣାରେ କେରଳ, ହିମାଚଳପ୍ରଦେଶ, ପୁଡୁଚେରୀ ଏବଂ ତାମିଲନାଡୁରେ ଦେଖାଯାଉଥିବା ୨ପ୍ରକାର ବାଦୁଡ଼ି ପ୍ରଜାତିଙ୍କଠାରେ ଭିନ୍ନ ପ୍ରକାରର କରୋନା ଭାଇରସ୍ ଚିହ୍ନଟ କରାଯାଇଛି। ଯାହାକୁ ବ୍ୟାଟ କରୋନାଭାଇରସ୍(ବିଟି-କୋଭ) କୁହାଯାଉଛି। ହେଲେ ଏହି ପ୍ରକାରର ଭୂତାଣୁରୁ ମଣିଷ ଶରୀରକୁ ରୋଗ ସଂକ୍ରମଣ ହେବାର କୌଣସି ପ୍ରମାଣ ନାହିଁ ବୋଲି ପୁଣେସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି(ଏନ୍‌ଆଇଭି)ର ବୈଜ୍ଞାନିକ ଡାକ୍ତର ପ୍ରଜ୍ଞା ଡି. ଯାଦବ କହିଛନ୍ତି। କେରଳ, ହିମାଚଳ ପ୍ରଦେଶ, ପୁଡୁଚେରୀରେ ଦେଖାଯାଉଥିବା ୨୫ଟି ରୋଜେଟସ୍(ଫଳ ଖିଆ ବାଦୁଡ଼ି, ଯାହାର ମୁହଁ କୁକୁର ପରି ଦେଖିବାକୁ) ଏବଂ ଟେରୋପସ୍(ଏହି ପ୍ରଜାତିର ବାଦୁଡ଼ି ସାମାନ୍ୟ ବଡ଼, ଏମାନଙ୍କୁ ଫଳଖିଆ ବାଦୁଡ଼ି ମଧ୍ୟ କୁହାଯାଏ) ପ୍ରଜାତିର ବାଦୁଡ଼ିଙ୍କଠାରେ କରାଯାଇଥିବା ପରୀକ୍ଷାରେ ବିଟି-କୋଭ ପଜିଟିଭ ବାହାରିଥିଲା। ଏହି ପ୍ରକାରର ଭୂତାଣୁ କରୋନା ଭାଇରସ୍(କୋଭିଡ-୧୯) ମହାମାରୀ ସହ କୌଣସି ସମ୍ପର୍କ ନାହିଁ। ତେବେ ଟେରୋପସ୍ ପ୍ରଜାତିର ବାଦୁଡ଼ିଙ୍କ ଠାରେ ପୂର୍ବରୁ ୨୦୧୮ରେ ନିପା ଭାଇରସ୍ ପଜିଟିଭ ଲକ୍ଷଣ ଦେଖାଯାଇଥିଲା। ଏପରି କି ୨୦୧୯ରେ କେରଳରେ ମଧ୍ୟ ଏହି ଭୂତାଣୁ ଦେଖାଯାଇଥିଲା। ବାଦୁଡ଼ିମାନେ ବିଭିନ୍ନ ପ୍ରକାର ଭୂତାଣୁ ସୃଷ୍ଟି କରିଥାନ୍ତି। ଯେଉଁଥିରୁ ଅନେକ ମଣିଷଙ୍କଠାରେ ବିଭିନ୍ନ ରୋଗ ସୃଷ୍ଟି କରିଥାଏ। ନିକଟରେ କରାଯାଇଥିବା ପରୀକ୍ଷଣରୁ ଜଣାଯାଇଛି ଯେ, ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ସୃଷ୍ଟି କରୁଥିବା କରୋନା ଭାଇରସ-୨(ଏସ୍‌ଏଆର୍‌ଏସ୍-କୋଭ-୨)ର ମଧ୍ୟ ବାଦୁଡି ସହ ସମ୍ପର୍କ ରହିଛି। ଏହି ତଥ୍ୟ ଡିଟେନ୍‌ସନ ଅଫ୍ କରୋନାଭାଇରସ ଇନ୍ ଟେରୋପସ ଏବଂ ରୋଜୁଟସ୍ ସ୍ପେସିସ୍ ଅଫ୍ ବ୍ୟାଟ୍‌ସ ଇନ୍ ଡିଫରେଣ୍ଟ ଷ୍ଟେଟ୍ ଅଫ ଇଣ୍ଡିଆ ଷ୍ଟଡିଜ୍‌ରେ ପ୍ରକାଶ ପାଇଛି। ତେଣୁ ବର୍ତ୍ତମାନର ଜନସଂଖ୍ୟା ପରିବର୍ତ୍ତନ ଏବଂ ପ୍ରତିକୂଳ ପରିବେଶୀୟ ଅବସ୍ଥାକୁ ଦେଖିଲେ ବାଦୁଡ଼ିଙ୍କୁ ଅନ୍ୟ ପ୍ରାଣୀ ଏପରି କି ମଣିଷଙ୍କ ଠାରୁ ଦୂରରେ ରଖିବା ଆବଶ୍ୟକ ହୋଇପଡ଼ିଛି। ବର୍ତ୍ତମାନ ସ୍ଥିତିରେ ଯଦିଓ ବାଦୁଡ଼ିଙ୍କ ଠାରୁ କୋଭିଡ-୧୯ ସଂକ୍ରମିତ ହେବାର କୌଣସି ପ୍ରମାଣ ମିଳି ନାହିଁ, ତଥାପି ବାଦୁଡ଼ିଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ସହ ପରିସ୍ଥିତି ଉପରେ ଅନୁଧ୍ୟାନ କରିବାକୁ ପଡ଼ିବ ବୋଲି ଡାକ୍ତର ଯାଦବ କହିଛନ୍ତି।

ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା

# ସରକାର ଦିଶାହୀନ

କେନ୍ଦ୍ର ସରକାର ୩ ମେ ଯାଏ ଦେଶରେ ଲକ୍‌ଡାଉନ ଅବଧି ବୃଦ୍ଧି କରିଛନ୍ତି। ଏହା ହେବ ବୋଲି ସମସ୍ତେ ଆଶା କରୁଥିଲେ। ତେବେ ଏହା ପୂର୍ବରୁ ଓଡ଼ିଶା ସମେତ ବହୁ ରାଜ୍ୟ ସରକାର ୩୦ ଏପ୍ରିଲ ଯାଏ ଲକ୍‌ଡାଉନକୁ ବଢାଇ ଦେଇଥିଲେ। ବିନା ଯୋଜନା ଏବଂ ବିନା ଦୂରଦୃଷ୍ଟିରେ ସରକାର ଲକ୍‌ଡାଉନକୁ ବଢାଇବା ସବୁଠାରୁ ସୁବିଧାବାଦୀ ଓ ସହଜ ବାଟ ଥିଲା। ବର୍ତ୍ତମାନ ସରକାରଙ୍କ ଅସହାୟତାକୁ ଦେଖିଲେ ଲକ୍‌ଡାଉନ ୩ ମେ ଯାଏ ବଢାଇବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ତେବେ ଲକ୍‌ଡାଉନ ବୃଦ୍ଧିକରିବାଠାରୁ ଏଥିରୁ ମୁକୁଳିବା ତଥା ଲକ୍‌ଡାଉନ ପର ପର୍ଯ୍ୟାୟରେ କେମିତି ସଞ୍ଚାଳନ କରାଯିବ ତାହା ସରକାରଙ୍କ ସମ୍ମୁଖରେ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହେବାକୁ ଯାଉଛି। ଅର୍ଥନୀତି ଏବେ ଦୁର୍ଦ୍ଦିନରେ। ମାନୁଫାକ୍ଚରିଂ କ୍ଷେତ୍ର ପୂରା ବନ୍ଦ ହେବା ଉପରେ। ଶ୍ରମିକମାନଙ୍କୁ ଶିଳ୍ପସଂସ୍ଥା ଛାଡ଼ିବା ପାଇଁ ବାଧ୍ୟ କରାଯାଉଛି। ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ବେରୋଜଗାରୀ ଶୀର୍ଷରେ ପହଞ୍ଚିଛି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି( ଆଇଏମ୍‌ଏଫ୍) ଆକଳନ କରିଛି ଯେ, ଭାରତର ମୋଟ୍ ଘରୋଇ ଉତ୍ପାଦ( ଜିଡିପି) ହ୍ରାସ ପାଇ ୧.୯ ପ୍ରତିଶତକୁ ଖସି ଆସିବ। ବୈଶ୍ୱିକ ଓ ଆଞ୍ଚଳିକ ଆକଳନ ଆହୁରି ସାଂଘାତିକ।

ଦେଶରେ ମୋଟ୍ ଜିଲାର ଅଧାରୁ ଅଧିକ କୋଭିଡ୍-୧୯ରେ ସଂକ୍ରମିତ। ଏହି ସବୁ ଜିଲାରୁ କ୍ରମାନ୍ୱୟରେ ସରକାର ଲକ୍‌ଡାଉନ ପ୍ରତ୍ୟାହାର କରିବା ପାଇଁ ବାଧ୍ୟ ହେବେ। ଦେଶରେ କରୋନା ପିଜିଟିଭ କେସ୍ ୧୨,୩୮୦ ପାର କରିଯାଇଛି । ମୃତ୍ୟୁହାର ୪୧୪କୁ ଛୁଇଁଛି। ଲକ୍‌ଡାଉନ ବଢୁ କିମ୍ବା ନ ବଢୁ, ସରକାର ନିଶ୍ଚିତ ଭାବେ ଦୁଇଟି ଚ୍ୟାଲେଞ୍ଜର ସାମ୍ନା କରିବାକୁ ଯାଉଛନ୍ତି। ପ୍ରଥମତଃ ବହୁଳ ଭାବେ କୋଭିଡ୍-୧୯ ପରୀକ୍ଷା କରାଯିବାର ଆବଶ୍ୟକତା ରହିଛି। କ୍ୱାରାଣ୍ଟାଇନ ସଂଖ୍ୟା କମ୍ କରିବା ଓ ଲକ୍‌ଡାଉନରୁ ମୁକୁଳିବା ପାଇଁ ଏହା ଏକମାତ୍ର ବିକଳ୍ପ। ଦ୍ୱିତୀୟଟି ଅଧିକ ଜଟିଳ । ଭାରତ କୋଭିଡ-୧୯ ଯୁଦ୍ଧ ଜିତିଛି କି ନାହିଁ ତାହା ପର୍ଯ୍ୟାୟକ୍ରମେ ଲକ୍‌ଡାଉନ ହଟାଇବା ଦ୍ୱାରା ପ୍ରମାଣିତ ହେବ। ଏଥିରେ କିଛି ବିଚ୍ୟୁତି ହେଲେ ଏବେ ସୁଦ୍ଧା ଆମେ ଯାହା କିଛି ହାସଲ କରିଛୁ ତାହା ହାତଛଡା ହୋଇଯିବ। ଏଣୁ ଏଥିରୁ ମୁକୁଳିବାର ରଣନୀତି କରୋନା ଭାଇରସ ସଂକ୍ରମଣର ଆଞ୍ଚଳିକ ବିଶ୍ଳେଷଣ ଅଧାରରେ କରାଯାଉଥିବା ଅନେକ ଯୋଜନା ତଥା ଅର୍ଥନୀତିକୁ ଚାଲୁ କରିବା ଲାଗି ଏକ ସ୍ୱତନ୍ତ୍ର କ୍ଷେତ୍ରୀୟ ଦୃଷ୍ଟିକୋଣ ଉପରେ ହେବା ଉଚିତ। ସରକାର ଏକ ବାସ୍ତବବାଦୀ ଦୃଷ୍ଟିକୋଣ ଗ୍ରହଣ କରିବା ଉଚିତ ଏବଂ କେବଳ କମ୍ ଲୋକ ଆବଶ୍ୟକ କରୁଥିବା ଶିଳ୍ପସଂସ୍ଥାଗୁଡିକୁ ଖୋଲିଦେବା ଦରକାର। ବିମାନ ଚଳାଚଳ, ହେଟେଲ, ମଲ୍ ଓ ପର୍ଯ୍ୟଟନ ସେବାଗୁଡିକରେ ପ୍ରତ୍ୟକ୍ଷ ଭାବେ ଲୋକଙ୍କ ଆବଶ୍ୟକତା ରହିଥିବାରୁ ଏହାକୁ ବେଶିଦିନ ଅପେକ୍ଷା କରିବାକୁ ପଡିବ।

## ଆଜିର ଅର୍ଥନୀତି

ରାଜ୍ୟ ସରାକର ଆଂଶିକ ଭାବେ ଲକ୍‌ଡାଉନ ନିୟମରେ କୋହଳ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା କୃଷି ଓ ଏହା ସହ ସମ୍ବନ୍ଧିତ କାର୍ଯ୍ୟ କରିବାକୁ ଅନୁମତି ଦେଇଛି। ଔଦ୍ୟୋଗିକ କାର୍ଯ୍ୟକଳାପ ଓ ଇ-କମର୍ସ କାରବାର ଉପରେ ଥିବା କଟକଣାକୁ ଏହା ମଧ୍ୟ ସମାୟିକଭାବେ ହଟାଇ ଦେଇଛି। କେନ୍ଦ୍ରରେ ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ୍ ଇଣ୍ଟରନାଲ ଟ୍ରେଡ( ଡିପିଆଇଆଇଟି) କେଉଁ କ୍ଷେତ୍ରଗୁଡିକ ଆଂଶିକ ଖୋଲା ରହିବ ତା'ର ଏକ ରୂପରେଖ ପ୍ରସ୍ତୁତ କରିଛି। ଅଟୋମୋବାଇଲ୍ସ, ଇଲେକଟ୍ରୋନିକ୍ସ ଏବଂ ଟେକ୍ସଟାଇଲ୍ସ କ୍ଷେତ୍ରରେ ଥିବା ବଡ ୟୁନିଟ୍‌ଗୁଡିକ କମ୍ ଲୋକରେ ଚାଲୁ କରିବାକୁ ଅନୁମତି ଦିଆଯାଇପାରେ ବୋଲି ଏହା ପ୍ରକାଶ କରିଛି।

ତେବେ ଏଗୁଡିକ ଭିନ୍ନ ଦୃଷ୍ଟିକୋଣ। ସରକାର ଅର୍ଥନୀତିକୁ ସୁଧାରିବା ପାଇଁ ଏକ ପ୍ରତିବଦ୍ଧତାମୂଳକ ଯୋଜନା କରିବା ଉଚିତ। ଏହା ଅନେକ ଦିନରୁ ଆଶା କରାଯାଉଛି। ଆସନ୍ତା ମାସ ଯାଏ ଲକ୍‌ଡାଉନ ବୃଦ୍ଧି କରାଯାଇଥିବାବେଳେ ସରକାର ଲୋକମାନଙ୍କୁ ଏବଂ ଦୁର୍ଦ୍ଦିନରେ ଗତି କରୁଥିବା ଶିଳ୍ପସଂସ୍ଥାଗୁଡ଼ିକ କିଭଳି ସହଯୋଗ କରିବାକୁ ଚାହୁଁଛନ୍ତି ସେ ସମ୍ପର୍କରେ ଆମେ ସ୍ପଷ୍ଟ ଚିତ୍ର ପାଇବାକୁ ଅପେକ୍ଷା କରିଛୁ। ଆମେ ଏକ ଇକୋନୋମିକ ୱାର୍କିଂ ଗ୍ରୁପ ସମ୍ପର୍କରେ ଶୁଣୁଥିଲୁ ଯାହା କୋଭିଡ୍-୧୯ ସଂକ୍ରମଣ ବିରୋଧରେ ଲଢେଇ କରିବାକୁ ଆବଶ୍ୟକତା ଅନୁସାରେ ଏକ ପ୍ୟାକେଜ୍ ନେଇ ଆସିବାର ଅନୁମାନ କରାଯାଉଥିଲା। କିନ୍ତୁ ଏହାର ଫଳ ମିଳିବାକୁ ବାକି ଅଛି । ଏହି ଅତ୍ୟନ୍ତ ସଙ୍କଟମୟ ତଥା ନୈରାଶ୍ୟଜନକ ସମୟରେ ଅତିକମ୍‌ରେ ସରକାର ନିଶ୍ଚିତତା ପଦକ୍ଷେପ ଗ୍ରହଣ କରିବା ଅଶା କରାଯାଏ। ବିଳମ୍ବ ହେଲେ ଏହା ପରିସ୍ଥିତିକୁ ଆହୁରି ଖରାପ କରିଦେବ ଏବଂ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇବ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଏପ୍ରିଲ ୧୯୯୫

- ଇରାକକୁ ଆଂଶିକ ତୈଳ ବିକ୍ରି କରିବା ପାଇଁ ଅନୁମତି ଦେବା ଲାଗି ଜାତିସଂଘରେ ଗୃହୀତ ପ୍ରସ୍ତାବକୁ ଇରାକ କ୍ୟାବିନେଟ ପ୍ରତ୍ୟାଖ୍ୟାନ କରିଛି।
- ଅଣୁଅସ୍ତ୍ର ପ୍ରସାର ନିରୋଧ ଚୁକ୍ତି (ଏନ୍.ପି.ଟି) ମିଆଦ ବୃଦ୍ଧି କରିବା ସଂକ୍ରାନ୍ତ ଜାତିସଂଘ ସମ୍ମିଳନୀ ଆରମ୍ଭ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | 7 | | | 9 | | | | 0 | 3 | | | B |
| D | | 4 | | 1 | | 3 | C | | 2 | 5 | | | | |
| | | | 8 | B | | 7 | | 2 | | E | | 1 | | 6 |
| | | | | | | | | 0 | | | | | | |
| | | | | | | | 1 | 5 | D | 7 | | | | |
| | | C | | 5 | A | | 2 | 9 | E | | | | | |
| 5 | | | 3 | 9 | | | | 4 | | B | | | D | |
| | 2 | 9 | 4 | | 8 | | A | 3 | C | | | | | |
| 4 | | | | C | | D | | | 1 | 9 | | A | B | |
| | A | | | | | | | | | 4 | | 2 | | |
| 8 | 5 | | | | C | B | | | | 1 | | | 3 | A |
| | B | | 6 | | | | | | 3 | | | 4 | 2 | D |
| | 0 | | | | 7 | | E | | | | 4 | | | 8 |
| 7 | | | 1 | 8 | 5 | | | | | | | 0 | | |
| | 3 | | A | 0 | | | | 7 | | | E | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 0 | 2 | 5 | E | A | D | B | 6 | 9 | 8 | 4 | 1 | 3 | C |
| C | 5 | D | 1 | 4 | 9 | E | 2 | 0 | 7 | 3 | 6 | A | B | 8 |
| A | 1 | 6 | 2 | B | 0 | 4 | 3 | 8 | E | 5 | C | 7 | 9 | D |
| 3 | E | 9 | 6 | 8 | 7 | C | 5 | A | 1 | D | B | 4 | 0 | 2 |
| 4 | B | 8 | C | 3 | D | 7 | 1 | 9 | A | 2 | 0 | 6 | E | 5 |
| 1 | 6 | A | 9 | C | 8 | 0 | 7 | 5 | B | E | 3 | 2 | D | 4 |
| 8 | C | B | 0 | 2 | 4 | A | 6 | 3 | D | 7 | 1 | E | 5 | 9 |
| D | 4 | 0 | 3 | 1 | 5 | 8 | 9 | E | 2 | 6 | A | B | C | 7 |
| 2 | 7 | 5 | B | A | E | 1 | 4 | D | C | 0 | 9 | 3 | 8 | 6 |
| 9 | 3 | E | 7 | D | 6 | B | C | 2 | 5 | 4 | 8 | 0 | 1 | A |
| 5 | A | 3 | D | 7 | 2 | 6 | 8 | 1 | 0 | C | E | 9 | 4 | B |
| E | 9 | C | 4 | 0 | B | 5 | A | 7 | 6 | 1 | D | 8 | 2 | 3 |
| 0 | 8 | 7 | E | 5 | 3 | 9 | D | B | 4 | A | 2 | C | 6 | 1 |
| B | D | 1 | 8 | 6 | C | 2 | E | 4 | 3 | 9 | 7 | 5 | A | 0 |
| 6 | 2 | 4 | A | 9 | 1 | 3 | 0 | C | 8 | B | 5 | D | 7 | E |

ଗତକାଲିର ଉତ୍ତର

# ମାଲିକ ନୁହେଁ, ଅତିଥି ହୁଅ



ପ୍ରକାଶ ତ୍ରିପାଠୀ

ଏବେ ସକାଳୁ ସକାଳୁ ପକ୍ଷୀଙ୍କ କଳରବ ମନକୁ ପୁଲକିତ କରୁଛି। ଘର ଆଖପାଖରେ ଥିବା ଛୋଟବଡ ବୃକ୍ଷ ଡାଳରେ, ଭୂମି ଉପରେ ରଙ୍ଗବେରଙ୍ଗର ଅନେକ ପ୍ରଜାତିର ପକ୍ଷୀ ଦେଖି ମନ ଉଲ୍ଲସିତ ହୋଇଉଠୁଛି। ପ୍ରଶ୍ନ ଉଠେ- ଆମ ଚତୁଃପାର୍ଶ୍ୱରେ ଏତେସବୁ ପକ୍ଷୀ ରୁହନ୍ତି? ସେମାନଙ୍କୁ ଆଖି ପୂରାଇ କେବେ ଦେଖିଥିବା ମନେ ପଡେନାହିଁ। ପକ୍ଷୀଙ୍କ ସୁମଧୁର କାକଳିରେ ଏବେ ଆରମ୍ଭ ହେଉଛି ପ୍ରତିଟି ସକାଳ। କୋଇଲିର କୁହୁ କୁହୁ ତାନ ସ୍ମରଣ କରାଇଦେଉଛି ଋତୁରାଜ ବସନ୍ତର ଉପସ୍ଥିତି। ତେବେ ହଠାତ୍ ପ୍ରକୃତିର ଏ ପରିବର୍ତ୍ତନ କାହିଁକି?

ପ୍ରକୃତିର ସର୍ବଶ୍ରେଷ୍ଠ ଜୀବ ବୋଲି କ'ଣ କମ୍ ଗର୍ବ ଓ ଅହଂକାର କି ମଣିଷର। ମଣିଷଠାରେ ଈଶ୍ୱର ଚେତନା ଭରିଦେଇଛନ୍ତି ବୋଲି କ'ଣ କମ୍ ଔଦ୍ଧତ୍ୟ କି ତା'ଠାରେ। ଗର୍ବ ଓ ଅଭିମାନ ନ ହେବ ବା କେମିତି। ନିଜର ବିଦ୍ୟା, ବୁଦ୍ଧି ଓ ଚତୁର ପଣରେ ତ ସେ ସଭିଙ୍କ ଆଗରେ। ଜଳ, ସ୍ଥଳ ଓ ଆକାଶ ସବୁଠାରେ ତା'ର ଆଧିପତ୍ୟ। ବିଜ୍ଞାନକୁ ଆୟୁଧ କରି ନିଜକୁ ଅତିମାନବ ବୋଲାଇ ସାରିଛି। ସୃଷ୍ଟି, ସ୍ଥିତି ଓ ବିଲୟର ଜ୍ଞାନ ତା' ପାଖରେ ନିହିତ। ସର୍ବୋତ୍ତମର ବଞ୍ଚିବାର ଅଧିକାର ନ୍ୟାୟରେ ସେ ଅନ୍ୟ ଜୀବନମାନଙ୍କୁ ଇତର ଭାବି ନେଇସାରିଛି ଓ ସେମାନଙ୍କର ସର୍ବନାଶର ଯୋଜନା ପ୍ରସ୍ତୁତ କରିସାରିଛି। କିଛି ପଶୁପକ୍ଷୀଙ୍କ ପ୍ରତି ଶେଷ ମୁହୂର୍ତ୍ତରେ ଦୟାଭାବ ଦେଖାଇ ସେମାନଙ୍କ କିଛି ନମୁନାକୁ ଚିଡ଼ିଆଖାନାରେ ରଖିଛି ଭବିଷ୍ୟତ ବଂଶଧରଙ୍କ ଅବସର ବିନୋଦନ ଓ ମନୋରଞ୍ଜନ ପାଇଁ। ଅଣୁ-ପଣମାଣୁକୁ ତର୍ଜମା କରି ସମୂହ ଧ୍ୱଂସର ଚାବିକାଠି ରଖିପାରିଛି ପକେଟ୍‌ରେ। ମହାକାଶକୁ ଖେଦି ଗ୍ରହ ଉପଗ୍ରହରେ ନିଜର ସ୍ଥିତି ଜାହିରି କରିଛି। ଧନ, ବଳ, କ୍ଷମତା ଓ ବୁଦ୍ଧିର ପ୍ରୟୋଗରେ ବିଶ୍ୱ ବ୍ରହ୍ମାଣ୍ଡର ଅଧିକାରୀ ହେବା ସହ ନିଜର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଛି ଓ ନିଜ ଟିପ ଆଗରେ ବିଶ୍ୱବ୍ରହ୍ମାଣ୍ଡକୁ ସମାହିତ କରିଛି। ତେବେ ସର୍ବଶକ୍ତିମାନ ବୋଲାଉଥିବା ଚତୁର ମଣିଷ ହଠାତ୍ ନିଜର ଅସହାୟତା ପ୍ରଦର୍ଶନ କରୁଛି କାହିଁକି? ଏକ ସୂକ୍ଷ୍ମାତିସୂକ୍ଷ୍ମ ଅଦୃଶ୍ୟ ଭୂତାଣୁ ଆଗରେ ମହାପରାକ୍ରମୀ ମଣିଷ ଏତେ ଭିତତ୍ରସ୍ତ ଓ କାକୁସ୍ଥ କାହିଁକି? କାହିଁକି ସେ ଆଜି ଆତଙ୍କିତ ଓ ସ୍ତବ୍ଧ। ସତରେ କ'ଣ ପ୍ରକୃତିର ପ୍ରକୋପ ଆଗରେ ମଣିଷର ଜ୍ଞାନ, ବିଜ୍ଞାନ, କ୍ଷମତା, ଅର୍ଥ ସବୁକିଛି ତୁଚ୍ଛ ଓ ମୂଲ୍ୟହୀନ।

ଏକ କ୍ଷୁଦ୍ରାତିକ୍ଷୁଦ୍ର ଭୂତାଣୁ କରୋନା ଆଗରେ ମଣିଷର ସାମ୍ପ୍ରତିକ ଅସହାୟତାକୁ ଦେଖିଲେ ମନେହୁଏ ସତେ ଯେମିତି ପ୍ରକୃତି ସବୁ କିଛି ନିଜ ଅକ୍ତିଆରକୁ ନେଇ ଆସିଛି। ନିଃଶବ୍ଦେ ପ୍ରକୃତି ଘୋଷଣା କରୁଛି ଯେ, ସେ ହିଁ ସର୍ବଶକ୍ତିମାନ ଓ ସକଳ ଶକ୍ତିର ଆଧାର। ସମସ୍ତ ଜୀବନ ନିମିତ୍ତ ମାତ୍ର। ପ୍ରକୃତି ହିଁ ଆଶ୍ରୟଦାତା ଓ ଅନ୍ୟ ସବୁ ଜୀବଜଗତ ଆଶ୍ରୀତ। ପ୍ରକୃତିକୁ ହତାଦର, ଅନାଦର ଓ ଯାତନାର ପ୍ରତିଫଳନର ଏହା ହେଉଛି ଏକ ଝଲକମାତ୍ର। ମଣିଷକୁ ସତେ ଯେମିତି ସତର୍କ କରାଇ କହୁଛି- ହେ ଆତ୍ମଗର୍ବୀ ମଣିଷ। ବେଳ ହୁଁ ସୁଧୁରିଯାଅ। ନ ହେଲେ ଆଗକୁ ବିପର୍ଯ୍ୟୟର ସାମ୍ନା କରିବ। ପ୍ରାକୃତିକ ବିପର୍ଯ୍ୟୟ ଓ ବିଭୀଷିକାରେ ଯୋଡ଼ି ହୋଇଗଲା ଗଣ ସଂହାରର ଆଉ ଏକ ଅସୁର ପର୍ବ 'ଭୂତାଣୁ ସଂକ୍ରମଣ'। ପ୍ରକୃତି ଆଉ କେତେକ ସହିବ ଏ ମଣିଷର କୃତଘ୍ନତା, ବର୍ବରତା ଓ ନିର୍ଦ୍ଦୟତା। ସହିବାର ସୀମା ପାର ହେଲେ ଯେ କେହି ପ୍ରତିକ୍ରିୟାଶୀଳ ହେବା ତ ପ୍ରକୃତିର ନିୟମ। ସେହି ନ୍ୟାୟରେ ପ୍ରକୃତି ତ ଆଜି କଡ଼ ଲେଉଟାଉଛି। ପ୍ରକୃତିକୁ ପ୍ରତିରୋଧ କରିବାକୁ ସବୁଶକ୍ତି ଖଟାଇ ମଣିଷ ଆଜି ଲହୁଲୁହାଣ। ଅନନ୍ୟୋପାୟ ହୋଇ ଶେଷରେ କରିଛି ଆତ୍ମଗୋପନ। ଭୂତାଣୁ ଭୟରେ ଲୁଚି ରହୁଛି ଘରର ଚାରିକାନ୍ଥର ବେଷ୍ଟନୀରେ। କେଉଁ ଶ୍ରେଷ୍ଠତା ଆଉ ରହିଲା ମଣିଷ ପାଖରେ। ସେ ଏବେ ପାଲଟିଛି ଅସ୍ପୃଶ୍ୟ ଓ ଅଛୁଆଁ। ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ଭିତରେ ସମାଜରେ ଛୁଆଁ-ଅଛୁଆଁର ଯେଉଁ ବିଷ ବଳୟ ସୃଷ୍ଟି କରିଥିଲା ସେହି ବିଷ ବଳୟରେ ସେ ଆଜି ଆକ୍ରାମାକ୍ରା। ବାଛି ବାଛି କରି ମଣିଷକୁ ଚୟନ କରିଛି ଭୂତାଣୁ। ନିଜର ବାହକ ସଜାଇଛି ଶ୍ରେଷ୍ଠ ଜୀବନ ମଣିଷକୁ। ସମଗ୍ର ଜୀବଜଗତରେ ଏକ ଘରିକିଆ ହୋଇଯାଇଛି ସ୍ୱାର୍ଥପର ମଣିଷ। ଭୂତାଣୁ କବ୍‌ଜାରୁ ରକ୍ଷା କରିପାରୁ ନାହିଁ ନିଜକୁ। ସବୁ ଜ୍ଞାନ, ବୁଦ୍ଧି ଓ ଚତୁରତା ନିଷ୍ଫଳ ହୋଇଛି ପ୍ରକୃତି ସୃଷ୍ଟ ଏହି ଅଦୃଶ୍ୟ ଭୂତାଣୁ ଆଗରେ। ରାସ୍ତାଘାଟ ଶୁନ୍‌ଶାନ୍। ବଜାର ହାଟ ଜନଶୂନ୍ୟ। ଯାନ-ବାହନ ଅନାବଶ୍ୟକ। ଆଜି ନୀରବ ଓ ନିଃଶବ୍ଦ। ନା କଳକାରଖାନା ଯୋଗୁ ଧୂମାୟିତ ହେଉଛି ଆକାଶ ନା ଗାଡ଼ି-ମୋଟରର ଘଁ-ଘାଁରେ ପ୍ରଦୂଷିତ ହେଉଛି ଶବ୍ଦ। ଏବେ ବର୍ଜ୍ୟ ଜଳରେ ପ୍ରଦୂଷିତ ହେଉନି ପୁଣ୍ୟତୋୟା ନଦୀର ଅମୃତଧାରା। ପ୍ରକୃତି ଯେମିତି ଶାନ୍ତିରେ ନିଃଶ୍ୱାସ ନେଉଛି ଅନେକ ନିର୍ଯାତିତ ଦିନର ଅବଧି ପରେ।

ମଣିଷ ମୃତ୍ୟୁଦୂତ ପାଲଟିଛି ମଣିଷ ପାଇଁ। ଅଦୃଶ୍ୟ ଭୂତାଣୁ ଯେପରି ପାଗଳ ପରି ଘୂରିବୁଲୁଛି ମଣିଷ ଶରୀର ସନ୍ଧାନରେ। ତା'ର ଚିର ଈପ୍‌ସିତ ଲକ୍ଷ୍ୟ ମଣିଷ। ସେଥିପାଇଁ ମଣିଷ ଏବେ ମଣିଷର ଶତ୍ରୁ। ପାରସ୍ପରିକ ଦୂରତା ଓ ସଙ୍ଗରୋଧ ହୋଇଛି ତା' ପାଇଁ ମହା ମୃତ୍ୟୁଞ୍ଜୟ ମନ୍ତ୍ର। ଜିଇବାର ଏକମାତ୍ର ଭରସା ଅବିଶ୍ୱସନୀୟତାର ବଳୟରେ ବଞ୍ଚିଛି ମଣିଷ। ଅନ୍ୟକୁ ଭରସା କରିବା ତ ଦୂରର କଥା, ନିଜ ହାତ, ନାକ, ପାଟି ଓ ଆଖିକୁ ବି ସେ ଆଉ ବିଶ୍ୱାସକୁ ନେଇପାରୁନି। ତା' ସମ୍ମୁଖକୁ ଆସୁଥିବା ପ୍ରତ୍ୟେକ ସଜୀବ ଓ ନିର୍ଜୀବ ବସ୍ତୁ ସତେ ଯେମିତି ମୃତ୍ୟୁର ବାହକ। ପିତାର ପୁତ୍ରକୁ ସନ୍ଦେହ, ପତ୍ନୀର ପତିକୁ ସନ୍ଦେହ, ବନ୍ଧୁର ବନ୍ଧୁକୁ ସନ୍ଦେହ। ଘରେ ବାହାରେ ସବୁଠି ସନ୍ଦେହ। ନିଜର ଆରାଧ୍ୟ ଦେବତା ବି ଏ ସନ୍ଦେହର ବଳୟରୁ ତା' ପାଇଁ ମୁକୁଳି ପାରିନାହାନ୍ତି। ନାନାଦି ଧର୍ମ, ସମ୍ପ୍ରଦାୟ ଓ ବିଚାରଧାରାରେ ମଣିଷ ଯେଉଁସବୁ ଧର୍ମସ୍ଥଳୀ ନିର୍ମାଣ କରିଥିଲା ସେ ସବୁର ଦ୍ୱାର ବି ଆଜିର ଏ ଦୁର୍ଦ୍ଦିନରେ ତା' ପାଇଁ ବନ୍ଦ। ପ୍ରକୃତି ପୁଣି ଥରେ ମଣିଷକୁ ବୁଝିବାକୁ ସୁଯୋଗ ଦେଇଛି ଯେ, ମନ୍ଦିର, ମସଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଆଦିରେ ନୁହେଁ, ନିଜର ହୃଦୟରେ ହିଁ ବାସ କରନ୍ତି ନିଜ ନିଜର ଆରାଧ୍ୟ ଈଶ୍ୱର। ପ୍ରକୃତି ଆହୁରି ବି ସୁଯୋଗ ଦେଇଛି ହୃଦୟଙ୍ଗମ କରିବାକୁ ଯେ, ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠି ମାନବୀୟ ଚେତନାର ଅଧିକାରୀ ହେବା ହିଁ ମଣିଷର ପ୍ରକୃତ ପରିଚୟ। ପ୍ରକୃତି ଆଗରେ ଜାତି, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ମଣିଷ ସମାନ ଓ ସମସ୍ତଙ୍କ ପାଇଁ ପ୍ରକୃତିର ଆଚରଣ ସମାନ। ଯେତିକି ସମୟ, ଅର୍ଥ, ବୁଦ୍ଧି, ଜ୍ଞାନ, ଚେତନା, କ୍ଷମତାର ଅପପ୍ରୟୋଗ କରି ପ୍ରକୃତିର ବିନାଶ କରିଛି ଓ ନିଜକୁ ସ୍ୱାର୍ଥପରତାର ଆଧାରରେ ସର୍ବଶକ୍ତିମାନ ହେବାର ପ୍ରଚେଷ୍ଟା କରିଛି ସେସବୁକୁ ଯଦି ସକାରାତ୍ମକ ଢଙ୍ଗରେ ସମସ୍ତ ଜୀବଜଗତଙ୍କ ହିତରେ ଓ ପ୍ରକୃତିର ସୁରକ୍ଷାରେ ବିନିଯୋଗ କରିଥାନ୍ତା ତେବେ ଆଜି ଏକ ସାମାନ୍ୟ ସୂକ୍ଷ୍ମାତିସୂକ୍ଷ୍ମ ଭୂତାଣୁ ଭୟରେ ମଣିଷକୁ ଘର ଭିତରେ ଲୁଚି ରହିବାକୁ ପଡି ନ ଥାନ୍ତା। ସମସ୍ତ ଜୀବଜନ୍ତୁ, ବୃକ୍ଷଲତା ଆଦି ଏକ ଘରିକିଆ ମଣିଷ ପାଇଁ ଆଶ୍ୱସ୍ତବୋଧ କରୁଥିଲାବେଳେ ମଣିଷ ଘର ଭିତରେ ଲୁଚି ରହି ଜୀବନ ଭିକ୍ଷା ମାଗିବାରେ ସମୟ ଅତିବାହିତ କରୁଛି। ସମ୍ପ୍ରତି ପ୍ରକୃତି ପ୍ରମାଣ କରିଦେଇଛି ଯେ, ପୃଥିବୀରେ ମଣିଷର କୌଣସି ଆବଶ୍ୟକତା ନାହିଁ। ମଣିଷ ଘର ଭିତରେ ଆବଦ୍ଧ ହେବା ଦ୍ୱାରା ତା' କାର୍ଯ୍ୟକଳାପରେ ଅଙ୍କୁଶ ଲାଗିବା ଯୋଗୁ ପଞ୍ଚଭୂତରେ ସୁଧାର ଆସୁଛି। ପ୍ରଦୂଷଣର ମାତ୍ରା ହ୍ରାସ ପାଉଛି। ସମସ୍ତ ପଶୁପକ୍ଷୀ ଶାନ୍ତିରେ ଓ ନିର୍ବିଘ୍ନରେ ଆତଯାତ ହେଉଛନ୍ତି। ଜୀବନ ଜିଇବାର ଆଧାର ବାୟୁ, ଜଳ, ଧରିତ୍ରୀ ଓ ଆକାଶ ସତେଯେମିତି ସମସ୍ୱରରେ ମଣିଷକୁ ଚେତାବନୀ ଦେଇ କହୁଛନ୍ତି- ହେ ମଣିଷ, ତୁମେ ନ ଥିଲେ ଆମେ ଖୁସିରେ ରହିପାରୁଛୁ। ଯଦି ତୁମେ ଭବିଷ୍ୟତରେ ପୁଣି ଆମ୍ଭ ନିକଟକୁ ଫେରିବ ତେବେ ମନେରଖ, ଆମର ଅତିଥି ହୋଇ ଫେରିବ, ମାଲିକ ନୁହେଁ।

ମୋ-୯୪୩୭୨୩୨୪୬୩
ଇମେଲ-prakas.tripathy09@gmail.com

# ନେବି ଯାହା, ନ ଦେବି ତାହା



ଛନ୍ଦା ମିଶ୍ର

ସେଦିନ ନାନୀ ଘରେ ପହଞ୍ଚିଲା ବେଳକୁ ସେ ଘରେ ନଥାଏ। ତା' ଝିଅ କହିଲା ବୋଉ ଯାଇଛି ପଡୋଶୀ ଘରକୁ। ନାନୀ ଆସିଲା। ବିରକ୍ତି ଓ କ୍ରୋଧରେ ନାକପୁଡା ତା'ର ଫୁଲି ଉଠୁଥାଏ। କ'ଣ ହୋଇଛି ବୋଲି ପଚାରିଲାରୁ, କହିଲା ବେଶି ବଡଲୋକିଆଣୀ ଦେଖେଇ ହେଉଛି। ଦେଖୁନୁ, ଏମାନେ ନୂଆକରି ଆମ ଆପାର୍ଟମେଣ୍ଟକୁ ଆସିଲେ ଯେ, ଗଲା ରବିବାର ତାକୁ ଆମ ଘରକୁ ଡାକିଥିଲି। ନିଜେ ପକୁଡି ଛାଣି ଛେନାପୋଡ ଦୋକାନରୁ ଆଣି ଭଲକରି ଚା ଜଳଖିଆ ଖୁଆଇ ବିଦା କରିଥିଲି। ଗଲାବେଳେ କହି ଯାଇଥିଲା ମାଡାମ ଆମ ଘରକୁ ଆସିବେ। ଆଜି ଯାଇଥିଲି ଯେ ଦେଢଘଣ୍ଟା ବସିଲି, ଅଥଚ ଚା କପେ ବି ମତେ ଯାଚିଲା ନାହିଁ। ମୁଁ କିଛି ନ କହି ଚା ପିଇବାରେ ମନ ଦେଲି। କିଛି ସମୟ ରଗ ରଗ ସିଂ ସିଂ ହୋଇ ଶେଷରେ ନାନୀ ନିଜ ଚା' ପିଇବା ଆରମ୍ଭ କଲା। ମୁଁ କହିଲି ,ନାନୀ ତୁ କ'ଣ ତାଙ୍କୁ ଚା, ପକୁଡି ଓ ଛେନାପୋଡ ଦେଇଥିଲୁ ସେ ତତେ ତାହା ଫେରାଇବେ ବୋଲି? ନାଇଁ ତା' ତ ନୁହେଁ, ମାତ୍ର ଅତି କମରେ ଚା କପେ ପାଇଁ ତ ସେ କହି ପାରିଥାନ୍ତା। ନାନୀର ଅସନ୍ତୋଷକୁ ସନ୍ତୋଷତାରେ ବଦଳାଇବାର ଚେଷ୍ଟାରେ କହିଲି ହୋଇପାରେ ତାଙ୍କର କୌଣସି ଅସୁବିଧା ଥାଇପାରେ। ଚା, ଜଳଖିଆରେ ଆପ୍ୟାୟିତ କରିବାଟା ତାଙ୍କ ପାଇଁ ଭଦ୍ରାମିର ପରିଭାଷା ନ ହୋଇ ଥାଇପାରେ। ତେବେ ସେ ଯା ହେଉ ତୁ ପରା ନିଜେ କହୁ, ଅତିଥି ହେଉଛନ୍ତି ଦେବତା, ଘରକୁ ଆସି ଦାନା ଟିକେ ମୁହଁରେ ନ ଦେଇ ଗଲେ ପାପ ହେବ। ସେଥିପାଇଁ ପା ତୁ ଏଇ ଝରକା ଉପରେ ଗହମ ଓ ଚାଉଳ ଇତ୍ୟାଦି ରଖିଥାଉ, କାଉ ଓ ପାରା ମାନେ ଆସି ନିରାଶ ହୋଇ ଫେରିବେ ନାହିଁ କହି। ଆଉ ଆଜି ତୋ ଆଖିରେ ତୋ ପଡିଶା ଅଭଦ୍ରାମି କଲେ ବୋଲି ତୁ ବି ପ୍ରତ୍ୟୁତରରେ ସେହି ଅଭଦ୍ରାମି ତାଙ୍କୁ ଫେରେଇବୁ?

ଏତେବେଳ ଧରି ସବୁକଥାକୁ ଚୁପଚାପ ହୋଇ ଶୁଣୁଥିବା ଝିଆରୀଟି କହିଲା, ନାଇଁ ମ ମାଉସୀ ବୋଉ, ଏମିତି କହୁଛି ରାଗରେ ନା ସେ କ'ଣ ଏମିତି କରିପାରିବ। ସେ ତ ଲୋକଙ୍କୁ ଡାକି ହାକି, ତା' ହାତରନ୍ଧା ଖୁଆଇ ଆନନ୍ଦ ପାଏ। ହସିଦେଇ ନାନୀ ରନ୍ଧାଘରକୁ ଯାଉ ଯାଉ କହିଲା, ହଉ ହଉ, ମୋ ପ୍ରଶଂସା ସେତିକି ଥାଉ। ପ୍ରକୃତରେ ଏହିପରି ଘଟଣା ପ୍ରାୟ ଆମ ସହ ଘଟେ। ଆମେ ନେଉ ଯାହା, ଠିକ ତାହା ଫେରେଇଦେବା ପାଇଁ ଇଚ୍ଛା ପ୍ରକାଶ କରୁ। କେହି ଆମକୁ ମୁରୁକି ହସଧାରେ ଦେଲେ, ଆମେ ବି ତାକୁ ହସଟିକେ ଫେରେଇଦେଉ। ଆଉ ପାଦେ ଆଗକୁ ଯାଇ ଆମେ ତା'ର କୁଶଳ ମଙ୍ଗଳ ଜିଜ୍ଞାସା ତ କରିପାରନ୍ତେ। କେହି ଆମକୁ ନମସ୍କାର କଲେ ପ୍ରତ୍ୟୁତରରେ ଆମେ ବି ତାକୁ ଶୁଖିଲା ନମସ୍କାର ଦେଉ। ଟିକିଏ ବଢିଯାଇ, ତା'ର କଲ୍ୟାଣ କାମନା ତ କରିପାରନ୍ତେ। ଠିକ ସେହିପରି କେହି ଗାଳିଦେଲେ, ଆଗପଛ କିଛି ନ ବିଚାରି, ଆମେ ତାକୁ ଦବେଇବା ପାଇଁ ଆଉ ଚଢାଗଳାରେ ତାକୁ ଗାଳିଦେବା ଆରମ୍ଭ କରିଦେଉ। ଏପରି କି ବିବାହ, ବ୍ରତ ଆଦିରେ କିଏ କ'ଣ ଉପହାର ଦେଲା, ତାହାକୁ ଆମେ ଟିପିରଖି, ତା' ଘରେ ମାଙ୍ଗଳିକ କାର୍ଯ୍ୟ ଅବସରରେ, ଖାତା ଦେଖି ଯାହା ଦେଇଛି ତାହା ହିଁ ଫେରଉ। ଆମେ ଭୁଲିଯାଉ ସେ ତା' ସକ୍ଷମ ଅନୁସାରେ ଦେଇଥିଲା। ଆମେ ଆମ ସକ୍ଷମତା ଅନୁଯାୟୀ ଦେବା ଉଚିତ । ଆମେ ଭୁଲିଯାଉ ପାଞ୍ଚବର୍ଷ ତଳେ ସେ ଦେଇଥିବା ଶହେ ଟଙ୍କାଟି ବର୍ତ୍ତମାନ ହଜାରେ ଟଙ୍କା ସହ ସମାନ ବୋଲି। ଏ ତ ଗଲା ମଧ୍ୟମ ଧରଣର ମନୁଷ୍ୟମାନଙ୍କ କଥା। ଏମାନଙ୍କଠାରୁ ଦଶ ପାହାଚ ତଳେ ଥିବା ଅଧମମାନେ ବହିଟିଏ ମାଗିନେଇ ଫେରେଇବାକୁ ଭୁଲି ଯାଆନ୍ତି। ଅନେକ ଥର ମନେପକାଇଲା ପରେ ଯଦି ବା ଫେରାନ୍ତି ବହିଟିର ମଲାଟ ଝୁଲି ପଡିଥାଏ। ବହି ମଧ୍ୟରୁ ଦଶ ବାର ପୃଷ୍ଠା ଉଭାନ ହୋଇଯାଇଥାଏ। ଏମାନେ ପଡୋଶୀଘର ଗଛରୁ ଫୁଲ ଓ ଫଳ ଖାଇବା ପାଇଁ ଆଗଭର ତ ହୁଅନ୍ତି, ମାତ୍ର ଶୁଖିଲା ପତ୍ରଟିଏ ଉଡି ଆସିଥିଲେ କଜିଆ କରିବାକୁ ଅଣ୍ଟାରେ କାନି ଗୁଡେଇଦିଅନ୍ତି। ଏହିପରି ବ୍ୟକ୍ତିମାନେ ଯେତେବେଳେ ଭଡାଟିଆ ସାଜନ୍ତି, ଘଲ ମାଲିକଟି ପ୍ରମାଦ ଗଣେ। ଆଉ ଯଦି ସରକାରୀ କ୍ୱାର୍ଟରରେ ରହନ୍ତି ତେବେ ଏହି ଅଧମମାନେ ଅଧମତମ ପାଲଟିଯାଇ ଗଲା ବେଳକୁ ସ୍ୱିଚବୋର୍ଡଠାରୁ ଆରମ୍ଭ କରି କବାଟ ଝରକା ଇତ୍ୟାଦି ତାଡିନେବା ପାଇଁ ଉଚିତ ମଣନ୍ତି।

ଏଇ ତ ଈଶ୍ୱରଙ୍କ ସୃଷ୍ଟିର ବିଚିତ୍ରତା। ପାଞ୍ଚ ମନ ଓ ପଚିଶ ପ୍ରକୃତି। ତେବେ ଉତ୍ତମମାନଙ୍କ କଥା ସବୁଠାରୁ ନିଆରା। ସେମାନେ ଯାହା ନିଅନ୍ତି, ଯାହା ପାଆନ୍ତି, ତାହା ଫେରାଇଲା ବେଳକୁ ତାଙ୍କ ପ୍ରକୃତିଗତ ମହାନତା ଯୋଗୁ ସେଥିରେ ମିଶି ଯାଇଥାଏ ସାମାନ୍ୟ ମଧୁରତା। ନେଇଥିବେ ଚିରା ବହିଟିଏ, ଫେରିଲା ବେଳକୁ ସିଲେଇକରି ସୁନ୍ଦର ଭାବେ ମଲାଟ ମଡେଇ ଦେଇଥିବେ। ଯେଉଁଠି ରହିବେ ଘର ଓ ପରିବେଶର ଯତ୍ନ ନେଇ ତା'ର ସୌନ୍ଦର୍ଯ୍ୟ ବଢାଇଦେବେ। ଏହା ହିଁ ତ ମାନବର ମାନବିକତା। ଉତ୍ତମ ମଧ୍ୟମ ଓ ଅଧମ, ପ୍ରତ୍ୟେକେ ନିଜ ନିଜ ଅନ୍ତର୍ନିହିତ ଗୁଣାବଳୀର ପରିଚୟ ନିଜ କାର୍ଯ୍ୟ ପ୍ରଣାଳୀରେ ଦର୍ଶାଇବେ ନିଶ୍ଚୟ। ଗଛକୁ ପଥର ଫୋପାଡିଲେ ସେ ସୁମିଷ୍ଟ ଫଳ ଦିଏ। ମାଟିକୁ କଷଣ ଦେଲେ ସେ ଭଲ ଫସଲ ଉପୁଯାଏ। ଚନ୍ଦନ ଘୋରିଲେ ମହକ ଦିଏ। ସର ମନ୍ଥିଲେ ଘିଅ ବାହାରେ। ସାଧୁଙ୍କୁ ହେୟ ଜ୍ଞାନ କଲେ ବି ତାଙ୍କ ନିକଟରୁ ଆଶୀର୍ବାଦ ବର୍ଷା ହୁଏ। ଏକଥା ନିରାଟ ସତ, ନିକଟରେ ଯାହା ଥିବ ଆମେ ତାହା ହିଁ ତ ପ୍ରତିଦାନରେ ଦେଇପାରିବା। ତେବେ ଆମ ନିକଟରେ ଅଛି କ'ଣ ତାହା ହିଁ ଚିନ୍ତନର ବିଷୟ। କିନ୍ତୁ ଅଧମରୁ ଉତ୍ତମ ହେବାର ସମ୍ଭାବନା ପାଇଁ ଈଶ୍ୱର ସମସ୍ତଙ୍କୁ ସୁଯୋଗ ଦିଅନ୍ତି ତାହା କ'ଣ କମ୍ ଆଶ୍ୱାସନାର ବିଷୟ।

ନଦୀରେ ତର୍ପଣ କରୁଥିବା ସାଧୁ ମହାତ୍ମା ଭାସିଯାଉଥିବା କଙ୍କଡା ବିଛାଟିଏ ଦେଖି ତାକୁ ଉଠାଇ ଆଣିଲା ବେଳକୁ ସେ ନିଜ ନାହୁଡରେ ତାଙ୍କ ହାତକୁ ଦଂଶନ କଲା। ସାଧୁ, ଯନ୍ତ୍ରଣାରେ ହାତ ଛାଟିଦେଲେ। ବିଛାଟି ପାଣିରେ ପଡିଯିବାରୁ ପୁଣି ତାକୁ ଉଠାଇ ଆଣିଲେ ତପସ୍ୱୀ। ସେ ଫେର୍ ଦଂଶିଲା। ପ୍ରାୟ ସାତ ଆଠଥର ଦଂଶିତ ହେଲା ପରେ ସାଧୁ ବିଛାଟିକୁ ମାଟି ଉପରେ ଛାଡିବାକୁ ସକ୍ଷମ ହେଲେ। ନିକଟରେ ଥିବା ଶିଷ୍ୟଟି ପଚାରିଲେ, ବାବା! ସେ ଆପଣଙ୍କୁ ଏତେ ଥର ବିନ୍ଧିଲା ଅଥଚ ଆପଣ...। ସାଧୁ ହସି କହିଲେ-ବାବୁରେ, ତା'ର ସ୍ୱଭାବ ତ ସେ ଛାଡିଲା ନାହିଁ। ମୋର ବା ମୁଁ କାହିଁ ଛାଡିବି?

୩ଆର/୬, ବିଜେବି ନଗର,
ମୋ-୯୪୩୭୪୫୩୬୧୦,
CHHANDAMISHRA74@GMAIL.COM

## ଏଇ ଭାରତରେ

ସେବା ଓ ଭଲ ପାଇବା ବଳରେ ହିଂସ୍ର ଜନ୍ତୁମାନେ ବି ମଣିଷର ବନ୍ଧୁ ପାଲଟିଯାଆନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି କେରଳର ପାଲାକ୍କଡାସ୍ଥିତ ସାଇଲେଣ୍ଟ ଭ୍ୟାଲି ନ୍ୟାଶ୍‌ନାଲ ପାର୍କରେ। ଏହି ଉଷ୍ମମଣ୍ଡଳୀୟ ଜଙ୍ଗଲରେ ଦୀର୍ଘ ୩୩ ବର୍ଷ ଧରି ରହୁଛନ୍ତି ମ୍ୟାରି। ପିଲାବେଳୁ ସେ ଜଙ୍ଗଲ ସଂରକ୍ଷଣ କାର୍ଯ୍ୟରେ ଲାଗିଛନ୍ତି। ସତୁରି ଦଶକରେ ମ୍ୟାରିଙ୍କ ବାପା ଲେଟିଆପ୍ପାନ ପରିବେଶବିଜ୍ଞାନୀ ଓ ସଂରକ୍ଷକମାନଙ୍କୁ ସାହାଯ୍ୟ କରୁଥିଲେ। ମ୍ୟାରି ୭ ଶ୍ରେଣୀରୁ ପାଠ ଛାଡି ଦେଇ ତାଙ୍କ ବାପାଙ୍କ ସହ ଏହି କାର୍ଯ୍ୟରେ ଯୋଗ ଦେଇଥିଲେ। ୧୬ ବର୍ଷ ବୟସରେ ଜଙ୍ଗଲର ଅସ୍ଥାୟୀ ଜଗୁଆଳି ଭାବେ ତାଙ୍କୁ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା। ସେ ତାଙ୍କ ବାପାଙ୍କ ସହ ବିଭିନ୍ନ ସ୍ଥାନକୁ ବି ଯାଉଥିଲେ ଓ ବିରଳ ପ୍ରଜାତିର ଜୀବଙ୍କୁ ଠାବ କରିବା ସହ ସେଗୁଡିକର ନାମ ବି ଜାଣୁଥିଲେ। ବର୍ତ୍ତମାନ ସେ ପର୍ଯ୍ୟଟକ, ପରିବେଶବିତ୍ ତଥା ଗବେଷକମାନଙ୍କୁ ବିରଳ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦଗୁଡିକୁ ଚିହ୍ନାଇ ପାରୁଛନ୍ତି। ପ୍ରାୟ ୧୩୪ ପ୍ରକାରର ଅର୍କିଡ୍,ପକ୍ଷୀ ଓ କୀଟମାନଙ୍କ ନାଁ ବି ମନେ ରଖିଛନ୍ତି। ମ୍ୟାରିଙ୍କୁ ବର୍ତ୍ତମାନ ବୟସ ୪୮। ଦୀର୍ଘବର୍ଷ ହେବ ଜଙ୍ଗଲରେ ହିଂସ୍ର ଜୀବଙ୍କ ସହ ତାଙ୍କର ମୁହାଁମୁହିଁ ଭେଟ ହୋଇଛି। କିନ୍ତୁ ତାଙ୍କ ଭଲ ପାଇବା ଆଗରେ ସେମାନଙ୍କ ହିଂସ୍ର ସ୍ୱଭାବ ଫିକା ପଡିଯାଏ ବୋଲି କହନ୍ତି ମ୍ୟାରି। ୨୦୧୮ରେ କେରଳର ମହାବନ୍ୟା ସମୟରେ ସେ ଜଙ୍ଗଲରେ ଦୀର୍ଘଦିନ ରହି ପ୍ରାଣୀମାନଙ୍କ ଉପରେ ନଜର ରଖିଥିଲେ। ଅନ୍ୟ ସମୟରେ ସେ ୧୫ ଦିନ କି ମାସରେ ଥରେ ଘରକୁ ଆସନ୍ତି। ଘରେ ସ୍ତ୍ରୀ ଓ ତିନୋଟି ପିଲା ଥିଲେ ବି ଜଙ୍ଗଲକୁ ଭଲ ପାଇଥିବା ଏଇ ମଣିଷଟି ଜଙ୍ଗଲରେ ରହିବାକୁ ପସନ୍ଦ କରିଥାନ୍ତି। ସେ ଜଣେ ପରିବେଶ ସଂରକ୍ଷକ ଭାବେ ଏହି ଜଙ୍ଗଲରେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରି କେରଳ ମୁଖ୍ୟମନ୍ତ୍ରୀଙ୍କଠାରୁ ଫରେଷ୍ଟ ମେଡାଲ ସହ ବହୁ ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

## ଚିରନ୍ତନୀ

ବୁଡ଼ିଯାଏ ନିରିମମ ରବି
ଦିବସ ଅନ୍ତର କିବା କ୍ଷଣେ ଗଲା ଦ୍ରବି!
ଦୁହେଁ ଦୁଇ ମୁଖେ ଚାହିଁ ସ୍ଥିର ଅବିରତ
ଆସିବ ବିୟୋଗ, ନିଶା ଧୀରେ ଉପଗତ,
ଏପାରେ ରହିବ ଏକ, ଆନ ଆରପାରେ
ଚଳିବ ବିରହବ୍ୟଥା ଭାରେ! (ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଟକର ତାରକସୀ ଶିଳ୍ପ

ମହାଶୟ,

କଟକର ବିଭିନ୍ନ ସ୍ଥାନରେ ବିଶେଷକରି ମାରୱାଡି ପଟିଠାରୁ ଚାନ୍ଦିନୀ ଚୌକ ପର୍ଯ୍ୟନ୍ତ ଦୋକାନମାନଙ୍କରେ ରୁପା ତାରକସୀ ସାମଗ୍ରୀ ଉପଲବ୍ଧ ହେଉଥିଲା। ବିଂଶ ଶତାବ୍ଦୀର ପ୍ରଥମ ତିନି ଚାରି ଦଶନ୍ଧି ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ରୁପା ଗହଣା ଯଥା- ଗୋଡର ବଳା, ପାହୁଡ, ଖଡୁ ସହ ଅଣ୍ଟା ସୂତା, ପାଉଜି, ନୋଥ, ଝୁଣ୍ଟିଆ, ଗିନା, ଫଂରୁଆ ଆଦିର ବହୁଳ ବ୍ୟବହାର ଥିଲା। ଏହାର ପରବର୍ତ୍ତୀ କାଳରେ କଟକର ତାରକସୀ ସାମଗ୍ରୀ ପାଇଁ ବିଶେଷ ଆଗ୍ରହ ପରିଲକ୍ଷିତ ହେଉଥିଲା। କିନ୍ତୁ କାଳକ୍ରମେ ସୁନାଗହଣା ପ୍ରତି ଚାହିଦା ବୃଦ୍ଧି ଯୋଗୁ ଓ ଲୋକମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ଯୋଗୁ ଆଉ ରୁପା ଗହଣା ପ୍ରତି ପୂର୍ବପରି ଆଗ୍ରହ ରହିଲା ନାହିଁ, ଫଳରେ ଏହି ଶିଳ୍ପର ଅଧୋଗତି ହେଲା। ବିଲୁପ୍ତପ୍ରାୟ ଏହି ଶିଳ୍ପକୁ ପୁନର୍ଜୀବିତ କରିବା ପାଇଁ ସରକାରଙ୍କର କୌଣସି ପ୍ରଚେଷ୍ଟା ରହିଲା ନାହିଁ। ଫଳରେ ଏହା ଏକ ପ୍ରକାର ଲୋପ ପାଇ ହଜାର ହଜାର କାରିଗରଙ୍କୁ ବେକାର କରିଦେଲା। ସେମାନେ ଏହି ଶିଳ୍ପ ପ୍ରତି ବିମୁଖ ହୋଇ ଅନ୍ୟ ବୃତ୍ତିକୁ ଆଦରି ନେଲେ। ଏବେ ଏହାର ଚାହିଦା କେବଳ ପାଉଜିରେ ସୀମିତ ରହୁଛି। ବିବାହାଦି ସାମାଜିକ ଉତ୍ସବରେ ଚନ୍ଦନ, ସିନ୍ଦୂର ଗିନା, ଚକିବାଙ୍କି ଆଦି କେତେକରେ ରୁପା ସାମଗ୍ରୀ ବ୍ୟବହାର ହେଉଛି। ତେବେ କଟକର ଉନ୍ନତୀକରଣ ପ୍ରସ୍ତାବରେ ଯଦି ହାଡିଆପଠାରେ ତାରକସୀ ହବ୍ ସ୍ଥାନିତ ହୁଅନ୍ତା ତେବେ ଏହି ଶିଳ୍ପ ପୁନର୍ଜୀବିତ ହୋଇପାରିବ ବୋଲି ଆଶା କରାଯାଏ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ପାନୀୟ ଜଳର ବ୍ୟବସ୍ଥା ନାହିଁ

ସାକ୍ଷୀଗୋପାଳ ପୋଷ୍ଟ ଅଫିସରେ ପାନୀୟଜଳର ବ୍ୟବସ୍ଥା ଆଦୌ ନାହିଁ। ଶୋଷ କଲେ ପାଣି ମୁନ୍ଦେ ମିଳିବା କଠିନ ହୋଇପଡୁଛି। ଏହି ଡାକ ଘରକୁ ପ୍ରତିଦିନ ବହୁ ଲୋକ ଆସୁଛନ୍ତି। ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ସେମାନେ ଗଭୀର ଅସନ୍ତୋଷ ପ୍ରକାଶ କରୁଛନ୍ତି। ସ୍ଥାନୀୟ ପୋଷ୍ଟମାଷ୍ଟର ଏ ବିଷୟରେ ଡାକ ବିଭାଗର ମୁଖ୍ୟ ପରିଚାଳକଙ୍କୁ ଜଣାଇବା ଉଚିତ ନୁହେଁ କି। ଦ୍ୱିତୀୟ ଅସୁବିଧା ହେଲା ମନ୍ଦିର ପାଖ ଚିଠିବାକ୍ସ ତଳୁ ଛାଡିଯିବା ଦ୍ୱାରା ଲୋକମାନେ ଚିଠି ପକାଇ ପାରୁନାହାନ୍ତି। ଏ ଦୁଇଟି ଅସୁବିଧା ଯଥାଶୀଘ୍ର ନିରାକରଣ ହେବା ଉଚିତ ନୁହେଁ କି। ନ ହେଲେ ପୋଷ୍ଟାଲ ବିଭାଗ ମୁଖ୍ୟ ପରିଚାଳକ ଗଭୀର ଜନଅସନ୍ତୋଷର ଶିକାରହେବେ।

ରଞ୍ଜନ ମିଶ୍ର, ପ୍ରଚାରକ ଅନନ୍ତ ଜନ୍ମପୀଠ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପିଏମ୍ ରିଲିଫ ଫଣ୍ଡକୁ ବର୍ଷକର ଦରମା ଦାନ

**ପୁରୁଣା ଭୁବନେଶ୍ୱର, ୧୬।୪(ଡି.ଏନ.ଏ.):** କରୋନା ମୁକାବିଲା ଲାଗି ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସହଯୋଗ ହାତ ବଢ଼ାଇଛନ୍ତି ବହୁ ଅନୁଷ୍ଠାନର ବ୍ୟକ୍ତି ବିଶେଷ। ଏହି ପରିପ୍ରେକ୍ଷୀରେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ସରପଞ୍ଚ ଶୁଭାଶିଷ ରଥ ତାଙ୍କର ବର୍ଷକର ଦରମା ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡକୁ ଦାନ କରିଛନ୍ତି। ବୁଧବାର ସେ ୨୨, ୫୬୦ ଟଙ୍କାର ଏସବିଆଇ ଚେକ୍ ସେ ପିପିଲି ତହସିଲଦାର ସପନ କୁମାର ନନ୍ଦଙ୍କୁ ପ୍ରଦାନ କରିଛନ୍ତି। ସେହିଭଳି ଶିଶୁପାଳଗଡ ପଞ୍ଚାୟତ ପକ୍ଷରୁ ୧୫ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ କରାଯାଇଥିବା ସରପଞ୍ଚ ଇତିଶ୍ରୀ ଚମ୍ପତି କହିଛନ୍ତି।

# ପରିବେଷଣ କଳାକାରଙ୍କୁ ଅଣଦେଖା





- ହାତ ବାନ୍ଧି ବସିଛନ୍ତି, ଦୁର୍ଦ୍ଦଶାରେ ବିତୁଛି ଜୀବନ
- ଲୋକକଳା ଓ ଜନଜାତି କଳାକାର ଅଧିକ ପ୍ରଭାବିତ
- ଅସହାୟ ଅବସ୍ଥାରେ ଗରିବ କଳାକାର

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

କଳାକାରଙ୍କ ଉପରେ କରୋନା ଚଡ଼କ। ଲକ୍‌ଡାଉନ୍ ପାଇଁ ଉପାର୍ଜନର ସବୁ ବାଟ ବନ୍ଦ ହୋଇଯାଇଥିବାରୁ ରାଜ୍ୟର ହଜାର ହଜାର କଳାକାର ଏବେ ନାନା ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ନା ସେମାନଙ୍କ ହାତରେ କାମ ଅଛି ନା ପେଟ ପୋଷିବାକୁ ପାଖରେ ପଇସା ଅଛି। ବିଶେଷକରି ପରିବେଷଣ କଳା ବା ପର୍‌ଫର୍ମିଂ ଆର୍ଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା କଳାକାର ଓ ସେମାନଙ୍କ ପରିବାରର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏଯାଏ କରୋନା ନିୟନ୍ତ୍ରଣକୁ ଆସି ନ ଥିବାରୁ ଆଉ କେତେଦିନ ହାତବାନ୍ଧି ବସିବେ ସେହି ଚିନ୍ତାରେ ଦିନରାତି ଘାରି ହେଉଛନ୍ତି। ଏପରିସ୍ଥିତିରେ ସରକାରଙ୍କ ଅଣଦେଖା ଏହି କଳାକାରଙ୍କୁ ବେଶ୍ କଷ୍ଟ ଦେଉଛି।

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ମାର୍ଚ୍ଚ ୧୩ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ରୋକ୍ ଲଗାଇଥିଲେ। ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଥିବା ସମସ୍ତ ଉତ୍ସବ, ମହୋତ୍ସବ, ସେମିନାର, କର୍ମଶାଳା ଓ ସମ୍ମିଳନୀ ଉପରେ ଅଙ୍କୁଶ ଲଗାଯାଇଥିଲା। ସେହିଦିନଠାରୁ ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ, ଭଞ୍ଜକଳା ମଣ୍ଡପ, ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ ଭଳି ପ୍ରମୁଖ ମଣ୍ଡପଗୁଡ଼ିକରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନକୁ ବନ୍ଦ କରାଯାଇଥିଲା। ସମସ୍ତ ସାଂସ୍କୃତିକ ଓ କଳାକାର ଦଳକୁ ରାଜ୍ୟ ଭିତରେ ଓ ରାଜ୍ୟ ବାହାରକୁ ଯିବାକୁ ବାରଣ କରାଯାଇଥିଲା। ଫଳରେ କଳା ପରିବେଷଣ କରି ପେଟ ପୋଷୁଥିବା କଳାକାରମାନେ ୧ମାସ ହେବ ହାତବାନ୍ଧି ବସିଛନ୍ତି। ସଞ୍ଚିତ ଅର୍ଥ ସରିଯାଇଥିବାରୁ ସେମାନେ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କେବଳ ଦୁଃସ୍ଥ କଳାକାରମାନଙ୍କୁ ଭତ୍ତା ଦିଆଯାଉଥିବାରୁ ପଞ୍ଜୀକୃତ ହୋଇ ନ ଥିବା ତଥା ବହୁ ଯୁବ କଳାକାର କଠିନ ପରିସ୍ଥିତି ଦେଇ ଗତି କରୁଛନ୍ତି। ରାଜ୍ୟସ୍ତରୀୟ ଲୋକନୃତ୍ୟ ମହୋତ୍ସବ ଓ ବିଭାଗ ପକ୍ଷରୁ କଳାକାର ମହାସଂଘ ଦ୍ୱାରା ହେଉଥିବା ସଚେତନତାମୂଳକ କାର୍ଯ୍ୟକ୍ରମ ଆଦି ବନ୍ଦ ହୋଇଯାଇଥିବାରୁ ଏହା ଉପରେ ନିର୍ଭର କରି ଚଳୁଥିବା ଲୁପ୍ତପ୍ରାୟ ଲୋକକଳା କଳାକାର ଓ ଜନଜାତି କଳାକାରମାନେ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରେ ଚଇତି ଘୋଡ଼ା, ଦଣ୍ଡ ନାଟ, କୃଷ୍ଣ ଲୀଳା, ମେଢ ନାଚ, ନାଗା ନାଚ, ପାଲା, କଣ୍ଢେଇ ନାଟ, ପାଇକ ଆଖଡ଼ା, ରାମଲୀଳା, ଦାସକାଠିଆ, ଝୁମର, କାଠିନାଚ, ଘୁମୁରା, ଘଣ୍ଟ ପାଟୁଆ ଆଦି ଲୋକନୃତ୍ୟ ପରିବେଷଣ କରି ପେଟ ପୋଷୁଥିବା କଳାକାରମାନେ ଜୀବିକା ହରାଇଛନ୍ତି। ସେହିଭଳି ଗାଁ ଗାଁରେ ବାଉଁଶ ରାଣୀ, କେଳା କେଲୁଣୀ ଭଳି କଳା ପ୍ରଦର୍ଶନ କରି ଦୁଇମୁଠା ଖାଇବା ଯୋଗାଡ଼ କରୁଥିବା ଗରିବ କଳାକାରମାନେ ଏବେ ଅସହାୟ ହୋଇପଡ଼ିଛନ୍ତି। ନା ସେମାନଙ୍କ ପାଖକୁ ସରକାରୀ ସହାୟତା ପହଞ୍ଚିପାରୁଛି ନା କୌଣସି ସଂସ୍ଥାର ସହାୟତା। ସେହିଭଳି ଲୋକ ସଙ୍ଗୀତ ଏବଂ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ଓ ମଞ୍ଚ କଳାକାରଙ୍କ ଅବସ୍ଥା ବି ସମାନ।

### ଜୀବନ କଷ୍ଟକର, ତଥାପି ସହଯୋଗ କରୁଛୁ



ବର୍ତ୍ତମାନର ସ୍ଥିତିରେ କଳାକାରର ଜୀବନ ବଞ୍ଚିବା କଷ୍ଟଦାୟକ ହୋଇପଡ଼ିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଙ୍ଗୀତ ଶିକ୍ଷା ବି ବନ୍ଦ ହୋଇଯାଇଛି। ଏଭଳିସ୍ଥଳେ ଆମେ ଚଳିବୁ କେମିତି ବୋଲି ଦିନରାତି ଭାବୁଥିଲେ ମଧ୍ୟ କରୋନା ମହାଯୁଦ୍ଧ ପାଇଁ ସମସ୍ତ ସହଯୋଗ ଯୋଗାଇଦେଉଛୁ।

**-ସୁରେନ୍ଦ୍ର ତ୍ରିପାଠୀ, ଓଡ଼ିଶୀ ସଙ୍ଗୀତ ଗୁରୁ**

### ସମସ୍ତ କଳାକାରଙ୍କ କଥା ସରକାର ଚିନ୍ତା କରନ୍ତୁ



କେବଳ ମଞ୍ଚ ନାଟକ ଉପରେ ନିର୍ଭର କରି ଓଡ଼ିଶାର ପ୍ରାୟ ୨୦ ହଜାର କଳାକାର, ମେକ୍‌ଅପ୍ ମ୍ୟାନ୍, ସେଟ୍ ଡିଜାଇନର୍, ଲାଇଟ୍ ଡିଜାଇନର୍ ସେମାନଙ୍କ ପରିବାର ଚଳାଉଛନ୍ତି। ଏବେ ଲକ୍‌ଡାଉନ୍ ସମସ୍ତଙ୍କ ପେଟକୁ ଲାତ ମାରିଛି। କେବେ ସବୁକିଛି ସ୍ୱାଭାବିକ ହେବ ତାହାର କିଛି ଠିକ୍‌ଠିକଣା ନାହିଁ। ଏଭଳିସ୍ଥଳେ ସେମାନେ କିପରି ବଞ୍ଚିବେ ତାହା ସରକାର ଚିନ୍ତା କରିବା ଉଚିତ୍। କେବଳ ଦୁଃସ୍ଥ କଳାକାରମାନଙ୍କୁ ଭତ୍ତା ନଦେଇ ସମସ୍ତ କଳାକାରଙ୍କୁ ସହାୟତା ଦିଆଯାଉ।

**-ହରେନ ସାହୁ, ସଭାପତି, ଓଡ଼ିଶା ନାଟ୍ୟ ସଂଘ**

## 'ଟିକ୍ ମି' ଆପ୍ ଦ୍ୱାରା ମିଳିବ ଅତ୍ୟାବଶ୍ୟକ ସାମଗ୍ରୀ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଲକ୍‌ଡାଉନ୍ ପାଇଁ ଲୋକେ ଘରେ ରହିଛନ୍ତି। ସେମାନଙ୍କର ଯେପରି ସମସ୍ୟା ନ ଉପୁଜିବ ସେଥିପାଇଁ ଅନ୍‌ଲାଇନ୍ ଓ ହୋମ୍ ଡେଲିଭରି ସେବାକୁ ଅନୁମତି ଦେଇଛନ୍ତି ସରକାର। ଖୁବ୍‌ଶୀଘ୍ର 'ଟିକ୍ ମି' ମୋବାଇଲ୍ ଆପ୍ ମାଧ୍ୟମରେ ଅତ୍ୟାବଶ୍ୟକ ସେବା ପ୍ରଦାନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ଥିର କରିଛି। ସହରବାସୀ ଉକ୍ତ ଆପ୍ ସହାୟତାରେ ଗ୍ରସେରି ଷ୍ଟୋର୍, ମେଡିକାଲ୍ ଦୋକାନ୍, ରେଷ୍ଟୁରାଣ୍ଟ ଆଦି ଅତ୍ୟାବଶ୍ୟକ ଦୋକାନୀଙ୍କୁ ଅର୍ଡର କରି ସାମଗ୍ରୀ ପାଇପାରିବେ। ସମ୍ପୃକ୍ତ ଦୋକାନୀ ଲୋକଙ୍କ ଘରେ ସାମଗ୍ରୀ ପହଞ୍ଚାଇବେ ବୋଲି ବିଏମ୍‌ସି ସୂଚନା ଦେଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ୍) ସହଯୋଗରେ ବିଏମ୍‌ସି ଏହାକୁ କାର୍ଯ୍ୟକାରୀ କରୁଛି। ଏହି ଆପ୍ ଆମେରିକାର ଉତ୍ତର କାରୋଲିନାର ଚାର୍ଲୋଟର ଏକ ଟିମ୍ ଦ୍ୱାରା ତିଆରି ଓ ଡିଜାଇନିଂ ହୋଇଥିବାବେଳେ ଆଇଆଇଟି କାନପୁର ଗ୍ରାଜୁଏଟ୍‌ମାନେ ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି।

## ସଂକ୍ଷେପରେ

### ଆରମ୍ଭ ହେଲା ଟେଲି ମେଡିସିନ୍ ସେବା

**ଭୁବନେଶ୍ୱର, ୧୬।୪(ବ୍ୟୁରୋ):** ଲକ୍‌ଡାଉନ୍ ସମୟରେ ଡାକ୍ତରୀ ପରାମର୍ଶ ଆବଶ୍ୟକ କରୁଥିବା ଯେକୌଣସି ବ୍ୟକ୍ତି ଡାକ୍ତରଙ୍କ ସହ ଫୋନ୍ କିମ୍ବା ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗାଯୋଗ କରିପାରିବେ। ଗୁରୁବାର ଠାରୁ ବି.ଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ୍ ପକ୍ଷରୁ ଏହି ଟେଲିମେଡ଼ିସିନ୍ ସେବାର ଶୁଭାରମ୍ଭ କରାଯାଇଛି। ଡାକ୍ତରମାନେ ଫୋନ୍ ଯୋଗେ ଚିକିତ୍ସା ସମ୍ବନ୍ଧୀୟ ପରାମର୍ଶ ଦେବେ। ହସ୍ପିଟାଲର ଟୋଲ୍ ଫ୍ରି ନମ୍ବର(୧୮୦୦୫୭୨୪୦୦୦) ଏବଂ ଭିଡିଓ କନ୍‌ଫରେନ୍ସିଂ ନମ୍ବର(୭୨୦୫୩୧୭୬୦୭)ରେ କଲ୍ କରି ବିଶେଷଜ୍ଞଙ୍କ ପରାମର୍ଶ ପାଇପାରିବେ। ଲକ୍‌ଡାଉନ୍ ସମୟରେ ବହୁ ରୋଗୀ ଡାକ୍ତରଙ୍କ ନିକଟରେ ପହଞ୍ଚିବାରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ମେଡିକାଲ ସୁପରିଟେଣ୍ଡେଣ୍ଟ୍ ଡା. ମଞ୍ଜିନ୍ଦର ଭଟ୍ଟି କହିଛନ୍ତି।

### ୨୪ ସ୍ଥାନରେ ପୋଲିସ ପାଇଁ ଅସ୍ଥାୟୀ ତମ୍ବୁ

**ଭୁବନେଶ୍ୱର,୧୬।୪ (ବ୍ୟୁରୋ):** ଲକ୍‌ଡାଉନ୍ ବେଳେ ପୋଲିସ ୪୦ଡିଗ୍ରୀ ଖରାରେ ଠିଆହୋଇ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜଧାନୀର ବିଭିନ୍ନ ଛକରେ ଅସ୍ଥାୟୀଭାବେ ୨୪ଟି ତମ୍ବୁ କରାଯାଇଛି। ଏଥିରେ ସେମାନଙ୍କ ବସିବା ପାଇଁ ଚେୟାର ରହିବା ସହ ପିଇବା ପାଣିର ବ୍ୟବସ୍ଥା ରହିବ। ଏକ ଘରୋଇ ସଂସ୍ଥା ସହଭାଗିତାରେ ଏହା କରାଯାଇଛି।

### ଭୁବନେଶ୍ୱରରର ୫ ସ୍ଥାନରେ ସଚେତନ କରିବ ସ୍ଥାପତ୍ୟ କଳା

**ଭୁବନେଶ୍ୱର, ୧୬।୪(ବ୍ୟୁରୋ):** କରୋନା ସଂକ୍ରମଣ ଏଡ଼ାବାକୁ ଘରେ ରହିବା ପାଇଁ ଯେତେ ବୁଝାଇଲେ ବି ସଚେତନ ହେଉନାହାନ୍ତି ରାଜଧାନୀ ଲୋକ। କଟକଣା ନ ମାନି ରାସ୍ତାରେ ଘୁରି ବୁଲୁଛନ୍ତି। ଧରାପଡି ଜରିମାନା ଗଣୁଥିଲେ ମଧ ସୁଧୁରୁନାହାନ୍ତି। ଏଭଳିସ୍ଥଳେ ସ୍ଥାପତ୍ୟକଳା ମାଧ୍ୟମରେ ଭୁବନେଶ୍ୱରବାସୀଙ୍କୁ ସଚେତନ କରିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଣ୍ଟା ଭିଡିଛି। ପ୍ରାଥମିକ ପର୍ଯ୍ୟାୟରେ ରାଜଧାନୀର ୫ ସ୍ଥାନରେ କରୋନା ସଚେତନତା ସ୍ଥାପତ୍ୟକଳା ନିର୍ମାଣ କରାଯିବ। ଶିଳ୍ପୀ ପ୍ରିୟରଞ୍ଜନ ବରାଳ ଓ ତାଙ୍କ ଟିମ୍ ଦ୍ୱାରା ଏସବୁ ତିଆରି କରାଯିବ। ଦୁଇଦିନ ତଳେ ପ୍ରିୟରଞ୍ଜନ କ୍ୟାପିଟାଲ ଥାନା ନିକଟରେ କରୋନା ସମ୍ପର୍କିତ ଏକ ସଚେତନଧର୍ମୀ ସ୍ଥାପତ୍ୟ ତିଆରି କରି ଚର୍ଚ୍ଚାକୁ ଆସିଥିଲେ। ଏବେ ରାଜଧାନୀର ବିଭିନ୍ନ ହାଟ ବଜାରରେ ଏହି ସ୍ଥାପତ୍ୟକଳାକୁ ରଖାଯାଇ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯିବ। ୟୁନିଟ୍-୨ ମାର୍କେଟ, ୟୁନିଟ୍-୪ ମାର୍କେଟ ଓ ୟୁନିଟ୍-୯ ମାର୍କେଟ ଭଳି ୫ଟି ସ୍ଥାନରେ ଏହି ସ୍ଥାପତ୍ୟ କଳାକୁ ରଖାଯିବ। ଓଡ଼ିଶା ପ୍ରୋଗେସିଭ୍ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ଏହି ଅଭିନବ ପ୍ରୟାସ କରାଯାଇଥିବାବେଳେ ଏଥିପାଇଁ ସେମାନଙ୍କୁ ବିଏମ୍‌ସି ସହଯୋଗ କରିବ।

## ଅପେକ୍ଷା



ପ୍ରବଳ ଖରା ତାତି ସତ୍ତ୍ୱେ ଭୁବନେଶ୍ୱରର ଏକ ରାସ୍ତାରେ ଯାତ୍ରୀଙ୍କୁ ଅପେକ୍ଷା କରି ଜଣେ ବୃଦ୍ଧ ରିକ୍ସା ଚାଳକ ଶୋଇଯାଇଛନ୍ତି।



ପୁରୀ ପିପିଲି ନିକଟ ମଙ୍ଗଳପୁର ରାସ୍ତା ପାର୍ଶ୍ୱରେ ଦୁଇଜଣ ଚାଷୀ କ୍ଷେତରୁ ତୋଳିଥିବା ବାଇଗଣକୁ ବିକ୍ରି ପାଇଁ ପ୍ରସ୍ତୁତ କରୁଛନ୍ତି।

# ବ୍ରିଜ୍ ତଳୁ ମିଳିଲା ବାବାଜିଙ୍କ ମୃତଦେହ

**ଖୋର୍ଦ୍ଧା ଅଫିସ, ୧୬।୪**



- ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ
- ଘଟଣାସ୍ଥଳରେ ପଡ଼ିଛି ସ୍କୁଟି
- ପୁରୁସାହିର ଏକ ଘରେ ରକ୍ତଛିଟା
- ଜଣଙ୍କୁ ଅଟକ ରଖି ପୋଲିସର ତନାଘନା
- ପୂର୍ବ ଶତ୍ରୁତା ହୋଇଥାଇପାରେ କାରଣ

ଖୋର୍ଦ୍ଧା ଟାଉନ (ଆଦର୍ଶ) ଥାନା ଅଧୀନ ପୁରୁସାହି ନିକଟ ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଏକ ବ୍ରିଜ୍ ତଳୁ ଜଣେ ବାବାଜିଙ୍କ ମୃତଦେହକୁ ଗୁରୁବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଗଗନ ବିହାରୀ ବେହେରା (୬୦)। ସେ ପୁରୁସାହି ନିକଟ ଏକ ମଠରେ ବାବାଜିଭାବେ ରହୁଥିଲେ। ପୋଲିସ ଘଟଣାସ୍ଥଳରୁ ଏକ ସ୍କୁଟି ଜବତ କରିଛି। ଏଥିସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗଗନଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ଶୈଳବାଳା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ଜଣକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଉକ୍ତ ରାସ୍ତା ଦେଇ ଯାଉଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବ୍ରିଜ୍ ତଳେ ଏକ ସ୍କୁଟି ସହ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ପୋଲିସକୁ ଖବର ଦେଇଥିଲେ। ଅତିରିକ୍ତ ଏସ୍‌ପି କେ.ବି. ଜେନା, ଏସ୍‌ଡିପିଓ (ସଦର) ସୁଶୀଲ କୁମାର ମିଶ୍ର, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ, ଆଡ଼ିଶନାଲ ଥାନାଧିକାରୀ ଏ.କେ. ନନ୍ଦ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ମୃତଦେହକୁ ସ୍ଥାନୀୟ ଲୋକେ ଚିହ୍ନଟ କରିଥିଲେ। ଅନ୍ୟପଟେ ପୁରୁସାହି ନିକଟସ୍ଥ ଏକ ଘରେ ରକ୍ତଛିଟା ପଡ଼ିଥିବା ପୋଲିସ ସୂଚନା ପାଇ ସେଠାକୁ ଯାଇ ଅନୁସନ୍ଧାନ କରିବା ସହ ମଠରେ ମଧ୍ୟ ଖୋଳତାଡ଼ କରିଛି। ପୂର୍ବଶତ୍ରୁତାରୁ ଗଗନଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ସ୍କୁଟିରେ ଆଣି ବ୍ରିଜ୍ ତଳେ ଫିଙ୍ଗିଦେଇଥିବା ପୋଲିସ ସନ୍ଦେହ କରୁଛି।

## ସେବା ନ ପାଇ କ୍ଷୀର ଗାଡ଼ି ଅଟକାଇଲେ ବମିଖାଲ ଲୋକେ

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ସହରର ସବୁଠୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବମିଖାଲ କଣ୍ଟେନମେଣ୍ଟ ଜୋନ୍ ଅନ୍ତର୍ଗତ ବେବିଲନ୍ ଆପାର୍ଟମେଣ୍ଟ ନିକଟରେ ଗୁରୁବାର ପ୍ରଶାସନର କ୍ଷୀର ଗାଡ଼ିକୁ ସ୍ଥାନୀୟ ବାସିନ୍ଦା ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅଟକାଇ ରଖିଥିଲେ। ଏହି ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଆବଶ୍ୟକ ମୁତାବକ ପହଞ୍ଚାଯାଉ ନ ଥିବା ଅଭିଯୋଗ ଆଣି ଅସନ୍ତୁଷ୍ଟ ଲୋକେ ଏପରି ପଦକ୍ଷେପ ନେଇଥିଲେ। ବିଏମ୍‌ସିର ନୋଡାଲ ଅଧିକାରୀ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ପ୍ରତିଦିନ ଏବେ ପନିପରିବା, କ୍ଷୀର ଓ ଗ୍ରସେରି ସାମଗ୍ରୀ ଯୋଗାଣ ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣରେ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ କ୍ଷୀର ଗାଡ଼ିକୁ ଲୋକେ ଛାଡ଼ିଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**୧ମ ଶୁଦ୍ଧିପତ୍ର**
(୧) କ୍ର. ସଂ. ଟେଣ୍ଡର ବିଜ୍ଞପ୍ତି ନଂ. ସିଇସି/ବିଏସ୍‌ପି/୧୯-୨୦/୬୮ ତାରିଖ: ୧୩।୦୩।୨୦୨୦ (ଦୁଇ ପ୍ୟାକେଟ୍ ପ୍ରଣାଳୀ ସହିତ ଖୋଲା ଟେଣ୍ଡର)।
କାର୍ଯ୍ୟର ନାମ: "ଗୋନ୍ଦିଆ-ଜବଲପୁର ଗେଜ୍ ପରିବର୍ତ୍ତନ ପ୍ରକଳ୍ପ ସଂକ୍ରାନ୍ତରେ ସିଆର୍‌ଏସ୍‌ର ଅନୁପାଳନ ଲାଗି ସାମ୍ନାପୁରରୁ ନୈନପୁର ମଧ୍ୟରେ ସ୍ଲୋପ୍ ସୁରକ୍ଷା କାର୍ଯ୍ୟ, ଡ୍ରେନେଜ୍ ଏବଂ କ୍ଷୟ ନିୟନ୍ତ୍ରଣ, ସିଭିଲ ଇଞ୍ଜିନିୟରିଂ କାର୍ଯ୍ୟ ନିର୍ବାହ।"
ଟେଣ୍ଡର ସମାପ୍ତିର ତାରିଖକୁ ଏତଦ୍ୱାରା ତା୧୬।୦୪।୨୦୨୦ରିଖରୁ ତା୨୭।୦୪।୨୦୨୦ରିଖକୁ ବୃଦ୍ଧି କରାଯାଉଛି।
ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ଡେପୁଟି ଚିଫ୍ ଇଞ୍ଜିନିୟର/ନିର୍ମାଣ
CPR/10/12 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

# ସଂଗ୍ରହ ହେବ ଇଚ୍ଛୁକ ବ୍ୟକ୍ତିଙ୍କ ନମୁନା

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

### ଭୁବନେଶ୍ୱରରେ ବଢ଼ିବ ପରୀକ୍ଷଣ ସୁବିଧା

- ଦାୟିତ୍ୱରେ ଥିବା ଆଇଏଏସ୍ ଅଧିକାରୀଙ୍କ ଆଲୋଚନା
- ଡାକ୍ତରୀଦଳଙ୍କ ସଂଖ୍ୟା ବୃଦ୍ଧି କଲା ବିଏମ୍‌ସି

ଭୁବନେଶ୍ୱରରେ ବସବାସ କରୁଥିବା ଲୋକଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଇଚ୍ଛୁକ ବ୍ୟକ୍ତିଙ୍କର ନମୁନା ସଂଗ୍ରହ କରାଯିବ। ସ୍ୱାସ୍ଥ୍ୟ ପରୀକ୍ଷା ଓ ନମୁନା ପରୀକ୍ଷଣ ପାଇଁ ଭୁବନେଶ୍ୱର ଜନସାଧାରଣଙ୍କ ପକ୍ଷରୁ ବହୁ ଅନୁରୋଧ ଆସିବା ପରେ ଗୁରୁବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ନିୟୋଜିତ ଡାକ୍ତରୀ ଦଳର ସଂଖ୍ୟା ବଢ଼ାଇ ଦିଆଯାଇଛି। ଜୋନ୍ ସ୍ତରରେ ଏହି କାର୍ଯ୍ୟ ପ୍ରତି ବିଶେଷ ଭାବେ ଗୁରୁତ୍ୱ ଦିଆଯିବ। କୋଭିଡ୍-୧୯କୁ ଜୋନ୍‌ସ୍ତରରେ ନିୟନ୍ତ୍ରଣ କରିବା ପାଇଁ ଦାୟିତ୍ୱ ନେଇଥିବା ବରିଷ୍ଠ ଆଇଏଏସ୍ ଅଧିକାରୀମାନେ ଏହାର ତଦାରଖ କରିବେ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଭୁବନେଶ୍ୱରରେ ଏବେ ରାଜ୍ୟର ସର୍ବାଧିକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସରକାର ୬ ବରିଷ୍ଠ ଆଇଏଏସଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେମାନେ ତ୍ୱରିତ ପଦକ୍ଷେପ ନେବେ। ଅଧିକାରୀମାନେ ଭୁବନେଶ୍ୱରରେ ଥିବା ବସ୍ତିଅଞ୍ଚଳକୁ ଫୋକସ୍‌ରେ ରଖିଛନ୍ତି। ତେଣୁ ବସ୍ତି ଅଞ୍ଚଳରେ ଏବେ ପ୍ରତିଦିନ ଘରକୁଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କମିଶନର ଚୌଧାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବୁଧବାର ଦାୟିତ୍ୱ ଗ୍ରହଣ କରିବା ପରେ ରାଜଧାନୀରେ କରୋନା ସଂକ୍ରମଣକୁ କିପରି ରୋକାଯାଇ ପାରିବ ସେନେଇ ୬ ବରିଷ୍ଠ ଆଇଏଏସ୍ ଅଧିକାରୀ ତତ୍ପରତା ପ୍ରକାଶ କରିଛନ୍ତି।

### ଆଜିଠୁ କାର୍ଡ ନ ଥିବା ବ୍ୟକ୍ତିଙ୍କୁ ମିଳିବ ରାଶନ

ଯାହାର ରାଶନକାର୍ଡ ନାହିଁ ସେମାନଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯିବ। ଭୁବନେଶ୍ୱରରେ ବସବାସ କରୁଥିବା ଅନ୍ୟ ରାଜ୍ୟ ତଥା ଜିଲାର ଶ୍ରମିକଙ୍କ ପାଇଁ ଏବେ କୌଣସି କାମ ନଥିବାରୁ ସେମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଲକ୍ଷ୍ୟରଖି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱାରୋପ କରି ବରିଷ୍ଠ ଆଇଏଏସ୍ ଅଧିକାରୀମାନେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

### ଦୃଢ଼ ହେବ କଣ୍ଟେନ୍‌ମେଣ୍ଟ କଟକଣା

ଭୁବନେଶ୍ୱରରେ ଏବେ କିଛି ଅଞ୍ଚଳରେ ସଂକ୍ରମିତଙ୍କଠାରୁ ପାଖ ପଡ଼ୋଶୀ ସଂକ୍ରମିତ ହୋଇ ଥିବାର ପରିଲକ୍ଷିତ ହୋଇଛି। ଗୋଷ୍ଠୀ ସଂକ୍ରମଣ ହେବା ପୂର୍ବରୁ ଏଥିରେ ରୋକ୍ ଲଗାଇବା ପାଇଁ ଆଇଏଏସ ଅଧିକାରୀମାନେ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱରରେ ଯେକୌଣସି ଅଞ୍ଚଳ ଏବେ ବି କଣ୍ଟେନ୍‌ମେଣ୍ଟ ଅଞ୍ଚଳ ଭାବେ ପରିଗଣିତ ହେଉଛି, ସେଥିରେ କଟକଣା ବଢ଼ାଯିବ। ଡ୍ରୋନ୍ ଦ୍ୱାରା ଲୋକଙ୍କ ଗମନାଗମନ ପ୍ରତି ଦୃଷ୍ଟି ଦିଆଯିବ। କେହି ବି ନିୟମ ଖିଲାପ କରୁଥିବାର ନଜରକୁ ଆସିଲେ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ବ୍ୟକ୍ତିମାନେ ଯଦି ନିୟମ ଖିଲାପ କରୁଥିବାର ନଜରକୁ ଆସନ୍ତି ତାଙ୍କ ପ୍ରତି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

**IN THE COURT OF SUB COLLECTOR-CUM-ENQUIRING OFFICER, PARALAKHEMUNDI**

No.1028 **NOTICE** Date 15.04.2020

It is hereby brought to the notice of Sri Rama Krishna Nayak, Jr. Revenue Asst. (under suspension) Block Office, Mohana, Dist. Gajapati through this notice that the Departmental Proceeding drawn up against you is posted to 19.02.2020 before the Enquiring Officer-cum-Sub Collector, Paralakhemundi for hearing & disposal. The memorandum of charges as well as additional article of charges could not be served on you either in person or through post as you are found unauthorized absent in the Head Quarters and in your permanent address. Hence, you were called upon by Collector, Gajapati through paper publication in 'THE SAMAJ" dated 20.8.2019. But you did not also turn up. Your Head Quarters was fixed at Sub Collector's Office, Paralakhemundi vide L. No.1911 dated 15.2.2018 of Collector, Gajapati. But you have not attended this office since 26.10.2018.

You are therefore directed to appear in person on 06.5.2020 at 10.00 A.M. in the Court of the undersigned for hearing and filing of documents to defend the charges after receipt of memorandum of charges failing which the case will be heard and disposed of as per the provisions of law.

*Sd./- Sub Collector-cum-Enquiring Officer, Paralakhemundi*

**IN THE COURT OF SUB COLLECTOR-CUM-ENQUIRING OFFICER, PARALAKHEMUNDI**

No.1015 **NOTICE** Date 15.04.2020

It is hereby brought to the notice of Sri Dukha Pujari, Head Clerk, Development Section, Collectorate Gajapati, Dist. Gajapati through this notice that the Departmental Proceeding drawn up against you is posted to 06.5.2020 before the Enquiring Officer-cum-Sub Collector, Paralakhemundi for hearing & disposal. The memorandum of charges could not be served on you either in person or through Tahasildar, Paralakhemundi as you are found unauthorized absent in the Head Quarters and your house at OM SHANTI COLONY, Paralakhemundi is reported to be under lock and key. Hence, you were called upon by Collector, Gajapati through paper publication in "THE SAMBAD" dated 03.04.2019. But you did not also turn up.

You are therefore directed to appear in person on 06.05.2020 at 10.00 A.M. in the Court of the undersigned for hearing and filing of documents to defend the charges after receipt of memorandum of charges failing which the case will be heard and disposed of as per the provisions of law.

*Sd./- Sub Collector-cum-Enquiring Officer, Paralakhemundi*

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK**

**NOTICE INVITING TENDER FOR PROVIDING DISINFECTION / SANITISATION SPRAY SERVICE**

Advertisement No.5301 Date 16.04.2020

Sealed tenders are invited from interested Agencies for providing Disinfection/Sanitisation Spray Service to different Health Institution of Cuttack District as well as O/o - CDM & PHO, Cuttack. The tender document with all information relating to the tender process such as cost of tender paper, EMD, Eligibility Criteria, Terms & conditions etc. are available on the website www.cuttack.nic.in. which may be downloaded for use. Interested parties may submit their tenders superscribing as "Tender for Providing Sanitisation Spray Service in reference to Advertisment No.5301 dt. 16.04.2020" to the undersigned, which should reach on or before 2 P.M. of 21.04.2020 positively and the same will be opened at 3.30 P.M. on the same day by a Committee in presence of bidders. The undersigned reserves the right to reject any or all the tenders without assigning any reason thereof.

*Sd./- CDM & PHO cum District Mission Director, Cuttack*

**OFFICE OF THE CHIEF DISTRICT MEDICAL & PHO-cum-DMD, CUTTACK**
**DEPARTMENT OF HEALTH & FAMILY WELFARE GOVERNMENT OF ODISHA**

Adv. No.5304 Date: 16.04.2020

**SHORT TENDER CALL NOTICE FOR SET-UP ICU, DG set, AC, Ventilator**

Sealed tenders are invited from authorized distributors for supply of **SET-UP OF ICU, DG SET, AC, Ventilator** under CDM&PHO, Cuttack. The details of terms and conditions of tender are available at the official website www.cuttack.nic.in. The bidders have to download the tender paper from website to participate in the tender. The undersigned reserves the right to reject any or all the tenders without assigning any reason. Available of tender paper 17.04.2020 to 21.04.2020, Last date of submission of paper 21.04.2020, Time : 2.30 P.M., Opening of tender (Technical Bid) 21.04.2020, 3.30 P.M. Submission of tender paper through Speed Post/ Registered Post/ Courier/ by hand.

*Sd./- Chief District Medical & PHO cum DMD Cuttack*

## ଅଲାରନାଥ ମନ୍ଦିର ହେଲା ବିଶୋଧନ

**ବ୍ରହ୍ମଗିରି, ୧୬। ୪(ଡି.ଏନ.ଏ):** କରୋନା ଭୂତାଣୁ ପ୍ରଭାବରୁ ରକ୍ଷା ପାଇବା ପାଇଁ ସାରା ଦେଶରେ ଲକ୍‌ଡାଉନ, ସାମାଜିକ ଦୂରତା ରକ୍ଷା ସହ ବିଭିନ୍ନ ଜନସମାଗମ ସ୍ଥାନକୁ ସାନିଟାଇଜେଶନ କରାଯାଉଛି। ଏ ନେଇ ବ୍ରହ୍ମଗିରି ଅଗ୍ନିଶମ ବାହିନୀ ପକ୍ଷରୁ ଗୁରୁବାର ମହାପ୍ରଭୁ ଅଲାରନାଥ ମନ୍ଦିରକୁ ସୋଡିୟମ ହାଇପୋକ୍ଲୋରାଇଡ୍ ସିଞ୍ଚନ କରି ବିଶୋଧନ କରାଯାଇଛି। ମହାପ୍ରଭୁ ଅଲାରନାଥଙ୍କ ପୀଠ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏକ ଆଧାତ୍ମିକ ପୀଠ ହୋଇଥିବାରୁ ଏଠାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

### ସଂକ୍ଷେପରେ

## ପହଞ୍ଚିଲା ୪୦ ଫୁଟିଆ ରଥକାଠ



**ପୁରୀ ଅଫିସ,୧୬।୪:** ଜୁନ୍ ୨୩ରେ ରଥଯାତ୍ରା। ଏଥିପାଇଁ ଆସନ୍ତା ୨୬ ତାରିଖ ପବିତ୍ର ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ କାମ ଆରମ୍ଭ ହେବ। ତିନିରଥ ନିର୍ମାଣ ଲାଗି ଗୁରୁବାର ପୁରୀରେ ପହଞ୍ଚିଛି ସପ୍ତମ ପର୍ଯ୍ୟାୟ ରଥକାଠ। ନୟାଗଡ଼ ବନଖଣ୍ଡ ତରଶିଙ୍ଗା ରେଞ୍ଜରୁ ୨ଟି ଟ୍ରେଲର ଯୋଗେ ୪୦ ଫୁଟିଆ ଅସନ ଓ ଧଉରା କାଠ ଆସିଛି। ଏଥିରେ ଖଣ୍ଡିଏ ଅସନ ଏବଂ ୧୯ ଖଣ୍ଡ ଧଉରା କାଠ ରହିଛି। ଏଥିରେ ରଥର ଅଖ, ଦଣ୍ଡା, ଗୟଳ ତିଆରି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି।

## କ୍ୱାରାଣ୍ଟାଇନ କେନ୍ଦ୍ରର ସ୍ଥିତି ପରଖିଲେ ବିଧାୟକ

**ଚୌଦ୍ୱାର,୧୬।୪(ଡି.ଏନ୍.ଏ):** ଚୌଦ୍ୱାର-କଟକ ବିଧାୟକ ଶୌଭିକ୍ ବିଶ୍ୱାଳ ଚୌଦ୍ୱାର ଗାନ୍ଧୀଛକ ଠାରେ ଥିବା ୫୦ ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ କେନ୍ଦ୍ରର ସ୍ଥିତି ପରଖିଛନ୍ତି। ଚୌଦ୍ୱାର ସହର ପାଇଁ ୧୦୮ ଆମ୍ବୁଲାନ୍ସ ସେବାକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ରୋଗୀ ସେବା ପାଇଁ ଉଦ୍ଦିଷ୍ଟ ୧୦୮ ଆମ୍ବୁଲାନ୍ସ କିଛି ଦିନ ହେବ ଅଚଳ ହୋଇପଡ଼ିଥିଲା। ବିଧାୟକ ବିଶ୍ୱାଳ ନୂତନ ଆମ୍ବୁଲାନ୍ସ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ବୁଧବାର ଟାଉନ ହଲ୍ ପରିସରରେ କଟକ ସିଡିଏମ୍‌ଓ ସତ୍ୟବ୍ରତ ଛୋଟରାୟ,କ୍ଲଷ୍ଟର ଲିଡର ଅମିତ୍ ରାୟ ଓ ପୌରପାଳିକାର ପୂର୍ବତନ ଚେୟାରମ୍ୟାନ ପ୍ରେମଚାନ୍ଦ ନାୟକ,ପୂର୍ବତନ କାଉନସିଲର କରୁଣାକର ସାହୁ,ବିଷ୍ଣୁ ଚରଣ ପରିଡ଼ା,ଶୁଭେନ୍ଦୁ ସାମଲ,ସୁବ୍ରତ ସାମଲଙ୍କ ଉପସ୍ଥିତିରେ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସାହିତ୍ୟିକ ଅଭୟ ସାମନ୍ତରାୟଙ୍କ ପରଲୋକ

**କଟକ ଅଫିସ,୧୬।୪:** ବରିଷ୍ଠ ସାହିତ୍ୟିକ, ସାମାଜିକ କର୍ମୀ ତଥା ଖବରଦାତା ଅଭୟ



ସାମନ୍ତରାୟଙ୍କର ଗୁରୁବାର ଭୋର ୪ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ଗତ ଦୁଇ ଦିନ ହେଲା ସେ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିଲେ। ମରଶରୀରକୁ ରାଜାବଗିଚା ଲେବର କଲୋନୀସ୍ଥିତ ବାସଭବନକୁ ଅଣାଯାଇଥିଲା। କଟକ ଜିଲା ଉତ୍କଳ ସମ୍ମିଳନୀର ପୂର୍ବତନ ସାଧାରଣ ସମ୍ପାଦକ, ମୋ' ଓଡ଼ିଶା ଅନୁଷ୍ଠାନର ସଭାପତି ଆଦି ବିଭିନ୍ନ ପଦପଦବୀରେ ଥିଲେ ଅଭୟ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଅଳକା ସାମନ୍ତରାୟଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଡାକ୍ତର ରବିରଞ୍ଜନ ସାହୁ, ଡ. କୃପାସିନ୍ଧୁ ପଣ୍ଡା, ରଘୁନାଥ ମହାପାତ୍ର, ବିଷ୍ଣୁମୋହନ ଦାସସାମନ୍ତ, ରମାକାନ୍ତ ମହାପାତ୍ର, ଡ. ଗୁରୁପ୍ରସାଦ ମହାନ୍ତି, ଡ. କମରୁଲ ହୁସେନଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଜଣାଇଥିଲେ। ଖାନନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଅବନେନ୍ଦ୍ର ମୁଖାଗ୍ନି ଦେଇଥିଲେ।

## ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ

**ବ୍ରହ୍ମଗିରି, ୧୬। ୪(ଡି.ଏନ.ଏ):** ରାଜ୍ୟରେ ଲକ୍‌ଡାଉନ ଚାଲିଥିବା ବେଳେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାଯିବାକୁ ନିର୍ଦ୍ଦେଶ ରହିଛି। ଏହାର ଫାଇଦା ନେଇ କେତେଜଣ ଅସାଧୁ ବ୍ୟବସାୟୀ ଦର ତାଲିକା ନ ମାରି ଚଢ଼ା ଦରରେ ସାମଗ୍ରୀ ବିକ୍ରି କରୁଛନ୍ତି। ଏ ନେଇ ଗୁରୁବାର ବ୍ରହ୍ମଗିରି ଯୋଗାଣ ବିଭାଗ ପକ୍ଷରୁ ଦୋକାନଗୁଡ଼ିକ ଉପରେ ଚଢ଼ାଉ କରାଯାଇ ଦର ତାଲିକା ମାରିବାକୁ ତାଗିଦ୍ କରାଯାଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ଦୋକାନ ସିଲ୍ କରାଯିବାକୁ କୁହାଯାଇଛି। ଏହି ଚଢ଼ାଉରେ ବ୍ରହ୍ମଗିରି ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ମହାନ୍ତି ଓ ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ ଶତପଥୀ ସାମିଲ ହୋଇଥିଲେ।

# ସ୍ୱାସ୍ଥ୍ୟ, ମୋଟରଯାନ ବୀମା ଅବଧି ୧୫ ଯାଏ ବଢ଼ିଲା

## ନବୀକରଣ ହୋଇ ନ ଥିଲେ ବି ସୁବିଧା ପାଇବେ ବୀମାଧାରୀ

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ସମଗ୍ର ଦେଶରେ କରୋନା(କୋଭିଡ-୧୯) ସଂକ୍ରମଣକୁ ଦୃଷ୍ଟିରେ ରଖି ଏପ୍ରିଲ ୧୪ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହି ସମୟରେ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଘରୋଇ ସଂସ୍ଥା, ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ଲୋକମାନେ ଘରେ ରହିଛନ୍ତି। ସ୍ୱାସ୍ଥ୍ୟ ଓ ମୋଟରଯାନ ବୀମା ଅବଧି ସରିଥିଲେ ମଧ୍ୟ ତାକୁ ନବୀକରଣ ନେଇ ସମସ୍ୟା ଦେଖାଦେଇଛି। ଏହି ସମୟରେ ଲୋକମାନେ ନିଜର ବୀମା ନବୀକରଣ କରିବା ସମ୍ଭବ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ମୋଟରଯାନ(ତୃତୀୟ ପକ୍ଷ) ବୀମା ପଲିସି ନବୀକରଣ ତାରିଖକୁ କେନ୍ଦ୍ର ସରକାର ମେ ୧୫ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, କୋଭିଡ-୧୯ ଲକ୍‌ଡାଉନ ଜାରି ରହିଥିବାରୁ ଏଭଳି କଠିନ ସମୟରେ ବୀମାକାରୀମାନେ ସେମାନଙ୍କର ନବୀକରଣ କରିବା ସମ୍ଭବ ହେଉନାହିଁ। ଯଦି କୌଣସି ବୀମାଧାରୀଙ୍କ ପଲିସି ୨୦୨୦ ମାର୍ଚ୍ଚ ୨୫ରୁ ମେ ୩ ତାରିଖ ମଧ୍ୟରେ ଅବଧି ଶେଷ ହୋଇଥିବ, ସେମାନେ ମେ ୧୫ତାରିଖ ମଧ୍ୟରେ ନିଜର ଦେୟ ଜମା କରିପାରିବେ। ଏହି ସମୟରେ ବୀମା ଅବଧି ଶେଷ ହୋଇଥିଲେ ମଧ୍ୟ ପୂର୍ବଭଳି ବଳବତ୍ତର ରହିବ। ଯଦି ଏହି ସମୟରେ କୌଣସି ବୀମାଧାରୀ ଟଙ୍କା ପାଇବା ପାଇଁ ଆବେଦନ କରିବେ ତେବେ ଏହାକୁ ବୈଧ ଧରାଯିବ। ସମ୍ପୃକ୍ତ ବ୍ୟକ୍ତି ମେ ୧୫ତାରିଖ ଯାଏ ନିଜ ବୀମାର ସମସ୍ତ ସୁବିଧା ପାଇବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।



ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀର ଚକଡ଼ାରେ ନାଟମଣ୍ଡପକୁ ରଙ୍ଗ କରାଯାଉଛି।

## ଚାପ ପାଇଁ ମଣ୍ଡଣି କାମ ଆରମ୍ଭ

**ପୁରୀ ଅଫିସ,୧୬।୪**

ଚନ୍ଦନ ଯାତ୍ରାରେ ଦେବୀଦେବ ଚାପରେ ଜଳକ୍ରୀଡ଼ା କରିଥାନ୍ତି। ଏଥିପାଇଁ ୨ଟି ଲେଖାଏ ଡଙ୍ଗାକୁ ଯୋଡ଼ି ୨ଟି ଚାପ ନନ୍ଦା ଓ ଭଦ୍ରା ପ୍ରସ୍ତୁତ କରାଯାଏ। ଚାପ ଦ୍ୱୟ ଜରିକାମ ହୋଇଥିବା ମଣ୍ଡଣି ଦ୍ୱାରା ସୁଶୋଭିତ ହୋଇଥାଏ। ତେଣୁ ଚନ୍ଦନ ଯାତ୍ରା ପାଇଁ ମଣ୍ଡଣି ପ୍ରସ୍ତୁତି କାମରେ ଲାଗିପଡ଼ିଛନ୍ତି ଦର୍ଜି କାରିଗର। ଗୁରୁବାରଠାରୁ ଦର୍ଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ନେତୃତ୍ୱରେ ୧୨ଜଣ ଦର୍ଜି କାରିଗର ମଣ୍ଡଣି ତିଆରି କାମରେ ଲାଗିଛନ୍ତି। ଦର୍ଜି ସର୍ଦ୍ଦାର କହିଛନ୍ତି ଯେ, ନନ୍ଦା ଚାପ ଲାଗି ନାଲି କପଡ଼ାରେ ଓ ଭଦ୍ରା ଚାପ ପାଇଁ ଧଳା କପଡ଼ାରେ ମଣ୍ଡଣି ପ୍ରସ୍ତୁତି ଚାଲିଛି। ମଣ୍ଡଣି ବାଦ୍ ୨ ଚାପର ବେକି, ଝାଲର ପଟି, ଚାରିପଲା, ଉପର ଟୋପର, ଝାଲର କାମ ମଧ୍ୟ କରାଯାଉଛି। ଏଥିସହ ଠାକୁରଙ୍କ ଲାଗି ବାଙ୍କ ୮ଟି, ଗୋଟିଏ ସୁନା ବିଞ୍ଚଣା, ରୁପା ଆଲଟ ୩, ସାଦା ବିଞ୍ଚଣା ୫, ଅଳଙ୍କାର ମୁଣି ୧, ପାନବଟୁଆ ୧, ପତାକା ୭, ଚାନ୍ଦୁଆ ୧୩, ଖଣ୍ଡା ୧, ଛୁରି ୧, ପାଲିଙ୍କି ଚାଳି ୨, ତରାସ ୧, ଧଳାଛତି ୧, କଳାଛତି ୧, ଓଲାର ୧ ଓ ପାଲିଙ୍କି ନଳୀ ୪ଟି ତିଆରି ହେବ। ୧୬ଟି ଶେଯ, ୨୦ଟି ମାଣ୍ଡି ଓ ୨ଟି ମୃଦଙ୍ଗ ମାଣ୍ଡି ମଧ୍ୟ ତିଆରି କରାଯିବ ବୋଲି ଦର୍ଜି ସର୍ଦ୍ଦାର କହିଛନ୍ତି। କଟନ, ଭେଲ୍‌ବେଟ୍, ସାଟିନ୍ ଏବଂ ବନାରସି ଜରିକନାରେ ଏହା ତିଆରି ହେବ। ଚନ୍ଦନ ଯାତ୍ରା ଦିନକ ପୂର୍ବରୁ କାମ ଶେଷ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ଅଯୋଧ୍ୟା ସିଂହାସନରେ ଶ୍ରୀରାମ ଅଭିଷିକ୍ତ

**ପୁରୀ ଅଫିସ,୧୬।୪**



### ସରିଲା ଶ୍ରୀରାମ ଲୀଳା

ପିତୃସତ୍ୟ ପାଳି ପ୍ରଭୁ ଶ୍ରୀରାମ ୧୪ବର୍ଷ ବନବାସରେ ଯାଇଛନ୍ତି। ଭାତୃଭକ୍ତ ଭରତ ଅଯୋଧ୍ୟା ସିଂହାସନରେ ଶ୍ରୀରାମଙ୍କ ପାଦୁକା ସ୍ଥାପନ କରି ରାଜ୍ୟ ପରିଚାଳନା କରିଛନ୍ତି। ୧୪ ବର୍ଷ ପୂରିବାର ଠିକ୍ ଗୋଟିଏ ଦିନ ପୂର୍ବରୁ ରାମଚନ୍ଦ୍ର ନ ଆସିବାରୁ ଭରତ ଅଗ୍ନିରେ ଝାସ ଦେବେ ବୋଲି ସ୍ଥିର କରିଛନ୍ତି। ଏହି ସମୟରେ ହନୁମାନ ପହଞ୍ଚି ଭରତଙ୍କୁ ରୋକିଛନ୍ତି। ଏହାପରେ ଭରତ ସିଂହାସନରୁ ପାଦୁକା ନେଇ ଶ୍ରୀରାମଙ୍କ ପାଖକୁ ଯାଇଛନ୍ତି। ଶ୍ରୀରାମଙ୍କୁ ପାଦୁକା ଅର୍ପଣ କରିବା ସହିତ ଭାତୃସତ୍ୟ ପାଳନ କରି ରାଜ୍ୟ ଭାର ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏହାପରେ ଅଯୋଧ୍ୟା ସିଂହାସନରେ ପ୍ରଭୁ ରାମଚନ୍ଦ୍ର ଅଭିଷିକ୍ତ ହୋଇଛନ୍ତି। ରାମନବମୀଠାରୁ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀରାମ ଲୀଳା କ୍ରମରେ ଗୁରୁବାର ରାମାଭିଷେକ ନୀତି ସମ୍ପନ୍ନ ହୋଇଛି। ଏଥିସହ ଶେଷ ହୋଇଛି ଶ୍ରୀରାମ ଲୀଳା।

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଏବଂ ଦକ୍ଷିଣୀ ଘର ପୂଜା ପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଚଳନ୍ତିବିଗ୍ରହ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ସେଠାରୁ ଆଜ୍ଞାମାଳ ପାଇ ବିମାନରେ ନନ୍ଦିଗ୍ରାମକୁ ବିଜେ ହୋଇଥିଲେ। ମାର୍କେଟ ଛକ ନିକଟ ଚୁଡ଼ାପତିଠାରେ ତିଆରି ଚାଳିଘରକୁ ନନ୍ଦିଗ୍ରାମ କୁହାଯାଏ। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଚାଲିଥିବାବେଳେ ଗୌଡ଼ବାଡ଼ ସାହିର ଦୁଇଜଣ ବ୍ୟକ୍ତି ଭରତ ଓ ଶତ୍ରୁଘ୍ନ ବେଶ ହୋଇଥିଲେ। ଶ୍ରୀମନ୍ଦିର ଭଣ୍ଡାର ଘରୁ ଘଣ୍ଟ, ଛତା କାହାଳୀ ସହିତ ପାଦୁକା ନେଇ ରାମାଭିଷେକ ନୀତି ନିମନ୍ତେ ନନ୍ଦିଗ୍ରାମକୁ ଯାଇଥିଲେ। ସେଠାରେ ଭରତ ରାମଚନ୍ଦ୍ରଙ୍କୁ କଠଉ ଫେରାଇଥିଲେ। ଠାକୁର (ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ) ବିମାନରେ ବିଜେ ହୋଇ ଲକ୍ଷ୍ମୀମନ୍ଦିର ଜଗମୋହନକୁ ଯାଇଥିଲେ। ସେଠାରେ ଖଟ ଉପର ସିଂହାସନରେ ବିଜେ ହୋଇଥିଲେ। ଠାକୁରଙ୍କ ମହାସ୍ନାନ ହୋଇ ମାଳ, ଫୁଲ ଲାଗି ହୋଇ ବେଶ ବଢ଼ିବା ପରେ ଅଭିଷେକ ଭୋଗ ହୋଇଥିଲା। ମହାସୁଆର ଛେକ ଘେନି ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରି ଭୋଗ ଲଗାଇବା ପରେ ଠାକୁରଙ୍କ ବନ୍ଦାପନା ନୀତି ହୋଇଥିଲା। ଠାକୁର ଦକ୍ଷିଣୀ ଘରକୁ ବିଜେ ହେବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡସିଂହାର ନୀତି ବଢ଼ି ପହୁଡ଼ ହୋଇଥିଲା।

## ୧,୮୪୪ କଳାକାରଙ୍କୁ ୪ ମାସର ସହାୟତା

**ପୁରୀ ଅଫିସ,୧୬।୪**

କରୋନା ମୁକାବିଲା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ଚାଲିଛି। ଜନସାଧାରଣ ଯେପରି ଅସୁବିଧାରେ ନ ପଡ଼ିବେ ସେଥିଲାଗି ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛନ୍ତି। ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ମଧ୍ୟ ସହାୟତା ଏବଂ ଭତ୍ତା ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ପୁରୀ ଜିଲାର ୧୮୪୪ କଳାକାରଙ୍କୁ ୪ ମାସ(ମାର୍ଚ୍ଚରୁ ଜୁନ୍) ପର୍ଯ୍ୟନ୍ତ ୪,୮୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସମସ୍ତ କଳାକାରଙ୍କ ଆକାଉଣ୍ଟରେ ସିଧାସଳଖ ଏହି ଅର୍ଥ ଛଡ଼ାଯାଇଛି। ଏସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କହିଛନ୍ତି, ଏହି ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀ ବ୍ୟସ୍ତବିବ୍ରତ ନ ହୋଇ ଲକ୍‌ଡାଉନ ନିୟମ ପାଳନ କରନ୍ତୁ। ସ୍ଥିତି ସ୍ୱାଭାବିକ ହେବା ପରେ ନିଜ ନିଜର ଜୀବିତ ପ୍ରମାଣପତ୍ର ଆଟେଷ୍ଟେଡ କରି ଜିଲା ସଂସ୍କୃତି କାର୍ଯ୍ୟାଳୟରେ ଦାଖଲ କରିବେ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଇ ପାରିବେ।

## ରାସ୍ତା ପାର୍ଶ୍ୱ ଦୋକାନୀଙ୍କୁ ସହାୟତା ପ୍ରଦାନ

**ପୁରୀ ଅଫିସ,୧୬।୪**

କରୋନା ମୁକାବିଲା ସମୟରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି। ଜିଲାରେ ପଞ୍ଜୀକୃତ ୨,୭୫୬ଜଣ ରାସ୍ତାପାର୍ଶ୍ୱ ଦୋକାନୀଙ୍କୁ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ, ପ୍ରତ୍ୟେକଙ୍କୁ ୩ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଜିଲାରେ ମୋଟ ୩,୫୬୭ ରାସ୍ତାପାର୍ଶ୍ୱ ବ୍ୟବସାୟୀ ପଞ୍ଜୀକୃତ କରିଛନ୍ତି। ସେହିଭଳି ୫୦,୮୩୧ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପ୍ରତ୍ୟେକ ଦେଢ଼ହଜାର ଟଙ୍କା ବର୍ତ୍ତମାନ ସୁଦ୍ଧା ପ୍ରଦାନ କରାଯାଇଛି। ଜିଲାରେ ମୋଟ ୫୯,୭୨୭ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଜିଲାର ୨୦୬୨ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧,୩୮,୪୪୫ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ୧,୯୧,୬୮୨ ହିତାଧିକାରୀଙ୍କୁ ୩୯,୪୬,୫୬,୫୦୦ ଟଙ୍କା ସହାୟତା ଦିଆଯାଇଛି। ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଅଧୀନ ୩,୪୦,୬୯୭ ପରିବାରକୁ ଆଗୁଆ ୩ମାସ ନିମନ୍ତେ ୧,୭୨,୦୧୪ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯାଇଥିବାବେଳେ ୩,୪୮,୨୬୬ ପରିବାରକୁ ପ୍ରତ୍ୟେକ ୧ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେହିପରି ଗ୍ରାମାଞ୍ଚଳରେ ୨୬୯୧ଜଣ ଅସହାୟ, ୪,୪୫୬ଜଣ ଅଟକି ରହିଥିବା ଶ୍ରମିକ ଏବଂ ସହରାଞ୍ଚଳରେ ୫୧୯ଜଣ ଅସହାୟ ଏବଂ ୨୯୧୪ ଜଣ ଅଟକି ରହିଥିବା ଶ୍ରମିକଙ୍କୁ ମାଗଣା ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ନିମାପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ଭୁବନେଶ୍ୱର (ବ୍ୟୁରୋ)/ ନିମାପଡା(ଡି.ଏନ.ଏ.)୧୬।୪**

### କର୍ତ୍ତବ୍ୟରେ ଅବହେଳା

କର୍ତ୍ତବ୍ୟରେ ଅବହେଳା ଏବଂ ସରକାରୀ ନିର୍ଦ୍ଦେଶାନାମାକୁ ପାଳନ ନ କରିବା ଯୋଗୁ ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) କାର୍ଯ୍ୟନିର୍ବାହୀ ଅଧିକାରୀ ମୋହନଚରଣ ଜେନାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏ ନେଇ ଗୁରୁବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଜେନା କୋଭିଡ-୧୯ ଜରୁରୀ ପରିସ୍ଥିତି ସମୟରେ ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିନାହାନ୍ତି। ଲକ୍‌ଡାଉନ ସମୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଶନ କାର୍ଡଧାରୀଙ୍କୁ ଏପ୍ରିଲ ୨ରୁ ୧୦ତାରିଖ ମଧ୍ୟରେ ୧୦୦୦ ଟଙ୍କା ଲେଖାଏ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ସେ ବିଫଳ ହୋଇଛନ୍ତି। ଏଥି ସହିତ ଏନ୍‌ଏସିର ୱାର୍ଡ ନଂ. ୬ ଓ ୭ରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସାମାଜିକ ଦୂରତ୍ୱ ନିୟମାବଳୀକୁ ସହାୟତା ବଣ୍ଟନ ବେଳେ ଉଲ୍ଲଂଘନ କରିଥିବା ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଜେନା ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପୁରୀ ଜିଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ଜିଲା ମୁଖ୍ୟ କାର୍ଯ୍ୟାଳୟ ବାହାରକୁ ନ ଯିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ନିମାପଡ଼ା ଏନ୍‌ଏସିରେ ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନ ହିତାଧିକାରୀଙ୍କୁ ୧ହଜାର ଟଙ୍କ ଲେଖାଏ ଆର୍ଥିକ ସହାୟତା ବଣ୍ଟନ ବେଳେ ସାମାଜିକ ଦୂରତ୍ୱ ରକ୍ଷା କରି ନ ଥିବାରୁ ଏନ୍‌ଏସିର କନିଷ୍ଠ ସହାୟକ ରବୀନ୍ଦ୍ର ନାଥ ସାହୁଙ୍କୁ ଜିଲାପାଳ ଶନିବାର ନିଲମ୍ବନ କରିଥିଲେ। ସେହିଭଳି ଉକ୍ତ କାର୍ଯ୍ୟରେ ନିୟୋଜିତ ୩ଜଣ ଶିକ୍ଷକଙ୍କୁ ମଧ୍ୟ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି।

## ସୁନାଚେନ ଝାମ୍ପି ନେଲେ ଲୁଟେରା

**ନିମାପଡା, ୧୬। ୪(ଡି.ଏନ.ଏ)**

ନିମାପଡା ଥାନା ଅନ୍ତର୍ଗତ ଗ୍ରାମ୍ୟ ଉନ୍ନୟନ ଅଫିସ ନିକଟସ୍ଥ ବାସଭବନରୁ ଅନସୂୟା ମହାପାତ୍ର ଗୁରୁବାର ମର୍ଣ୍ଣିଂ ୱାକ୍‌ରେ ଯାଇ ଛଅଁରପଦା ଛକରୁ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଗଜଣ ଲୁଟେରା ମୁହଁରେ ମାସ୍କ ବାନ୍ଧି ଏକ ବାଇକ୍‌ରେ ଆସି ଛଅଁରପଦା ରାସ୍ତାର କେନାଲ ବ୍ରିଜ ନିକଟରେ ମହିଳାଙ୍କୁ ଅଟକାଇ ତାଙ୍କୁ ଧକ୍କା ମାରି ତାଙ୍କ ବେକରୁ ଏକ ସୁନାଚେନ ଭିଡି ନେଇ ପଳାଇ ଯାଇଥିଲେ। ଲୁଟେରାଙ୍କ ଧକ୍କାରେ ସେ ତଳେ ପଡି ଆହତ ହୋଇଥିଲେ। ଏ ନେଇ ଅନସୂୟା ଥାନାରେ ଅଭିଯୋଗ କରିବାରେ ପୋଲିସ ନଂ. ୮୭/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଚିକିତ୍ସାଧୀନ ମାଈ ହାତୀର ମୃତ୍ୟୁ



**ବଡ଼ମ୍ବା,୧୬।୪(ଡି.ଏନ.ଏ.)**

ଦୀର୍ଘ ୬ ଦିନରୁ ଊର୍ଦ୍ଧ୍ୱ ଧରି ଚିକିତ୍ସାଧୀନ ଥିବା ଏକ ମାଈ ହାତୀର ବୁଧବାର ରାତିରେ ମୃତ୍ୟୁ ଘଟିଛି। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ତା'ର ପାଟି ସଂକ୍ରମଣ ସହ ଦନ୍ତମୂଳ ନଷ୍ଟ ହୋଇଯାଇ ଥିବାରୁ ମୃତ୍ୟୁବରଣ କରିଥିବା ବଡ଼ମ୍ବା ଭାରପ୍ରାପ୍ତ ରେଞ୍ଜର ସରୋଜ ମହାନ୍ତି କହିଛନ୍ତି। ସୂଚନା ଅନୁସାରେ, ବଡ଼ମ୍ବା ରେଞ୍ଜ ଗୋପପୁର ବିଟ ଅଧୀନ ଗୁରୁଡ଼ି ପାଳ ଗ୍ରାମ ନିକଟରେ ଏକ ୪/୫ ବର୍ଷର ମାଈ ହାତୀ ଅସୁସ୍ଥ ହୋଇ ପଡ଼ିଥିବା ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଏହାପରେ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀର ଚିକିତ୍ସା କରୁଥିଲେ। ଗୁରୁବାର ହାତୀ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଆଠଗଡ଼ରେ ଗ୍ରସେରି ଦୋକାନ ଉପରେ ଚଢ଼ାଉ

**ଖୁଣ୍ଟୁଣୀ, ୧୬।୪(ଡି.ଏନ.ଏ.):** ଲକ୍‌ଡାଉନ ସାରା ଦେଶରେ ବଳବତ୍ତର ରହିଥିବା ବେଳେ ଗ୍ରସେରି ଦୋକାନୀମାନେ ଚଢ଼ା ଦାମରେ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗ କଟକ ଜିଲାପାଳ ନିକଟରେ କରାଯାଇଥିଲା। ଗୁରୁବାର ଆଠଗଡ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ନିରୋଜ ରଞ୍ଜନ ଦାସ, ମାର୍କେଟିଂ ଇନ୍ସପେକ୍ଟର ସୌମେନ୍ଦ୍ର ମହାନ୍ତି ଓ ତିଗିରିଆର ନିରୀକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଦୋକାନଗୁଡ଼ିକ ଉପରେ ଛଡ଼ାଉ କରିଥିଲେ। ଆଠଗଡର ୧୦ରୁ ଊର୍ଦ୍ଧ୍ୱ ଦୋକାନ ଉପରେ ଚଢ଼ାଉ କରାଯାଇଥିଲ। ଦୋକାନୀମାନଙ୍କୁ ସାମଗ୍ରୀର ଦର ତାଲିକା, ସାମାଜିକ ଦୂରତା, ଉଚିତ ମୂଲ୍ୟରେ ସାମଗ୍ରୀ ବିକ୍ରି କରିବାକୁ କୁହାଯାଇଛି। ଶୁକ୍ରବାରଠାରୁ ଏହାକୁ ଯଦି ଦୋକାନୀମାନେ ନ ମାନିବେ ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଚଢ଼ାଉ କରାଯିବ।



କଟକ ଫୁଲନଖରାର ଏକ ବସ୍ତିରେ ନିରାଶ୍ରୟଙ୍କୁ ଖାଦ୍ୟ ବଣ୍ଟନ କରୁଛନ୍ତି ସାମାଜିକ କର୍ମୀ।

# ସାନିଟାଇଜର ପ୍ରସ୍ତୁତ କଲା ଖ୍ରୀଷ୍ଟ କଲେଜ

**କଟକ ଅଫିସ,୧୬।୪**

■ ଡିସିପିଙ୍କୁ ପ୍ରଦାନ
■ ପୋଲିସଙ୍କୁ ବଣ୍ଟାଯିବ

ଖ୍ରୀଷ୍ଟ କଲେଜ ପକ୍ଷରୁ ପ୍ରସ୍ତୁତ ହୋଇଛି ୫୦୦ ବୋତଲ ସାନିଟାଇଜର। ଏସବୁକୁ ଗୁରୁବାର କଟକ ଡିସିପି ଅଖିଳେଶ୍ୱର ସିଂଙ୍କୁ ପ୍ରଦାନ କରାଯାଇଛି। ଡିସିପିଙ୍କ ଜରିଆରେ ସହରର ବିଭିନ୍ନ ଛକରେ ଡ୍ୟୁଟି କରୁଥିବା ପୋଲିସ କର୍ମଚାରୀଙ୍କୁ ଏହା ବଣ୍ଟାଯିବ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି।



ଖ୍ରୀଷ୍ଟ କଲେଜ ଅଧ୍ୟକ୍ଷ ଡ. ସିଦ୍ଧାର୍ଥ ସାହୁଙ୍କ ସହଯୋଗରେ ରସାୟନ ବିଜ୍ଞାନ ଅଧ୍ୟାପକ ଡ. ଦିଲ୍ଲୀପ ବରାଳ, ଡ. ପ୍ରଦ୍ୟୁମ୍ନ କୁମାର ଦାଶ, ଅଶୋକ କୁମାର ସାହୁ, ପ୍ରିୟରଞ୍ଜନ ଦାଶ ଏବଂ ଲାବୋରୋଟରି ଆଟେଣ୍ଡାଣ୍ଟ ଦେବଦୀପ୍ତ ନାୟକ ଏହି ସାନିଟାଇଜର୍ ପ୍ରସ୍ତୁତ କରିଛନ୍ତି। ଏଥିଲାଗି ୫ଦିନ ପରିଶ୍ରମ କରିବାକୁ ପଡ଼ିଛି। ପ୍ରଥମେ ପରୀକ୍ଷାମୂଳକ ଭାବେ ୫୦ ବୋତଲ ସାନିଟାଇଜର ତିଆରି କରାଯାଇଥିଲା। ସଫଳ ହେବା ପରେ ୫୦୦ ବୋତଲ ପ୍ରସ୍ତୁତ ପାଇଁ ଯୋଜନା ହୋଇଥିଲା। ଏଥିରେ ଆଇସୋପ୍ରୋପାଇଲ୍ ଆଲ୍‌କହଲ୍, ଗ୍ଲିସେରଲ୍, ହାଡ୍ରୋଜେନ୍ ପେରକ୍ସାଇଡ୍, ଡିଷ୍ଟିଲ୍ ୱାଟର୍ ଏବଂ ସୁଗନ୍ଧ ପାଇଁ ଲେମନ୍ ଫ୍ଲେଭର୍ ବ୍ୟବହାର କରାଯାଇଥିବା ବୋଲି ବିଭାଗୀୟ ମୁଖ୍ୟ ଡ. ଆଲୋକ ମିଶ୍ର କହିଛନ୍ତି। ଡିସିପିଙ୍କ କାର୍ଯ୍ୟାଳୟରେ ୫୦୦ ବୋତଲ ସାନିଟାଇଜର ପ୍ରଦାନ କରିବା ଅବସରରେ ଡ. ମିଶ୍ରଙ୍କ ସମେତ ମହାବିଦ୍ୟାଳୟ ପରିଚାଳନା ସମିତି ସଭ୍ୟ ଚନ୍ଦନ ଦାସ, ଶୁଭାଶିଷ ସାହୁ ଏବଂ ପୁରାତନ ଛାତ୍ର ତଥା ଓଲିଉଡ୍ ଷ୍ଟାର୍ ଅରିନ୍ଦମ ରାୟ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ୬ ଗାଈ ଜୀବନ୍ତ ଦଗ୍ଧ

ନାଉଗାଁ, ୧୬।୪ (ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅଧୀନ ଗଳଦାରୀ ଗ୍ରାମର ଅର୍ଜ୍ଜୁନ ଦାସ ଓ ସହଦେବ ଦାସଙ୍କ ଗୁହାଳେ ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇ ୬ ଗାଈ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏଥିସହିତ ୩ ଗାଈଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି। ପ୍ରଥମେ ଗୁହାଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଯିବା ପରେ ଏହା ଶୋଇବା ଘରକୁ ବ୍ୟାପିଥିବା ଆଲୋଚନା ହେଉଛି। ତେବେ ଗୁହାଳେ ନିଆଁ ଲାଗିଯିବା ପରେ ଗାଈମାନଙ୍କ ଚିତ୍କାର ଶୁଣି ପରିବାର ଓ ପଡ଼ିଶା ଘର ଲୋକେ ଉଠିଥିଲେ। ଗ୍ରାମବାସୀ ନିଆଁକୁ ଲିଭାଇବାକୁ ଉଦ୍ୟମ କରିବା ସହ ନାଉଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଘରର ସମସ୍ତ ଆସବାବପତ୍ର ଜଳି ଯାଇଥିବା ବେଳେ ୬ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଅନ୍ୟ ୩ ଗାଈଙ୍କୁ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଗଳଧାରୀ ସମିତି ସଭ୍ୟ ପ୍ରଭାତ କୁମାର ସ୍ୱାଇଁ, ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଦିଲ୍ଲୀପ ନାୟକ, ଅତିରିକ୍ତ ତହସିଲଦାର କ୍ଷେତ୍ରମୋହନ ବେହେରା, ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ଆକଳନ କରିଥିଲେ। ନାଉଗାଁ ପ୍ରାଣୀ ଚିକିତ୍ସକ ପ୍ରଭାତ କୁମାର ପଣ୍ଡା ଗଳଧାରୀ ଗ୍ରାମରେ ପହଞ୍ଚି ପୋଡି ଯାଇଥିବା ଗାଈଗୁଡ଼ିକର ଚିକିତ୍ସା କରିଥିଲେ। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ ବିଭିନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ତହସିଲଦାର ଜେ.କଳ୍ପନା ଓ ପ୍ରାଣୀ ଚିକିତ୍ସକଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି। ଏ ସମ୍ପର୍କରେ ତହସିଲଦାର ଜେ. କଳ୍ପନାଙ୍କୁ ପଚାରିବାରେ, ଅଗ୍ନିକାଣ୍ଡର ତଦନ୍ତ କରାଯିବା ସହିତ କ୍ଷୟକ୍ଷତିର ଆକଳନ କରାଯାଇଛି। ଉକ୍ତ ପରିବାରକୁ ପଲିଥିନ୍ ଆଦି ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରକୁ ସରକାରଙ୍କ ନିୟମ ଅନୁସାରେ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଜଳ ସଂକଟରେ ଯାଜପୁର ଜିଲା

ଯାଜପୁର ଅଫିସ, ୧୬।୪

- ମେଗା ପିଡବ୍ଲ୍ୟୁଏସ୍ଏସ୍ ଶେଷ ହେବାରେ କରୋନା ବାଧକ
- ଖଣି, ଶିଳ୍ପାଞ୍ଚଳରେ ନିମ୍ନଗାମୀ ଭୂତଳ ଜଳସ୍ତର
- ଜଳକ୍ଲିଷ୍ଟ ଗ୍ରାମକୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ନିଷ୍ପତ୍ତି

ଗ୍ରୀଷ୍ମ ପ୍ରାରମ୍ଭରୁ ଯାଜପୁର ଜିଲାରେ ଜଳସଂକଟ ଦେଖାଦେଲାଣି। ମୁଖ୍ୟତଃ ଲୋକେ ନଳକୂଅ ଉପରେ ନିର୍ଭର କରି ଚଳୁଛନ୍ତି। ମାତ୍ର ଜିଲାର ଖଣି ସଂଲଗ୍ନ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଜଳସଂକଟ ଉତ୍କଟ ରୂପ ଧାରଣ କରୁଛି। ଏଭଳିସ୍ଥଳେ ଜିଲା ଖଣିଜ ପାଣ୍ଠି(ଡି.ଏମ୍.ଏଫ୍.)ରୁ କାର୍ଯ୍ୟକାରୀ ହେଉଥିବା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ (ପିଡବ୍ଲ୍ୟୁଏସ୍ଏସ୍)କାର୍ଯ୍ୟକାରୀ ହେବା ଆଶା ବି ମଉଳିଯାଇଛି। ଏହାବାଦ୍ ବଡଚଣା, ଦଶରଥପୁର ଓ ଧର୍ମଶାଳା ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲେ ହେଁ ତାହା ଆରମ୍ଭ ହୋଇ ପାରିନାହିଁ। ଏହିସବୁ ମେଗା ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବାରେ କରୋନା ଜନିତ ଲକ୍‌ଡାଉନ ବାଧକ ସାଜିଲା ବୋଲି ବିଭାଗ ପକ୍ଷରୁ କୁହାଯାଉଛି।

ସୁକିନ୍ଦା ବ୍ଲକ ଅଞ୍ଚଳରେ କ୍ରୋମାଇଟ ଖଣିର ସଂପ୍ରସାରଣ ଓ ବ୍ୟାପକ ଖନନ ପାଇଁ ବିସ୍ଫୋରକ ସାମଗ୍ରୀର ବ୍ୟବହାର ଭୂତଳ ଜଳସ୍ତର ହ୍ରାସ ଲାଗି ମୁଖ୍ୟତଃ ଦାୟୀ ବୋଲି ଅଭିଯୋଗ ହେଉଛି। ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ କଟା, ବନ୍ଧ, ପୋଖରୀ, ନାଳା, କୂଅ ଆଦି ଗ୍ରୀଷ୍ମର ଅବ୍ୟବହିତ ପୂର୍ବରୁ ଶୁଖି ଯାଉଥିବାବେଳେ ନଳକୂଅ ହିଁ ଭରସା। ଖଣି ସଂଲଗ୍ନ ଗ୍ରାମଗୁଡିକରେ ବିଭିନ୍ନ ଖଣି କମ୍ପାନୀ ଦ୍ୱାରା ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ପ୍ରତିବର୍ଷ କାର୍ଯ୍ୟକାରୀ ହେଉଥିଲେ ହେଁ ତାହା ଲୋକଙ୍କ ଚାହିଦା ପୂରଣ କରିପାରୁନାହିଁ। ଖାତାପତ୍ରରେ ଚାହିଦା ମୁତାବକ ନିୟମିତ ଜଳ ଯୋଗାଣ ହେଉଥିବା ଦର୍ଶାଇ ଠିକାଦାର ପୋସିବାରେ କମ୍ପାନୀମାନେ ମାତିଛନ୍ତି। ଚଳିତବର୍ଷ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଅଧିକାଂଶ ଗାଁରେ ଟ୍ୟାଙ୍କର ଜଳଯୋଗାଣ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ଖଣି ପ୍ରଭାବିତ ଦୁଧୁଯୋରୀ, କୁହିକା, କାଙ୍କଡପାଳ, ରାହାଁସୋଲ, ଚିଙ୍ଗୁଡ଼ିପାଳ, କାଳିଆପାଣି, ପିମ୍ପୁଡ଼ିଆ ଆଦି ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକ ଜଳ ସଂକଟର ସମ୍ମୁଖୀନ ହୋଇ ଆସୁଛନ୍ତି। ଏହି ଗ୍ରାମଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳଯୋଗାଇ ଦେବାକୁ ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ଡିଏମ୍ଏଫ୍ ପାଣ୍ଠିରୁ ୭୯.୫୬ କୋଟି ଟଙ୍କା ମଞ୍ଜୁର ହୋଇଛି। ବ୍ରାହ୍ମଣୀ ନଦୀର ଢେଙ୍କାନାଳ ଜିଲା ଭୁବନ ବ୍ଲକର ପ୍ରହରାଜପୁର(ମଣିପୁର) ନିକଟରେ ଏହି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଗ୍ରୀଷ୍ମ ଋତୁ ପୂର୍ବରୁ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ଲୋକେ ଆଶା ରଖିଥିଲେ। ହେଲେ ଠିକାସଂସ୍ଥାର ବିଫଳତା ଯୋଗୁ ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ।

ଗ୍ରୀଷ୍ମ ସମୟରେ ଖଣି ପ୍ରଭାବିତ ସୁକିନ୍ଦା ଓ ଶିଳ୍ପ ସମୃଦ୍ଧ ଦାନଗଦି ବ୍ଲକ ଅଞ୍ଚଳରେ ପାଣି ସମସ୍ୟା ଉତ୍କଟ ହୋଇଥାଏ। ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ନଳକୂପଗୁଡ଼ିକ ଅଚଳ ହୋଇଯାଉଛି। ଜିଲାରେ ବର୍ତ୍ତମାନ ୧୭ ହଜାରରୁ ଉର୍ଦ୍ଧ୍ୱ ନଳକୂପ ରହିଛି। ହେଲେ ଜଳସ୍ତର ହ୍ରାସ କାରଣରୁ ଅଧିକାଂଶ ଶୁଖିଲା ରହୁଛି। ଗ୍ରାମ ପଞ୍ଚାୟତଗୁଡିକ ପକ୍ଷରୁ ନଳକୂପ ମରାମତି, ସାମଗ୍ରୀ କ୍ରୟ ଦିଗରେ ସନ୍ତୋଷଜନକ ପଦକ୍ଷେପ ନିଆଯାଉନାହିଁ। ଏହାବାଦ୍ ୩୨୦ ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା କୁହାଯାଉଥିଲେ ହେଁ ବାସ୍ତବରେ ସେଥିରୁ ପ୍ରାୟ ୫୦ଟି ପ୍ରକଳ୍ପରୁ ଠିକ୍ ଭାବେ ପାଣି ଯୋଗାଣ ହେଉନାହିଁ ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ୧୦୦ରୁ ଉର୍ଦ୍ଧ୍ୱ ପିଡବ୍ଲ୍ୟୁଏସ୍ଏସ୍ ଦୀର୍ଘଦିନ ହେଲା ନିର୍ମାଣାଧୀନ ଅବସ୍ଥାରେ ରହିଥିଲେ ହେଁ ତାହା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍ଏସ୍) ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜା କହିଛନ୍ତି, ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ଠିକାସଂସ୍ଥାକୁ ନିର୍ଦ୍ଦେଶ ହୋଇଛି। ହେଲେ କରୋନା ପାଇଁ ବିଳମ୍ବିତ ହେଉଛି। ଜଳକ୍ଲିଷ୍ଟ ଗ୍ରାମଗୁଡ଼ିକୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ କରିବାକୁ ନିଷ୍ପତ୍ତି ହୋଇଛି। ଏଯାଏ ୪ଟି ଟ୍ୟାଙ୍କର ଦ୍ୱାରା ଖଣି ଅଞ୍ଚଳରେ ଜଳଯୋଗାଣ ହେଉଛି। ବଡଚଣା, ଦଶରଥପୁର ଓ ଧର୍ମଶାଳା ମେଗା ଜଳଯୋଗାଣ ଆରମ୍ଭ କରିବାକୁ କାର୍ଯ୍ୟାଦେଶ ଦିଆଯାଇଛି।

# ଜରୁରୀ କାର୍ଯ୍ୟ ନ ଥିଲେ ଗଞ୍ଜାମକୁ ପ୍ରବେଶ ମନା

**ଗୁରାପଲ୍ଲୀ ଚେକ୍ ଗେଟ୍ ଅନୁଧ୍ୟାନ କଲେ ଜିଲାପାଳ**

**ଛତ୍ରପୁର, ୧୬।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାର ଭୁବନେଶ୍ୱରରେ ରାଜ୍ୟର ଅଧିକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେଣୁ ଏହି ପଡ଼ୋଶୀ ଜିଲାରୁ ସେଭଳି ଜରୁରୀ କାର୍ଯ୍ୟ ନ ଥିଲେ କାହାରିକୁ ଗଞ୍ଜାମରେ ପ୍ରବେଶ କରିବାକୁ ଦିଆଯାଉନି। ଜିଲାପାଳଙ୍କ ନିର୍ଦ୍ଦେଶରେ ୧୬ନଂ. ଜାତୀୟ ରାଜପଥର ଗୁରାପଲ୍ଲୀ ଚେକ୍‌ଗେଟ୍‌ଠାରେ ପୋଲିସ ତନଖି ଫାଟକ ଖୋଲିଛି। ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଚାନକ ଏହି ଚେକ୍‌ଗେଟ୍ ପରିଦର୍ଶନ କରିଥିଲେ। ରାସ୍ତାରେ ଜିଲାପାଳଙ୍କୁ ଦେଖି ବାଇକ୍‌ରେ ଆସୁଥିବା କେତେଜଣ ଭୟରେ ସେମାନଙ୍କ ଦିଗ ବଦଳାଇ ଦେଇଥିଲେ।

ଭୁବନେଶ୍ୱରରୁ ଗଞ୍ଜାମ ଆସୁଥିବା ଯାନବାହନଗୁଡ଼ିକର ନମ୍ବର, ଯାତ୍ରୀଙ୍କ ସଂଖ୍ୟା, ଯାତ୍ରାର ଉଦ୍ଦେଶ୍ୟ ଏବଂ ମୋବାଇଲ ନମ୍ବର ଗୁରାପଲ୍ଲୀ ଚେକ୍‌ଗେଟରେ ପଞ୍ଜୀକରଣ କରାଯାଉଛି। ସେହିପରି ଗଞ୍ଜାମରୁ ଭୁବନେଶ୍ୱର ଯାଉଥିବା ଗାଡ଼ି ଓ ଚାଳକଙ୍କ ଅନୁରୂପ ବିବରଣୀ ରଖାଯାଉଛି। ଗଞ୍ଜାମରେ ଅତି ଜରୁରୀ କାର୍ଯ୍ୟ ନ ଥିଲେ, ଯେ କୌଣସି ବ୍ୟକ୍ତିବିଶେଷଙ୍କୁ ଏଠାରୁ ପ୍ରତ୍ୟାବର୍ତ୍ତନ କରାଇ ଦେବାପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାତୀୟ ରାଜପଥରୁ ଗଞ୍ଜାମ ଜିଲାକୁ ପ୍ରବେଶ କରିବା ନିମନ୍ତେ ଥିବା ଅନ୍ୟ ଏକ ଗଳାବାଟ କହ୍ନେଇପୁର ଛକରେ ମଧ୍ୟ ବାଉଁଶବାଡ କରାଯାଇଛି। ଏଠାରେ ପୋଲିସ ପହରା ଜୋର୍‌ଦାର ହୋଇଛି। ଉଭୟ ପ୍ରବେଶ ପଥରେ ପୋଲିସକୁ ସହାୟତା କରିବା ପାଇଁ ଅନ୍ୟ ବିଭାଗୀୟ କର୍ମଚାରୀମାନେ ୨୪ ଘଣ୍ଟା ଡେରା ପକାଇବେ। ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଜ୍ୟୋତି ଦାଶଙ୍କୁ ଉଭୟ ସ୍ଥାନର ମାଜିଷ୍ଟ୍ରେଟ ଦାୟିତ୍ୱ ଦିଆଯାଇଛି। ବାବୁମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖିବାକୁ ଜିଲାପାଳ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଗସ୍ତ ବେଳେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଖଲ୍ଲିକୋଟ ବ୍ଲକ ଉନ୍ନୟନ ଅଧିକାରୀ ନବକୃଷ୍ଣ ଜେନା ଏବଂ ତହସିଲଦାର ଚକ୍ରଧର ପାଢୀ ଉପସ୍ଥିତ ଥିଲେ।

# ବୁଣାକାର ସଂଘ ପକ୍ଷରୁ କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

**ରସୁଲପୁର, ୧୬।୪(ଡିଏନଏ):** ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତସ୍ଥିତ ଗୋପାଳପୁର ଗ୍ରାମ ପାଲାମଣ୍ଡ ନିକଟରେ ଗୁରୁବାର ସନ୍ଧ୍ୟାରେ ଜୟ ଜଗନ୍ନାଥ ବୁଣାକାର ମହାପ୍ରସାଦ ସେବା ସମିତି ଲିଃ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା ଓ ବୁଣାକାର ପରିବାରକୁ ମାସ୍କ ଓ ସାବୁନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀବିଷ୍ଣୁ ତନ୍ତୁବାୟ ସମିତିର ସଭାପତି ରମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ରସୁଲପୁର ବ୍ଲକ ଅଞ୍ଚଳର କରୋନା ଯୋଦ୍ଧା ଭାବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଶାସନିକ ଅଧିକାରୀଗଣ ରାତିଦିନକୁ ଏକକରି ସାମାଜିକ ଦୂରତ୍ୱ ବଜାଇ ରଖିବା, ବାହାରକୁ ବାହାରିବା ମାତ୍ରେ ମାସ୍କ ପିନ୍ଧିବା ଭଳି ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇଛନ୍ତି। ପ୍ରଶାସନିକ ଅଧିକାରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଅତିଥିଭାବେ ଯୋଗ ଦେଇଥିବା ସ୍ଥାନୀୟ ସରପଞ୍ଚ ଚିନ୍ତାମଣି ସୁର, ସଂଘ ସଭାପତି ଅମୁଲ୍ୟ ସୁର, ସମ୍ପାଦକ ଚତୁର୍ଭୁଜ ଚାନ୍ଦ, ବୈକୁଣ୍ଠ ସୁର, ଲକ୍ଷ୍ମୀଧର ଚାନ୍ଦ, ଜଗନ୍ନାଥ ଗୁଇଁ, ନାରାୟଣ ଗୁଇଁ, କରଞ୍ଜନ ଦେ, ଭଗବାନ ଦାସ, ସୁରେନ୍ଦ୍ର ଦାସ, ନାରାୟଣ ଦାସ, ଚିନ୍ତାମଣି ଦାସ ପ୍ରମୁଖ ପ୍ରକାଶ କରିଛନ୍ତି। ଏହି ଅବସରରେ ବୁଣାକାର ପରିବାରକୁ ଅତିଥିମାନେ ମାସ୍କ ଓ ସାବୁନ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ ଦୂରତା ବଜାଇ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

# ସୀମାନ୍ତ ଜଗିଥିବା ଓଡ଼ିଶା ପୋଲିସକୁ ଆକ୍ରମଣ

ଠାକୁରମୁଣ୍ଡା, ୧୬।୪(ଡି.ଏନ.ଏ.)

ଓଡ଼ିଶା-ଝାଡଖଣ୍ଡ ରାଜ୍ୟ ସୀମାନ୍ତ ଅଞ୍ଚଳର ବେନିସାଗର ଛକ ରାସ୍ତାରେ ଅସ୍ଥାୟୀ ବ୍ୟାରିକେଡ୍ କରି ଜଗିରହିଥିବା

**୪ ଆହତ**

ଓଡ଼ିଶା ପୋଲିସ ଉପରେ ଗୁରୁବାର ଝାଡଖଣ୍ଡ ଅଞ୍ଚଳର ପ୍ରାୟ ୨୦/୩୦ ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଏଥିରେ ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ପୋଲିସ କର୍ମଚାରୀଙ୍କ ମଧ୍ୟରେ ଜଣେ ମହିଳା କନେଷ୍ଟବଳ ଓ ୩ ହୋମଗାର୍ଡ ଅଛନ୍ତି। ଏହାସହ ସୀମାନ୍ତ ରାସ୍ତାରେ ହୋଇଥିବା ଓଡ଼ିଶା ପୋଲିସର ଅସ୍ଥାୟୀ ବ୍ୟାରିକେଡ୍‌କୁ ମଧ୍ୟ ସେମାନେ ଭାଙ୍ଗି ଦେଇଛନ୍ତି। ଆହତ ପୋଲିସ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ମୟୂରଭଞ୍ଜ ଜିଲା ରରୁଆଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

ପୂର୍ବାହ୍ନ ୧୦ଟାରେ ବେନିସଗାର ଛକ ନିକଟ ରାସ୍ତା ଉପରେ ରରୁଆଁ ଥାନା ପୋଲିସ ବ୍ୟାରିକେଡ୍ କରି ଜଗି ରହିଥିଲା। ଝାଡଖଣ୍ଡ ରାଜ୍ୟ କୁଳିପୋଷି ଗ୍ରାମର ୨ଯୁବକ ଏକ ବାଇକରେ ଆସି ଓଡ଼ିଶା ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଜଗି ରହିଥିବା ପୋଲିସ କର୍ମଚାରୀ ସେମାନଙ୍କୁ ଛାଡ଼ି ନ ଥିଲେ। ଉଭୟ ଯୁବକଙ୍କ ସହ ପୋଲିସ କର୍ମଚାରୀଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ୨ଯୁବକ ନିଜ ଗ୍ରାମକୁ ଯାଇ ପ୍ରାୟ ୨୦/୩୦ ଗ୍ରାମବାସୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ସଂଘବଦ୍ଧ ଭାବେ ସୀମାନ୍ତ ଜଗିଥିବା ଓଡ଼ିଶା ପୋଲିସ ଉପରେ ଟେକା, ପଥର ମାଡ଼ କରିବା ସହ ରାସ୍ତାରେ ଥିବା ବ୍ୟାରିକେଡ୍‌କୁ ଭାଙ୍ଗି ଦେଇଥିଲେ। ଖବର ପାଇ ରରୁଆଁ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।



ଭଙ୍ଗାଯାଇଥିବା ବ୍ୟାରିକେଡ୍।

# ଲୋକଙ୍କୁ ମାସ୍କ ପିନ୍ଧାଇଲା ପୋଲିସ

**ଗଣିଆ, ୧୬।୪(ଡି.ଏନ.ଏ.):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ରକ୍ଷା କରିବା ସହ କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ବାହରିଲେ ମୁହଁରେ ମାସ୍କ ପିନ୍ଧିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏ ନେଇ ବାରମ୍ବାର ସଚେତନତା କରାଯାଉଥିଲେ ମଧ୍ୟ କେତେକ ବ୍ୟକ୍ତି ମାସ୍କ ବ୍ୟବହାର କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଗୁରବାର ଗଣିଆ ବଜାରରେ ଲୋକମାନଙ୍କୁ ମାସ୍କ ପିନ୍ଧାଇବା ସହ ସାମାଜିକ ଦୂରତା ସମ୍ପର୍କରେ ସଚେତନ କରିଥିଲେ।

**ଲକ୍‌ଡାଉନ ଛୁଟିର ସଦୁପଯୋଗ**

# ଚାଷ କରି ପରିବା ବିକୁଛନ୍ତି ଶିକ୍ଷକ

ବିଞ୍ଝାରପୁର, ୧୬।୪(ଡି.ଏନ.ଏ)

କରୋନା ପାଇଁ ଲାଗୁ ହୋଇଛି ଲକ୍‌ଡାଉନ। ଫଳରେ ସମସ୍ତ ଶିକ୍ଷାନୁଷ୍ଠାନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡ଼ି ଅନ୍ୟ ସବୁ ଦୋକାନ ବଜାର ବନ୍ଦ ରହିଛି। ସମସ୍ତଙ୍କୁ ଘରେ ରହିବାକୁ କୁହାଯାଇଛି। ତେବେ ଏହି ଲକ୍‌ଡାଉନ ସମୟର ସଦୁପଯୋଗ କରିପାରିଛନ୍ତି ବିଞ୍ଝାରପୁର ବ୍ଲକ ଚନ୍ଦ୍ରମୁଁ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ସତ୍ୟଶେଖର ନାୟକ। ପେଶାରେ ଜଣେ ଶିକ୍ଷକ ହୋଇ ମଧ୍ୟ ଚାଷ କାର୍ଯ୍ୟ ଭୁଲି ପାରିନାହାନ୍ତି ସତ୍ୟଶେଖର। ଦୀର୍ଘଦିନ ଧରି ସ୍କୁଲ ବନ୍ଦ ରହିବା ଯୋଗୁ ଘରେ ନ ବସି ସତ୍ୟଶେଖର ନିଜ ଚାଷ ଜମିରେ ବିଭିନ୍ନ ପନିପରିବା ଚାଷରେ ମନୋନିବେଶ କରିଥିଲେ। ଜମିରୁ ପ୍ରଚୁର ପରିମାଣର ପନିପରିବା ଉତ୍ପାଦନ କରି ତାହାକୁ ସେ ହାଟ ବଜାରରେ ବିକ୍ରି କରୁଛନ୍ତି। ନିଜ ଚାଷଜମିରେ ସତ୍ୟଶେଖର ବାଇଗଣ, ପୋଟଳ, ଜହ୍ନି, ବିଲାତି, ବିମ ଛୁଇଁ, କଲରା ଓ ଭେଣ୍ଡି ଆଦି ପରିବା ବହୁ ପରିମାଣରେ ଉତ୍ପାଦନ କରୁଛନ୍ତି। ସତ୍ୟଶେଖର ପିଲାଦିନରୁ ଅତ୍ୟନ୍ତ ଉଦ୍ୟମୀ। ସେ ନିକଟସ୍ଥ ବରୁଣେଶ୍ୱର ମହାବିଦ୍ୟାଳୟରେ ଅର୍ଥନୀତି (ସମ୍ମାନ)ରେ ସ୍ନାତକ ହାସଲ କରିବା ସହ ସାମ୍ବାଦିକତା ପାଠ୍ୟକ୍ରମରେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି। ସେ ପ୍ରାରମ୍ଭରେ ଚାଷ କାର୍ଯ୍ୟ ସହ ୨ଟି ପ୍ରତିଷ୍ଠିତ ଗଣମାଧ୍ୟମର ପ୍ରତିନିଧିଭାବେ କାର୍ଯ୍ୟ କରିଥିଲେ। ତେବେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ସମୟରେ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ଲାଭ କରି ଶିକ୍ଷକଭାବେ ନିଯୁକ୍ତି ପାଇଛନ୍ତି। ଶିକ୍ଷକତା କରୁଥିଲେ ମଧ୍ୟ ଏବେ ସେ ଇଂରାଜୀରେ ଏମଏ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି। ସତ୍ୟଶେଖର ପରିବା ଚାଷକୁ ନେଇ ଏବେ ଚର୍ଚ୍ଚାରେ ରହିଛନ୍ତି। ଏ ସମ୍ପର୍କରେ ସତ୍ୟଶେଖର କୁହନ୍ତି ଯେ, କରୋନା ସମୟରେ ଲୋକେ ପନିପରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ଯେପରି ସର୍ବନିମ୍ନ ମୂଲ୍ୟରେ ପନିପରିବା ପାଇପାରିବେ ସେଥିପାଇଁ ସେ ହାଟ ବଜାରରେ ପରିବା ବିକ୍ରି କରୁଛନ୍ତି। ଦୀର୍ଘବର୍ଷ ହେବ ତାଙ୍କ ଜମିରେ ପନିପରିବା ସମେତ ଚିନାବାଦାମ ଓ ମୁଗ ଚାଷ ନିୟମିତ ହୋଇଥାଏ। ଏହି ଛୁଟିରେ ସେ ନିଜ ଜମିରୁ ଉତ୍ପାଦିତ ପନିପରିବା ବିକ୍ରି କରୁଛନ୍ତି ବୋଲି କହିଥିଲେ। ସତ୍ୟଶେଖରଙ୍କ ଏଭଳି ଉଦ୍ୟମ ଆଜିର ଶିକ୍ଷିତ ଯୁବପିଢିଙ୍କ ପାଇଁ ଉଦାହାରଣ ପାଲଟିଛି।


ସିଂହପୁର ସାପ୍ତାହିକ ହାଟରେ ସତ୍ୟଶେଖର ପରିବା ବିକ୍ରି କରୁଛନ୍ତି।

# ଜଳଯାତ୍ରା କଲେ ନାରାୟଣ ଗୋସାଇଁ

**ରସୁଲପୁର, ୧୬।୪(ଡିଏନଏ):** କରୋନା ଯୋଗୁ କଟକଣା ଭିତରେ ଶେଷ ହୋଇଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନର ଐତିହାସିକ ସିଂହାପୁର ଯାତ୍ରା। ନିଆରା ଢଙ୍ଗରେ ପାଳନ ହେଉଥିବା ଏହି ଯାତ୍ରା ଅବସରରେ ଭକ୍ତଙ୍କୁ ବର୍ଷରେ ମାତ୍ର ୩ଦିନ ପାଇଁ ପ୍ରଭୁ ନାରାୟଣ ଗୋସାଇଁଙ୍କ ଦର୍ଶନ କରିବାର ସୁଯୋଗ ମିଳେ। ମାତ୍ର ଚଳିତ ବର୍ଷ ଭକ୍ତ ଭଗବାନଙ୍କ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଗୁରୁବାର ଭୋର ସମୟରେ ଠାକୁର ମଧୁତୀର୍ଥ ପୁଷ୍କରିଣୀକୁ ଯାତ୍ରା କରିବା ପରେ ଚଳିତ ବର୍ଷ ଠାକୁରଙ୍କୁ ଦର୍ଶନ କରିବାର ସୁଯୋଗ ଶେଷ ହୋଇଯାଇଛି।



ପ୍ରଭୁ ନାରାୟଣ ଗୋସାଇଁ ବର୍ଷକୁ ୩୬୨ଦିନ ଜଳଶୟନ କରନ୍ତି। ବର୍ଷକୁ ଥରେ ମାତ୍ର ୩ଦିନ ପାଇଁ ସ୍ଥଳଦେଶ ମନ୍ଦିରରେ ପୂଜା ପାଆନ୍ତି। ଏହି ସମୟରେ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନାର ସୁଯୋଗ ସୃଷ୍ଟି ହୋଇଥାଏ। ଏଥର ସିଂହାପୁର ଯାତ୍ରା ଭକ୍ତଶୂନ୍ୟ ହୋଇଯାଇଛି। ଯାତ୍ରା ପଡ଼ିଆକୁ ନ ଆସିଲେ ବି ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଥିବା ଘର ଛାତ ଉପରେ ଭକ୍ତମାନେ ଏକାଠି ହୋଇ ଠାକୁରଙ୍କୁ ମେଲାଣି ଦେଇଛନ୍ତି। ପ୍ରଭୁ ନାରାୟଣ ଗୋସାଇଁଙ୍କୁ ରାତି ୩ଟା ୩୦ରେ ମନ୍ଦିରରୁ ବାହରକୁ ଅଣାଯାଇଥିଲା। ମାତ୍ର ୭ରୁ ୮ଜଣ ସେବାୟତ, ଗଡମଧୁପୁର ରାଣୀ ଅପର୍ଣ୍ଣା ସିଂ ଭରଦ୍ୱାଜଙ୍କ ଉପସ୍ଥିତିରେ ରାଜପୁରୋହିତ ନୀଳାମ୍ବର ପତି ପ୍ରମୁଖ ପୂଜାକାର୍ଯ୍ୟ ସମାପନ କରିଥିଲେ। ୩ଟା ୪୦ରେ ପୋଖରୀରେ ଥିବା ସିଂହାସନରେ ଠାକୁରଙ୍କୁ ସ୍ଥାପନା କରାଯାଇଛି। ପୂଜାକାର୍ଯ୍ୟକୁ ଉପଜିଲାପାଳ ନରାୟଣ ଚନ୍ଦ୍ର ଧଳଙ୍କ ସମେତ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡ଼ା, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରମୁଖ ପୂଜାକାର୍ଯ୍ୟ ତଦାରଖ କରିଥିଲେ।

# ୩ କୋଭିଡ୍ ହସ୍ପିଟାଲର ସ୍ଥିତି ସମୀକ୍ଷା

ବାଲେଶ୍ୱର ଅଫିସ/ ବାରିପଦା ଅଫିସ/ କେନ୍ଦୁଝର, ୧୬।୪(ସ୍ୱ.ପ୍ର/ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ ଉତ୍ତର ଓଡ଼ିଶାର ୩ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରି ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ସମୀକ୍ଷା କରିଛନ୍ତି।

**ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଗସ୍ତ କଲେ ୫-ଟି, ମୁଖ୍ୟ ସଚିବ**

ଗୁରୁବାର ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କୋଭିଡ୍ ହସ୍ପିଟାଲ ପରିଦର୍ଶନରେ ଯାଇ ସେଠାରେ ଚିକିତ୍ସା ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ମଧ୍ୟାହ୍ନରେ ଉଭୟ ଅଧିକାରୀ ବାଲେଶ୍ୱର କୁରୁଡାସ୍ଥିତ ଜ୍ୟୋତି ହସ୍ପିଟାଲରେ ପହଞ୍ଚିଥିଲେ। ସେଠାକାର ବ୍ୟବସ୍ଥା ସମ୍ପର୍କରେ ପୋଲିସ ଓ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟ ସଚିବଙ୍କ ସହିତ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ପୂର୍ବାଞ୍ଚଳ ଆଇଜି ଦିପ୍ତେଶ ପଟ୍ଟନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଜିଲା ଚିକିତ୍ସାଧିକାରୀ ବାନାର୍ଜୀ ପ୍ରସାଦ ଛୋଟରାଏ ପ୍ରମୁଖ ଆଲୋଚନା କରିଥିଲେ।

ପରେ ହେଲିକପ୍ଟର ଯୋଗେ କେନ୍ଦୁଝର ଜିଲା ରାଇସୁଆଁ ଏୟାରଷ୍ଟ୍ରିପରେ ଓହ୍ଲାଇ ସେଠାରୁ ସଡ଼କପଥରେ ସଦର ବ୍ଲକ ଅନ୍ତର୍ଗତ ରାଙ୍କିଠାରେ ଥିବା କୋଭିଡ୍-୧୯ ହସ୍ପିଟାଲକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କୋଭିଡ୍ ହସ୍ପିଟାଲ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଦାରଖ କରିବା ସହ ହସ୍ପିଟାଲର ଆଇସିୟୁ ୟୁନିଟ୍, ଭେଣ୍ଟିଲେଟର ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ହସ୍ପିଟାଲ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ଓ ଜିଲା ପ୍ରଶାସନ ସହ ଆଲୋଚନା କରି ଖୁବଶୀଘ୍ର କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ପୁରୁଣା ସହରରେ ଥିବା ସହରାଞ୍ଚଳ ଡାକ୍ତରଖାନା ବୁଲି ଜ୍ୱର ୱାର୍ଡ ପରିଦର୍ଶନ କରିଥିଲେ। କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଅଶୋକ କୁମାର ଦାଶ, କୋଭିଡ୍ ହସ୍ପିଟାଲ ପାଇଁ ଏମ୍ଓୟୁ ସ୍ୱାକ୍ଷରିତ କରିଥିବା ଉତ୍କଳ ହସ୍ପିଟାଲ ପ୍ରାଇଭେଟ ଲିଃ.ର ସିଇଓ ସୟଦ୍ କମରନ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ମୟୂରଭଞ୍ଜ ଜିଲା ବାରିପଦାଠାରୁ ୭ କି.ମି ଦୂର ବାଙ୍କିଶୋଳସ୍ଥିତ ଆଦାନୀ କିସ୍ ଆବାସିକ ବିଦ୍ୟାଳୟ କ୍ୟାମ୍ପସରେ କାର୍ଯ୍ୟକ୍ଷମ କୋଭିଡ୍ ହସ୍ପିଟାଲକୁ ଉଭୟ ଅଧିକାରୀ ପରିଦର୍ଶନ କରିଥିଲେ। ଅପରାହ୍ନରେ ଦୁଇ ଅଧିକାରୀ ୨୦୦ ଶଯ୍ୟା ବିଶିଷ୍ଟ ଏହି କୋଭିଡ୍ ହସ୍ପିଟାଲ ବୁଲି ଚିକିତ୍ସା ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ଜିଲା ପ୍ରଶାସନ ସହିତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


କେନ୍ଦୁଝର ସ୍ଥିତ କୋଭିଡ୍-୧୯ ହସ୍ପିଟାଲରେ ୫-ଟି, ମୁଖ୍ୟ ଶାସନ ସଚିବ।

# ବାର୍‌ହା ଆକ୍ରମଣରେ ୫ରୁ ଉର୍ଦ୍ଧ୍ୱ ଆହତ

**ଖଣ୍ଡପଡ଼ା, ୧୬।୪(ସ୍ୱ.ପ୍ର.):** ଗୁରୁବାର ଭୋର ୫ଟା ସମୟରେ ଖଣ୍ଡପଡା ସହର ମଧ୍ୟକୁ ପଶିଆସିଥିବା ଏକ ଜଙ୍ଗଲୀ ବାର୍‌ହା ଆକ୍ରମଣରେ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ନିକଟସ୍ଥ ମାଳତି ମୁଣ୍ଡିଆରୁ ଦନ୍ତା ବାର୍‌ହାଟି ପ୍ରଥମେ ଖଣ୍ଡପଡା ୩ନଂ. ୱାର୍ଡ କାଦୁଆସାହିରେ ପଶିଥିଲା। ଲୋକେ ପାଟିତୁଣ୍ଡ କରିବାରୁ ବାର୍‌ହାଟି ନିକଟସ୍ଥ ଗଡଭିତର ସାହିକୁ ପଳାଇଥିଲା। ଏହି ସମୟରେ ଯେଉଁମାନେ ସାମ୍ନାରେ ପଡିଲେ ସେମାନଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ପରେ ବାର୍‌ହାଟି ସୁନାମୁହିଁ ଜଙ୍ଗଲକୁ ପଳାଇଥିଲା। ଆକ୍ରମଣରେ ଭଗବାନ ପଡିଆରୀ, ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ସମେତ ୪/୫ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପ୍ରସନ୍ନ ଓ ଭଗବାନ ଗୁରୁତର ଥିବା ଜଣାପଡିଛି। ସମସ୍ତଙ୍କୁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ୨ବ୍ୟକ୍ତିଙ୍କୁ ବନ ବିଭାଗ ପକ୍ଷରୁ ୫ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା କହିଛନ୍ତି।

# ଘରୋଇ ହିଂସା ରୋକିବାକୁ ହେଲ୍ପଲାଇନ ନମ୍ବର ଜାରି

**ଛତ୍ରପୁର, ୧୬।୪(ଡି.ଏନ୍.ଏ.):** କରୋନା ସଂକ୍ରମଣ ପ୍ରତିହତ ନିମନ୍ତେ ଜିଲା ଲକ୍‌ଡାଉନରେ ଥିବାବେଳେ ପ୍ରତ୍ୟହ ୧୯ ଘଣ୍ଟା ଶର୍ଟଡାଉନ ରହିଛି। ଏହି ସମୟରେ ଘରୋଇ ହିଂସା ରୋକିବା ପାଇଁ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ୩ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ପରିବାରରେ କେହି ହିଂସାର ଶିକାର ହେଲେ ଟେଲିଫୋନ ନଂ. ୦୬୮୧୧-୨୬୩୩୬୦/୨୬୦୯୯/୨୬୩୭୯୫ ନଚେତ୍ ପୋଲିସ କଣ୍ଟ୍ରୋଲ ନମ୍ବର ୧୦୦ରେ ଜଣାଇବାକୁ ପରାମର୍ଶ ଦିଆଯାଇଛି। ଜଣେ ଡିଏସ୍‌ପି ଏହାର ମନିଟରିଂ କରିବେ। ଅଭିଯୋଗ ପାଇବା ମାତ୍ରେ ପୋଲିସ ସହାୟତା କରିବ।

## ସଂକ୍ଷେପରେ

### ଗର୍ଭବତୀଙ୍କ ପାଇଁ ରକ୍ତ ଯୋଗାଡ଼କରି ଦେଲେ ଏସ୍‌ପି

**ନବରଙ୍ଗପୁର,୧୬।୪(ବି.ପ୍ର.):** ନବରଙ୍ଗପୁର ଅଞ୍ଚଳର ଡମ୍ବୁ ଭତରାଙ୍କ ଗର୍ଭବତୀ ସ୍ତ୍ରୀ ସୀତାବତୀ ଭତରା(୨୦) ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଭର୍ତ୍ତି ହୋଇଥିଲେ। ପରୀକ୍ଷା ପରେ ତାଙ୍କ ଶରୀରରେ ୪ ପ୍ରତିଶତ ହିମୋଗ୍ଲୋବିନ ଥିବାରୁ ରକ୍ତ ଆବଶ୍ୟକ ପଡିଥିଲା। ତାଙ୍କର ବି ପଜିଟିଭ ରକ୍ତ ଜଣାପଡିବା ପରେ ଡାକ୍ତର ସ୍ଥାନୀୟ ବ୍ଲଡ୍ ବ୍ୟାଙ୍କକୁ ମାଗଣାରେ ରକ୍ତ ଯୋଗାଇଦେବା ପାଇଁ ସୁପାରିସ କରିଥିଲେ। ତଥାପି ସାବିତ୍ରୀଙ୍କ ସ୍ୱାମୀ କାଳେ ଅଧିକ ରକ୍ତ ଦରକାର ହୋଇପାରେ ଏହି ଆଶଙ୍କାରେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ତାଙ୍କ ମୋବାଇଲ ନମ୍ବର ଦେଇ ବଦାନ୍ୟ ବ୍ୟକ୍ତିଙ୍କୁ ରକ୍ତ ଦେବାକୁ ଅନୁରୋଧ କରିଥିଲେ। ନବରଙ୍ଗପୁର ଏସ୍‌ପି ନୀତିନ କୁସଲକର ଏହା ଦେଖିବା ପରେ ଅବଦୁଲ ସହକତ ନାମକ ଜଣେ ରକ୍ତଦାତାଙ୍କୁ ଡାକ୍ତରଖାନା ପଠାଇଥିଲେ। ଅବଦୁଲ ପହଞ୍ଚି ୧ ୟୁନିଟ୍ ରକ୍ତ ଦେଇଥିଲେ।

### ୫ ରିପୋର୍ଟ ନେଗେଟିଭ

**ମାଲକାନଗିରି,୧୬।୪(ଡି.ଏନ.ଏ.):** ନିକଟରେ ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ଦର୍ନାପାଲର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ୩ଜଣ ବ୍ୟକ୍ତି କାଳଦାପାଲିରେ ରହୁଥିଲେ। ଛତିଶଗଡ଼ ପୋଲିସ ଓ ମାଲକାନଗିରି ଜିଲା ପ୍ରଶାସନ କାଳଦାପାଲିରୁ ସେମାନଙ୍କୁ ନେଇ ତାଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖି ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଇଥିଲେ। ତାଙ୍କ ରକ୍ତ ନମୁନା ନେଗେଟିଭ ଆସିଥିଲା। ସେହିପରି ମାଲକାନଗିରି ବ୍ଲକ ଗଙ୍ଗଲା ପଞ୍ଚାୟତ ରାଉଲଗୁଡା ଗ୍ରାମରେ ଏକ ସମ୍ପ୍ରଦାୟର ୨ଜଣ ବ୍ୟକ୍ତି ଜଣଙ୍କ ଘରେ ରହୁଥିଲେ। ଏହା ଜାଣିଲା ପରେ ଗ୍ରାମବାସୀ ବିରୋଧ କରିଥିଲେ। ସେମାନଙ୍କୁ ଗଙ୍ଗଲା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ ଦିନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ସେମାନଙ୍କଠାରେ କୌଣସି ରୋଗର ଲକ୍ଷଣ ନ ଥିବା ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି।

### ନିଆଁ ଲାଗି ଦମ୍ପତି ଗୁରୁତର

**ଛେଣ୍ଡିପଦା,୧୬।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସୀମାନ୍ତ ଗମ୍ଭାରୀପାଳ ଗ୍ରାମର ଦମ୍ପତି ମୁରଲୀଧର ମିଶ୍ର ଓ ଲିପ୍ସିତା ମିଶ୍ର ଗୁରୁବାର ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଲିପ୍ସିତା ରୋଷେଇ କରୁଥିବା ବେଳେ ନିଆଁ ଉଡ଼ି ଦୋକାନ ପାଇଁ ଘରେ ରଖାଯାଇଥିବା ପେଟ୍ରୋଲ ସଂସ୍ପର୍ଶରେ ଆସିଥିଲା। ଫଳରେ ତାହା ଜଳିଉଠିବା ସହ ଲିପ୍ସିତାଙ୍କ ଶାଢିରେ ଲାଗି ଯାଇଥିଲା। ନିଆଁ ଲିଭାଇବାକୁ ଉଦ୍ୟମ କରିବାରୁ ସ୍ୱାମୀ ମୁରଲୀଧର ମଧ ପୋଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### କୁକୁର କାମୁଡ଼ାରେ ୧୦ ଗୁରୁତର

**କାମାକ୍ଷାନଗର, ୧୬।୪(ଡି.ଏନ.ଏ.):** ପରଜଙ୍ଗ ବ୍ଲକ କଙ୍କିଲି ଗ୍ରାମରେ ଗୁରୁବାର ପାଗଳ କୁକୁର କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଗୁରୁତର ହୋଇଛନ୍ତି। କଳାବତୀ ବିଶ୍ୱାଳ (୭୬), ଜୁଲି ସାହୁ (୨୮), ବିନ୍ଦୁଶ୍ରୀ ସାହୁ (୨୭), କନକ ସାହୁ (୩୦), ପ୍ରତିମା ସାହୁ (୪୫), ପ୍ରତ୍ୟୁଷ ବିଶ୍ୱାଳ (୫), ମାନସୀ ବିଶ୍ୱାଳ (୩୮), ମଞ୍ଜୁ ସାହୁ (୪୦), ଗୀତାଞ୍ଜଳି ବେହେରା (୪୫), ଇତିସ୍ମିତା ବେହେରା (୨୫) ପ୍ରମୁଖ କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ଏହାକୁ ନେଇ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସମସ୍ତଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ତାଲିକାରେ ପଞ୍ଜୀକୃତଙ୍କ ନାମ ନାହିଁ

**ବଲାଙ୍ଗୀର ଅଫିସ, ୧୬।୪**



ଆଗଲପୁର ବ୍ଲକ୍ ସାନ୍‌ଟିକା ଗାଁରୁ ସାଇକେଲରେ ବଲାଙ୍ଗୀର ଆସିଥିବା ନିର୍ମାଣ ଶ୍ରମିକମାନେ।

■ ଅଭିଯୋଗ ପାଇଁ ୪୦ କିମି ସାଇକେଲ ଯାତ୍ରା

■ ୭ ନିର୍ମାଣ ଶ୍ରମିକ ବଲାଙ୍ଗୀରରୁ ଫେରିଗଲେ

ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କାର ସହାୟତା ଯୋଗାଇ ଦେବାକୁ କହିଥିଲେ। ଏଭଳି ଘୋଷଣା ପରେ ସେମାନେ ଲକ୍‌ଡାଉନ୍ ସମୟରେ ସରକାରୀ ସହାୟତା ପାଇ କିଛି ମାତ୍ରାରେ ଆଶ୍ୱସ୍ତ ହେବେ ବୋଲି ଆଶା କରିଥିଲେ। ତେବେ ବଲାଙ୍ଗୀର ଜିଲାର ନିର୍ମାଣ ଶ୍ରମିକମାନଙ୍କ ମଧ୍ୟରୁ କେତେକ ଯୋଗ୍ୟ ବିବେଚିତ ହେଲେ ମଧ ଏହି ସହାୟତା ପାଇବାରୁ ବଞ୍ଚିତ ହେବେ ବୋଲି ଜଣାପଡିଛି। ଏଭଳି ଏକ ଆଶଙ୍କା ନେଇ ଆଗଲପୁର ବ୍ଲକ ସାନଟିକା ଗାଁର ୭ଜଣ ନିର୍ମାଣ ଶ୍ରମିକ ଗୁରୁବାର ଦୀର୍ଘ ୪୦କିଲୋମିଟର ସାଇକେଲ ଯାତ୍ରା କରି ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଅଫିସ ବନ୍ଦ ଥିବାରୁ ସେଠାରେ କାହାରିକୁ ଭେଟି ନ ପାରି ସେମାନେ ପୁଣି ନିଜ ଗାଁକୁ ଫେରିଯାଇଛନ୍ତି। ଏହି ଶ୍ରମିକମାନେ ହେଲେ ସାନ୍‌ଟିକାର ଅଶୋକ କୁମାର ଭୋଇ, ଅକ୍ଷୟ ଭୋଇ, ଅଙ୍ଗଦ ବିଶ୍ୱାଳ, ଶୁଭ୍ରାଂଶୁ ପ୍ରଧାନ, ତରଣୀ ପଧାନ, ବୀରେନ୍ଦ୍ର ବେହେରା ଓ ଭକ୍ତ ବିଶ୍ୱାଳ ପ୍ରମୁଖ। ସେମାନେ ସାନ୍‌ଟିକାରୁ ସାଇକେଲରେ ବଲାଙ୍ଗୀର ଜିଲା ସଦର ମହକୁମାକୁ ଆସି ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେମାନଙ୍କ ନାମ ପଞ୍ଜୀକରଣ ତାଲିକାରେ ଥିଲା। ଏହା ସତ୍ତ୍ୱେ ସହାୟତା ତାଲିକାରୁ କିଭଳି ସେମାନଙ୍କ ନାମ ଅନ୍ତର୍ଦ୍ଧାନ ହୋଇଯାଇଛି ଏକଥା ଜାଣିବାକୁ ଆସିଥିଲେ।

ତେବେ ଅଫିସ ବନ୍ଦ ଥିବାରୁ ନିରାଶ ହୋଇ ଘରକୁ ଫେରିଥିଲେ। ଜିଲାରେ ୫୫ ହଜାରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଏହି ସହାୟତା ପାଇବେ ବୋଲି ଦୁଇଦିନ ପୂର୍ବରୁ ସୂଚନା ଦିଆଯାଇଥିଲା। ତେବେ ଏହି ସହାୟତା ତାଲିକାରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ନାଁ ନ ଥିବା ଅଭିଯୋଗ ହୋଇଥିବାରୁ ବାସ୍ତବରେ ଜିଲାର ନିର୍ମାଣ ଶ୍ରମିକମାନେ କେବେ ସହାୟତା ପାଇବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଜୟପାଟଣା ବ୍ଲକ ପିଏ ନିଲମ୍ବିତ

**ଭବାନୀପାଟଣା/ଜୟପାଟଣା,୧୬।୪(ଡି.ଏନ୍.ଏ)**



ନିଲମ୍ବିତ ପିଏ ଶତାମ୍ବର ପ୍ରଧାନୀ।

■ ପଞ୍ଚାୟତିରାଜ ବିଭାଗର ବିଚିତ୍ର ନୀତି

■ ୪୦ଦିନ ଜେଲ୍‌ରେ ରହିବା ପରେ ବି ପାଇଥିଲେ ପଦୋନ୍ନତି

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକର କାର୍ଯ୍ୟରତ ପିଏ (ପ୍ରଗତି ସହାୟକ) ଶତାମ୍ବର ପ୍ରଧାନୀଙ୍କୁ ବୁଧବାର ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ସଚିବ ଡି. କେ. ସିଂହ ନିଲମ୍ବନ କରିଛନ୍ତି। ସୂଚନା ଅନୁସାରେ, ପିଏ ପ୍ରଧାନୀ ଥୁଆମୁଳ ରାମପୁର ବ୍ଲକ ଅଞ୍ଚଳର ଜଣେ ଦଳିତ ବର୍ଗର ଯୁବତୀଙ୍କୁ ଅପହରଣ କରି ରାୟଗଡାର ଏକ ଲଜ୍‌ରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପରିବାର ଲୋକଙ୍କ ହସ୍ତକ୍ଷେପ ପରେ ଉଭୟଙ୍କ ମଧ୍ୟରେ କୋର୍ଟରେ ବିବାହ ପାଇଁ ଆବେଦନ କରାଯାଇଥିଲା। ସେତେବେଳେ ସମ୍ପର୍କୀୟଙ୍କ ଉପସ୍ଥିତିରେ ରାୟଗଡାସ୍ଥିତ ମାଁ ମାଝୀଗୌରୀ ମନ୍ଦିରରେ ଉଭୟ ବିବାହ କରିଥିଲେ। ହେଲେ କୋର୍ଟରେ ବିବାହ ପାଇଁ ଧାର୍ଯ୍ୟ ତାରିଖ ପୂର୍ବରୁ ପିଏ ପ୍ରଧାନୀ ଫେରାର ହୋଇଯାଇଥିଲେ। ପରେ ଏ ନେଇ ସମ୍ପୃକ୍ତ ଯୁବତୀଙ୍କ ପକ୍ଷରୁ ଏକ ମାମଲା ଦାଏର କରାଯିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଜେଲ୍‌ରେ ୪୦ଦିନ ରହିବା ଯୋଗୁ ସେ କାର୍ଯ୍ୟରେ ଯୋଗ ଦେଇ ପାରି ନ ଥିଲେ। ପରେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ ୪୦ଦିନ ଜେଲରେ ରହିବା ପରେ ମଧ ପଞ୍ଚାୟତରାଜ ବିଭାଗ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ପତ୍ର ସଂଖ୍ୟା ୬୩୭୭/ତା.୧୨।୩।୨୦୨୦ରେ ତାଙ୍କୁ ପିଏରୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ଭାବେ ପଦୋନ୍ନତି ମିଳିଥିଲା। ପଞ୍ଚାୟତରାଜ ବିଭାଗର ଏପରି ବିଚିତ୍ର ନୀତି ନେଇ ସାଧାରଣରେ ଚର୍ଚ୍ଚା ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ସିଂହ ବୁଧବାର ପିଏ ଶତାମ୍ବର ପ୍ରଧାନୀଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବିତ କରିଥିବା ଜଣାପଡିଛି।

# ଭାଙ୍ଗିଲେ ଭାଟି, ଢାଳିଦେଲେ ପୋଚ

**ଦଶମନ୍ତପୁର,୧୬।୪(ଡି.ଏନ୍.ଏ.)**

**ଲକ୍‌ଡାଉନ ବେଳେ ମହିଳାଙ୍କ ମଦବିରୋଧୀ ସ୍ୱର**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଉପର ଗଦଳା ଗାଁରେ ଲକ୍‌ଡାଉନ ବେଳେ ମଦ କାରବାର ବନ୍ଦ ନ ହେବା ପ୍ରତିବାଦରେ ତାତିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା। ଗୁରୁବାର ସେମାନେ ଗାଁରେ ମଦଭାଟି ଭଙ୍ଗାରୁଜା କରିବା ସହ ପୋଚ ଢାଳିଛନ୍ତି।

ଉଲ୍ଲେଖଯୋଗ୍ୟ, ଉପରଗଦଳା ଗାଁରେ ବ୍ୟାପକ ମଦ କାରବାର ହେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଏହା ପ୍ରତିବାଦରେ ଗାଁର ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ୩ ଦିନ ତଳେ ଥାନାରେ ଏତଲା ଦେଇଥିଲେ। ଅବକାରୀ ବିଭାଗ ଓ ସ୍ଥାନୀୟ ଥାନା ଏସ୍‌ଆଇ ବି.କେ. ପଣ୍ଡା ଗାଁରେ ଚଢ଼ାଉ ମଧ କରିଥିଲେ। କିନ୍ତୁ ଗାଁର ଜଣେ ମଦ ବ୍ୟବସାୟୀ ଏହାକୁ ବେଖାତିର କରି ପୁଣି ୪ ଡ୍ରମ ମହୁଲି ଫାସ ପକାଇଥିଲେ। ଖବର ପାଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ତାଙ୍କ ଘରେ ପହଞ୍ଚି ମହୁଲ ପୋଚକୁ ଗାଁ ଦାଣ୍ଡରେ ଢାଳିଥିଲେ। ସବୁ ମଦ ବେପାରୀଙ୍କ ଘରେ ଚଢ଼ାଉ କରି ସେମାନେ ମଦ ସରଞ୍ଜାମ, ସାମଗ୍ରୀ ନଷ୍ଟ କରିବା ସହ ଗାଁରେ ଥିବା ୪ଟି ଦେଶୀ ମଦଭାଟିକୁ ଭଙ୍ଗାରୁଜା କରିଛନ୍ତି। ଗିର୍ଲିଗୁମ୍ମା ପଞ୍ଚାୟତ ଫୁଣ୍ଡାଗୁଡ଼ା ଗ୍ରାମର ଜଣେ ମଦ ବ୍ୟବସାୟୀ ମଧ ଖୋଲାଖୋଲି ବାଇକରେ ଦେଶୀମଦ ଧରି ବିକୁଥିବା ମହିଳାମାନେ କହିଛନ୍ତି।



ମହିଳାମାନେ ମଦଭାଟି ଭାଙ୍ଗି ପୋଚ ଢାଳୁଛନ୍ତି।

# ପାସ୍ ଜାଲିଆତି କରି ଯୁବକ ଅଟକ



Govt. of India
Department of Posts
Office of the Inspector of Posts
Kamakhyanagar Sub Division, Kamakhyanagar-759018
E-mail: sdokamakshyanagar.od@indiapost.gov.in

INDIA POST

COVID-19
ESSENTIAL SERVICE
GOVT-DUTY

No: IP-Kamakhyanagar/COVID19/2020 Dated at Kamakhyanagar the 27.03.2020.

In pursuance of the Ministry of Home Affairs, Government of India orders no.40-3/2020-DM-1(A) dated 24-03-2020 and Government of Odisha, Department of Health and Family Welfare order No. 8980/H&FW dated 24.03.2020, the service of the following employee of Department of Posts is essentially required to attend DUTY during the lock down period.

| Sl. No. | Name | Designation | Vehicle Number to be used |
|---|---|---|---|
| 1. | LAXMIKANTA DEHURY | GDS BPM KUALO BO | OD-35-A3532 |

Signature of the Official

BAPINA MALLIK
Inspector of Posts
Kamakhyanagar Sub Division
Kamakhyanagar- 759018
Mobile:- 7751942095, 7978602453

ପାସ୍ ଜାଲିଆତି କରି ଯୁବକ ତାଙ୍କ ଫଟୋ ଲଗାଇଛନ୍ତି।

**ଅନୁଗୋଳ ଅଫିସ, ୧୬।୪**

ଲକ୍‌ଡାଉନ୍ ପାସ୍ ଜାଲିଆତି ଅଭିଯୋଗରେ ଅନୁଗୋଳ ପୋଲିସ କୁଇଓ ଅଞ୍ଚଳର ଯୁବକ ଲକ୍ଷ୍ମୀକାନ୍ତ ଦେହୁରୀଙ୍କୁ ଅଟକ ରଖିଛି। ଏଥିସହ ଏହି ଜାଲିଆତି କରାଯାଇଥିବା ଏକ ଷ୍ଟୁଡିଓର କମ୍ପ୍ୟୁଟର ହାର୍ଡଡିସ୍କ ଜବତ କରାଯାଇଛି। ପୋଲିସ କହିଛି, ଅନୁଗୋଳ ସହରର ଜଣେ ମହିଳା ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଡାକ ବିଭାଗରେ ଚାକିରି କରିଥିବାରୁ ଦୈନିକ ଅଫିସ ଯିବା ପାଇଁ ପାସ୍ ପାଇଥିଲେ। ଉକ୍ତ ପାସ୍‌କୁ ସେ ଅନୁଗୋଳ ଶିକ୍ଷକପଡ଼ାସ୍ଥିତ ଏକ ଷ୍ଟୁଡିଓରେ ପ୍ରିଣ୍ଟ କରିଥିଲେ। ହେଲେ ଉକ୍ତ ଷ୍ଟୁଡିଓରେ କାମ କରୁଥିବା ଲକ୍ଷ୍ମୀକାନ୍ତ ମହିଳାଙ୍କ ପାସ୍‌କୁ ଜାଲିଆତି କରି ସେଥିରେ ତାଙ୍କ ନାମ ଲେଖିବା ସହ ହସ୍ତାକ୍ଷର କରି ବ୍ୟବହାର କରୁଥିବା ନଜରକୁ ଆସିଥିଲା। ତାଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି।

# ଶ୍ରୀକ୍ଷେତ୍ରକୁ ତୁଳସୀ ନେବାକୁ ଚିଣ୍ଟୁ ବାବାଙ୍କୁ ପାସ୍

**ଢେଙ୍କାନାଳ ଅଫିସ,୧୬।୪**



ଚିଣ୍ଟୁ ବାବାଙ୍କୁ ଜିଲାପାଳ ପାସ୍ ପ୍ରଦାନ କରୁଛନ୍ତି।

ଲକ୍‌ଡାଉନ୍‌ର ପ୍ରଭାବ ଦେଖିବାକୁ ମିଳିଛି ଶ୍ରୀକ୍ଷେତ୍ରରେ। ମହାପ୍ରଭୁ ଜଗନ୍ନାଥଙ୍କ ସେବା ପାଇଁ ତୁଳସୀ, ଫୁଲର ଅଭାବ ପରିଲକ୍ଷିତ ହୋଇଛି। ଏପରି ସମୟରେ ଜିଲା ପ୍ରଶାସନର ଅନୁମତିକ୍ରମେ ଶ୍ରୀଜୀଉଙ୍କ ନିକଟରେ ତୁଳସୀ ପହଞ୍ଚାଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଶରଣ ଶ୍ରୀକ୍ଷେତ୍ରର ସାଧୁ ଚିଣ୍ଟୁ ବାବା। ଠାକୁରଙ୍କ ପାଖରେ ତୁଳସୀ, ଫୁଲ ସହିତ ଅନ୍ୟ ଆବଶ୍ୟକ ସାମଗ୍ରୀ ପହଞ୍ଚାଇବା ଲାଗି ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ମେ’ ୩ ଯାଏ ଅନୁମତି ମିଳିଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ତାଙ୍କୁ ଏ ସମ୍ପର୍କିତ ପାସ୍ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୪ରୁ ଚିଣ୍ଟୁ ବାବା ନିୟମିତ ବ୍ୟବଧାନରେ ଶ୍ରୀମନ୍ଦିରକୁ ତୁଳସୀ, ଫୁଲ ନେଇ ପହଞ୍ଚାଇଥାନ୍ତି। ହେଲେ ଲକ୍‌ଡାଉନ୍ ଯୋଗୁ ସେ ପୁରୀ ଯାଇପାରୁ ନ ଥିଲେ।

### ଗୋମାଂସ କାଟି ୩ ଗିରଫ

**କୋରୁକୋଣ୍ଡା,୧୬।୪(ଡି.ଏନ.ଏ.)**

ଲକ୍‌ଡାଉନକୁ ଖାତିର ନ କରି ମାଲକାନଗିରି ଜଲା ଓର୍କେଲ ଥାନା ଅନ୍ତର୍ଗତ ନୂଆଗାଁରେ ଗୁରୁବାର ଗୋମାଂସ କଟାଯାଉଥିଲା। ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡ୍ରଗ୍‌ଲାଇନସ୍ଥିତ ଟିଣସାହିର ଘାସି ଭାତ୍ରା, ଶୁକ୍ରି ପ୍ରୀତମ ଏବଂ ଡମ୍ବରୁ ହିଆଲ। ପୋଲିସକୁ ଦେଖି ଘଟଣାସ୍ଥଳରେ ଥିବା ଆଉ ୫ ଜଣ ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ସେଠାରୁ ଟାଙ୍ଗିଆ, ଛୁରି ଏବଂ ବିଭିନ୍ନ ଧାରୁଆ ଅସ୍ତ୍ର ପୋଲିସ ଜବତ କରିଛି ବୋଲି ଥାନାଧିକାରୀ ଜଗଦୀଶ ବାରା କହିଛନ୍ତି।

# ଦୁବାଇରୁ ଫେରିଥିବା ଯୁବତୀଙ୍କୁ ଠାବକଲା ପ୍ରଶାସନ

**ମାଲକାନଗିରି,୧୬।୪(ଡି.ଏନ୍.ଏ.)**

■ ଲକ୍‌ଡାଉନ ପୂର୍ବରୁ ଆସି ଗାଁରେ ରହୁଥିଲେ

■ ଫେରିବା ସମ୍ପର୍କରେ ପ୍ରଶାସନକୁ ଜଣାଇ ନ ଥିଲେ

■ ସାମାଜିକ ଦୂରତା ରକ୍ଷା କରିବାକୁ ପରାମର୍ଶ

ମାଲକାନଗିରି ଜିଲା ସଦର ବ୍ଲକ ତମସା ପଞ୍ଚାୟତ ଏମ୍‌ଭି-୧୩ ଗ୍ରାମର ଜଣେ ଯୁବତୀ ଦୁବାଇର ଏକ ସଂସ୍ଥାରେ ୩ବର୍ଷ ଧରି କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ ପୂର୍ବରୁ ସେ ଦୁବାଇରୁ ଦିଲ୍ଲୀ,ଦିଲ୍ଲୀରୁ ହାଇଦ୍ରାବାଦ ଏବଂ ଭୁବନେଶ୍ୱର ହୋଇ କୌଣସି ଉପାୟରେ ଲକ୍‌ଡାଉନ୍ ପୂର୍ବରୁ ନିଜ ପରିବାର ନିକଟରେ ପହଞ୍ଚି ଘରେ ଥିଲେ। ଫେରିବା ପରେ ସେ ସରକାରଙ୍କ ନିୟମ ଅନୁସାରେ ପଞ୍ଜୀକରଣ କରି ନ ଥିଲେ। ଏହି ଖବର ଜାଣିବା ପରେ ଜିଲା ପ୍ରଶାସନ ତାଙ୍କୁ ଖୋଜି ବାହାର କରିଛି। ତହସିଲଦାର ଗୁଣନିଧି ନାୟକ, ଆଇଆଇସି ରାମପ୍ରସାଦ ନାଗ, ପିଇଓ ବିଷ୍ଣୁ ତ୍ରିପାଠୀଙ୍କ ସହ ଡାକ୍ତରୀ ଦଳ ସମ୍ପୃକ୍ତ ଯୁବତୀଙ୍କ ଘରେ ପହଞ୍ଚି ତାଙ୍କ ସମେତ ମାଆବାପାଙ୍କୁ ପଚରାଉଚରା କରିଛନ୍ତି। ସେ କିପରି ଦୁବାଇରୁ ଫେରିଲେ, କାହାକାହା ସଂସ୍ପର୍ଶରେ ଆସିଛନ୍ତି ପଚାରିଥିଲେ। ଯୁବତୀ ଜଣକ କହିଥିଲେ ଯେ, ସେ ମାର୍ଚ୍ଚ ୬ରେ ଲକ୍‌ଡାଉନ ପୂର୍ବରୁ ମାଲକାନଗିରି ଫେରିଛନ୍ତି। ତାଙ୍କର କୌଣସି ଜ୍ୱର କିମ୍ବା ରୋଗର ଲକ୍ଷଣ ନାହିଁ। ଏ ସମ୍ପର୍କରେ ସେ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କୁ ଜଣାଇଛନ୍ତି। ତେବେ ତାଙ୍କୁ ଘରୁ ନ ବାହାରିବା, ପରିବାରଠାରୁ ଦୂରେଇ ରହିବା, ସାମାଜିକ ଦୂରତା ରକ୍ଷା କରିବା ଲାଗି ପ୍ରଶାସନିକ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ସମ୍ପୃକ୍ତ ଗ୍ରାମର ବାସିନ୍ଦାଙ୍କୁ ମଧ ସମ୍ପୃକ୍ତ ଯୁବତୀଙ୍କ ପରିବାର ସହ ସାମାଜିକ ଦୂରତା ରକ୍ଷା କରିବା ପାଇଁ କୁହାଯାଇଥିଲା।

# କାଜୁ ବଗିଚାକୁ ନେଇ ଦୁଇ ଗ୍ରାମ ମଧ୍ୟରେ ଗଣ୍ଡଗୋଳ

**ନବରଙ୍ଗପୁର,୧୬।୪(ବି.ପ୍ର.)–**

**ପୋଲିସ ଫୋର୍ସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କଲା**

ନବରଙ୍ଗପୁର ଜିଲା କୋଡିଙ୍ଗା ତହସିଲଓ ଭାଲୁଗୁଡା ଓ ନବରଙ୍ଗପୁର ତହସିଲ ଅଧୀନ ବାସିନି ଗ୍ରାମ ମଧ ଭାଗରେ ଥିବା କାଜୁ ବଗିଚାକୁ ନେଇ ଦୀର୍ଘଦିନ ହେଲା ଭାଲୁଗୁଡା ଓ ବାସିନି ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଛି। ଗୁରୁବାର ଉଭୟ ଗ୍ରାମ ମଧ୍ୟରେ କାଜୁ ବଗିଚାକୁ ନେଇ ଗଣ୍ଡେଗୋଳ ହୋଇଥିଲା। ଖବରପାଇ କୋଡିଙ୍ଗା ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀକୁ ବୁଝାଇଥିଲା। ତେବେ ବାସିନି ଗ୍ରାମବାସୀ ପୋଲିସକୁ ଗୋଡାଇଥିଲେ। ଏସମ୍ପର୍କରେ ଏସପି ଜାଣିବା ପରେ ସମ୍ପୃକ୍ତ ଗ୍ରାମରେ ପୋଲିସ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଛନ୍ତି। ପୋଲିସ କେତେକ ଲୋକଙ୍କୁ ଅଟକ ରଖିଛି। ଏସପି ନିତୀନ କୁସଲକର, ଉପଜିଲାପାଳ ଭାସ୍କର ରଇତୋ, ତହସିଲଦାର ସହଦେବ କୁତୁକା, ଥାନା ଅଧିକାରୀ ଶୁଭେନ୍ଦୁ ଶବର ଲୋକଙ୍କୁ ବୁଝାଶୁଝା କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ଘରେ ବହି ପହଞ୍ଚିଲା

**ସୁନ୍ଦରଗଡ଼,୧୬।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ଯୋଗାଣ ଆରମ୍ଭ ହୋଇଛି। ଶିକ୍ଷୟିତ୍ରୀ,ଶିକ୍ଷକମାନେ ପିଲାମାନଙ୍କ ଘରେ ପହଞ୍ଚି ଏହି ବହି ପ୍ରଦାନ କରୁଥିବା ଦେଖିବାକୁ ମିଳିଛି।

ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଘରକୁ ଯାଇ ବହି ଦେବା ପାଇଁ ନିର୍ଦ୍ଦେଶ ରହିଛି। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଜିଲା ଶିକ୍ଷା ଅଧିକାରୀ ଗତ ୧୪ ତାରିଖରେ ଚିଠି ନଂ. ୫୫୯ରେ ଜିଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀ ମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨୫ସୁଦ୍ଧା ବ୍ଲକ ଶିକ୍ଷାଅଧିକାରୀମାନେ ଜିଲା ମୁଖ୍ୟ କାର୍ଯ୍ୟାଳୟରୁ ବହି ସଂଗ୍ରହ କରି ପ୍ରତି କ୍ଲଷ୍ଟରକୁ ପହଞ୍ଚାଇବେ। ଏହାପରେ କ୍ଲଷ୍ଟରର ସିଆରସିସିମାନେ ପ୍ରତ୍ୟେକ ସ୍କୁଲରେ ଯାଇ ଆବଶ୍ୟକତା ଅନୁଯାୟୀ ଏହି ପାଠ୍ୟ ପୁସ୍ତକ ବିତରଣ କରିବେ। ଏହାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ,ଶିକ୍ଷକମାନେ ସହକାରୀ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କ ସହାୟତାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କ ଘରକୁ ଯାଇ ଏହି ପାଠ୍ୟ ପୁସ୍ତକ ପ୍ରଦାନ କରିବେ। ପାଠ୍ୟ ପୁସ୍ତକ ବଣ୍ଟନ ପ୍ରକ୍ରିୟା ବେଳେ ସାମାଜିକ ଦୂରତ୍ୱକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ୨.୭ଲକ୍ଷ ଛାତ୍ରୀଛାତ୍ରଙ୍କୁ ଏହି ପୁସ୍ତକ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଛି। ଏହାକୁ ନେଇ ଶିକ୍ଷୟିତ୍ରୀ,ଶିକ୍ଷକ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି କହିଛନ୍ତି, ଛାତ୍ରୀଛାତ୍ରଙ୍କ ଘରେ ପାଠ୍ୟପୁସ୍ତକ ଯୋଗାଇବା ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟା କେନ୍ଦ୍ରିକଳା ବିଦ୍ୟାଳୟରୁ ଆରମ୍ଭ ହୋଇଛି। ଜିଲାର ପ୍ରତ୍ୟେକ ସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବର୍ଗର ୨ଲକ୍ଷ ୭ହଜାର ୬୯ ଜଣ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ।



ଛାତ୍ରଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଉଛି।

# ପୋଲିସ ଉପସ୍ଥିତି ସତ୍ତ୍ୱେ ସାମାଜିକ ଦୂରତା ନିୟମ ଉଲ୍ଲଂଘନ

**ଜୁନାଗଡ଼,୧୬।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ୨୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଗୁରୁବାର ପୋଲିସ ଉପସ୍ଥିତି ସତ୍ତ୍ୱେ ସାମାଜିକ ଦୂରତା ନିୟମ ଲୋକମାନେ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଥିଲା। ସାମାଜିକ ଦୂରତା ଉପରେ ସଚେତନ ଥିବା ପୋଲିସ ଅଧିକାରୀ ଏହି ଘଟଣାରେ ନୀରବ ଦ୍ରଷ୍ଟା ସାଜିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୁଚନା ଅନୁଯାୟୀ, ଚାରବାହାଲ ଅଧୀନ ଥିବା ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନାଙ୍କ ବଦଳି ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫାଣ୍ଡି ଅଧିକାରୀ ଜେନାଙ୍କ ବଦଳି ପଛରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀଙ୍କ ହାତ ଥିବା ଅଭିଯୋଗ କରି ଗୁରୁବାର ସ୍ଥାନୀୟ ଲୋକେ ଚାରବାହାଲ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇ ପ୍ରତିବାଦ କରିଥିଲେ। ପରେ ସରପଞ୍ଚଙ୍କ ସ୍ୱାମୀ ମୀନକେତନ ଦଳପତି ଘଟଣା ସ୍ଥଳକୁ ଆସି ଏଥିରେ ମୋର ହାତ ନ ଥିବା ଲୋକଙ୍କୁ କହିଥିଲେ। ଏ ସମ୍ପର୍କରେ ଖବର ପାଇ ମୋଟେର ନୂଆ ଫାଣ୍ଡି ଅଧିକାରୀ ଅଜୟ କୁମାର ନାଏକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା ପାଇଁ ଚେଷ୍ଟା କରିଥିଲେ। ଏହି ସମୟରେ ଲୋକମାନେ ସାମାଜିକ ଦୂରତ୍ୱ ନିୟମକୁ ଭୁଲିଯାଇ ଗୋଟିଏ ସ୍ଥାନରେ ରୁଣ୍ଡ ହୋଇଥିଲେ। ପରେ ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡି ଓ କୋକସରା ଆଇଆଇସି ବାସୁଦେବ ଛତ୍ରିଆ ଘଟଣା ସ୍ଥଳକୁ ଆସି ଲୋକଙ୍କୁ ଘରକୁ ଯିବା ପାଇଁ କହିଥିଲେ। ଏ ସଂକ୍ରାନ୍ତରେ କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧର କହିଛନ୍ତି ଉକ୍ତ ଘଟଣା ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।



ପୋଲିସ ଉପସ୍ଥିତିରେ ଲୋକମାନେ ସାମାଜିକ ଦୂରତ୍ୱକୁ ଭୁଲିଯାଇଛନ୍ତି।

# ଫୁଟବଲ ଚିନ୍ତାରେ କ୍ରୀଡ଼ାବିତ୍ ପରିବାର

**ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ କ୍ରୀଡ଼ାବିତ୍ ଦମ୍ପତି ଶୁଭେନ୍ଦୁ ପଣ୍ଡା ଓ ସୁଦୀପ୍ତା ଦାଶ ସ୍ୱାଭାବିକଭାବେ ବ୍ୟସ୍ତରେ ଜୀବନ ଅତିବାହିତ କରିଥାନ୍ତି। କରୋନା ଭାଇରସ ସଂକ୍ରମଣଜନିତ ଲକ୍‌ଡାଉନ୍ ସ୍ଥିତି ଯୋଗୁ ବିଶ୍ୱକ୍ରୀଡ଼ା ଏବେ ଠପ୍ ହୋଇଯାଇଛି। କେବେ ସ୍ୱାଭାବିକ ସ୍ଥିତି ଫେରିବ ତାହାକୁ ନେଇ ସମସ୍ତେ ସନ୍ଦିହାନ ଥିବାବେଳେ ବର୍ତ୍ତମାନର ସ୍ଥିତି ଫୁଟବଲକୁ ଅନେକ ପଛକୁ ନେଇ ଯାଇଛି ଓ ଏହା ଚିନ୍ତା ସୃଷ୍ଟି କରିଛି ଉଭୟେ ମତ ରଖିଛନ୍ତି...**

- **୧୭ ବର୍ଷରୁ କମ୍ ଭାରତୀୟ ଦଳର ଖେଳାଳିଙ୍କୁ ଟିପ୍ସ ଦେଉଛନ୍ତି ଶୁଭେନ୍ଦୁ**
- **ପଡ଼ିଆକୁ ପୁଣି ଫେରିବା ଲକ୍ଷ୍ୟରେ ମହିଳା ଫୁଟବଲ ରେଫରି ସୁଦୀପ୍ତା**





ଶୁଭେନ୍ଦୁ ପଣ୍ଡା ଓ ସୁଦୀପ୍ତା ଦାଶ । ଓଡ଼ିଶାରେ ଥିବା କ୍ରୀଡ଼ାବିତ୍ ପରିବାର ମଧ୍ୟରୁ ଅନ୍ୟତମ। ଶୁଭେନ୍ଦୁ ଏଏଫସି-ଏ ଲାଇସେନ୍ସପ୍ରାପ୍ତ ଜଣେ ଜାତୀୟ କୋଚ୍ ହୋଇଥିବାବେଳେ ସୁଦୀପ୍ତା ଓଡ଼ିଶାର ପ୍ରଥମ ମହିଳା ଫୁଟବଲ ରେଫରି । ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଉଭୟେ ସ୍ୱାଭାବିକଭାବେ ବ୍ୟସ୍ତରେ ଜୀବନ ଅତିବାହିତ କରିଥାନ୍ତି । ଘରେ ରହିବା ପାଇଁ ସମୟ ପାଇବା ଏବଂ କାହାକୁ ସମୟ ଦେବା ଉଭୟଙ୍କ ପାଇଁ କଷ୍ଟକର ହୋଇ ପଡ଼ିଥାଏ। ମାତ୍ର ଏବେ ସ୍ଥିତି ଭିନ୍ନ । କରୋନା ଭାଇରସ ସଂକ୍ରମଣଜନିତ ଲକ୍‌ଡାଉନ୍ ସ୍ଥିତି ଯୋଗୁ ଘରୁ ବାହାରିବା କଷ୍ଟକର। ନିହାତି ଆବଶ୍ୟକ ନ ଥିଲେ କେହି ଘରୁ ଗୋଡ଼ କାଢୁନାହାନ୍ତି। ଶୁଭେନ୍ଦୁ ଓ ସୁଦୀପ୍ତାଙ୍କ କ୍ଷେତ୍ରରେ ମଧ୍ୟ ତାହା ହିଁ ଘିଟୁଛି । ପୁତ୍ର ସନ୍ତାନ ଜନ୍ମ ହେତୁ ଗତ ୧୫ ମାସ ଧରି ଫୁଟବଲ ପଡ଼ିଆରୁ ଦୂରେଇ ରହିଛନ୍ତି ସୁଦୀପ୍ତା । ଆଉ ୮-୯ ମାସ ପରେ ଅର୍ଥାତ୍ ପୁଅକୁ ୨ବର୍ଷ ହେବାପରେ ସେ ପଡ଼ିଆକୁ ଫେରିବାକୁ ଯୋଜନା କରିଛନ୍ତି । ଶୁଭେନ୍ଦୁ କିନ୍ତୁ ଫୁଟବଲର ଭବିଷ୍ୟତକୁ ନେଇ ଖୁବ୍ ଚିନ୍ତିତ । କରୋନା ଭାଇରସ ସଂକ୍ରମଣଜନିତ ସ୍ଥିତି କ୍ରୀଡ଼ାଜଗତ ପାଇଁ ସବୁଠାରୁ କଷ୍ଟକର ସମୟ ବୋଲି ସେ ଅଭିହିତ କରିଛନ୍ତି। କେବେ ସ୍ୱାଭାବିକ ସ୍ଥିତି ଫେରିବ ତାହାକୁ ନେଇ ସମସ୍ତେ ସନ୍ଦିହାନ। ଫୁଟବଲ ଏପରି ଏକ ଖେଳ ଯେଉଁଥିପାଇଁ ବର୍ଷର ୧୨ ମାସ ପର୍ଯ୍ୟନ୍ତ ଜଣକୁ ଫିଟ୍ ରହିବାକୁ ପଡ଼ିଥାଏ। ବର୍ତ୍ତମାନର ସ୍ଥିତି ଫୁଟବଲକୁ ଅନେକ ପଛକୁ ନେଇଯାଇଛି । ସ୍ଥିତି ସ୍ୱାଭାବିକ ହେଲେ ଫୁଟବଲ ଜିରୋ(୦)ରୁ ନୁହେଁ ମାଇନସ(-)ରୁ ଆରମ୍ଭ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

''ଏବେ ମୁଁ ଓ ସୁଦୀପ୍ତା ୨ ଜଣ ସମ୍ପୂର୍ଣ୍ଣ ଘରେ ରହିଛୁ। ସକାଳେ କିଛି ସମୟ ଏକ୍ସରସାଇଜ୍ କଲାପରେ ପୁଅ ରେୟାଂଶ ଛୋଟ ଥିବାରୁ ତା' ପାଇଁ ଅଧିକ ସମୟ ଦେଉଛୁ। ୱେବିନାରରେ ହେଉଥିବା କୋଚିଂ କୋର୍ସଗୁଡ଼ିକୁ ମୁଁ ଅନ୍‌ଲାଇନ୍‌ରେ ପଢ଼ାପଢ଼ି ମଧ୍ୟ କରୁଛି। ଭିଡିଓ ଇନ୍‌ଟ୍ରାକ୍ସନ ସେସନ ଆଟେଣ୍ଡ କରୁଛି। ଏହି ଅବସରରେ ବିଦେଶର ବହୁତ କୋଚ୍‌ଙ୍କ ସହିତ ମୋର ଭାବ ବିନିମୟ ହେଉଛି। ମୋଟାମୋଟି କହିବାକୁ ଗଲେ ପରିବାର ପ୍ରତି ଆଦୌ ସମୟ ଦେଇ ହେଉ ନ ଥିଲା । ଏବେ ତାହା ହେଉଛି ଏବଂ ପୁଅ ସହିତ ସମୟ ବିତୁଛି । ମୁଁ ୨୦୦୩ ବ୍ୟାଚ୍ ଭାରତୀୟ ୧୭ ବର୍ଷରୁ କମ୍ ଦଳର କୋଚ୍, ଅର୍ଥାତ୍ ୨୦୦୩ କିମ୍ବା ତା' ପରେ ଜନ୍ମ ହୋଇଥିବା ପିଲାଙ୍କୁ ନେଇ ଗଠିତ ଭାରତୀୟ ୧୭ ବର୍ଷରୁ କମ୍ ଦଳ ସହିତ ମୁଁ ରହି ଆସିଛି। କରୋନା ଯୋଗୁ ଏବେ ଆମର ଟିମ୍ ନ ଥିବାରୁ ପିଲାମାନଙ୍କୁ ଗାଇଡ୍ କରିବାକୁ ପଡ଼ୁଛି। ସେମାନଙ୍କ ସହିତ ଯୋଗାଯୋଗ ରକ୍ଷା କରି ଫିଟ୍‌ନେସ ସମ୍ପର୍କିତ ବିଭିନ୍ନ ପରାମର୍ଶ ଦେବାକୁ ପଡ଼ୁଛି। ଏବେ ଛୁଟି ଯୋଗୁ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଛି। ବାହାରକୁ ବାହାରିବାର ତ ସମ୍ଭାବନା ନାହିଁ। ଘର ମଧ୍ୟରେ ରହି କିପରି ଫିଟ୍‌ନେସ ବଜାୟ ରଖିବେ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ବ୍ୟତୀତ କଷ୍ଟକର ପରିସ୍ଥିତିରେ ସେମାନଙ୍କ ମାନସିକ ସ୍ଥିତି କିପରି ଠିକ୍ ରହିବ ତା' ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡ଼ୁଛି'' ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି। ଖେଳାଳିଙ୍କ ପାଇଁ ଫୁଟବଲ ସ୍ପେସିଫିକ୍ ଇଣ୍ଟେନ୍‌ସିଟିର ଏକ ଡିଜାଇନ୍ କରାଯାଇଛି। ଏହାକୁ ଦେଖି ସେମାନେ ଘରେ ଫୁଟବଲ ଟେକ୍ନିକ୍ କରିପାରିବେ। ଫୁଟବଲ ଆକ୍ଟିଭିଟିଜ୍ ଓ ସ୍କିଲ୍ ଆକ୍ଟିଭିଟିଜ୍‌ର କମ୍ବିନେଶନ କରାଯାଇଛି। ବିନା ଇକ୍ୟୁପମେଣ୍ଟରେ ନିଜ ବଡିୱେଟ୍‌ରେ ଷ୍ଟ୍ରେନ୍ଥ ଟ୍ରେନିଂ, କୋର୍ ଟ୍ରେନିଂ ପିଲାମାନେ କିପରି ଘରେ କରିପାରିବେ ତାହା ଶିଖାଯାଉଛି। ଘରେ କିଛି ରନିଂ କିପରି ହୋଇପାରିବ ତାକୁ ମଧ୍ୟ ଧ୍ୟାନରେ ରଖାଯାଉଛି। ଫୁଟବଲ ପଡ଼ିଆ ପରି ଘରେ ମଧ୍ୟ ଟ୍ରେନିଂ ପରେ ବିଶ୍ରାମ ଏବଂ ପୁଣି ଟ୍ରେନିଂ କରିବାକୁ କୁହାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଖେଳକୁ ନେଇ କିଛି ବି କହି ହେବନି। ଦେଖିବାକୁ ଗଲେ ସ୍ପୋର୍ଟ୍ସ ଇଣ୍ଡଷ୍ଟ୍ରି ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି। ଆଗକୁ ପିଲାମାନଙ୍କୁ ପ୍ରସ୍ତୁତ କରିବା ଆମପାଇଁ ବହୁ କଷ୍ଟକର ହୋଇ ପଡ଼ିବ। ଖେଳାଳି ହୁଅନ୍ତୁ ବା କୋଚ୍ ବିଶ୍ୱରେ ସମସ୍ତଙ୍କ ପାଇଁ ଏହା ଏକ ଖରାପ ସମୟ। ଏବେ ଜୀବନକୁ କିପରି ସୁରକ୍ଷିତ କରାଯିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ କିପରି ଏଜୁକେଟ କରିପାରିବେ ଫୁଟବଲ ଖେଳାଳିଙ୍କୁ ତାହା ଶିଖାଯାଉଛି। ଜଣେ ଖେଳାଳି ପାଇଁ ଘରୁ ନ ବାହାରିବା, ପଡ଼ିଆକୁ ନ ଯିବା ସବୁଠାରୁ କଷ୍ଟକର। ସେମାନେ ମାନସିକ ସ୍ତରରେ ବହୁ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି । ବ୍ୟକ୍ତିଗତ କଥା କହିବାକୁ ଗଲେ ଘରର ଡ୍ରଇଂ ରୁମ୍‌ରେ ଆମେ କୋର ଟ୍ରେନିଂ, ଆରୋବିକ୍ ଟ୍ରେନିଂ କରୁଛୁ। ସୁଦୀପ୍ତା ପୁଣି ନିଜ ପ୍ରଫେଶନ(ମହିଳା ଫୁଟବଲ ରେଫରି)କୁ ଫେରିବାକୁ ପ୍ରସ୍ତୁତ ହେଉଥିବାରୁ ମୁଁ ତାଙ୍କୁ ମଧ୍ୟ ଟ୍ରେନିଂରେ ସହାୟତା କରୁଛି। ତାଙ୍କ ପାଇଁ ଏହି ସମୟ ବେଶ୍ ଉପାଦେୟ ହୋଇଛି। କାରଣ ସେ ପଡ଼ିଆକୁ ଯିବା ପୂର୍ବରୁ ଘରେ ବେସିକ୍ ଟ୍ରେନିଂଗୁଡ଼ିକ କରି ପାରୁଛନ୍ତି, ଯାହା କି ଆଗକୁ ବହୁତ କାମ ଦେବ। ମୁଁ ଇଣ୍ଡିଆ ଟିମ୍‌ରେ ଥିବାରୁ ପୁଅ ପ୍ରତି ଧ୍ୟାନ ଦେଇପାରୁ ନ ଥିଲି। ଏବେ ପୁଅ ସହିତ ପୂରା ସମୟ ରହୁଛି। ତେଣୁ ଘରେ ରହିବାରୁ କିଛି ଫାଇଦା ମଧ୍ୟ ମିଳୁଛି। କ୍ରୀଡ଼ା ଜଗତ ପାଇଁ ଏହା ବହୁତ କଷ୍ଟ ସମୟ। ସାଧାରଣ ଜୀବନ କଥା କହିଲେ ନ ସରେ। ଜଣେ ମଣିଷ ଅନ୍ୟ ଜଣକୁ ବର୍ତ୍ତମାନ ସନ୍ଦେହ ଚକ୍ଷୁରେ ଦେଖୁଛି। କୌଣସି କାମ ପାଇଁ ବାହାରକୁ ଗଲେ ବହୁତ ଭୟ ଲାଗୁଛି। ଏହାଠାରୁ ଆଉ ବଡ଼ କଷ୍ଟ କ'ଣ ହୋଇପାରେ। ମୁଁ ଫୁଟବଲ୍‌ରେ ଥିବାରୁ ଏହି ଗେମ୍ ପାଇଁ ବର୍ତ୍ତମାନର ସମୟ କେତେ କଷ୍ଟ ତାହାକୁ ଅନୁଭବ କରୁଛି । ଛୋଟ ପିଲାଙ୍କ ପାଇଁ ଏହା ନୈରାଶ୍ୟ ଆଣିବା ସମ୍ଭାବନା ରହିଛି। ଆମେ ୧୭ ବର୍ଷରୁ କମ୍ ଭାରତୀୟ ଦଳକୁ ୨୦୨୬ ବିଶ୍ୱକପ ପାଇଁ ପ୍ରସ୍ତୁତ କରୁଛୁ। ଏଏଫସି ଚାମ୍ପିୟନଶିପ୍‌କୁ ଯୋଗ୍ୟତା ଆମର ପ୍ରଥମ ଲକ୍ଷ୍ୟ। ଏହା ହୋଇପାରିଲେ ଆମେ ୨୦ ବର୍ଷରୁ କମ୍ ଫିଫା ବିଶ୍ୱକପ ଖେଳିପାରିବୁ। ଏହାପରେ ବିଶ୍ୱକପ ୨୦୨୬ ଆମର ଲକ୍ଷ୍ୟ ରହିବ ବୋଲି କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ପ୍ରୋ କୋଚିଂ କୋର୍ସ(ପିରିଅଡାଇଜେଶନ ଅଫ୍ ଫୁଟବଲ କଣ୍ଡିଶନିଂ) କରିବା ପାଇଁ ଶୁଭେନ୍ଦୁ ସ୍ପେନର ରିୟଲ ମାଡ୍ରିଡ ଯିବାର ଥିଲା। ଏହା ଯଦିଓ ବାତିଲ ହୋଇନାହିଁ ତେବେ ଶତ ପ୍ରତିଶତ ସମ୍ଭାବନା ରହିଛି। ଏହା ଶୁଭେନ୍ଦୁଙ୍କୁ ନିରାଶ କରିଛି। ''ଭାରତର ପ୍ରଥମ କୋଚ୍ ଭାବେ ମୁଁ ଏହି କୋର୍ସ କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲି। ମୁଁ ନେଦରଲାଣ୍ଡ୍ସ, ପର୍ତ୍ତୁଗାଲ, ବେଲଜିୟମ ଓ କ୍ରୋଏସିଆ ଆଦି ୪ଟି ଦେଶର ବଡ଼ ଫୁଟବଲ କ୍ଲବରେ କୋଚିଂ କୋର୍ସ କରି ସାରିଛି। ଏବେ ରିୟଲ ମାଡ୍ରିଡରେ କୋର୍ସ କରିବା ବୋଧହୁଏ ସମ୍ଭବ ହେବନାହିଁ'' ବୋଲି ଦୁଃଖର ସହିତ ଶୁଭେନ୍ଦୁ କହିଛନ୍ତି ।

ଅନ୍ୟପକ୍ଷରେ ପୁଅ ପାଇଁ ଉଭୟ ପତିପତ୍ନୀ ପୂରା ସମୟ ଦେଇପାରୁ ଥିବାରୁ ଖୁସି ଜାହିର କରିଛନ୍ତି ସୁଦୀପ୍ତା । ''ପୁଅ ଜନ୍ମ ହେବାପରେ ମୁଁ ବାପାଙ୍କ ଘରେ ରହୁଥିଲି। ଲକ୍‌ଡାଉନ୍‌ରୁ ଏତିକି ସୁବିଧା ହେଲା କି ଆମେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ ଯାକ ପୁଅକୁ ପୂରା ସମୟ ଦେବା ପରିସ୍ଥିତି ସୃଷ୍ଟି ହେବାରୁ ମୁଁ ଶ୍ୱଶୁର ଘରକୁ ଚାଲି ଆସିଛି। ମୁଁ ଦୀର୍ଘଦିନଧରି ଫୁଟବଲ ପଡ଼ିଆରୁ ଦୂରରେ ରହିଥିଲି । ଏବେ ଶୁଭେନ୍ଦୁଙ୍କ ଗାଇଡ୍‌ରେ ବ୍ୟାୟାମ ଆରମ୍ଭ କରିଛି। ପଡ଼ିଆକୁ ଓହ୍ଲାଇବା ପୂର୍ବରୁ ଘରୁ ହିଁ ଆରମ୍ଭ କରିବା ଭଲ। ସକାଳେ ପୁଅ ଉଠିବା ପୂର୍ବରୁ ଆମେ ଏକ୍ସରସାଇଜ୍ କରୁଛୁ। ତା' ପରେ ଅଳ୍ପକିଛି ଘର କାମ କରି ପୁଅ ପ୍ରତି ଧ୍ୟାନ ଦେବାକୁ ପଡ଼ୁଛି । ଦୁଇଜଣ ସବୁବେଳେ ଖେଳ ଏବଂ ଚାକିରି ପାଇଁ ବ୍ୟସ୍ତ ରହୁଥିଲୁ। ଲକ୍‌ଡାଉନ୍ ଆମକୁ ଅଧିକ ସମୟ ଏକାଠି ରହିବା ସୁଯୋଗ ଦେଇଛି ଏବଂ ପୁଅପ୍ରତି ଅଧିକ ଧ୍ୟାନ ଦେଇ ପାରୁଛୁ । ମୁଁ ଖୁବ୍ ଶୀଘ୍ର ଜଣେ ରେଫରିଭାବେ ପୁଣି ପଡ଼ିଆକୁ ଓହ୍ଲାଇବି'' ବୋଲି ସମ୍ପ୍ରତି ଓଡ଼ିଶା ସରକାରଙ୍କ ଷ୍ଟାଟିଷ୍ଟିକ୍ସ ଆଣ୍ଡ ଇକୋନୋମିକ୍ ବିଭାଗରେ କାର୍ଯ୍ୟରତ ସୁଦୀପ୍ତା ପ୍ରକାଶ କରିଛନ୍ତି ।

**ପ୍ରସ୍ତୁତି: ତପନ ସ୍ୱାଇଁ**

# ଅବସର ଚର୍ଚ୍ଚା

**ଭାରତର ଅନ୍ୟତମ ସଫଳତମ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଅବସର ନେଇ ଏବେ ତର୍କ ବିତର୍କ ଆରମ୍ଭ ହୋଇଛି। ଏଥିରେ ସାମିଲ ହୋଇଛନ୍ତି ଏକାଧିକ ପୂର୍ବତନ କ୍ରିକେଟର। ଇଂଲଣ୍ଡରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଧୋନୀ ଅବସର ନେବା ଉଚିତ ଥିଲା ବୋଲି ପାକିସ୍ତାନ ପୂର୍ବତନ ଦ୍ରୁତ ବୋଲର ସୋଏବ ଅଖତର କହିଛନ୍ତି...**



ଭାରତୀୟ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଅବସର ଘୋଷଣା ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ଏ ନେଇ ପୂର୍ବତନ ପାକିସ୍ତାନ ଦ୍ରୁତବୋଲର ସୋଏବ ଅଖତର ମଧ୍ୟ ନିଜର ମତ ରଖିଛନ୍ତି। ଗତବର୍ଷ ଅନୁଷ୍ଠିତ ୨୦୧୯ ବିଶ୍ୱକପ୍ ପରେ ମହେନ୍ଦ୍ର ସିଂ ଧୋନୀ ଅବସର ନେବା ଉଚିତ ଥିଲା ବୋଲି ଅଖତର କହିଛନ୍ତି। ଅଯଥାରେ ଏହାକୁ ଆଗକୁ ବଢାଇବାର କୌଣସି ଆବଶ୍ୟକତା ନ ଥିଲା। ତେବେ ଏହା ସତ୍ତ୍ୱେ ତାଙ୍କୁ ସମ୍ମାନର ସହିତ ଅବସର ନେବାର ସୁଯୋଗ ଦିଆଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଭାରତୀୟ ତଥା ବିଶ୍ୱକ୍ରିକେଟ ପାଇଁ ଧୋନୀଙ୍କ ଅବଦାନ ଅତୁଳନୀୟ। ତେଣୁ ସେ ଆତ୍ମସମ୍ମାନର ସହ କ୍ରିକେଟ ଛାଡିବା ଉଚିତ। ଅଯଥାରେ ସେ ମାମଲାକୁ ଏତେ ବାଟ ଟାଣି ଆଣିଛନ୍ତି। ତାଙ୍କ ସ୍ଥାନରେ ଥିଲେ ଅବସର ଗ୍ରହଣ କରିସାରିଥାନ୍ତି। ତେବେ ଛୋଟିଆ ଫର୍ମାଟ୍‌ରେ ୩-୪ ବର୍ଷ ଖେଳ ଜାରି ରଖିଥାନ୍ତି। ତେବେ ଶତପ୍ରତିଶତ ପ୍ରଦର୍ଶନ କରି ନ ପାରୁଥିବାରୁ ବିଶ୍ୱକପ୍ ପରେ ଅବସର ନେଇଥାନ୍ତି।

ଜୁଲାଇରେ ବିଶ୍ୱକପ୍ ସେମିଫାଇନାଲ ଖେଳିବା ପରେ ଧୋନୀ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିନାହାନ୍ତି। ତେବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳି ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଥିବା ଧୋନୀ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ତେବେ କୋଭିଡ୍-୧୯ ସଂକ୍ରମଣ କାରଣରୁ ଆଇପିଏଲ ଆୟୋଜନ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଯଦି ଆଇପିଏଲ୍‌ରେ ସେ ଭଲ ଖେଳିଥାନ୍ତେ ତାହାଲେ ତାଙ୍କୁ ଆଗାମୀ ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଖେଳିବାର ସୁଯୋଗ ମିଳିଥାନ୍ତା।

ଧୋନୀ ଏବେ ଅଲୋଡା ହୋଇଯାଇଛନ୍ତି। ତେବେ ତାଙ୍କୁ ସମ୍ମାନର ସହିତ ଅବସର ନେବାର ସୁଯୋଗ ଦିଆଯିବା ଉଚିତ ହେବ ବୋଲି ଅଖତର କହିଛନ୍ତି। ତାଙ୍କୁ ଯଥେଷ୍ଟ ସମ୍ମାନ ଓ ଶ୍ରଦ୍ଧାର ସହିତ ଯିବାକୁ ଦିଆଯିବ। ଭାରତ ପାଇଁ ସେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ସେ ମଧ୍ୟ ଭାରତ ପାଇଁ ବିଶ୍ୱକପ୍ ଜିତିଛନ୍ତି। ସେ ଜଣେ ଚମତ୍କାର ବ୍ୟକ୍ତିତ୍ୱ। ତେବେ ସେ ବର୍ତ୍ତମାନ ଭାରତୀୟ ଦଳ ପାଇଁ ଅଲୋଡ଼ା ହୋଇଯାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍ ସେମିଫାଇନାଲରେ ଧୋନୀ ମ୍ୟାଚ୍ ଫିନିଶ୍ କରିବାରେ ବିଫଳ ହୋଇଥିଲେ। ଠିକ୍ ଏହା ପରେ ସେ ଅବସର ନେବାର ଥିଲା। ତେବେ କାହିଁକି ଏପରି କଲେ ନାହିଁ ତାହା ତାଙ୍କୁ ଜଣାଥିବ ବୋଲି ଅଖତର କହିଛନ୍ତି। ସେ ଏକ ବିଦାୟୀ ତଥା ଫେୟାରୱେଲ ସିରିଜ ଖେଳି ଅବସର ନେଇଥିଲେ ଭଲ ହୋଇଥାନ୍ତା। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମିଡଲଅର୍ଡରରେ ଜଣେ ମ୍ୟାଚ୍ ୱିନରଙ୍କୁ ଆବଶ୍ୟକ କରୁଛି।

୧୯୯୮ରେ ଭାରତ ଗସ୍ତ ସମୟରେ ଆମେ ମଧ୍ୟ ଠିକ ଏହା ଚିନ୍ତା କରୁଥିଲୁ। ଭାରତୀୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ଆଉଟ କଲେ ଆମେ ମ୍ୟାଚ୍ ଜିତିବୁ ବୋଲି ଭାବୁଥିଲୁ। କିନ୍ତୁ ଯୁବରାଜ ଓ ଧୋନୀ ଆସିବା ପରେ କଥା ଅଲଗା ହୋଇଥିଲା। ଭାରତୀୟ ଦଳରେ ଏବେ ଫିନିସର ନାହାନ୍ତି ବୋଲି ୪୪ ବର୍ଷୀୟ ଅଖତର କହିଛନ୍ତି । କରୋନା ଭାଇରସ ସଂକ୍ରମଣ କାରଣରୁ ଆଗାମୀ ୬ରୁ ୮ ମାସ କ୍ରିକେଟ ସମ୍ଭବ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଣି ଥରେ କ୍ରିକେଟ ଟ୍ରାକ୍‌କୁ ଫେରିଲେ ଧୋନୀ ଅବସର ଘୋଷଣା କରିବା ନେଇ ମଧ୍ୟ ଚର୍ଚ୍ଚା ଚାଲୁ ରହିବ ବୋଲି ସେ କହିଛନ୍ତି।

**କୋଭିଡ୍-୧୯ ମହାମାରୀ କାରଣରୁ ସାରା ବିଶ୍ୱରେ ପ୍ରାୟ ସମସ୍ତ କ୍ରୀଡ଼ା ଇଭେଣ୍ଟ ବାତିଲ ହୋଇଛି କିମ୍ବା ସ୍ଥଗିତ ରହିଛି। ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମଧ୍ୟ ଏଥିରେ ସାମିଲ ହୋଇଛି। ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଆଇପିଏଲ ସମ୍ଭବ ନୁହଁ ବୋଲି ମନେହେଉଛି। ବିସିସିଆଇ ମଧ୍ୟ ଆଇପିଏଲକୁ ସ୍ଥଗିତ ରଖିଛି...**

# ଅପେକ୍ଷିତ ଆଇପିଏଲ୍ ୧୩



ଆଇପିଏଲ୍-୧୩ର ଆୟୋଜନକୁ ନେଇ ଚର୍ଚ୍ଚା ଅବ୍ୟାହତ ରହିଛି। କୋଭିଡ୍-୧୯ର ଶିକାର ହୋଇଛି ଏହି ଶ୍ରେଷ୍ଠ ଟି୨୦ ଫର୍ମାଟ। ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି ଏହାର ଆୟୋଜନ। ଟି୨୦ ଫର୍ମାଟର ଏହା ହେଉଛି ବିଶ୍ୱର ସବୁଠାରୁ ମର୍ଯ୍ୟାଦାସମ୍ପନ୍ନ ଏବଂ ବ୍ୟୟବହୁଳ ଟୁର୍ନାମେଣ୍ଟ। ଯଦିଓ ଅନେକ ଅନ୍ତର୍ଜାତୀୟ ଶ୍ରେଷ୍ଠ ଟୁର୍ନାମେଣ୍ଟ ଏବଂ ଏପରି କି ଟୋକିଓ ୨୦୨୦ ଅଲିମ୍ପିକ୍ସକୁ ଘୁଞ୍ଚାଇବାକୁ ବାଧ୍ୟ ହୋଇଛି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)। ଏପରି କି ଅକ୍ଟୋବର ୧୮ରୁ ନଭେମ୍ବର ୧୫ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ପୁରୁଷ ବିଶ୍ୱକପର ଆୟୋଜନକୁ ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ମଧ୍ୟ ଆଶଙ୍କାରେ ରହିଛି। ପୂର୍ବରୁ ଆଇପିଏଲ-୧୩ର ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଏହାର କାର୍ଯ୍ୟସୂଚୀରେ ପରିବର୍ତ୍ତନ ଏପରି କି ଏହାର ଠିକ୍ ଆୟୋଜନକୁ ନେଇ ସସ୍‌ପେନ୍ସ ଅବ୍ୟାହତ ରହିଛି। ଏବେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ଏହାର ଭାଗ୍ୟ ନିର୍ଭର କରୁଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିପାଇଁ ବେଶ୍ ଚିନ୍ତିତ ଅଛି। ଯେ କୌଣସି ଉପାୟରେ ସରକାରଙ୍କୁ ମନେଇବା ପାଇଁ ବିସିସିଆଇ ଲାଗିପଡିଛି। ତେବେ ପରିସ୍ଥିତିରେ ସୁଧାର ଆସି ନ ଥିବାରୁ ବିସିସିଆଇ ଆଇପିଏଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେଇଛି। ଅର୍ଥାତ୍ ନୂଆ ନୋଟିସ୍ ନ ଆସିବା ପର୍ଯ୍ୟନ୍ତ ଆଇପିଏଲ୍ ଘୁଞ୍ଚିଛି ବୋଲି ଧରି ନେବାକୁ ହେବ।

କରୋନା ଭାଇରସ୍‌ର ଆତଙ୍କ ଯୋଗୁଁ ବିସିସିଆଇ ଆଇପିଏଲର ସମସ୍ତ ଫ୍ରାଞ୍ଚାଇଜ୍‌ଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗଭର୍ନିଂ କାଉନ୍‌ସିଲର ଉପସ୍ଥିତିରେ ମାର୍ଚ୍ଚ ୧୪ତାରିଖରେ ଡକାଇଥିଲା। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା, ଯାହା କି ଏହାର ଆୟୋଜନ ପାଇଁ ସରକାରଙ୍କ ନିଷ୍ପତ୍ତି ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଜଣାପଡିଥିଲା। ପ୍ରଥମ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲକ୍‌ଡାଉନ୍ ଏବଂ ଶଟ୍‌ଡାଉନ୍ ଯୋଗୁଁ ସମସ୍ତ ବିଦେଶୀ ଖେଳାଳିମାନଙ୍କ ପାଇଁ ଭିଜା ଏପ୍ରିଲ୍ ୧୫ ପର୍ଯ୍ୟନ୍ତ ବନ୍ଦ ରଖିଛନ୍ତି ସରକାର, ଯାହା କି ବିଦେଶୀ ଖେଳାଳିମାନଙ୍କ ପାଇଁ ଟିମ୍ ସହିତ ଯୋଗଦେବା ନିମନ୍ତେ ବଡ ସମସ୍ୟା ସୃଷ୍ଟି କରିବ। ବିଭିନ୍ନ ଫ୍ରାଞ୍ଚାଇଜ ଦ୍ୱାରା ଚୁକ୍ତିବଦ୍ଧ ବିଦେଶୀ ଖେଳାଳି ଯଦି ଏହି ପ୍ରତିଯୋଗିତାରେ ଭାଗ ନ ନିଅନ୍ତି ତେବେ ଏତେ ବଡ ଟୁର୍ନାମେଣ୍ଟର ଆୟୋଜନର କିଛି ମାନେ ନାହିଁ। ଟୁର୍ନାମେଣ୍ଟର ଗ୍ଲାମର ମଧ୍ୟ କମିବ। ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ବିଦେଶୀ ଖେଳାଳି ନିଜ ଜୀବନକୁ ବାଜି ଲଗାଇ ଟୁର୍ନାମେଣ୍ଟ ଖେଳିବା ପାଇଁ ଆଗ୍ରହ ପ୍ରକାଶ କରିବେ ନାହିଁ। ମ୍ୟାଚ ସମୟରେ ଲକ୍ଷ ଲକ୍ଷ ଦର୍ଶକଙ୍କ ସମାଗମ ବିପଦକୁ ଡାକି ଆଣିବ, ଯାହାକୁ ବର୍ତ୍ତମାନ ସମୟରେ ସରକାର ଆଦୌ ସୁଯୋଗ ଦେବେ ନାହିଁ। ଦ୍ୱିତୀୟ ପ୍ରସ୍ତାବ ରହିଥିଲା ଏହାକୁ ସମ୍ପୂର୍ଣ୍ଣ ରୂପେ ବାତିଲ କରିବା। ମାତ୍ର ଅଧିକାଂଶ ଫ୍ରାଞ୍ଚାଇଜ ଏଥିରେ ଏକମତ ହୋଇ ନ ଥିଲେ। କାରଣ ସେମାନଙ୍କର କୋଟି କୋଟି ଟଙ୍କାର କ୍ଷତି ଘଟିବ। କେବଳ ଭାରତୀୟ ଖେଳାଳିମାନଙ୍କ ନେଇ ଆଇପିଏଲ୍ ଆୟୋଜନ କଲେ ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଦର୍ଶକ ଏହାକୁ ଇଲେକ୍‌ଟ୍ରୋନିକ୍ସ ମିଡିଆରେ ଦେଖିବାକୁ ପସନ୍ଦ କରିବେ ନାହିଁ। ଏପରି ପ୍ରସାରଣ ଅଧିକାର ପାଇଥିବା ଚ୍ୟାନେଲଗୁଡ଼ିର ଅପୂରଣୀୟ କ୍ଷତି ଘଟିବା ସମ୍ଭାବନା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦେଶ ସାରା ପୁନର୍ବାର ଲକ୍‌ଡାଉନ୍ ଅବଧିକୁ ମେ ୩ତାରିଖ ପର୍ଯ୍ୟନ୍ତ ବଢାଇ ଦିଆଯାଇଥିବାରୁ ଏବେ ଆଉ ଆଇପିଏଲ୍ ଆୟୋଜନ ହେବା ସମ୍ଭାବନା ନାହିଁ। ଏପରି କି ଆଇପିଏଲ୍-୧୩ର ଅଧିକାଂଶ ମ୍ୟାଚ୍ ପଞ୍ଜାବ, ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପୂର୍ବରୁ ଏହି ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଲକ୍‌ଡାଉନ୍‌ର ନିଷ୍ପତ୍ତି ଆଗରୁ ନେଇ ସାରିଥିବା ବେଳେ ଏହାର ଆୟୋଜନକୁ ନେଇ ପୂର୍ବରୁ ଆଶଙ୍କା ପ୍ରକାଶ ପାଇଥିଲା। ଆଇସିସିର ଟି୨୦ ବିଶ୍ୱକପ୍ ଆୟୋଜନକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହି ବିଶ୍ୱକପ୍ ଆୟୋଜନ ହେବା ପୂର୍ବରୁ ଆଇପିଏଲ୍‌ର ଆୟୋଜନକୁ ନେଇ ମଧ୍ୟ ବିସିସିଆଇର କାଉନ୍‌ସିଲ ମେମ୍ବରମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମାତ୍ର ଏପରି ପ୍ରସ୍ତାବ ଯୋଗୁଁ ଅନେକ ଦ୍ୱିପାକ୍ଷିକ ସିରିଜ ମଧ୍ୟ ପ୍ରଭାବିତ ହେବ। ଏବେ ମଧ୍ୟ ଆଶା ଓ ଆଶଙ୍କା ମଧ୍ୟରେ ରହିଛି ଆଇପିଏଲ୍-୧୩ର ଆୟୋଜନ। ସରକାର କିଛି ନା କିଛି ପଦକ୍ଷେପ ନେବେ। ମାତ୍ର କୋଭିଡ୍-୧୯ର ଭୟାବହତା ଆଗରେ ଦେଶର ସୁରକ୍ଷା ଆଗ ଏବଂ କ୍ରିକେଟ ପଛ, ଏହା କୁହାଯାଇପାରେ।

**- ନିର୍ମଳ କୁମାର ମିଶ୍ର**

### ଆଇପିଏଲ୍-୧୩

| | |
|---|---|
| ଫର୍ମାଟ- | ଟି୨୦ |
| ଦଳ ସଂଖ୍ୟା- | ୮ |
| ଗତଥରର ଚାମ୍ପିୟନ: | ମୁମ୍ବାଇ ଇଣ୍ଡିଆନ୍ସ |
| ସଫଳତମ ଦଳ: | ମୁମ୍ବାଇ ଇଣ୍ଡିଆନ୍ସ (୪ଥର) |
| ସର୍ବାଧିକ ରନ: | ବିରାଟ କୋହଲି (୫୪୧୨) |
| ସର୍ବାଧିକ ଉଇକେଟ: | ଲସିଥ ମାଲିଙ୍ଗା (୧୭୦) |

## ସଂକ୍ଷେପରେ

### ଆଜି କୋରାପୁଟ ଆସିବେ ୫-ଟି ସଚିବ

ଜୟପୁର,୧୬।୪(ଡି.ଏନ୍.ଏ.): ରାଜ୍ୟର ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ୍ ଶୁକ୍ରବାର କୋରାପୁଟ ଜିଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ଜୟପୁରସ୍ଥିତ ପୁରାତନ ଉପଖଣ୍ଡ ଚିକିତ୍ସାଳୟରେ ଗତ ସୋମବାର ଆରମ୍ଭ ହୋଇଥିବା କୋଭିଡ୍ ହସ୍ପିଟାଲ ବୁଲିବା ସହ ଜିଲାରେ ସ୍ୱାସ୍ଥ୍ୟସେବା ଓ ଅନ୍ୟ ବିଷୟ ସମୀକ୍ଷା କରିବେ। ଏହା ପୂର୍ବରୁ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଗୁରୁବାର ସନ୍ଧ୍ୟାରେ କୋଭିଡ୍ ହସ୍ପିଟାଲର ସମସ୍ତ ବ୍ୟବସ୍ଥା ତଦାରଖ କରିଛନ୍ତି।

### କୋଭିଡ୍ ବୁଥ୍ ଶୁଭାରମ୍ଭ କଲେ ବିଧାୟକ

ଗୁଡାରୀ,୧୬।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ ଓ ଏନ୍ଏସିରେ କରୋନା ପରୀକ୍ଷା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କୋଭିଡ୍-୧୯ ବୁଥ୍ ଆରମ୍ଭ ହୋଇଛି। ବିଧାୟକ ରଘୁନାଥ ଗମାଙ୍ଗ ଗୁରୁବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅଞ୍ଚଳର କୌଣସି ବ୍ୟକ୍ତିଙ୍କଠାରେ କରୋନା ସଂକ୍ରମଣର ଲକ୍ଷଣ ଦେଖାଗଲେ, ଏହି ବୁଥ୍ ସେମାନଙ୍କର ସାମ୍ପଲ ପରୀକ୍ଷା କରିବାରେ ସହାୟକ ହେବ। ବୁଥ୍ ଉଦ୍‌ଘାଟନ ବେଳେ ଗୁଡାରୀ ବିଡିଓ ନୃସିଂହ ଚରଣ ସେଠୀ, ମେଡିକାଲ ଅଫିସର ଅରୂପାନନ୍ଦ ବେହେରା ଉପସ୍ଥିତ ଥିଲେ। ଗୁଡାରୀ ବ୍ଲକର ସମସ୍ତ ୯ଟି ପଞ୍ଚାୟତ ଓ ଏନ୍ଏସିରେ କରୋନା ପାଇଁ ଫିଲ୍ଡ ଟ୍ରିଟ୍‌ମେଣ୍ଟ କେନ୍ଦ୍ର ସ୍ଥାପନ କରାଯାଇଛି।

### ରାଶନ ସାମଗ୍ରୀ ବଣ୍ଟନ

ଖଇରପୁଟ,୧୬।୪(ଡି.ଏନ.ଏ.)- ଦେଶରେ ଏବେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଆରମ୍ଭ ହୋଇଛି। ଲୋକେ ଯେପରି ଅସୁବିଧାରେ ନ ପଡନ୍ତି ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି। ତଥାପି ଗରିବ ଲୋକମାନେ ରୋଜଗାର କରି ନ ପାରି ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ କାର୍ଯ୍ୟରତ ସିଡ୍ଲାଇଏସଡି ପକ୍ଷରୁ ଲୋକଙ୍କୁ ଡାଲି, ଆଳୁ, ତେଲ, ସାବୁନ, ସୋୟାବଡି ଆଦି ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ବ୍ଲକର ଅନ୍ୟ ସମସ୍ତ ପଞ୍ଚାୟତରେ ଗରିବ ଲୋକଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯିବ ବୋଲି ସଂସ୍ଥାର ପ୍ରକଳ୍ପ ପରିଚାଳକ ପ୍ରଫୁଲ୍ଲ କୁମାର ମହାରଣା କହିଛନ୍ତି। ଉମାଚାନ୍ଦ ବରାଳ, ବିକାଶ ଦଣ୍ଡସେନା, ତ୍ରିନାଥ ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ସଚେତନତାକୁ ଗୁରୁତ୍ୱ

କାଲିମେଳା,୧୬।୪(ଡି.ଏନ.ଏ.)- କରୋନାକୁ ନେଇ ଏବେ ସବୁଆଡ଼େ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। କାଲିମେଳା ବ୍ଲକରେ ପ୍ରଶାସନ ପକ୍ଷରୁ ବିଡିଓ ଉମାଶଙ୍କର ଦଳାଇ ଓ ତହସିଲଦାର ଆଲୋକ କୁମାର ଅନୁଗୁଲିଆଙ୍କ ସମେତ ଅଧିକାରୀମାନେ ସଚେତନତା ସୃଷ୍ଟି କରୁଛନ୍ତି। ଲୋକଙ୍କୁ ସାମାଜିକ ଦୂରତ୍ୱ ରକ୍ଷା କରିବା, ବିଶେଷ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବା, ମାସ୍କ ବ୍ୟବହାର କରିବା, ବାରମ୍ବାର ହାତ ଧୋଇବା, ମନ୍ଦିର ମସଜିଦ, ଚର୍ଚ୍ଚକୁ ନ ଯିବା ପାଇଁ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। କାଲିମେଳା ବ୍ଲକର ୨୩ଟି ପଞ୍ଚାୟତରେ ୩୫ଟି କ୍ୱାରାଣ୍ଟାଇନ ସେଣ୍ଟର ଖୋଲାଯାଇଛି। କାଲିମେଳା ସଦରରେ ୩ଟି ସେଣ୍ଟର ରହିଛି। ଏଠାରେ ରନ୍ଧାଖାଦ୍ୟ ସହ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। କ୍ୱାରାଣ୍ଟାଇନରେ ଥିବା ବ୍ୟକ୍ତିଙ୍କ ସ୍ୱତନ୍ତ୍ର ଡାକ୍ତରୀଦଳ ଦିନକୁ ୨ଥର ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଏପ୍ରିଲ ୧୬ ସୁଦ୍ଧା ଅନ୍ୟ ରାଜ୍ୟ ଓ ଅନ୍ୟ ଜିଲାରୁ ୨୨୪୯ ଜଣ କାଲିମେଳା ବ୍ଲକ ଅଞ୍ଚଳକୁ ଆସିଛନ୍ତି। ଅନ୍ୟପକ୍ଷରେ ଅସହାୟ, ଅନାଥ ଗରିବ ଲୋକଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧୬ଶହ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ୮ଶହ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ରୋଗୀମାନଙ୍କୁ ନେବା ଆଣିବା କରିବା ପାଇଁ ସୀମାନ୍ତ ମୋଟୁ ଓ କାଲିମେଳାଠାରେ ୨ଟି ଗାଡ଼ିର ବ୍ୟବସ୍ଥା କରାଯାଇଛି। ଏଥିସହ ୨୩ ପଞ୍ଚାୟତରେ କାର୍ଯ୍ୟ ତଦାରଖ ପାଇଁ ୧୩ଟି ମନିଟରିଂ ଗ୍ରୁପ କରାଯାଇଛି। କୋରାପୁଟ ଜିଲାରୁ ମାଲକାନଗିରି ଆସୁଥିବା ଲୋକଙ୍କ ଉପରେ ପ୍ରଶାସନ କଡା ନଜର ରଖାଯାଇଛି।

### ମାଲିଗାଁରେ ଅବକାରୀ ଚଢ଼ାଉ

ରାୟଗଡ଼ା ଅଫିସ,୧୬।୪: ଜିଲାପାଳ ପ୍ରମୋଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ାର ମାଲିଗାଁରେ ଚାଲିଥିବା ଦେଶୀମଦ କାରବାର ଉପରେ ଚଢ଼ାଉ କରାଯାଇଛି। ରାୟଗଡ଼ା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ତତ୍ତ୍ୱାବଧାନରେ ମାଲିଗାଁରେ ଚଢ଼ାଉ କରାଯାଇ ୬୦୦ ଲିଟର ପୋଚ ଓ ୨୮୦ ଲିଟର ଦେଶୀ ରନ୍ଧା ମଦ ନଷ୍ଟ କରାଯାଇଛି।

# ଲକ୍‌ଡାଉନରେ ସହାୟତା ରାଶି ହରାଇବେ ଶ୍ରମିକ

**ତ୍ରୁଟିପୂର୍ଣ୍ଣ ନିର୍ମାଣ ଶ୍ରମିକ ତାଲିକା ପାଇଁ ବାଦ୍ ପଡ଼ିବେ ବହୁ ହିତାଧିକାରୀ**

ବୈପାରୀଗୁଡ଼ା,୧୬।୪(ଡି.ଏନ୍.ଏ.)

ଲକ୍‌ଡାଉନ ବେଳେ ନିର୍ମାଣ ଶ୍ରମିକଙ୍କୁ ସରକାର ୧୫ ଶହ ଟଙ୍କା ଲେଖାଏଁ ସହାୟତା ରାଶି ଦେଉଛନ୍ତି। କିନ୍ତୁ ହିତାଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ତାଲିକ ଯୋଗୁ ବହୁ ସଂଖ୍ୟାରେ ଶ୍ରମିକ ଏଥିରୁ ବାଦ୍ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ପଞ୍ଜୀକରଣ କାର୍ଡ ଥିବା ସତ୍ତ୍ୱେ ସହାୟତାରୁ ବଞ୍ଚିତ ହୋଇ ନିରାଶ ହୋଇଛନ୍ତି ଶତାଧିକ ଶ୍ରମିକ।

ଉଲ୍ଲେଖଯୋଗ୍ୟ, ଶ୍ରମ ବିଭାଗ ଦେଇଥିବା ପରିଚୟ ପତ୍ରର ପଞ୍ଜୀକରଣ ସଂଖ୍ୟା ଓ ଆକାଉଣ୍ଟ ନମ୍ବର ଯାଞ୍ଚ ପରେ ହିତାଧିକାରୀ ଚିହ୍ନଟ କରାଯାଇ ସହାୟତା ରାଶି ଦେଉଛି ପ୍ରଶାସନ। ବ୍ୟତିକ୍ରମ ହେଉଛି, ପଞ୍ଚାୟତକୁ ଆସିଥିବା ଏକ୍ସେଲ୍‌ସିଟ୍‌ରେ ବାହାର ପଞ୍ଚାୟତ ଓ ବ୍ଲକ ହିତାଧିକାରୀଙ୍କ ନାମ ରହିଛି। ଏହାର ଏକ ନମୁନା ହେଲା ବୈପାରୀଗୁଡ଼ା ବ୍ଲକ ସଦର ପଞ୍ଚାୟତ। କୁନ୍ଦୁରା ଓ ବୋରିଗୁମ୍ମା ବ୍ଲକର ଅନେକ ହିତାଧିକାରୀଙ୍କ ନାଁ ଏହି ପଞ୍ଚାୟତ ଏକ୍ସେଲ୍‌ସିଟ୍‌ରେ ଉଲ୍ଲେଖ ରହିଛି। ବୋରିଗୁମ୍ମା ବ୍ଲକ ଆଉଁଲି ପଞ୍ଚାୟତର ଶୁବାଇ ଭତ୍ରା,


ସହାୟତାରୁ ବଞ୍ଚିତ ଜଣେ ଶ୍ରମିକ ପରିଚୟପତ୍ର ଦେଖାଉଛନ୍ତି।

କୁନ୍ଦୁରା ବ୍ଲକ ଘୁମର ପଞ୍ଚାୟତର ଅଭିମନ୍ୟୁ ଦାସ, ମଧୁ ଚନ୍ଦ୍ରପାଡ଼ିଆ, ଦିଗାପୁର ପଞ୍ଚାୟତର ଗୁରୁବନ୍ଧୁ ହରିଜନ, ଅଭିରାମ ବାରିକ, ବିଶ୍ୱନାଥ ଦଣ୍ଡସେନା, ଚୈତନ୍ୟ ଗୌଡ଼, ଖଗପତି ରାମପୁରିଆ, କୃଷ୍ଣ ଅତାରୀ, କୃଷ୍ଣ ଗୌଡ଼, ରାମ ଦଳେଇ, ସୀମାଞ୍ଚଳ ବେହେରା, ସୋମନାଥ ନାୟକ, ପୀତବାସ ହରିଜନ ହେଉଛି ଗୋଟିଏ ଗୋଟିଏ ଉଦାହରଣ। ସେହି ବ୍ଲକର ଘୁମର ପଞ୍ଚାୟତର ମଧୁ ଚନ୍ଦ୍ରପାଡ଼ିଆ, ଡମ୍ବରୁ ବାରଙ୍ଗ, ମଙ୍ଗଳା ବୋଦାପୁଟିଆ, ସୋମନାଥ ନାୟକ, ଡଲି ଦାସ, କୃଷ୍ଣ ମୁର୍ଜିଆ, ତଲାବତୀ ବୋଦାପୁଟିଆ, ବୈଦ ଗୌଡ଼, ସଦା ପରଜା, ବଳରାମ ଗାଦବା, ମସିଗାଁ ପଞ୍ଚାୟତର ସୁବାସ ପାତ୍ର ଓ ଲୁକୁ ହରିଜନ ଏପରି ଆହୁରି ଅନେକ ରହିଛନ୍ତି। ବାହାର ବ୍ଲକ ବ୍ୟତୀତ ବୈପାରୀଗୁଡ଼ା ବ୍ଲକରେ ଗୋଟିଏ ପଞ୍ଚାୟତର ଲୋକଙ୍କ ନାଁ ଅନ୍ୟ ପଞ୍ଚାୟତ ତାଲିକାରେ ରହିଛି। ବୈପାରୀଗୁଡ଼ା ପଞ୍ଚାୟତ କେନ୍ଦୁପଡ଼ାର ୧୫ରୁ ଅଧିକ ହିତାଧିକାରୀଙ୍କ ନାଁ ଭୁଲବଶତଃ କେନ୍ଦୁଗୁଡ଼ା ପଞ୍ଚାୟତ ତାଲିକାରେ ଅଛି। ବୈପାରୀଗୁଡ଼ା ସରପଞ୍ଚଙ୍କ ସୂଚନା ଅନୁସାରେ ତାଙ୍କ ପାଖକୁ ଆସିଥିବା ଏକ୍ସେଲ୍‌ସିଟ୍‌ରେ ୬ ଶହ ହିତାଧିକାରୀଙ୍କ ନାଁ ଥିବାବେଳେ କେବଳ ୩୬୦ ଜଣଙ୍କୁ ଚିହ୍ନଟ କରାଯାଇଛି। ଅବଶିଷ୍ଟ ହିତାଧିକାରୀ ବାହାର ପଞ୍ଚାୟତ ଓ ବ୍ଲକର ହୋଇଥିବାରୁ ଟଙ୍କା ଫେରସ୍ତ କରାଯିବ।

ଏନେଇ ବିଡିଓ କହିଛନ୍ତି, ହିତାଧିକାରୀ ତାଲିକା ସଂଶୋଧନ କରାଯାଇ ପରେ ଅନ୍ୟ ହିତାଧିକାରୀଙ୍କୁ ଚିହ୍ନଟ ସହ ସହାୟତା ଦିଆଯିବ। ଅନ୍ୟ ବ୍ଲକର ହିତାଧିକାରୀଙ୍କ ସହାୟତା ରାଶି ଶ୍ରମ ବିଭାଗକୁ ଫେରସ୍ତ ଦିଆଯିବ। ଜୟପୁର ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ କହିଛନ୍ତି, ଏହା କେବଳ ବୈପାରୀଗୁଡ଼ାର ନୁହେଁ, ବରଂ ଜିଲାବ୍ୟାପୀ ସମସ୍ୟା। ୨୦୧୬ ପୂର୍ବରୁ କମ୍ପ୍ୟୁଟରିକରଣ ବ୍ୟବସ୍ଥା ନ ଥିବାରୁ ହିତାଧିକାରୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ମାନୁଆଲରେ ହୋଇଥିଲା। ତରବରିଆ ଭାବେ ପଠାଯାଇଥିବା ତାଲିକାରେ ଅନେକ ତ୍ରୁଟି ଥିବା ସେ ସ୍ୱୀକାର କରିଛନ୍ତି। ଯେଉଁ ପଞ୍ଜିକୃତ ଶ୍ରମିକ ଗତ ୩ ବର୍ଷ ଧରି ନବୀକରଣ କରିନାହାନ୍ତି, ସେମାନେ ଏଥିରୁ ବାଦ୍ ପଡ଼ିଥିବା ସେ କହିଛନ୍ତି।

# ବଜାର ବନ୍ଦ, ବାରଣ୍ଡାରେ ଚାଲିଛି ଚୁଟିକଟା

ସେମିଳିଗୁଡ଼ା,୧୬।୪(ସ୍ୱ.ପ୍ର.)



କୌଳିକ ବୃତ୍ତିରେ ଗୁଜୁରାଣ ଚଳାଉଥିବା ଅନେକ ଲୋକଙ୍କ ଜୀବିକାରେ ଲାତ ମାରିଛି କରୋନା ଭାଇରସ। ସଂକ୍ରମଣ ଭୟରେ ସବୁଠି ଲକ୍‌ଡାଉନ। ଦୋକାନ ବଜାର ବନ୍ଦ। ଏଥିରେ କ୍ଷୁଦ୍ର ବ୍ୟବସାୟୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ଅନେକ ବ୍ୟବସାୟୀଙ୍କ ପାଇଁ ଦୋକାନ ଖୋଲିବା ପାଇଁ ବାଟ ବନ୍ଦ ଥିବାବେଳେ ବାରିକମାନେ ଏବେ ନିଜ ବାରଣ୍ଡାରେ ସେଲୁନ ଖୋଲି ଚୁଟିକଟା ଆରମ୍ଭ କରିଛନ୍ତି। ଲୋକେ କୁହାକୁହି ହେଉଛନ୍ତି– ବାରିକଙ୍କ କାମ ଯେଉଁଠୁ ଆରମ୍ଭ ହୋଇଥିଲା, ସେଇଠିକୁ ଫେରିଛି। ଦିନ ଥିଲା ବାରିକ ପରିବାର ଗାଁ ଦାଣ୍ଡ ବାରଣ୍ଡାରେ ନିଜ କୁଳ ବେଉସା କରି ଦୁଇ ପଇସା ରୋଜଗାର କରୁଥିଲେ। କିନ୍ତୁ ଆଧୁନିକତାରେ ତାଳ ଦେଇ ଆରମ୍ଭ ହେଲା ସେଲୁନ, ପାର୍ଲର। କିନ୍ତୁ ଏବେ ଲକ୍‌ଡାଉନ ପରିସ୍ଥିତି ସବୁ ବାରିକଙ୍କୁ ପୁରୁଣା ସମୟକୁ ଫେରାଇ ନେଇଛି। ସେଲୁନ ବନ୍ଦ ହେବା ଫଳରେ ବହୁ ଗରିବ ବାରିକ ପରିବାର ଚଳାଇବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ହାତ ବାନ୍ଧି ଘରେ ବସି ରହିବା ପରେ ସେମାନେ ଏବେ ଘର ଘର ବୁଲି ଲୋକଙ୍କ ବାରଣ୍ଡାରେ ଚୁଟି ଓ ଦାଢ଼ିକଟା ଆରମ୍ଭ କରିଛନ୍ତି। ମୁହଁରେ ମାସ୍କ ପିନ୍ଧି ସେମାନେ ଚୁଟି କାଟୁଥିବା ଦେଖିବାକୁ ମିଳିଛି। କେହି ଚୁଟି କାଟିବା ପାଇଁ ଖବର ଦେଲେ, ସେମାନେ ଘରକୁ ଘର ଯାଇ ଚୁଟି କାଟିଦେଇ ଆସୁଛନ୍ତି।

# ଲକ୍‌ଡାଉନରେ ଜୁଆଆଡ୍ଡା, ୬ ଗିରଫ

ପଦ୍ମପୁର,୧୬।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଜଗମଣ୍ଡାସ୍ଥିତ ଜଣେ ସାମ୍ବାଦିକଙ୍କ ଘରେ ଜୁଆଆଡ୍ଡା ଚାଲିଥିବା ଖବର ପାଇ ବୁଧବାର ରାତିରେ ଚଢ଼ାଉ କରିଛି ପୋଲିସ। ଗୁଣପୁର ଏସ୍‌ଡିପିଓ ରାଜକିଶୋର ଦାଶ, ପଦ୍ମପୁର ଥାନା ଆଇଆଇସି ସଞ୍ଜୟ ନାୟକ ନିଜ ଟିମ୍ ସହ ସେଠାରେ ଚଢ଼ାଉ କରି ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛନ୍ତି। ଏହାସହ ୫୩ ହଜାର ଟଙ୍କା ଓ ସ୍କୁଟି ଜବତ କରିଛି ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଦିଲିପ ତ୍ରିପାଠୀ (୩୦), ନକୁଆ ବାସୁଲି (୪୭), ସୁଶାନ୍ତ ପଣ୍ଡା (୩୨), ଗୋପାଳ ଶତପଥୀ (୪୮), ଗଙ୍ଗାଧର ପଣ୍ଡା (୬୬), ବାମନା ରମେଶ (୩୩)। ଏନେଇ ୩୦/୨୦/୧୮୮/୨୬୯/୨୭୦/୫୧(ବି) ବିପର୍ଯ୍ୟୟ ପରିଚାଳନା ଆଇନ ଲାଗୁ ହୋଇଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲକ୍‌ଡାଉନ ବେଳେ ଜଣେ ଗଣମାଧ୍ୟମର ପ୍ରତିନିଧି ନିଜ ଘରକୁ ଜୁଆଆଡ୍ଡାରେ ପରିଣତ କରିବା ନେଇ ସବୁ ମହଲରୁ ନିନ୍ଦା କରାଯାଇଛି।

# ସାଇକେଲରେ ଗାଁକୁ ଫେରୁଥିବା ୧୦ ଶ୍ରମିକ ଗଲେ କ୍ୱାରାଣ୍ଟାଇନ


ସଙ୍ଗରୋଧରେ ଥିବା ୧୦ ଶ୍ରମିକଙ୍କ ସମ୍ପର୍କରେ ଅଧିକାରୀମାନେ ପଚାରି ବୁଝୁଛନ୍ତି।

ମାଲକାନଗିରି,୧୬।୪(ଡି.ଏନ୍.ଏ)

ଲକ୍‌ଡାଉନ ଯୋଗୁ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଶତାଧିକ ଶ୍ରମିକ ଫସି ରହିଛନ୍ତି। ଜିଲା ପ୍ରଶାସନ ସେମାନଙ୍କୁ ଖାଦ୍ୟ ଯୋଗାଇଦେବା ସହ ନିରାପଦରେ ରହିବା ବ୍ୟବସ୍ଥା କରିଛି। ତେବେ ଆଉ ଖାଲିରେ ନ ବସି ସେମାନେ ଘରମୁହାଁ ହେଉଛନ୍ତି। ଗୁରୁବାର ନବରଙ୍ଗପୁର କୋଷାଗୁମୁଡା ବ୍ଲକ ମୁରଲିଗୁଡା ଗ୍ରାମର ୧୦ଜଣ ଶ୍ରମିକ ଏମ୍‌ଭି–୭୯ସ୍ଥିତ ରନ୍ଧାପାଲିକୁ ଆସି ଏକ ରାସ୍ତା କାମରେ ନିୟୋଜିତ ହୋଇଥିଲେ। ଲକ୍‌ଡାଉନ୍ ଯୋଗୁ ସେମାନେ ରହି ଯାଇଥିଲେ। ପ୍ରାୟ ୨୦ ଦିନ ବିତି ଯାଇଥିଲେ ସୁଦ୍ଧା ସେମାନଙ୍କୁ ଗ୍ରାମକୁ ଯିବାଲାଗି ଅନୁମତି ନ ମିଳିବାରୁ ବାଧ ହୋଇ ସେମାନେ ଠିକାଦାରଙ୍କୁ କହି ୫ଟି ନୂଆ ସାଇକେଲ କିଣି ୨୫୦ କିଲୋମିଟର ଦୂର ନିଜ ଘର ଅଭିମୁଖେ ଯାତ୍ରା କରଥିଲେ। ଗୋଟିଏ ସାଇକେଲରେ ୨ଜଣ ଲେଖାଏ ମୁହଁରେ ମାସ୍କ ବାନ୍ଧି ସଙ୍ଗରୋଧ ନିୟମକୁ ପାଳନକରି ଯାତ୍ରା କରୁଥିଲେ। ବୁଧବାର ରାତିରେ ସେମାନେ ମାଲକାନଗିରିରେ ପହଞ୍ଚିଥିଲେ। କିଛି ସମୟ ରହି କୋଟପାଡ ଦେଇ ନିଜ ଘରକୁ ଯିବାକୁ ବାହାରିଥିଲେ। ଶ୍ରମିକମାନେ ସାଇକେଲ ଯୋଗେ ନିଜ ଗ୍ରାମକୁ ଯାଉଥିବା ଖବର ପାଇ ମାଲକାନଗିରି ତହସିଲଦାର ଏବଂ ପୋଲିସ ସେମାନଙ୍କୁ ଚମ୍ପାଖାରୀଠାରେ ଅଟକାଇ ନିକଟସ୍ଥ ସିନ୍ଧ୍ରିମାଳ ପଞ୍ଚାୟତରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ସଙ୍ଗରୋଧ ଗୃହରେ ରଖଛନ୍ତି। ରାତିରେ ମାଲକାନଗିରି ବିଡିଓ, ଆଇଆଇସି, ତହସିଲଦାର ସେମାନଙ୍କ ନିକଟରେ ପହଞ୍ଚି କୌଣସି ଭୟ ନ କରି ୧୪ ଦିନ ଏଠାରେ ରୁହନ୍ତୁ। କୌଣସି ରୋଗର ଲକ୍ଷଣ ଦେଖା ନ ଗଲେ ଆପଣମାନଙ୍କୁ ପ୍ରଶାସନ ପକ୍ଷରୁ ନିଜ ଗ୍ରାମରେ ପହଞ୍ଚିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# କରୋନା ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ଝରିଗାଁ,୧୬।୪(ଡି.ଏନ୍.ଏ.)

କରୋନା ଭୂତାଣୁ ନବରଙ୍ଗପୁର ଜିଲାରେ ଯେପରି ପ୍ରବେଶ ନ କରିବ ସେଥିପାଇଁ ସଜାଗ ରହିଛି ଜିଲା ପ୍ରଶାସନ। ପ୍ରତ୍ୟେକ ବ୍ଲକ୍ ସ୍ତରରେ ନିୟମିତ ସ୍ଥିତି ଅନୁଧ୍ୟାନ ସହ ସମୀକ୍ଷା କରାଯାଉଛି। ଗୁରୁବାର ଜିଲାପାଳ ଡ. ଅଜିତ କୁମାର ମିଶ୍ର ଝରିଗାଁ ବ୍ଲକ ଗସ୍ତରେ ଯାଇ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରଥମେ ବ୍ଲକ ସଦରସ୍ଥିତ ଆଦର୍ଶ ବିଦ୍ୟାଳୟରେ ପ୍ରସ୍ତୁତ ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ବ୍ୟବସ୍ଥାର ତଦାରଖ କରିଥିଲେ। ଏହାପରେ ସ୍ଥାନୀୟ ନୋଡାଲ ସରକାରୀ ପଞ୍ଚାୟତ ହାଇସ୍କୁଲରେ ପ୍ରସ୍ତୁତ ୫୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀ ଓ ସହଯୋଗୀଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେବା ବିଷୟରେ ପଚାରି ବୁଝିଥିଲେ। ପରେ ସେ କୁଡ଼ିଛାପର, ଭେଜିଗୁଡ଼ା ଏବଂ ଚଚାଗାଁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ସ୍ଥାନୀୟ ବିଡିଓ ଦେବେନ୍ଦ୍ର ବାହାଦୁରସିଂ ଧୁରୁଆ, ଡା. ପ୍ରକାଶ ଚନ୍ଦ୍ର ନାୟକ, ଏବିଡିଓ ପ୍ରଫୁଲ୍ଲ କୁମାର କହଁର, ସିଡିପିଓ ଆର୍. ବାସନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍‌ଡାଉନ ସ୍ଥିତି ପରଖିଲେ ଡିଆଇଜି


ଡିଆଇଜି ଓ କୋରାପୁଟ ଏସ୍‌ପି ଜଣେ ମହିଳା ଗୃହରକ୍ଷୀଙ୍କ ସହ ଆଲୋଚନା କରୁଛନ୍ତି।

ଜୟପୁର,୧୬।୪(ଡି.ଏନ୍.ଏ./ନି.ପ୍ର.)

ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ୍ ଅହମ୍ମଦ କେ. ଓ କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋ ଗୁରୁବାର ଜୟପୁର ଓ କୋରାପୁଟ ସହରର ଅସ୍ଥାୟୀ ବଜାର, ଦୋକାନ ବୁଲି ଲକ୍‌ଡାଉନର ଦ୍ୱିତୀୟ ପର୍ଯ୍ୟାୟ ସ୍ଥିତି ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ପ୍ରଥମେ କୋରାପୁଟ ବଜାର ବୁଲିବା ପରେ ଜୟପୁର ସହରରେ ପହଞ୍ଚିଥିଲେ ଡିଆଇଜି ଓ ଏସ୍‌ପି। ସେମାନେ ନବନିର୍ମିତ କୋଭିଡ ହସ୍ପିଟାଲରୁ ରଥପଡ଼ିଆ ଯାଏ ଚାଲିଚାଲି ଯିବା ସହ ଅସ୍ଥାୟୀ ପନିପରିବା ବଜାର ବୁଲିଥିଲେ। ବଜାର ଓ ରାସ୍ତା ଉପରେ ସୁରକ୍ଷା ଓ ଟ୍ରାଫିକ ଦାୟିତ୍ୱରେ ଥିବା ମହିଳା ଗୃହରକ୍ଷୀ, ପୋଲିସ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବ୍ୟାଙ୍କ ସମ୍ମୁଖରେ ଥିବା ହିତାଧିକାରୀଙ୍କୁ ସାମାଜିକ ଦୂରତା ରଖିବା ପାଇଁ କହିଥିଲେ ଡିଆଇଜି ଏବଂ ଏସ୍‌ପି। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରେଞ୍ଜ ଅଧୀନରେ ଥିବା ୬ଟି ଜିଲାରୁ କେବଳ କଳାହାଣ୍ଡିରେ ଦୁଇଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ଜଣେ ସୁସ୍ଥ ହୋଇଥିବା ବେଳେ ଅନ୍ୟଜଣଙ୍କ ଚିକିତ୍ସା ଚାଲିଥିବା ସେ କହିଛନ୍ତି। ଗସ୍ତ ସମୟରେ ଅଭ୍ୟାସଗତ ଅପରାଧୀ ଓ ଲକ୍‌ଡାଉନ ଉଲ୍ଲଂଘନ କରୁଥିବା ଅମାନିଆଙ୍କ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ସେମାନେ ନିର୍ଦ୍ଦେଶ ଦେଇଥିଲେ।

# ରିଲିଫ ପାଣ୍ଠିକୁ ବିଭିନ୍ନ ମହଲରୁ ସହାୟତା

ନବରଙ୍ଗପୁର/ଝରିଗାଁ/ ଚନ୍ଦାହାଣ୍ଡି/ ଉମରକୋଟ, ୧୬।୪(ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଜମିସ୍ତ୍ରି ସଂଘ ପକ୍ଷରୁ କୋଭିଡ୍– ୧୯ ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୪୯ ହଜାର ଟଙ୍କାର ଚେକ୍ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଅମିତ ପ୍ରଧାନ, ଉପ ସଭାପତି ରଥ ପୂଜାରୀ, ସମ୍ପାଦକ ବିପିନ ନାଗ, ମାନଫହର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଝରିଗାଁ ବ୍ଲକ୍ ଭିକ୍ଷା ପଞ୍ଚାୟତ ସରପଞ୍ଚ ରଖିରାମ ବଞ୍ଜାର ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧୁରୁଆଙ୍କୁ ସେ ଏବାବଦ ଚେକ୍ ଦେଇଛନ୍ତି। ସେହିପରି ବ୍ଲକ୍ ବିଜେଡି ଯୁବ ସଭାପତି ଦୁର୍ଗାପ୍ରସାଦ ମାଝି ଏବଂ ଝରିଗାଁ ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ପ୍ରଦୀପ ଗାଉଁଟିଆ ମିଳିତ ଭାବେ ୨୨ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ସହାୟତା ଦେଇଛନ୍ତି।


ନବରଙ୍ଗପୁରରେ ଜିଲାପାଳଙ୍କୁ ଏବଂ ଝରିଗାଁରେ ବିଡିଓଙ୍କୁ ସହାୟତାରାଶି ପ୍ରଦାନ କରାଯାଉଛି।

ଚନ୍ଦାହାଣ୍ଡି ବ୍ଲକର ନୂତନ ପେନ୍‌ସନଭୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ରିଲିଫ ପାଣ୍ଠିକୁ ୧ ଲକ୍ଷ ୬୨ ହଜାର ଟଙ୍କା ସହାୟତା ଦେଇଛନ୍ତି। ସେମାନେ ଏହି ଅର୍ଥ ବିଇଓ ଭଜନଲାଲ ମାଝିଙ୍କୁ ଦେଇଥିବା ଜଣାପଡିଛି। ଏହି ସମୟରେ ସଂଘ ସଭାପତି ବିଶ୍ୱରଞ୍ଜନ ପଣ୍ଡା, ଉପସଭାପତି ଶୋଭା ସିଂ ପୋଡ଼, ସମ୍ପାଦକ ବୃନ୍ଦାବନ ସାହୁ, ରଞ୍ଜନ କୁମାର ସାହୁ, ରାଜେଶ ଦଣ୍ଡସେନା, ରବୀନ୍ଦ୍ର ନାୟକ, ତ୍ରିପତି ଦଳେଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଦଣ୍ଡାମୁଣ୍ଡା ପଲ୍ଲିଶ୍ରୀ ଯୁବକ ସଂଘ ପକ୍ଷରୁ ସମ୍ପାଦକ ସଂଗ୍ରାମ କେଶରୀ ସାହୁ, ବଳରାମ ପଟ୍ଟନାୟକ, ସୀମାଞ୍ଚଳ ଗଣ୍ଡା, ଶିଶିର ମାଝି, ଧରମଚାନ୍ଦ ମାଝି ୧୦ ହଜାର ଟଙ୍କା ରିଲିଫ ପାଣ୍ଠିକୁ ଦେଇଛନ୍ତି। ଚନ୍ଦାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ସଭାପତି ଦୂତୀବାହାନ ଖମାରି, ସାମାଜିକ କର୍ମୀ ପ୍ରମୋଦ ପାଢ଼ୀ, କିଶୋର ଖମାରି, ସରୋଜ ଅଗସ୍ତି, ଡମ୍ବରୁଧର ରଥ, ପ୍ରଦୀପ ଦାଶ, ନୀଳକଣ୍ଠ ଦାଶ, ବଂଶୀଧର ପଣ୍ଡା, ଦେବରାଜ ମୁଣ୍ଡ, ଦ୍ୱିତୀକୃଷ୍ଣ ପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।

ଉମରକୋଟ ସହରସ୍ଥିତ ଜେଇଏଲ୍ ଚର୍ଚ୍ଚ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା କରୋନା ମୁକାବିଲା ପାଇଁ ପ୍ରଦାନ କରାଯାଇଛି। ଏସ୍‌ଡିପିଓ ହେମନ୍ତ କୁମାର ପାଢୀଙ୍କୁ ଖ୍ରୀଷ୍ଟଚନ୍ଦ୍ର ଟାକ୍ରି, ମଦନ ମୋହନ ନାୟକ, କମିଟି ସଭାପତି ରମେଶ ଦାସ ବାଘ,ସମ୍ପାଦକ ସରୋଜ ଦଳେଇ,କୋଷାଧ୍ୟକ୍ଷ ଗୀତାଞ୍ଜଳି ନନ୍ଦ ଏ ବାବଦ ଚେକ୍ ପାଢ଼ୀଙ୍କୁ ଦେଇଥିବା ଜଣାପଡିଛି। ସେହିପରି ସହରର ବରିଷ୍ଠ ନାଗରିକ ପ୍ରସନ୍ନ କୁମାର ଦାସ ଏବଂ ଶାନ୍ତିଲତା ମହାନ୍ତି ୫ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦେଇଛନ୍ତି।

# ୧୬୦ ନମୁନାରୁ ନେଗେଟିଭ ଆସିଛି ୧୯

ସୁନାବେଡ଼ା,୧୬।୪ (ସ୍ୱ.ପ୍ର.)

କୋରାପୁଟ ଜିଲାରୁ ଏଯାବତ୍ ଜଣେ ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଏହାସତ୍ତ୍ୱେ ଜିଲା ପ୍ରଶାସନ କୋଭିଡ୍-୧୯ ମୁକାବିଲା ପାଇଁ ସଜାଗ ରହିଛି। ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ପରୀକ୍ଷା ପାଇଁ ପଠାଯାଇଥିବା ୧୬୦ଟି ରକ୍ତ ନମୁନାରୁ ଘୋଷଣା ହୋଇଥିବା ୧୯ଟି ନମୁନା ନେଗେଟିଭ ରହିଛି। ଜିଲାର ୧୪ ବ୍ଲକ, ୪ ପୌରପରିଷଦରେ କ୍ୱାରାଣ୍ଟାଇନ ସେଣ୍ଟର ଖୋଲାଯାଇଛି। ସୁନାବେଡ଼ା ପୌରାଞ୍ଚଳରେ ଥିବା ୨୫ଟି ୱାର୍ଡ ପାଇଁ ପୌର କଲ୍ୟାଣ ମଣ୍ଡପ, ଏଡିଏଭି ହାଇସ୍କୁଲ, ହାଲ୍ କଲ୍ୟାଣ ମଣ୍ଡପ,

**ଆସିନାହିଁ ଅବଶିଷ୍ଟ ରିପୋର୍ଟ**

ଭି.ଏସ୍. ବିଦ୍ୟାଳୟ, ଏ.ସି. ଆଣ୍ଡ ଏ. ମହାବିଦ୍ୟାଳୟ, ସେମିଳିଗୁଡ଼ା ଦକ୍ଷତା ତାଲିମ କେନ୍ଦ୍ର ଓ ସୀତମ ମହାବିଦ୍ୟାଳୟରେ ଏହି ଅସ୍ଥାୟୀ କେନ୍ଦ୍ର କରାଯାଇ ୫୦୦ ଶଯ୍ୟାର ବ୍ୟବସ୍ଥା ରହିଛି। ସବୁଠି ୨୪ଘଣ୍ଟିଆ ବିଜୁଳି, ପାନୀୟ ଜଳ, ପରିମଳ ସେବା ଯୋଗାଇ ଦିଆଯାଇଛି। ପ୍ରତ୍ୟେକ କେନ୍ଦ୍ର ପାଇଁ ୪ ଜଣ ଲେଖାଏଁ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ନୋଡାଲ ଅଫିସର ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ୩ଟି ସ୍ୱତନ୍ତ୍ର ଟିମ୍ ଉକ୍ତ କେନ୍ଦ୍ର ତଦାରଖ କରୁଛନ୍ତି। ୭ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପ୍ରତିଦିନ ୨୪୦ରୁ ଅଧିକ ଗରିବ ଓ ଯାଯାବରଙ୍କୁ ରନ୍ଧାଖାଦ୍ୟ ଦିଆଯାଉଥିବା ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର କହିଛନ୍ତି।

# କରୋନା ଉଜାଡ଼ିଦେଇଛି ବେଉସା

**ସାମଗ୍ରୀ ବିକ୍ରି କରିପାରୁନାହାନ୍ତି କୁମ୍ଭକାର**

ମାଲକାନଗିରି,୧୬।୪ (ଡି.ଏନ୍.ଏ.)

କୁମ୍ଭକାରମାନେ ବର୍ଷ ସାରା ପରିଶ୍ରମ କରି ନିଜର ପାରମ୍ପରିକ ବୃତ୍ତିକୁ ବଜାୟ ରଖି ମାଟି ତିଆରି ବିଭିନ୍ନ ସରଞ୍ଜାମ ନିର୍ମାଣକରି ବିକ୍ରି କରିଥାନ୍ତି। ଏଥିରେ ସେମାନଙ୍କ ପରିବାର ଚଳିଥାଏ। ମାଟି ନିର୍ମିତ ସାମଗ୍ରୀ ଯଥା ମାଟିହାଣ୍ଡିଠାରୁ ଆରମ୍ଭକରି ଦୀପ, କୁମ୍ଭ, ଖାଦ୍ୟ ସାମଗ୍ରୀ ରାନ୍ଧିବା ପାଇଁ ପାତ୍ର ଆଦି ସାମଗ୍ରୀର ଚାହିଦା ସର୍ବଦା ରହିଥାଏ। ପ୍ରତ୍ୟେକ ଶୁଭକାର୍ଯ୍ୟଠାରୁ ଆରମ୍ଭକରି ଅନ୍ୟାନ୍ୟ କାର୍ଯ୍ୟରେ ଏହା ବ୍ୟବହାର ହୋଇଥାଏ। କେତେଜଣ କୁମ୍ଭକାର ମଧ୍ୟ ଗ୍ରାମ ଗ୍ରାମ ବୁଲି ସେମାନଙ୍କ ସାମଗ୍ରୀ ବିକ୍ରି କରିଥାନ୍ତି। ବିଶେଷକରି ଗ୍ରୀଷ୍ମଋତୁରେ ଏହି ମାଟିପାତ୍ରଗୁଡ଼ିକର ଚାହିଦା ରହିଥାଏ। ସରକାରୀ ବେସରକାରୀ ସଂସ୍ଥାଗୁଡ଼ିକ ମାଟିହାଣ୍ଡି କିଣି ବିଭିନ୍ନ ସ୍ଥାନରେ ରଖି ସେଥିରେ ପାନୀୟ ଜଳ ରଖି ପଥିକଙ୍କୁ ଯୋଗାଇ ଦେଇଥାନ୍ତି। ମାତ୍ର ଚଳିତବର୍ଷ କରୋନା ଯୋଗୁ ଏହାର ମୁକାବିଲା ପାଇଁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଫଳରେ ଅନ୍ୟମାନଙ୍କ ପରି ମାଲକାନଗିରି ଜିଲାର କୁମ୍ଭକାରମାନେ ବେଶ୍ ପ୍ରଭାବିତ ହୋଇଛନ୍ତି। ସମସ୍ତ ସାପ୍ତାହିକ ହାଟ ବନ୍ଦ ଥିବାର କୌଣସି ବ୍ୟକ୍ତି ଘରୁ ବାହାରୁନାହାନ୍ତି। ଏପରି କ୍ଷେତ୍ରରେ ମାଟିପାତ୍ର ବିକ୍ରି ହେଉନାହିଁ। କୁମ୍ଭକାରମାନେ ସେମାନଙ୍କ ଜୀବିକା ହରାଇଛନ୍ତି। ପରିବାର ଚଳାଇବା ସେମାନଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି। ଏପରି କି ଭୋକ ଉପବାସରେ ରହିବାକୁ ପଡୁଛି। ମାଲକାନଗିରି ସଦର ବ୍ଲକ ପାଣ୍ଡ୍ରିପାଣି ପଞ୍ଚାୟତ କୁମ୍ଭାରଗୁଡ଼ ଗ୍ରାମର ୨୭ଟି କୁମ୍ଭକାର ପରିବାରଙ୍କ ଅବସ୍ଥା ମଧ୍ୟ ସମାନ। ଗ୍ରାମର ଲକ୍ଷ୍ମଣ କୁମ୍ଭାର, ଗଙ୍ଗା କୁମ୍ଭାର, ଚକ୍ର କୁମ୍ଭାର କହିଛନ୍ତି ଯେ, ଯେ, କରୋନା ଆମ ଜୀବିକା ବୁଡାଇ ଦେଇଛି। କେହି ଘରୁ ବାହାରୁ ନାହାନ୍ତି। ହାଟବଜାର ସବୁ ବନ୍ଦ। ଆମ ମାଟି ନିର୍ମିତ ସାମଗ୍ରୀ କିଣିବ କିଏ। ସମୟ ଏପରି ହୋଇଛି ଆମକୁ ଭୋକ ଉପବାସରେ ଦିନ କାଟିବାକୁ ପଡୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି।


କୁମ୍ଭକାରମାନେ ବିକ୍ରି କରିପାରୁ ନ ଥିବା ମାଟି ନିର୍ମିତ ସାମଗ୍ରୀ।

- ଭୋକ ଉପାସରେ ଦିନ କାଟୁଛନ୍ତି ପରିବାର
- ଲକ୍‌ଡାଉନ ଯୋଗୁ ଖୋଲୁନି ହାଟ, ବଜାର
- ପ୍ରଶାସନ ଦେଉ ସହାୟତା

## ବିବାହ ଲାଗି ରାଜି ହେଲେନି ପରିବାର ଲୋକେ ଆତ୍ମହତ୍ୟା ଉଦ୍ୟମ କଲେ ପ୍ରେମୀ ଯୁଗଳ

ରୂପ୍‌ସା, ୧୬।୪(ଡି.ଏନ୍.ଏ.)

ବିବାହ ପାଇଁ ପରିବାର ଲୋକେ ଅରାଜି ହେବାରୁ ପ୍ରେମୀଯୁଗଳ କନିଅର ମଞ୍ଜି ଖାଇ ଆତ୍ମହତ୍ୟା ଉଦ୍ୟମ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅସୁସ୍ଥଦ୍ୱୟଙ୍କୁ ଗୁରୁବାର ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପୁରୁଣିଆ ପଞ୍ଚାୟତ ଅଞ୍ଚଳର ଏକ ପ୍ରେମୀଯୁଗଳ ବିବାହ କରିବାକୁ ଦୃଢ଼ ନିଷ୍ପତ୍ତି ନେଇଥିଲେ। ସେମାନଙ୍କ ପରିବାର ଏଥିରେ ରାଜି ନ ହେବାରୁ ବୁଧବାର ରାତିରେ ଉଭୟ ସାଙ୍ଗ ହୋଇ କନିଅର ମଞ୍ଜି ଖାଇ ଦେଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଯୁବକଙ୍କ ସାନଭାଇ ଉଭୟଙ୍କୁ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମନ୍ତ୍ରୀଙ୍କ ସାମାଜିକ ଦୂରତା ପରାମର୍ଶ ମାନିଲେନି

ଖଇରା, ୧୬।୪(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବିଭିନ୍ନ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ଗୁରୁବାର ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଥିଲା। ତେବେ ମନ୍ତ୍ରୀ ପାଣିଗ୍ରାହୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ମାସ୍କ ନେବାକୁ ଆସିଥିବା ରାଶନକାର୍ଡଧାରୀ ଓ ଉପସ୍ଥିତ ରୋଗୀ ଭିଡ଼ ଲଗାଇଥିଲେ। କେହି ଏହାକୁ ଭିଡିଓ କରି ଭାଇରାଲ କରିବା ପରେ ମନ୍ତ୍ରୀ ଏନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଖଇରା ଅଞ୍ଚଳର ସଞ୍ଚୟିକା ମହିଳା ମହାସଂଘ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ୪୦ହଜାର ମାସ୍କ ଖଇରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବିଭିନ୍ନ ଡିଲର ପଏଣ୍ଟରେ ରାଶନକାର୍ଡଧାରୀମାନଙ୍କୁ ବାଣ୍ଟିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମେ ବ୍ଲକରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ମହିଳା ଗୋଷ୍ଠୀର ସଭାପତି ରଶ୍ମିତା ମହାପାତ୍ର, ଏମବିକେ ନିରୂପମା ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ସାମାଜିକ ଦୂରତା ରଖାଯାଇ ମାସ୍କ ବଣ୍ଟନ କରାଯାଇଥିଲା । ପରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ଲୋକ ଓ ରୋଗୀମାନଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ତେବେ ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବଳ ଭିଡ଼ ଥିବାରୁ ମନ୍ତ୍ରୀ ସାମାଜିକ ଦୂରତା ରକ୍ଷା କରି ମାସ୍କ ନେବାକୁ ପରାମର୍ଶ ଦେଇଥିଲେ । ହେଲେ ୫ଭାଗ ଲୋକ ଦୂରତା ନ ମାନି ମାସ୍କ ଆଣିବାକୁ ପ୍ରତିଯୋଗିତା କରିଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ମନ୍ତ୍ରୀ କହିଛନ୍ତି ଯେ, ତାଙ୍କୁ ବଦନାମ କରିବା ସହ ତାଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବାକୁ ଉଦ୍ୟମ କରାଯାଇଛି।

# ରାତିରେ ସୁରକ୍ଷା ଯୋଗାଉଛନ୍ତି ମହିଳା ଅଧିକାରୀ

ବନ୍ତ, ୧୬।୪(ଡି.ଏନ.ଏ.)


ମହିଳା ଅଧିକାରୀମାନେ ପାଟ୍ରୋଲିଂରେ ବାହାରିଛନ୍ତି ।

ମହାମାରୀ କରୋନା ଲାଗି ଦେଶବ୍ୟାପୀ ଲକ୍‌ଡାଉନ୍ କରାଯାଇଛି। ଦିନରେ ହେଉ କି ରାତିରେ ଲୋକଙ୍କୁ ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ କଡ଼ା ତାଗିଦ୍ କରାଯାଉଛି। ଏହି ସମୟରେ ଭଦ୍ରକ ଜିଲା ବନ୍ତ ବ୍ଲକ ଅଞ୍ଚଳରେ ଲୋକଙ୍କ ସୁରକ୍ଷା ପାଇଁ ରାତିରେ ୨ ମହିଳା ଅଧିକାରୀ ପାଟ୍ରୋଲିଂ କରୁଥିବା ଦେଖିବାକୁ ମିଳିଥିଲା। ଏହି ଅଧିକାରୀଦ୍ୱୟଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ଜିଲା ପ୍ରଶାସନ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅଧିକାରୀଦ୍ୱୟ ହେଲେ ବନ୍ତ ତହସିଲଦାର ଇନ୍ଦିରା ସାହୁ, ଥାନାଧିକାରୀ ମିନା ବିନ୍ଧାଣୀ।

ଏହି ଦୁଇ ଅଧିକାରୀ ବନ୍ତ ସଦର ମହକୁମା ସମେତ ବିଭିନ୍ନ ମୁଖ୍ୟ ଛକ, ପ୍ରବେଶ ପଥରେ ଉପସ୍ଥିତ ରହି ଆଇନ ଉଲ୍ଲଂଘନକାରୀଙ୍କୁ ସାବାଡ଼୍ କରୁଛନ୍ତି। ବୁଧବାର ରାତିରେ ୨ ମହିଳା ଅଧିକାରୀ ପୋଲିସ କର୍ମଚାରୀଙ୍କ ସହିତ ବାଇକ୍ ଧରି ବନ୍ତରୁ ବାହାରି ବିଭିନ୍ନ ଗ୍ରାମରେ ପାଟ୍ରୋଲିଂ କରିଥିଲେ। ଲକ୍‌ଡାଉନ୍ ସମୟରେ ବିଡିଓ ରେବେକା ବିଲୁଙ୍ଗ, ଅତିରିକ୍ତ ତହସିଲଦାର ବନିତାରାଣୀ କିସ୍କୁ, ଆଗରପଡା ଥାନାଧିକାରୀ ସୁକାନ୍ତୀ କେରେଇଙ୍କର ଉଲ୍ଲେଖନୀୟ ଭୂମିକା ରହିଛି ବୋଲି ସାଧାରଣ ଲୋକେ କହିଛନ୍ତି। ଏହି ୩ ମହିଳା ଅଧିକାରୀ ମଧ ଲୋକଙ୍କ ସୁରକ୍ଷା ପାଇଁ ଦିନରାତି କାର୍ଯ୍ୟ କରୁଥିବା ଦେଖାଯାଇଛି।

## ପଣା ପିଇ ୨୬ ଅସୁସ୍ଥ ଘଟଣା: ୮ ଗିରଫ

**ଭଣ୍ଡାରିପୋଖରୀ, ୧୬।୪(ଡି.ଏନ.ଏ.)**–ଭଣ୍ଡାରିପୋଖରୀ ବ୍ଲକ ପିରିପୁର ମହୁରା ଗ୍ରାମରେ ସୋମବାର ପଣା ସଂକ୍ରାନ୍ତିରେ ପଣାପିଇ ୨୬ଜଣ ଅସୁସ୍ଥ ହେବା ଘଟଣାରେ ପୋଲିସ ମୋଟ ୮ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଦିନ ଗ୍ରାମ ଦେବତୀ ମା' ବୁଢ଼ୀଜଗୁଲାଇ ପୀଠରେ ପୂଜାର୍ଚ୍ଚନା କରାଯାଇ ପଣାପିଆ କାର୍ଯ୍ୟକ୍ରମ ହୋଇଥିଲା। ଅପରାହ୍ନରେ ପଣା ପିଇଥିବା ୨୬ଜଣ ଅସୁସ୍ଥ ହୋଇପଡିଥିଲେ। ସମସ୍ତଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସମସ୍ତେ ସୁସ୍ଥ ହୋଇ ସନ୍ଧ୍ୟାରେ ଘରକୁ ଫେରିଥିଲେ। ଏହି ଘଟଣାରେ ଭଣ୍ଡାରିପୋଖରୀ ପୋଲିସ ୮ଜଣଙ୍କ ନାମରେ ମାମଲା(ନଂ.୭୬/୨୦) ରୁଜୁକରିଥିଲା। ମଙ୍ଗଳବାର ରାତିରେ ପୋଲିସ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା। ଅନ୍ୟ ୪ଜଣଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟଚାଲାଣ କରାଯାଇଛି।

## ନାବାଳିକାଙ୍କୁ ବଳାତ୍କାର

ଯୋଡା, ୧୬।୪(ଡି.ଏନ.ଏ.)–କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଜଣେ ନାବାଳକ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ନାବାଳକ ପ୍ରେମସମ୍ପର୍କ ସ୍ଥାପନ କରିବା ସହିତ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲେ । ପରେ ପ୍ରତାରଣା କରିବାରୁ ନାବାଳିକାଙ୍କ ପରିବାର ପକ୍ଷରୁ ବାମେବାରୀ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ନାବାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ସହ ଉଭୟଙ୍କୁ ଡାକ୍ତରୀମାଇନା ପାଇଁ ପଠାଇଛି।

## ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ସୋର, ୧୬।୪(ଡି.ଏନ.ଏ.):

ସୋର ମ୍ୟୁନିସିପାଲିଟି ଅଧୀନ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସା ଅବହେଳାରୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏସ୍‌ଆଇ ସଚ୍ଚିଦାନନ୍ଦ ଗିରି ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିବା ପରେ ମାମଲା (ନଂ.୧୨୭/୨୦) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛନ୍ତି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଥାନା ଅଧୀନ ଏକତାଡି ଗ୍ରାମର ମହେନ୍ଦ୍ର ନାଥ ହାଁସଦା ଓ ତାଙ୍କ ସ୍ତ୍ରୀ ସୁନୀତା ସୋର କୋର୍ଟରେ କିରାଣି ଭାବେ ଭାବେ କାର୍ଯ୍ୟରତ ଥିଲେ। ସେମାନେ ସ୍ଥାନୀୟ ଅନ୍ନପୂର୍ଣ୍ଣା ରାଇସ୍ ମିଲ୍ ପରିସରରେ ଭଡା ନେଇ ରହୁଥିଲେ। ବୁଧବାର ସୁନୀତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ଏକ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ସୁନୀତା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ମଧ୍ୟାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ହଠାତ୍ ଅବନତି ଘଟି କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଚିକିତ୍ସା ଅବହେଳା ଯୋଗୁ ସୁନୀତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ ମହେନ୍ଦ୍ର ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତା ସୁନୀତାଙ୍କର ୬ ବର୍ଷର ପୁଅଟିଏ ଅଛି। ନବଜାତକ ପୁତ୍ରକୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସୋର କୋର୍ଟର ବହୁ ଆଇନ୍‌ଜୀବୀ ପହଞ୍ଚି ଶୋକପ୍ରକାଶ କରିଛନ୍ତି।

## ୧୯ ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଗଲା

ବନ୍ତ,୧୬।୪(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ୧୯ ଜଣ କୋଲକତା ଫେରନ୍ତାଙ୍କୁ ନମୁନା ପରୀକ୍ଷା ପାଇଁ ଭଦ୍ରକ ପଠାଯାଇଥିବା ଜଣାଯାଇଛି । ମାର୍ଚ୍ଚ ୨୮ ଓ ୨୯ ତାରିଖରେ ବନ୍ତ ବ୍ଲକର କେତେକ ବ୍ୟକ୍ତି କୋଲ୍‌କତାରୁ ଆସି ଘରେ ଆଇସୋଲେସନରେ ରହୁଥିଲେ । ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ସଂପୃକ୍ତ ବ୍ୟକ୍ତି ମାନଙ୍କୁ ଠାବ କରାଯାଇ ୨ଟି ଅସ୍ଥାୟୀ କେନ୍ଦ୍ର ସମେତ ନିଜ ଘରେ ଆଇସୋଲେସନରେ ରହୁଥିବା ୧୯ ଜଣ କୋଲ୍‌କତା ଫେରନ୍ତାଙ୍କ ନମୁନା ପରୀକ୍ଷା ପାଇଁ ଭଦ୍ରକ ପଠାଯାଇଛି।

## ପାଳଦା ମଣିନାଥପୁର ରାସ୍ତାରେ ଯାଞ୍ଚ ୫ ବାଲି ବୋଝେଇ ଟ୍ରାକ୍ଟର, ୨ କୋଇଲା ପିକ୍‌ଅପ୍ ଜବତ

ଭଣ୍ଡାରିପୋଖରୀ, ୧୬।୪(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ପାଳଦା ମଣିନାଥପୁର ରାସ୍ତାରେ ଭଣ୍ଡାରିପୋଖରୀ ପୋଲିସ ଯାନବାହନ ଯାଞ୍ଚ କରି ୫ ବାଲି ବୋଝେଇ ଟ୍ରାକ୍ଟର ଓ ୨ କୋଇଲା ବୋଝେଇ ପିକ୍‌ଅପ୍‌କୁ ଜବତ କରି ଥାନାରେ ରଖିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ଜରିମାନା ଆଦାୟ ହୋଇନାହିଁ। ପ୍ରତ୍ୟହ ମଣିନାଥପୁର ଅଞ୍ଚଳରୁ ଖୁଲମ୍‌ଖୁଲା ଭାବେ ବାଲି ଚୋରାଚାଲାଣ ହେଉଛି। ଲକ୍‌ଡାଉନ ସମୟରେ ବାଲି ଚୋର ରାତି ୧୨ଟାରୁ ବୈତରଣୀ ନଦୀରୁ ବାଲି ଉଠାଇ ଅନାୟାସରେ ବାଲି ବିକ୍ରି କରିଚାଲିଥିବା ଅଭିଯୋଗ ହୋଇଥିଲା।

## ସରିଲା ୧୧୭୦୮ ଶ୍ରମିକଙ୍କ ହୋମ୍ କ୍ୱାରାଣ୍ଟାଇନ

ବାରିପଦା ଅଫିସ, ୧୬।୪

କରୋନା ସନ୍ଦେହରେ ମୟୂରଭଞ୍ଜ ଜିଲାର ୩୧୭ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସେଥିମଧ୍ୟରୁ ଆସିଥିବା ୨୨୨ଟି ସାମ୍ପୁଲ ନେଗେଟିଭ୍ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅବଶିଷ୍ଟ ୯୫ଟି ସାମ୍ପୁଲର ରିପୋର୍ଟ ଆସି ନାହିଁ। ସେହିଭଳି ଜିଲାକୁ ବିଦେଶରୁ ଫେରିଥିବା ୯୮ ଜଣଙ୍କ ହୋମ୍ କ୍ୱାରାଣ୍ଟାଇନ ଶେଷ ହୋଇଥିବା ବେଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଛି। ସେହିଭଳି ୧୨୧୫୯ ଜଣ ଶ୍ରମିକ ବିଭିନ୍ନ ରାଜ୍ୟରୁ ଜିଲାକୁ ଫେରିଥିବା ବେଳେ ୧୧୭୦୮ ଜଣଙ୍କ ହୋମ୍ କ୍ୱାରାଣ୍ଟାଇନ ଶେଷ ହୋଇଛି। ୪୫୧ ଜଣ ବର୍ତ୍ତମାନ ହୋମ୍ କ୍ୱାରାଣ୍ଟାଇନର ଅଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ବି ପଜିଟିଭ କେସ୍ ଦେଖିବାକୁ ମିଳି ନାହିଁ।

## ଅସହାୟଙ୍କୁ ଖାଦ୍ୟ ବାଣ୍ଟିଲା ଖବରକାଗଜ ଏଜେଣ୍ଟ ସଂଘ

ବାଲେଶ୍ୱର ଅଫିସ,୧୬।୪


ଗରିବ ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି ।

ବର୍ତ୍ତମାନ ସାରା ବିଶ୍ୱ ମହାମାରୀ କରୋନା ପାଇଁ ଆତଙ୍କିତ ହୋଇପଡ଼ିଛି। ଏହି ସମୟରେ ବାଲେଶ୍ୱର ରେଲୱେ ଷ୍ଟେସନ ନିକଟରେ ରହିଛନ୍ତି ଶତାଧିକ ଗରିବ ଅସହାୟ। ପ୍ରତିଦିନ ସେମାନଙ୍କୁ ବହୁ ସେଚ୍ଛାସେବୀ ଅନୁଷ୍ଠାନ ସହ ସରକାର ମଧ ଖାଦ୍ୟ ବଣ୍ଟନ କରୁଛନ୍ତି। ଗୁରୁବାର ସକାଳେ ବାଲେଶ୍ୱର ଖବରକାଗଜ ଏଜେଣ୍ଟ ସଂଘ ପକ୍ଷରୁ ଏହି ଲୋକ ମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିବାବେଳେ ମହାମାରୀ କରୋନା ପାଇଁ ସଚେତନ ମଧ କରାଯାଇଥିଲା। ସଂଘର ସଭାପତି ବୈଲୋଚନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ବିସ୍କୁଟ, ଚୁଡ଼ା, ଗୁଡ଼, ମୁଢ଼ି, ମିକ୍ସଚର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ଉପ-ସଭାପତି ଗୋବିନ୍ଦ ନାୟକ, ସାଧାରଣ ସମ୍ପାଦକ ଧିରେନ କୁମାର ନାୟକ, ସହସମ୍ପାଦକ ଦାଶରଥି ଜେନା, କୋଷାଧ୍ୟକ୍ଷ ଗଦାଧର ଦାସ, ଦିଲ୍ଲିପ ବର୍ଦ୍ଧନ, ଯୋଗେନ୍ଦ୍ର ମାଇତି ପ୍ରମୁଖ ସହଯୋଗ କରିଥିଲେ।

# ରାତି ୧୨ଟାରୁ ଭୋର ୫ଟା ମଧ୍ୟରେ ବ୍ୟବସାୟ ଅନୁମତି

ବ୍ରହ୍ମପୁର ଅଫିସ,୧୬।୪

- ହୋଲ୍‌ସେଲ ଦୋକାନ ସ୍ଥାନାନ୍ତର ନିର୍ଦ୍ଦେଶକୁ ବିରୋଧ
- କମିଶନର-ହୋଲ୍‌ସେଲ ବ୍ୟବସାୟୀ ଆଲୋଚନା
- ସକାଳ ୭ଟା ପର୍ଯ୍ୟନ୍ତ ବୃଦ୍ଧି ଦାବି କଲେ ବ୍ୟବସାୟୀ

କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଲକ୍‌ଡାଉନ୍ ଜାରି ରହିଛି। ଏହି ସମୟରେ ଜନଗହଳିକୁ ଏଡାଇବା ଓ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ଏହାକୁ ଦୃଷ୍ଟିରେ ରଖି ବଡବଜାରର ପ୍ରମୁଖ ବ୍ୟବସାୟିକ ଅଞ୍ଚଳରେ ଥିବା ତେଜରାତି ହୋଲ୍‌ସେଲ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ କରିବାକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନୋଟିସ ଜାରି କରାଯାଇଛି।

ଏହି କ୍ରମରେ ବ୍ରହ୍ମପୁରର ବ୍ୟବସାୟିକ କେନ୍ଦ୍ରସ୍ଥଳ ବଡବଜାର ଅଞ୍ଚଳରେ ଭିଡ ଏଡାଇବାକୁ ନେଇ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ବଡବଜାର ଅଞ୍ଚଳର ବ୍ୟବସାୟିକ ତଥା ଜନଗହଳିପୂର୍ଣ୍ଣ ମାର୍କେଟ ଅଞ୍ଚଳ ରଜା ସାହି, କେଉଟ ସାହି, ବାଠୁଆରୀ ସାହି, ଜେନା ସାହି, ପନ୍ଦରା ସାହି, ଶଙ୍କରପୁର ସାହି, ଦେଶୀବେହେରା ସାହିରେ ଥିବା ହୋଲ୍‌ସେଲ ତେଜରାତି ଦୋକାନ ବ୍ୟତୀତ ଆଳୁ, ପିଆଜ ଓ କଦଳୀ ପ୍ରମୁଖ ହୋଲ୍‌ସେଲ ଦୋକାନ ହଟାଇବାକୁ ସୋମବାର ବିଏମ୍‌ସି ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ମଙ୍ଗଳବାର ଉପରୋକ୍ତ ସମସ୍ତ ହୋଲ୍‌ସେଲ ଦୋକାନକୁ ବିଏମ୍‌ସି ଦ୍ୱାରା ଚିହ୍ନଟ ଆସ୍କାରୋଡ ବାଳକ ଉଚ୍ଚ ବିଦ୍ୟାଳୟ, ଆସ୍କାରୋଡ ବାଳିକା ଉଚ୍ଚ ବିଦ୍ୟାଳୟ, ଗ୍ରାମଦେବତୀ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୁବୁଦ୍ଧି ଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗିରିରୋଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବିଜିପୁର ବିସିଏମ୍‌ଇ ସ୍କୁଲ, ବିଜିପୁର ବିସିପି ସ୍କୁଲକୁ ସ୍ଥାନାନ୍ତର କରିବାକୁ ମଧ ବିଏମ୍‌ସି ପକ୍ଷରୁ ବ୍ୟବସାୟୀଙ୍କୁ ନୋଟିସ ଜାରି କରାଯାଇଛି। ବୁଧବାର ମଧ୍ୟାହ୍ନ ସୁଦ୍ଧା ତେଜରାତି ବ୍ୟତୀତ ସମସ୍ତ ହୋଲ୍‌ସେଲ ଦୋକାନଙ୍କୁ ଉପରୋକ୍ତ ଚିହ୍ନଟ ସ୍କୁଲକୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗୁରୁବାର ବଡବଜାର ଅଞ୍ଚଳର ସମସ୍ତ ହୋଲ୍‌ସେଲ ଓ ରିଟେଲ ବ୍ୟବସାୟୀ ନୋଟିସର ପରିବର୍ତ୍ତନ ନେଇ ବିଏମ୍‌ସି କମିଶନରଙ୍କ ସହ ଆଲୋଚନା କରିଥିଲେ। ବଡବଜାର ଅଞ୍ଚଳରୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ହୋଲ୍‌ସେଲ ଦୋକାନକୁ ମାର୍କେଟରେ ରହିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ମଧ୍ୟରାତ୍ର ୧୨ଟାରୁ ଭୋର ୫ ଟା ମଧ୍ୟରେ ବଡବଜାରରୁ ରିଟେଲରଙ୍କୁ ହୋଲସେଲ ବ୍ୟବସାୟୀମାନେ ସାମଗ୍ରୀ ପ୍ରଦାନ କରିବାକୁ ବିଏମ୍‌ସି କମିଶନର ସୂଚାଇଥିଲେ। ବିଏମ୍‌ସିର ଏହି ନିଷ୍ପତ୍ତିକୁ ହୋଲସେଲ କଦଳୀ ବ୍ୟବସାୟୀମାନେ ସମ୍ମତି ଜଣାଇଥିବା ବେଳେ ଆଳୁ, ପିଆଜ ବ୍ୟବସାୟୀ ବିଏମ୍‌ସି ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଧ୍ୟରାତ୍ର ୧୨ଟାରୁ ଭୋର ୫ ଟା ପର୍ଯ୍ୟନ୍ତ ଦିଆଯାଇଥିବା ସମୟସୀମାକୁ ସକାଳ ୭ଟା ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ସେମାନେ ଦାବି କରିଛନ୍ତି। କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ସଭାପତି ଇ. ଶିବପ୍ରସାଦ ରାଓ, ସମ୍ପାଦକ ଭି. ସନ୍ତୋଷ କୁମାର, ଓଡିଶା ବ୍ୟବସାୟୀ ମହାସଂଘ ରାଜ୍ୟ ସଭାପତି ସିଏଚ. ରବୀନ୍ଦ୍ର ନାଥ, ରାଜ୍ୟ ଉପସଭାପତି ଭି.ଭି. ରାମ ନରସିଂହ ରାଓଙ୍କ ସମେତ ବଡବଜାର ଅଞ୍ଚଳର ସମସ୍ତ ଆଳୁ, ପିଆଜ, କଦଳୀ ଓ ଅନ୍ୟ ହୋଲ୍‌ସେଲ ବ୍ୟବସାୟୀ ଉପସ୍ଥିତ ଥିଲେ।



## ଗଞ୍ଜାମ ଓକିଲ ସଂଘ ନିର୍ବାଚନ ସ୍ଥଗିତ

ବ୍ରହ୍ମପୁର ଅଫିସ,୧୬।୪

କେରୋନା ମହାମାରୀ ଆତଙ୍କ ପ୍ରଭାବରୁ ଚଳିତ ମାସ ୨୫ ତାରିଖରେ ହେବାକୁ ଥିବା ଗଞ୍ଜାମ ଓକିଲ ସଂଘ ନିର୍ବାଚନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏନେଇ ଚଳିତ ବର୍ଷ ଓକିଲ ସଂଘ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ଉକ୍ତ ନିର୍ବାଚନ ସ୍ଥଗିତ ପାଇଁ ଓଡିଶା ବାର୍ କାଉନ୍‌ସିଲ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ପର୍ଯ୍ୟନ୍ତ ଏହା ସ୍ଥଗିତ ରହିବ ବୋଲି ନିର୍ବାଚନ ଅଧିକାରୀ ମହାପାତ୍ର କହିଛନ୍ତି।

## ହଜାରେ ବଦଳରେ ହିତାଧିକାରୀଙ୍କୁ ୯୦୦ ଟଙ୍କା

### ଭିଡିଓ ଭାଇରାଲ୍, ତଦନ୍ତ କରିବେ ବିଡିଓ

ପାତ୍ରପୁର,୧୬।୪(ଡି.ଏନ୍.ଏ.)

ଲକ୍‌ଡାଉନ ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାର ରାଶନ କାର୍ଡ଼ ହିତାଧିକାରୀଙ୍କୁ ଆଗୁଆ ୩ମାସର ରାଶନ ସହ ହଜାରେ ଟଙ୍କା ଦେବାକୁ ଘୋଷଣା କରିଥିଲେ। ମାତ୍ର ପାତ୍ରପୁର ବ୍ଲକ ବରଙ୍ଗ ଓ କେଶରିପଡ଼ା ପଞ୍ଚାୟତ ଭେଜିପଦର ଗ୍ରାମର ହିତାଧିକାରୀଙ୍କୁ ହଜାରେ ଟଙ୍କା ବଦଳରେ ୯ଶହ ଟଙ୍କା ଲେଖାଏ ଦିଆଯାଉଛି। ପାଖ ଗାଁ ହିତାଧିକାରୀଙ୍କୁ ହଜାରେ ଟଙ୍କା ଦିଆଯାଇଥିବାବେଳେ ଆମକୁ କାହିଁକି ୧୦୦ ଟଙ୍କା କମ୍ ମିଳୁଛି ବୋଲି ସେମାନେ ଗଣ୍ଡଗୋଳ କରିବା ସହ ବିଡିଓଙ୍କୁ ଅବଗତ କରିଥିଲେ। କେତେଜଣ ବ୍ୟକ୍ତି ମୋବାଇଲରେ ଏହାର ଭିଡ଼ିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଛନ୍ତି। ଏ ନେଇ ବିଡିଓ ପ୍ରକାଶ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ଭାଇରାଲ ଭିଡ଼ିଓ ଦେଖିଛି, ମୋବାଇଲରେ ବି କିଛି ହିତାଧିକାରୀ ଅଭିଯୋଗ କରିଛନ୍ତି, ଏନେଇ ତଦନ୍ତ କରିବେ ବୋଲି ସୂଚନା ଦେଇଛନ୍ତି।

## କ୍ରିକେଟ ଖେଳି ଜରିମାନା ଦେଲେ ୮ ଯୁବକ

ପାତ୍ରପୁର,୧୬।୪ (ଡି.ଏନ୍.ଏ.):

କରୋନା ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ କରିବାକୁ ଜନସାଧାରଣଙ୍କୁ ଅବଗତ କରାଯାଉଛି। ଗ୍ରାମାଞ୍ଚଳରେ କେତେଜଣ ଏସବୁ ମାନୁ ନ ଥିବା ଦେଖାଯାଉଛି। ପାତ୍ରପୁର ବ୍ଲକ ପଦାଦିଗି ପଞ୍ଚାୟତ ଦାମୋଦରପଲ୍ଲୀ ଗ୍ରାମରେ ସାମାଜିକ ଦୂରତ୍ୱ ନିୟମ ନ ମାନି କ୍ରିକେଟ୍ ଖେଳରେ ମାତିଥିବା ୮ ଯୁବକ ଧରାପଡ଼ି ଜରିମାନା ଗଣିଛନ୍ତି। ପାତ୍ରପୁର ତହସିଲଦାର ଡ. ଶ୍ରୀନିବାସ ବେହେରା ସେମାନଙ୍କଠାରୁ ୪ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

## ଶିଶୁଙ୍କୁ ଅଣ୍ଡା ବାଣ୍ଟିଲେ ଏସ୍‌ଏଚ୍‌ଜି ସଭ୍ୟା

ଗଞ୍ଜାମ:୧୬,୪

ଲକ୍‌ଡାଉନ୍ କଟକଣା ପରେ ଗଞ୍ଜାମ ଜିଲାରେ ଶିଶୁ, ପ୍ରସୂତୀ ଓ ଗର୍ଭବତୀଙ୍କୁ ଅଣ୍ଡା ଦେବାରେ ସମସ୍ୟା ଦେଖାଦେଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରତ୍ୟକ ଶିଶୁ, ପ୍ରସୂତି ଓ ଗର୍ଭବତୀଙ୍କ ନିକଟରେ ଅଣ୍ଡା ପହଞ୍ଚାଇବା ନିମନ୍ତେ ଜିଲାର ୩ ସବ୍‌ଡିଭିଜନ ବ୍ରହ୍ମପୁର, ଆସ୍କା ଓ ଛତ୍ରପୁରରେ ୩ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଏହି ଦାୟିତ୍ୱ ନ୍ୟସ୍ତ କରିଥିଲେ। ଛତ୍ରପୁର ସବ୍‌ଡିଭିଜନ ଦାୟିତ୍ୱରେ ଥିବା ମା' ଉଜ୍ଜଳେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଗୁରୁବାର ଅଣ୍ଡା ପହଞ୍ଚାଇଛି। ଗଞ୍ଜାମ ସିଡିପିଓ ସଲୀଳା ପ୍ରଧାନ ସନ୍ତୋଷପୁର ପଞ୍ଚାୟତରେ ପହଞ୍ଚି ଅଙ୍ଗନୱାଡି କର୍ମୀମାନଙ୍କୁ ନେଇ ମହିଳା ଓ ଶିଶୁଙ୍କ ଘରକୁ ଯାଇ ଅଣ୍ଡା ପହଞ୍ଚାଇଥିଲେ। ବ୍ଲକର ୧୫୩ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଓ ସହାୟିକାଙ୍କ ଦ୍ୱାରା ଅଣ୍ଡା ବଣ୍ଟନ କରାଯାଇଥିବା ସିଡିପିଓ ପ୍ରଧାନ ସୂଚନା ଦେଇଛନ୍ତି।

## ଡାକ କର୍ମଚାରୀ, ଏସ୍‌ଏଚଜିର ସହାୟତା ପ୍ରଦାନ

ଆସିକା,୧୬।୪(ଡି.ଏନ୍.ଏ.):

ଆସିକା ଡାକ ମଣ୍ଡଳ ଅନ୍ତର୍ଗତ ଆସିକା ମୁଖ୍ୟ ଡାକଘର ଅଧୀନରେ ଥିବା ଡାକ କର୍ମଚାରୀମାନେ ସେମାନଙ୍କ ଦିନକର ଦରମା ପ୍ରଧାନମନ୍ତ୍ରୀଙ୍କ କୋଭିଡ ଫଣ୍ଡକୁ ଦାନ କରିଛନ୍ତି। ଏ ବାବଦରେ ୨,୫୯,୯୯୪ ଟଙ୍କାର ଚେକ ବୁଧବାର ଆସିକା ମୁଖ୍ୟ ଡାକପାଳ କାହ୍ନୁଚରଣ ସାହୁ ଉକ୍ତ ପାଣ୍ଠିରେ ଜମା କରିଛନ୍ତି। ଆସିକା ଡାକ ମଣ୍ଡଳ ଅଧୀକ୍ଷକ ସୁରେନ୍ଦ୍ର ନାଥ ପଣ୍ଡା ଏହାକୁ ପ୍ରଶଂସା କରିଛନ୍ତି। ସେହିପରି ଆସିକା ବ୍ଲକ ମୁନିଗାଡି ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୋଭିଡ ଫଣ୍ଡକୁ ୭୫ହଜାର ଟଙ୍କା ପ୍ରଦାନ କରାଯାଇଛି। ବ୍ଲକରେ ଥିବା ୫୬ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଆସିକା ବିଡିଓ ପ୍ରଦୀପ କୁମାର ପଣ୍ଡାଙ୍କ ଜରିଆରେ ସହାୟତା ଚେକ ପ୍ରଦାନ କରାଯାଇଛି।

## କରୋନା ସଚେତନତାରେ ଶିଶୁ କ୍ଲବ ସାମିଲ

ଦାରିଙ୍ଗବାଡ଼ି,୧୬।୪(ଡି.ଏନ.ଏ)

କରୋନା ସଚେତନତାରେ ଶିଶୁମାନେ ସାମିଲ ହୋଇଛନ୍ତି। ଦାରିଙ୍ଗବାଡ଼ି ବ୍ଲକ ଅନ୍ତରଙ୍ଗ ଶିଶୁ କ୍ଲବ ଏବଂ ଯୁବ ସଂଘ ଲୋକଙ୍କୁ ସଚେତନ କରୁଛି। ଯୁବସଂଘ ପକ୍ଷରୁ ଗାଁ ଗାଁ ବୁଲି ବ୍ଲିଚିଂ ପକାଇ ବିଶୋଧନ କରାଯାଉଛି। ସେହିପରି ଅନ୍ତରଙ୍ଗ ଶିଶୁ କ୍ଲବ ପକ୍ଷରୁ ମଧ ହାତଧୋଇବା କୌଶଳ ଓ ସାମାଜିକ ଦୂରତା ନେଇ ଶିଶୁମାନେ ସଚେତନ କରୁଛନ୍ତି। ଗୁରୁବାର ଗ୍ରୀନ୍‌ବାଡ଼ି ପଞ୍ଚାୟତର କୁତୁବାଡ଼ି ଗ୍ରାମରେ ଶିଶୁ କ୍ଲବ ସଭାପତି ଦେବାଶିଷ ପ୍ରଧାନ (୭ମ ଶ୍ରେଣୀ)ଙ୍କ ନେତୃତ୍ୱରେ ସଦସ୍ୟମାନେ ଲୋକଙ୍କୁ ସଚେତନ କରିଥିଲେ। ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟଙ୍କ ପରାମର୍ଶ କ୍ରମେ ଯୁବ ସଂଘର ବ୍ଲକ ସଂଯୋଜକ ଧନେଶ୍ୱର ସାହୁ ଏବଂ ପ୍ରିୟବ୍ରତ ବିଶୋୟୀ ଉକ୍ତ ବ୍ଲକ ବାଡାବାଙ୍ଗା ସମେତ ସିକକେତା, ଡାଡ଼ାକେତା ଏବଂ ସମାଗଟା ଗ୍ରାମରେ ବ୍ଲିଚିଂ ସିଞ୍ଚନ କରିଛନ୍ତି।


ଶିଶୁମାନେ ସଚେତନ କରୁଛନ୍ତି।

## ବାପାଙ୍କୁ ଆକ୍ରମଣ, ପୁଅ ଗିରଫ

ଆସିକା,୧୬।୪(ଡି.ଏନ୍.ଏ.)

ଆସିକା ଥାନା କାଳକଷ୍ଣପୁର ପଣ୍ଡା କଲୋନୀରେ ବୁଧବାର ରାତିରେ ବାପାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି। ସେ ହେଲେ ଉପେନ୍ଦ୍ର ସିଂ। ଉପେନ୍ଦ୍ର ତାଙ୍କ ବାପା ରାଜବଲମ ସିଂଙ୍କୁ ଆକ୍ରମଣ କରିବା ସହ ମାରି ଦେବାକୁ ଧମକ ଦେଇଥିବା ନେଇ ପୋଲିସକୁ ବାପା ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ରାଜବଲମଙ୍କୁ ଆସିକା ଡାକ୍ତରଖାନାକୁ ଆଣି ଚିକିତ୍ସା କରିଥିଲା। ଅଭିଯୁକ୍ତ ପୁଅଙ୍କୁ ଗିରଫ କରିବା ସହ ପୋଲିସ ଏକ ଛୁରି ଜବତ କରିଛି। ଏ ନେଇ ନଂ.୨୨୧/୨୦ରେ ଏକ ମାମଲା ରୁଜୁ କରାଯାଇ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

## ମଦ ଜବତ ବେଳେ ପୋଲିସକୁ ମାଡ଼ ଘଟଣା, ୨୭ ଗିରଫ

ଆର,ଉଦୟଗିରି, ୧୬।୪(ଡି.ଏନ୍.ଏ.)

ଗଜପତି ଜିଲା ଅଡବା ଥାନା ପୋଲିସ ବୁଧବାର ପାଟ୍ରୋଲିଂ କରୁଥିବାବେଳେ ବିରିକୋଟ ଗ୍ରାମରେ ଲୋକେ ଜମା ହୋଇଥିବା ଦେଖି ସେଠାକୁ ଯାଇଥିଲା। ସେଠାରେ ଏକ ଜାରରେ ମହୁଲି ମଦ ଭର୍ତ୍ତି ହୋଇଥିବା ଦେଖି ପୋଲିସ ଜବତ କରିବାକୁ ଯିବାବେଳେ ମଦ ବ୍ୟବସାୟୀମାନେ ଆକ୍ରମଣ କରିଥିଲେ। ଏଥିରେ ଗାଡି ଭାଙ୍ଗିରୁଜି ଯିବା ସହ କେତେଜଣ କର୍ମଚାରୀ ଆହତ ହୋଇଥିଲେ। ଖବରପାଇ ଅଡବା ଥାନା ଭାରପ୍ରାପ୍ତ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଅଟକ କର୍ମଚାରୀଙ୍କୁ ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଗୁରୁବାର ସକାଳେ ମୋହନା ଓ ଅଡବା ପୋଲିସ ମିଳିତ ଚଢାଉ କରି ୬ ମହିଳାଙ୍କ ସମେତ ୨୭ ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୪୨୦ ଲିଟର ମହୁଲି ମଦ ଓ ପୋଚ ଜବତ କରି ନଷ୍ଟ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି।

## ୨ ସଂଖ୍ୟାଲଘୁ ଯୁବକଙ୍କୁ କ୍ୱାରାଣ୍ଟାଇନ୍ ପଠାଇଲା ପ୍ରଶାସନ

ପାଟପୁର,୧୬।୪

ପାଟପୁର ଥାନା ଅଞ୍ଚଳରେ ସନ୍ଦେହଜନକ ଭାବେ ବୁଲୁଥିବା ୨ ସଂଖ୍ୟାଲଘୁ ଯୁବକଙ୍କୁ ପାଟପୁର ପୋଲିସ ଧରି ପ୍ରଶାସନ ଜରିଆରେ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇଛି। ପାଟପୁର ଗ୍ରାମରେ ଜଣେ ବିହାର ଓ ଜଣେ ଯାଜପୁର ଜିଲାର ସଂଖ୍ୟାଲଘୁ ଯୁବକ ବେଡ଼ଶିଟ ଓ କପଡା ଧରି ବିକୁଥିବା ଖବର ପାଇ ପାଟପୁର ପୋଲିସ ଉଭୟଙ୍କୁ ଥାନାକୁ ଆଣି ଜେରା କରିଥିଲା। ପାଟପୁର ଥାନା ଅଧିକାରୀ ଅଜୟ କୁମାର ବାରିକ, ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାପିଡ୍ ରେଷ୍ପୋର ଟିମ୍ ଅନୁସନ୍ଧାନ ପରେ ତହସିଲଦାର ଅମିତ କୁମାର ନାୟକ, ବିଡ଼ିଓ ଗାୟତ୍ରୀଦତ୍ତ ନାୟକଙ୍କ ଜରିଆରେ ୧୪ ଦିନ କ୍ୱାରାଣ୍ଟାଇନରେ ପଠାଇଥିଲେ।

## ପୋଖରୀରେ ବୁଡ଼ି ମହିଳା ମୃତ

**ଭାପୁର,୧୬।୪(ଡ଼ି.ଏନ.ଏ.):** ଫତେଗଡ ଥାନା ବିଜିପୁର ପଞ୍ଚାୟତ ଦୁବପଲ୍ଲୀ ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ବିଧବାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ସ୍ୱର୍ଗତ ହରିହର ପଣ୍ଡାଙ୍କ ସ୍ତ୍ରୀ ନିର୍ମଳା(୬୪) ଗ୍ରାମ ନିକଟ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ବୁଡିଯାଇଥିଲେ। ସ୍ଥାନୀୟ ମହିଳାମାନେ ପୋଖରୀରେ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିସାରିଥିଲା। ନିର୍ମଳାଙ୍କ ସାନପୁଅଙ୍କ ମଧ୍ୟ ପୂର୍ବରୁ ପାଣିରେ ବୁଡି ମୃତ୍ୟୁ ଘଟିଛି। ଘଟଣା ପରେ ମୂକ, ବଧିର ଓ ମାନସିକ ବିକାରଗ୍ରସ୍ତ ବଡପୁଅ ଖଗଲ(୩୫) ବେସାହାରା ହୋଇପଡିଛନ୍ତି।

## ଶିକ୍ଷକ ସଂଘ ଦେଲା ୧.୩୫ଲକ୍ଷ

**ଯାଜପୁର ଟାଉନ,୧୬।୪(ଡିଏନଏ):** କରୋନା ମୁକାବିଲା ପାଇଁ ବିଞ୍ଝାରପୁର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ୩୫ହଜାର ୧ଶହଟଙ୍କା ପ୍ରଦାନ କରାଯାଇଛି। ଗୁରୁବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ମାଧ୍ୟମରେ ଏହି ଅର୍ଥର ଚେକ୍ ପ୍ରଦାନ କରାଯାଇଥିଲା। ଅର୍ଥ ପ୍ରଦାନ ସମୟରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସଂଘ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମଲିକ, ଅକ୍ଷୟ ସାମଲ, ବୈଦ୍ୟନାଥ ପରିଡ଼ା, ମନୋରଞ୍ଜନ ଧଳ ଉପସ୍ଥିତ ଥିଲେ।

## ତାମିଲନାଡୁରୁ ଫେରିଲା ଶ୍ରମିକଙ୍କ ମୃତଦେହ

**ନୟାଗଡ଼ ଅଫିସ,୧୬।୪:** ତାମିଲନାଡୁର କୋଏମ୍ବାଟୁରରେ ପ୍ରାଣ ହରାଇଥିବା ନୟାଗଡ ବ୍ଲକ ନୋତର ପଞ୍ଚାୟତ ବଉଳସାହିର ଶ୍ରମିକ ସଚ୍ଚିଦାନନ୍ଦ ପଢ଼ିଆରୀଙ୍କ ମୃତଦେହ ବୁଧବାର ରାତିରେ ଗାଁକୁ ଫେରିଛି। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ଅନ୍ୟପକ୍ଷେ ଯେଉଁ ୩ଜଣ ମୃତଦେହ ଆଣିବାକୁ ତାମିଲନାଡୁ ଯାଇଥିଲେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସଚ୍ଚିଦାନନ୍ଦଙ୍କ ସମେତ ୨୦ଜଣ ଓଡିଆ ଯୁବକ କିଛିମାସ ତଳେ କାମ କରିବାକୁ ତାମିଲନାଡୁ ଯାଇଥିଲେ। ପେଟରେ ଯନ୍ତ୍ରଣା କାରଣରୁ ଗତ ସୋମବାର ସଚ୍ଚିଦାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ପଠାଇବା ପାଇଁ ସେଠାକାର ଜିଲାପାଳଙ୍କୁ ନୟାଗଡ ଜିଲାପାଳ ପୋମା ଟୁଡୁ ଅନୁରୋଧ କରିଥିଲେ। ସଚ୍ଚିଦାନନ୍ଦଙ୍କ ଦୁଇ ଶିଶୁକନ୍ୟା ଅଛନ୍ତି।

## ୧୩୯ ଗାଡ଼ି ଚାଳକ ଗଣିଲେ ଜରିମାନା

**ନୟାଗଡ ଅଫିସ,୧୬।୪:** ଫସିଲେ ଅମାନିଆ ଗାଡି ଚାଳକ। ମାସ୍କ ନ ପିନ୍ଧିବା ଅଭିଯୋଗରେ ନୟାଗଡ଼ ସହରରେ ୧୩୯ ଗାଡି ଚାଳକଙ୍କଠାରୁ ୨୦୦ ଟଙ୍କା ଲେଖାଏ ୨୭ ହଜାର ୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ନୟାଗଡ ତହସିଲଦାର ଭିକାରୀ ଚରଣ ସାହୁ ଓ ନୟାଗଡ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ଉପସ୍ଥିତିରେ ଏହି ଜରିମାନା ଆଦାୟ ହୋଇଛି।

## ଆପତ୍ତିଜନକ ପୋଷ୍ଟ କରି ଯୁବକ ଗିରଫ

**କେନ୍ଦ୍ରାପଡା ଅଫିସ,୧୬।୪:** ସାମାଜିକ ଗଣମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ ସମ୍ପର୍କରେ ଆପତ୍ତିଜନକ ପୋଷ୍ଟ କରିବା ଅଭିଯୋଗରେ ଟାଉନ ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତ ଆଳିଜଙ୍ଗା ଗ୍ରାମର ଭକ୍ତିରଞ୍ଜନ ସାହୁ ଓରଫ ଲିଙ୍କନ। ତାଙ୍କ ନାମରେ ମାମଲା ନଂ-୫୭/୨୦ ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।

## ମଦ ଜବତ, ଜଣେ ଗିରଫ

**ଜଗତ୍‌ସିଂହପୁର ଅଫିସ,୧୬।୪:** ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସାଁପୁରରେ ଚଢାଉ କରାଯାଇ ୧୬.୮୯୦ ଲିଟର ଆଇଏମ୍‌ଏଫ୍‌ଏଲ୍ (ଇଣ୍ଡିଆ ମେଡ୍ ଫରେନ୍ ଲିକର) ଜବତ କରାଯାଇଛି। ଏଥିସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ସାଁପୁରର ଗଗନ ବେହେରା (ଟନିଆ)। ସେ ତାଙ୍କ ବାରିପଟେ ଏହି ବିଦେଶୀ ମଦ ରଖି ବିକ୍ରି କରୁଥିବା ବେଳେ ଧରା ପଡିଥିବା ଜିଲା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଅଙ୍ଗନୱାଡି କର୍ମୀଙ୍କୁ ମିଳିଲାନି ରାଶନ ସାମଗ୍ରୀ

**ଗଣିଆ,୧୬।୪(ଡି.ଏନ.ଏ.):** ବର୍ତ୍ତମାନ ଯେଭଳି କେହି ଉପବାସରେ ନ ରହିବେ ସେଥିପାଇଁ ଲୋକଙ୍କୁ ଏପ୍ରିଲ, ମେ ଓ ଜୁନ୍ ୩ମାସର ରାଶନ ସାମଗ୍ରୀ ଅଗ୍ରିମ ଭାବେ ଯୋଗାଇ ଦିଆଯାଉଛି। ହେଲେ କରୋନା ଯୋଦ୍ଧା ଭାବେ ଗ୍ରାମାଞ୍ଚଳରେ କାମ କରୁଥିବା ନୟାଗଡ ଜିଲା ଗଣିଆ ବ୍ଲକର ୨୪ଜଣ ଅଙ୍ଗନୱାଡି କର୍ମୀ ଓ ସହାୟିକା ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ତରଫରୁ ସଭାନେତ୍ରୀ ମମତା ରଣା ଓ ସମ୍ପାଦିକା ସୁଷମା ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ଗଣିଆ ବିଡିଓ, ବ୍ଲକ ଯୋଗାଣ ଅଧିକାରୀ, ସିଡିପିଓ ଓ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ବ୍ଲକ ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ନାହାକଙ୍କୁ ପଚାରିବାରୁ ସେ କହିଥିଲେ, ଆଧାର ଲିଙ୍କ୍ ନ ଥିବାରୁ ରାଶନ ସାମଗ୍ରୀ ମିଳିପାରିନାହିଁ। ଆଲଟମେଣ୍ଟ ରିଲିଜ ପରେ ଆସନ୍ତା ୪ଦିନ ମଧ୍ୟରେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ସାମଗ୍ରୀ ମିଳିବ। ଫଟୋ: ସଂଘ ସଭାନେତ୍ରୀ ବିଡିଓଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

## ସାଇକେଲରେ ବୁଲି ସଚେତନ

**ଚଣ୍ଡିଖୋଲ,୧୬।୪(ଡି.ଏନ.ଏ):** ବାଲିଚନ୍ଦ୍ରପୁର କରୋନା ସଚେତନତା ଶିବିର ପକ୍ଷରୁ ସ୍ୱେଚ୍ଛାସେବୀମାନେ ସାଇକେଲରେ ଚାରି ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବା ସମ୍ପର୍କରେ ସଚେତନ କରାଇଥିଲେ। ବାଲିଚନ୍ଦ୍ରପୁର କରୋନା ସଚେତନତା ଶିବିରର କର୍ମକର୍ତ୍ତାଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନାଧିକାରୀ ସୁକାନ୍ତ ପାତ୍ର ଯୋଗଦେଇ ସାଇକେଲରେ ବୁଲି ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଚନ୍ଦ୍ରପୁର ସରପଞ୍ଚ ଫନିନ୍ଦ୍ର ନାଥ ପଣ୍ଡା, ସମିତିସଭ୍ୟ ଅମୀୟ ବିଶ୍ୱାଳ, ଶ୍ୟାମସୁନ୍ଦର ବଜାର କମିଟି ସମ୍ପାଦକ ପ୍ରଦୀପ୍ତ ପୃଷ୍ଟି, ବୀରେନ୍ଦ୍ର ନାୟକ, ବିଭୁ ପ୍ରସାଦ ପୃଷ୍ଟି, ମାନସ ଦେଓଙ୍କ ସମେତ ସ୍ୱେଚ୍ଛାସେବୀମାନେ ବାଲିଚନ୍ଦ୍ରପୁରଠାରୁ ସାଇକେଲରେ ପତରାଜପୁର, ନଳୀପୁର ଓ ଚାରିନଙ୍ଗଳ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ।

# ୧୦ ଜଣଙ୍କ ନାମରେ ମାମଲା

### କରୋନା ସହାୟତା ବାଣ୍ଟିବାବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଟକ

**ବାଲିକୁଦା,୧୬।୪(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟକୁ ନିର୍ମାଣ ଶ୍ରମିକଙ୍କୁ କରୋନା ସହାୟତା ରାଶି ବାଣ୍ଟିବାକୁ ଯାଇ ହଟହଟା ହୋଇଛନ୍ତି। ତାଙ୍କୁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଆର୍ତ୍ତବନ୍ଧୁ ବିଶ୍ୱାଳଙ୍କ ସମେତ ୧୦ ଜଣ ଲୋକ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାରେ ବାଲିକୁଦା ଥାନାରେ ୮୪/୨୦ରେ ମାମଲା ରୁଜୁ ହୋଇଛି।

ସୂଚନା ଅନୁସାରେ, ଇଚ୍ଛାପୁର ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ ବେଉରା ନିର୍ମାଣ ଶ୍ରମିକଙ୍କୁ କରୋନା ସହାୟତା ରାଶି ପଞ୍ଚାୟତ କାର୍ଯ୍ୟାଳୟରେ ବାଣ୍ଟୁଥିଲେ। ଏହି ସମୟରେ ପଞ୍ଚାୟତର କେତେଜଣ ଲୋକ ଆସି ଆମକୁ ୩ମାସର ରାଶନ ସାମଗ୍ରୀ କାହିଁ ଦିଆ ଯାଇନାହିଁ ବୋଲି ଯୁକ୍ତି କରିଥିଲେ। କାରଣ ଇଚ୍ଛାପୁର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ବରୁ ରାଶନ ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିଲେ। ମାର୍ଚ୍ଚ ମାସଠାରୁ ଆଉ ସାମଗ୍ରୀ ଉଠାଉ ନାହାନ୍ତି। ପଞ୍ଚାୟତ ଉଠାଉଥିବା ରାଶନ ସାମଗ୍ରୀ ପାଖରେ ଥିବା ଡିଲରଙ୍କୁ ବାଣ୍ଟିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ କେତେଜଣ ଲୋକ ସମ୍ପୃକ୍ତ ଡିଲରଙ୍କଠାରୁ ସାମଗ୍ରୀ ଆଣିବା ପାଇଁ ଚାହୁ ନାହାନ୍ତି। ସେମାନେ ପଞ୍ଚାୟତ କାର୍ଯ୍ୟାଳୟରୁ ନେବାକୁ ଜିଦ୍ କରିଥିଲେ। ମାତ୍ର ଏହା ଅସମ୍ଭବ ବୋଲି ନିର୍ବାହୀ ଅଧିକାରୀ କହିଥିଲେ। ଯେଉଁଥିରେ ଲୋକମାନେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ବାହାରପଟୁ ତାଲା ପକାଇ ଦେଇଥିଲେ। ତାଲା ପକାଇବା ସମୟରେ ପୂର୍ବତନ ସମିତିସଭ୍ୟ ପାଖରେ ଥିଲେ। ତାଙ୍କ ନେତୃତ୍ୱରେ ଏହା ହୋଇଛି ବୋଲି ନିର୍ବାହୀ ଅଧିକାରୀ ବାଲିକୁଦା ବିଡିଓଙ୍କୁ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ବିଡିଓ କଲ୍ୟାଣ ସୌରଭ ଦାସ ବାଲିକୁଦା ଥାନା ଆଇଆଇସିଙ୍କୁ ପଠାଇଥିଲେ।

## କୋଭିଡ୍ ହସ୍ପିଟାଲ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ



ଜିଲାପାଳ କୋଭିଡ୍ ହସ୍ପିଟାଲ ବୁଲି ଦେଖୁଛନ୍ତି।

**ଖଣ୍ଡପଡା,୧୬।୪(ସ୍ୱ.ପ୍ର.)**

ଗୁରୁବାର ଖଣ୍ଡପଡା ସହରରେ ନୂତନ କରି କାର୍ଯ୍ୟାରମ୍ଭ କରିଥିବା ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ସ୍ଥିତି ଅନୁଧ୍ୟାନ କରିଛନ୍ତି ନୟାଗଡ ଜିଲାପାଳ ଡା. ପୋମା ଟୁଡୁ। ଜିଲାପାଳଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଶ୍ୱେତ କୁମାର ମହାପାତ୍ର, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ବରିଷ୍ଠ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ହସ୍ପିଟାଲରେ ଶେଷ ହୋଇଥିବା ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସମ୍ପର୍କରେ ଖଣ୍ଡପଡା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ହସ୍ପିଟାଲର ଆଇସୋଲେଶନ ୱାର୍ଡଠାରୁ ଆରମ୍ଭ କରି ସମସ୍ତ କକ୍ଷ ପରିଦର୍ଶନ କରିଥିଲେ।

# ଜୀବନ ସଂଗ୍ରାମରେ ଅସହାୟ ବୃଦ୍ଧା

- ରାଶନ ସାମଗ୍ରୀ ମିଳୁନାହିଁ
- ଦେବଦୂତ ସାଜିଛନ୍ତି ମହେଶ

**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ, ୧୬।୪**



ନିରୁପମା ସ୍ୱାଇଁ

<No intersecting link>

କରୋନା ସଂକ୍ରମଣକୁ ଭୟନାହିଁ। ପ୍ରତି ମୁହୂର୍ତ୍ତରେ ଚାଲିଛି ଜୀବନ ଆଉ ମୃତ୍ୟୁ ମଧ୍ୟରେ ସଂଘର୍ଷ। କରୋନା ପାଇଁ ଗରିବ, ଅସହାୟଙ୍କୁ ମାଗଣା ରନ୍ଧା ଓ ଶୁଖିଲା ଆଦି ଖାଦ୍ୟ ଦିଆଯାଉଥିବା ପ୍ରଚାର ଓ ପ୍ରସାର ହେଉଛି। କିନ୍ତୁ ଭୋକିଲା ଭୋକରେ ଛଟପଟ ହେଉଛି। ଯାହାର ଜ୍ୱଳନ୍ତ ପ୍ରମାଣ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱ ଏକ ବିଲ୍ଡିଂ ବାରଣ୍ଡାରେ ଜଣେ ୭୦ ବର୍ଷୀୟା ଅସହାୟ ବୃଦ୍ଧା ଯେଉଁଭଳି ଦୟନୀୟ ଭାବରେ ଦିନ କାଟୁଛନ୍ତି ତାହା ନ ଦେଖିଲେ ବିଶ୍ୱାସ ହେବନି। କେବଳ ଏତିକି ନୁହେଁ, ତାଙ୍କ ଅଧିକାରକୁ ଛଡାଇ ନିଆଯାଉଛି। ସୌଭାଗ୍ୟ ନିକଟସ୍ଥ ଜଣେ ବ୍ୟକ୍ତି ଦେବଦୂତ ସାଜି ବୃଦ୍ଧାଙ୍କ ମୁହଁରେ ଆହାର ଦେଇ ବଞ୍ଚାଇ ରଖିଛନ୍ତି। ହେଲେ ପ୍ରଶାସନ ତାଙ୍କ ନିକଟରେ ପହଞ୍ଚି ପାରୁନାହିଁ।

ସେ ହେଲେ ମୁଦୁପୁର ଗାଁର ନିରୁପମା ସ୍ୱାଇଁ (ବୁଲି)। ସ୍ୱାମୀଙ୍କ ମୃତ୍ୟୁ ଓ ଝିଅର ବାହାଘର ପରେ ସେ ଏକୁଟିଆ ହୋଇ ଯାଇଥିଲେ। ମୁଣ୍ଡ ଗୁଞ୍ଜିବାକୁ ଘର ନ ଥିବାରୁ ମୁଦୁପୁର ପଞ୍ଚାୟତ ପାର୍ଶ୍ୱ ଇଣ୍ଡୋ ଫର୍ଟିଲାଇଜର କର୍ପୋରେଶନ୍ ଦ୍ୱାରା ଅତୀତରେ ବ୍ୟବହୃତ ବିଲ୍ଡିଂର ବାରଣ୍ଡାରେ କାଳାତିପାତ କରୁଛନ୍ତି। ୩ ମାସ ହେବ ସେ ଆଉ ସଳଖ ହୋଇ ଚାଲିପାରୁ ନାହାନ୍ତି। ଆହାର ବିନା ବୃଦ୍ଧା ଛଟଛଟ ହେଉଥିବା ଦେଖି ମହେଶ ନାୟକ ନାମକ ବ୍ୟକ୍ତି ପ୍ରତ୍ୟହ କିଛି ଖାଦ୍ୟ ଆଣି ଦେଉଛନ୍ତି। ନିରୁପମାଙ୍କ ନାମରେ ରାଶନ କାର୍ଡ ହୋଇଛି। ଏବେ ସରକାର ରାଶନକାର୍ଡ ହିତାଧିକାରୀ ପରିବାରକୁ ଜଣକା ୫ କିଲୋ ହିସାବରେ ଚାଉଳ ଓ ୧ ହଜାର ଟଙ୍କା ଦେବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏଯାଏ ତାଙ୍କୁ ଏହି ସହାୟତା ମିଳି ପାରିନାହିଁ। ସେହିପରି ଯେହେତୁ ଏବେ କାମଧନ୍ଦା ନାହିଁ ତେଣୁ ଶ୍ରମିକ ଆଦିଙ୍କୁ ପଞ୍ଚାୟତ ତରଫରୁ ମାଗଣା ରନ୍ଧା ଓ ଶୁଖିଲା ଆଦି ଖାଦ୍ୟ ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ମାତ୍ର ସରକାରଙ୍କ ଏହି ନିର୍ଦ୍ଦେଶ ପାଣିର ଗାର ହୋଇଛି। ନିରୂପମାଙ୍କ ଭଳି ଅନେକ ଅସହାୟ ଦୁର୍ଦ୍ଦିନରେ ଦିନ କାଟୁଥିଲେ ସୁଦ୍ଧା ସେମାନଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ଅନ୍ୟପଟେ ଛତିଶଗଡ଼ରୁ ୨ ଯୋଡ଼ା ଦମ୍ପତି ଇଟା ଭାଟିରେ କାମ କରିବାକୁ ୩/୪ ମାସ ପୂର୍ବରୁ ଆସି ମୁଦୁପୁରରେ ରହିଛନ୍ତି। ହେଲେ ସେମାନଙ୍କୁ ମାଗଣା ଖାଦ୍ୟ ଯୋଗାଯାଉନାହିଁ। ଏ ସମ୍ପର୍କରେ ମୁଦୁପୁର ସରପଞ୍ଚ ସୁବାସ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ତାଙ୍କୁ ରାଶନ ଚାଉଳ ଓ ଟଙ୍କା ତୁରନ୍ତ ଦିଆଯିବା ବ୍ୟବସ୍ଥା ହେବ। ନିରୁପମାଙ୍କ ବ୍ୟତୀତ ପଞ୍ଚାୟତରେ ସେଭଳି କେହି ଲୋକ ନାହାନ୍ତି ଯେଉଁମାନଙ୍କୁ ମାଗଣା ଖାଦ୍ୟ ଦିଆଯିବା ଆବଶ୍ୟକ। ତେଣୁ ପଞ୍ଚାୟତ ତରଫରୁ ରନ୍ଧା କିମ୍ବା ଶୁଖିଲା ଖାଦ୍ୟ ଦିଆଯିବା ବ୍ୟବସ୍ଥା କରାଯାଇନାହିଁ। ପଞ୍ଚାୟତରେ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଥିଲେ ସୁଦ୍ଧା ସେଠାରେ ଅଦ୍ୟାବଧି କେହି ରହିନାହାନ୍ତି।

## ରକ୍ତଦାନ ପାଇଁ ଆଗେଇ ଆସିଲେ ରଘୁନାଥପୁରବାସୀ

**ରଘୁନାଥପୁର, ୧୬।୪(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରଘୁନାଥପୁର ପଞ୍ଚାୟତର ଅଯୋଧ୍ୟାପୁର ହନୁମାନ ମନ୍ଦିର ପରିସରରେ ଏକ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସଙ୍କ ଆହ୍ୱାନ ଏବଂ ସ୍ଥାନୀୟ ସରପଞ୍ଚ ପ୍ରମୋଦ ଜେନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରଘୁନାଥପୁରବାସୀ ଲକ୍‌ଡାଉନ୍‌କୁ ନ ଡରି ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। ଜଗତ୍‌ସିଂହପୁର ରକ୍ତଭଣ୍ଡାର ପକ୍ଷରୁ ଡ.ପଙ୍କଜିନୀ ବେହେରାଙ୍କ ନେତୃତ୍ୱରେ ୫ ଜଣିଆ ଟିମ ଏଥିରେ ନିୟୋଜିତ ଥିଲେ। ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ସରୋଜକାନ୍ତ ସ୍ୱାଇଁ, ସରପଞ୍ଚ ସରୋଜ ଦାସ ଓ ସ୍ଥାନୀୟ ଜୟ ହନୁମାନ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ। ରକ୍ତଦାନ ପାଇଁ ବହୁ ବ୍ୟକ୍ତି ଇଚ୍ଛୁକ ଥିଲେ ସୁଦ୍ଧା, ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ମାତ୍ର ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜୀବନ ବିନ୍ଦୁର ଜିଲା ସଂଯୋଜକ ମଧୁସୂଦନ ସାହୁ କାର୍ଯ୍ୟକ୍ରମ ତଦାରଖ କରିଥିବାବେଳେ ଆଗାମୀ ଦିନରେ ସମସ୍ତ ପଞ୍ଚାୟତରେ ରକ୍ତ ସଂଗ୍ରହ କରାଯିବ ବୋଲି ପ୍ରକାଶ କରିଥିଲେ।

## ଚାଲି ଚାଲି ଘରକୁ ଫେରି ଯାଉଥିଲେ ଶ୍ରମିକ, ଥଇଥାନ କଲା ପ୍ରଶାସନ

**ରତ୍ନଗିରି,୧୬।୪(ଡି.ଏନ.ଏ):** କେନ୍ଦ୍ରାପଡ଼ା ଜିଲା ଅଧୀନ ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ମୟୂରଭଞ୍ଜ ଜିଲାର ୨୦ଜଣ ଶ୍ରମିକ ନିଜ ପରିବାରକୁ ନେଇ ଚାଲିଚାଲି ନିଜ ଭିଟାମାଟିକୁ ଫେରିଯାଉଥିବା ଖବରପାଇ ବରୀ ପ୍ରଶାସନ ସେମାନଙ୍କୁ ଅଟକାଇ ଥଇଥାନ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଲକଡାଉନ ଯୋଗୁ କାମଧନ୍ଦା ଅଭାବରୁ ଖାଇବାକୁ ନ ପାଇ ଏହି ଶ୍ରମିକଙ୍କ ସହିତ ୫ଜଣ କୋମଳମତି ଶିଶୁ ଭୋକ ଉପାସରେ ରହିବା ପରେ ନିଜ ଗାଁକୁ ଫେରିଯିବା ପାଇଁ ଉଦ୍ୟମ କରିଥିଲେ। ଦୀର୍ଘ ୩୫ କି.ମି. ଅତିକ୍ରମ କରି ବରୀରେ ପହଞ୍ଚିବା ପରେ ଯୁବ ସାମାଜିକ କର୍ମୀ ନରହରି ପରିଡା ସେମାନଙ୍କୁ ବିସ୍କୁଟ,ପାନୀୟ ଜଳ ଓ ମାସ୍କ ଦେଇଥିଲେ। ଏହାପରେ ଅରଙ୍ଗାବାଦ ପଞ୍ଚାୟତର ମାତୃମଙ୍ଗଳ ସେବା କେନ୍ଦ୍ର ନିକଟରେ ବରୀ ତହସିଲଦାର ସରୋଜକାନ୍ତ ନାୟକ, ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ର ଓ ଭାରପ୍ରାପ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶାଶ୍ୱତ ଜେନା ପହଞ୍ଚି ସେମାନଙ୍କୁ ସ୍ଥାନୀୟ ଅରଙ୍ଗାବଦ ଗ୍ରାମ କଣ୍ଟପୋଇ ପ୍ରାଥମିକ ବିଦ୍ୟାଳୟ ଓ କଣିବାଙ୍କ ପ୍ରାଥମିକ ବିଦ୍ୟାଳୟରେ ରଖାଇଛନ୍ତି। ସରପଞ୍ଚଙ୍କୁ ଖାଦ୍ୟପେୟ ନିୟମିତ ଦେବାପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି ବୋଲି ତହସିଲଦାର ନାୟକ କହିଛନ୍ତି।

# ଶ୍ରମିକଙ୍କୁ ଦରମା ନ ଦେଲେ ଆନ୍ଦୋଳନ ଚେତାବନୀ

### ଶିଳ୍ପାଞ୍ଚଳରେ ଶ୍ରମିକ, କର୍ମଚାରୀଙ୍କୁ ଉପେକ୍ଷା

**ଯାଜପୁର ଅଫିସ,୧୬।୪**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ କେତେକ କାରଖାନାର ମାଲିକ ଶ୍ରମିକ ଓ କର୍ମଚାରୀଙ୍କୁ ଦରମା ପ୍ରଦାନରେ ଅବହେଳା ବିରୋଧରେ ସ୍ୱର ଉଠାଇଛି ନୀଳାଚଳ ମିଳିତ ମଞ୍ଚ। ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ଦଳ ଯାଜପୁର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଶ୍ରମିକମାନଙ୍କୁ ଦରମା ପ୍ରଦାନ ନ କଲେ ସମ୍ପୃକ୍ତ କାରଖାନାଗୁଡିକ ଘେରାଓ କରାଯିବା ସହ ଗଚ୍ଛିତ ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରାଇ ଦିଆଯିବ ନାହିଁ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ଲକ୍‌ଡାଉନ ଜାରି ରହିଥିବାବେଳେ କଳିଙ୍ଗନଗର ୩ଟି କାରଖାନା ଆଂଶିକ ଚାଲିଛି। ଅନ୍ୟ କାରଖାନାଗୁଡିକ ବନ୍ଦ ରହିଛି। କର୍ମଚାରୀମାନେ ଦରମା ନପାଇ ଅଭାବ ଅନଟନରେ ଦିନ କାଟୁଛନ୍ତି। ଛଟେଇ ନ କରିବା ଏବଂ ଦରମା ନ କାଟିବାକୁ ଶ୍ରମ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ମନୁନାହାନ୍ତି। ମଞ୍ଚର ଆବାହକ ଶ୍ରମିକନେତା ରଞ୍ଜନ ନାୟକ ଏ ଦିଗରେ ଦୃଢ ହସ୍ତକ୍ଷେପ ପାଇଁ ଯାଜପୁର ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତକୁ କୋଇଲା ନ ମିଳିବା କାରଣ ଦର୍ଶାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦିଆଯାଇଛି। ଏହାଦ୍ୱାରା ପ୍ରାୟ ୧୦୦୦ କୋଟି ଟଙ୍କାର କ୍ଷତି କରାଯିବା ସହ ଦରମା ନ ଦେବା ପାଇଁ ଷଡ଼ଯନ୍ତ୍ର କରାଯାଇଛି। ମଞ୍ଚ ତରଫରୁ କର୍ମଚାରୀଙ୍କ ୨ ମାସର ବକେୟା ଦରମା ପ୍ରଦାନ ସହିତ ଅନିୟମିତତାର ତଦନ୍ତ ପାଇଁ ଦାବି କରାଯାଇଛି। ସେହିପରି ମଞ୍ଚ ଅଭିଯୋଗ କରିଛି ଯେ, କମ୍ପାନୀ ମାଲିକମାନଙ୍କ ଲାଭଖୋର ମନୋଭାବ ଆଗରେ ସତେ ଯେପରି ଶ୍ରମ ବିଭାଗ ହାତ ଟେକିଦେଇଛି। ଶ୍ରମ ଆଇନର ଯେତେ ଉଲ୍ଲଂଘନ ମଧ୍ୟ ବିଭାଗ ଆଖିବୁଜି ଦେଉଛି। ଏଥିଯୋଗୁ ସାଧାରଣ ଶ୍ରମିକଙ୍କ ସ୍ୱାର୍ଥ ବଳି ପଡ଼ିବାରେ ଲାଗିଛି। ଏକକାଳୀନ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟ କଲେ ବି ଓଭରଟାଇମ୍ ଡ୍ୟୁଟି ପାଇଁ ଆଇନ ଅନୁଯାୟୀ ଅତିରିକ୍ତ ମଜୁରି ପ୍ରଦାନ ନ କରିବା, କୌଣସି ପ୍ରକାର ସୁରକ୍ଷା ସାମଗ୍ରୀ ନ ଯୋଗାଇବା ଏବଂ ସ୍ଥାୟୀ ଭିତ୍ତିକ କାର୍ଯ୍ୟରେ ନିୟୋଜିତ ଥାଇ ବି ଚାକିରିର ସ୍ଥାୟିତ୍ୱ ନ ରହିବା ଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଜିଲାରେ ଶ୍ରମିକ ସ୍ୱାର୍ଥ ଯେଭଳି ଉପେକ୍ଷିତ ନ ହେବ ସେ ନେଇ ମଞ୍ଚ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ବ୍ୟାଙ୍କରେ ସାମାଜିକ ଦୂରତା ପାଇଁ ନାହିଁ କଟକଣା



ବ୍ୟାଙ୍କ ଆଗରେ ଗ୍ରାହକଙ୍କ ଲମ୍ବା ଧାଡ଼ି।

**ଗଣିଆ,୧୬।୪(ଡି.ଏନ.ଏ.):** ଲକ୍‌ଡାଉନ ସମୟରେ ଲୋକଙ୍କୁ ୩ମାସ ପର୍ଯ୍ୟନ୍ତ ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏହି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ ମାସର କିସ୍ତି ବାବଦକୁ ଆସିଥିବା ଅର୍ଥ ଉଠାଣ ପାଇଁ ବ୍ୟାଙ୍କଗୁଡିକରେ ଗହଳି ଦେଖିବାକୁ ମିଳିଛି। ଟଙ୍କା ଉଠାଣ ପାଇଁ ଗୁରୁବାର ଗଣିଆସ୍ଥିତ ଇଣ୍ଡିଆନ ବ୍ୟାଙ୍କ ବେଲପଡାପାଟଣା ଶାଖାରେ ଲୋକଙ୍କ ଭିଡ ହୋଇଥିଲା। ସମାଜିକ ଦୂରତାକୁ ଭୁଲି ବହୁ ମହିଳା ହିତାଧିକାରୀ ଧାଡିରେ ଠିଆହୋଇଥିବା ଦେଖାଯାଇଥିଲା।

## ନେତାଙ୍କ ଜରିଆରେ କରୋନା ସହାୟତା ଅର୍ଥ ବଣ୍ଟନ

**ଯାଜପୁର ଅଫିସ,୧୬।୪:** କରୋନା ମୁକାବିଲା ସହ ବିଭିନ୍ନ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଅଧୀନରେ ଚାଉଳ, ଅସହାୟମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ସେହିପରି ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ, ନିର୍ମାଣ ଶ୍ରମିକମାନଙ୍କୁ ଯଥାକ୍ରମେ ୧୦୦ ଓ ୧୫୦୦ ଟଙ୍କାର ନଗଦ ଅର୍ଥପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ହିତାଧିକାରୀମାନଙ୍କୁ ନିଜର ରାଜନୈତିକ ଫାଇଦା ହାସଲ ପାଇଁ କେତେଜଣ ରାଜନେତା ନଗଦ ଟଙ୍କା ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ସହକାରୀ ଯୋଗାଣ ଅଧିକାରୀ(ଏସିଏସ୍‌ଓ) ପ୍ରହ୍ଲାଦ ସେଠୀ ଓ ଯାଜପୁର ଟାଉନ ଯୋଗାଣ ନିରୀକ୍ଷକ(ଏମ୍‌ଆଇ) କେ. ଆକସ୍ମିକା ରାଉତରାୟଙ୍କ ସମେତ ଜଣେ ଶିକ୍ଷକ ମହେନ୍ଦ୍ର ଜେନାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। କେତେଜଣ ଅଧିକାରୀ ଓ କର୍ମଚାରୀ ରାଜନୈତିକ ପୃଷ୍ଠପୋଷକତା ହାସଲ କରିବା ପାଇଁ ନେତାମାନଙ୍କ ମାଧ୍ୟମରେ ଏହି ସରକାରୀ ଅର୍ଥ ବଣ୍ଟନ କରୁଛନ୍ତି। ଏହି ଘଟଣାକୁ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରିଛନ୍ତି। ଜିଲାପାଳ ଦାସ କହିଛନ୍ତି, ସରକାରୀ ଅଧିକାରୀ ବା କର୍ମଚାରୀ ହିଁ ଏହି ଅର୍ଥ ବଣ୍ଟନ କରିବେ। ଏହି କାର୍ଯ୍ୟରେ ଜଡ଼ିତ ଯେକୌଣସି ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପଣସା ପଞ୍ଚାୟତର ବିନ୍ଧାଣ ଗ୍ରାମରେ ହିତାଧିକାରୀଙ୍କୁ ଜଣେ ଶିକ୍ଷକ ଜେନା ନେତାଙ୍କ ହାତରେ ଟଙ୍କା ବାଣ୍ଟିଥିବା ଜଣାପଡ଼ିଥିଲା। ଏହାପରେ ତୁରନ୍ତ ଶିକ୍ଷକ ଜେନାଙ୍କୁ ଅର୍ଥ ବଣ୍ଟନ ପ୍ରକ୍ରିୟାରୁ ଅବ୍ୟାହତି ଦିଆଯିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ତାଙ୍କର ପରବର୍ତ୍ତୀ କାର୍ଯ୍ୟସ୍ଥଳ ସାନତ୍ରିଲୋଚନପୁର ଗ୍ରାମ କଣ୍ଟେନମେଣ୍ଟ ଜୋନର ସୁପରଭାଇଜର ହିସାବରେ ଯାଜପୁର ବିଡିଓ ଧାର୍ଯ୍ୟ କରିଛନ୍ତି। ସେହିପରି ଯାଜପୁର ସହକାରୀ ଯୋଗାଣ ଅଧିକାରୀ ପ୍ରହ୍ଲାଦ ସେଠୀ ଓ ଯାଜପୁର ଟାଉନ ଯୋଗାଣ ନିରୀକ୍ଷକ କେ. ଆକସ୍ମିକା ରାଉତରାୟଙ୍କୁ ମଧ୍ୟ ଅନୁରୂପ କାର୍ଯ୍ୟ ପାଇଁ ଜିଲାପାଳ ଦାସ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅପରପକ୍ଷରେ ଜିଲାର ଅନ୍ୟ କୌଣସି ସ୍ଥାନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ ସେଥିପାଇଁ ଜିଲାପାଳ ଦାସ ସମସ୍ତଙ୍କୁ ସତର୍କ କରାଇ ଦେଇଛନ୍ତି।

# ଦୁଃଖ ଦୂର କଲା କରୋନା

- ୫ବର୍ଷ ଧରି ରାଶନ କାର୍ଡରୁ ବଞ୍ଚିତ କବିତାଙ୍କ ପରିବାର
- ଭୋକ ଉପାସରେ ଥିଲେ ୭ ସଦସ୍ୟ
- ୧୫ ମିନିଟରେ ହେଲା ରାଶନ ବ୍ୟବସ୍ଥା

**ରସୁଲପୁର, ୧୬।୪(ଡିଏନଏ)**


ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି।

କରୋନା ଅନେକଙ୍କ ପାଇଁ ଅଭିଶାପ ପାଲଟିଥିବାବେଳେ ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତର କବିତା ଦଳେଇଙ୍କ ପରିବାରର ଦୁଃଖ ଦୂର କରିଛି କରୋନା। ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳକୁ ପ୍ରଶାସନ ଘନଘନ ଗସ୍ତ କରି ସ୍ଥିତି ପରଖୁଛି। ଗୁରୁବାର ଏହି ଅଞ୍ଚଳ ନିକଟସ୍ଥ ବନ୍ଧଡିହ ପଞ୍ଚାୟତକୁ ପ୍ରଶାସନ ଯାଇଥିବାବେଳେ ସେଠାରେ ଦୀର୍ଘ ୫ ବର୍ଷ ଧରି ରାଶନ କାର୍ଡରୁ ବଞ୍ଚିତ ହୋଇ ଦୁଃଖରେ ଦିନ କାଟୁଥିବା କବିତାଙ୍କୁ ମାତ୍ର ୧୫ ମିନିଟରେ ମିଳିଛି ନ୍ୟାୟ। କବିତାଙ୍କ ପରିବାରର ଜଣେ ଶିଶୁକୁ ଛାଡିଦେଲେ ଅନ୍ୟ ୬ ସାବାଳକଙ୍କ ମୁଣ୍ଡପିଛା ୫କିଲୋ ଚାଉଳ ହିସାବରେ ମାସକୁ ୩୦ କେ.ଜି ହାରରେ ୩ମାସର ୯୦କେଜି ଚାଉଳ ପ୍ରଦାନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ରାଶନ କାର୍ଡଧାରୀଙ୍କୁ ୧୦୦୦ ଟଙ୍କା ପ୍ରଦାନ ଯୋଜନାରେ ଏହି ପରିବାରକୁ ସାମିଲ କରାଯାଇଛି। ଗୁରୁବାର ଏହି ଅଞ୍ଚଳକୁ ପରିଦର୍ଶନରେ ଆସିଥିବା ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଯୋଗାଣ ଅଧିକାରିଣୀ ଟୁନାରାଣୀ ସାହୁଙ୍କ ନଜରକୁ କବିତା ଆସିବା ପରେ ଏଭଳି ତ୍ୱରିତ ପଦକ୍ଷେପ ନିଆଯାଇଛି। ଏହି ଘଟଣା ପରେ କରୋନା କବିତାଙ୍କ ପରିବାର ପାଇଁ ଆଶୀର୍ବାଦ ପାଲଟିଛି ବୋଲି ଚର୍ଚ୍ଚା ହେଉଛି। ସୂଚନା ଯେ, କବିତାଙ୍କ ପରିବାରରେ ୨ପୁଅ, ୩ ଝିଅ, ସ୍ୱାମୀଙ୍କ ସମେତ ମୋଟ ୭ଜଣ ଥିବାବେଳେ ତାଙ୍କର ଜଣେ ପୁଅ ଶତପ୍ରତିଶତ ଦିବ୍ୟାଙ୍ଗ। ସ୍ୱାମୀ ଜଣେ ଦିନମଜୁରିଆ। କରୋନା ପରେ କାମଧନ୍ଦା ନ ମିଳିବାରୁ ୭ପ୍ରାଣୀ କୁଟୁମ୍ବ ଚଳାଇବା ବଡ଼ କଷ୍ଟକର ହୋଇପଡିଛି। ସମସ୍ତ ଯୋଗ୍ୟତା ଥାଇ ବି ଏହି ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ନ ଥିଲା। ଏହି ଯୋଜନାରେ ସାମିଲ ହେବା ପାଇଁ ସେ ୫ବର୍ଷ ତଳୁ ପ୍ରୟାସ କରିଆସୁଥିଲେ ହେଁ ତାଙ୍କୁ ନ୍ୟାୟ ମିଳିପାରି ନ ଥିଲା। ତେବେ ପ୍ରଶାସନିକ ଅଧିକାରୀଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

**୪୦ ହଜାର ଜରିମାନା ଆଦାୟ**

କଣିହାଁ,୧୬।୪(ଡି.ଏନ.ଏ.)- କଣିହାଁ ବ୍ଲକ ରୁଟୁଭୂଇଁ ଓ ଏକଘରିଆ ଅଞ୍ଚଳରୁ ବେଆଇନ ବାଲି ଚାଲାଣ କରୁଥିବା ୨ଟି ଟ୍ରାକ୍ଟରରୁ ତହସିଲଦାର ରବୀନ୍ଦ୍ର କୁମାର ସାମଲ ୪୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏନ୍‌ଟିପିସି ଟାଉନ୍ ଥାନା ପୋଲିସ ଟ୍ରାକ୍ଟର ଅଟକ ରଖିଥିଲା।

# ପୋଲିସଙ୍କୁ ଛତା, ଅସହାୟଙ୍କୁ ଖାଦ୍ୟ

**ଅନୁଗୋଳ ଅଫିସ, ୧୬।୪**

କରୋନା ମହାମାରୀ ସଂକ୍ରମଣ ଭୟ ଓ ଲକ୍ ଡାଉନ୍ ଯୋଗୁ ଅନୁଗୋଳ ଜିଲାରେ ବହୁ ଗରିବ, ଅସହାୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନଜରରେ ରଖି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କମ୍ପାନୀ କର୍ତ୍ତୃପକ୍ଷ ସହାୟତା ପାଇଁ ଆଗେଇ ଆସୁଛନ୍ତି। ଦିନରାତି ରାସ୍ତାରେ ଠିଆ ହେଉଥିବା ପୋଲିସ କର୍ମଚାରୀଙ୍କୁ ଅନୁଗୋଳ ଲକ୍ଷ୍ମୀ ଗ୍ରୁପ୍ ଅଫ୍ କମ୍ପାନୀର ଚେୟାରମ୍ୟାନ ରମେଶ ଅଗ୍ରୱାଲ ଗୁରୁବାର ଛତା ପ୍ରଦାନ କରିଛନ୍ତି। ଅନୁଗୋଳର ପ୍ରତ୍ୟେକ ଥାନାକୁ ୨ଟି ଓ ଫାଣ୍ଡିକୁ ଗୋଟିଏ ଲେଖାଏ ଛତା ଦାନ କରିଛନ୍ତି। ଏହି କାର୍ଯ୍ୟରେ ଶିରିଡିସାଇ ଆତ୍ମାଦର୍ଶନ ଚାରିଟେବୁଲ୍ ଟ୍ରଷ୍ଟର ସଭ୍ୟ ରାଜକୁମାର ଅଗ୍ରୱାଲ, ଅଜୟ ତ୍ରିପାଠୀ, ପ୍ରବୀର କୁମାର ପ୍ରଧାନ ଓ ରାଜେଶ କୁମାର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ପଞ୍ଚାୟତ ବେଲାଢୁଲା ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ମାଉଳୀ ଯୁବକ ସଂଘ ତରଫରୁ ଆଠମଲ୍ଲିକ ଥାନା ଅଧିକାରୀ, ବନଖଣ୍ଡ ଅଧିକାରୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଷ୍ଟାଫ, ଖବରଦାତା, ବେଲାଢୁଲା, କନ୍ଧପାଲି, ବିଜିପୁର, ତେଣ୍ଟେଇପାଲି, ଲୁହସିଙ୍ଗା ଆଦି ଗ୍ରାମର ଅସହାୟ, ଗରିବ ଲୋକଙ୍କୁ ମାସ୍କ ପ୍ରଦାନ କରାଯାଇଛି। ପ୍ରତାପ ମେହେର ମାସ୍କ ତିଆରି କରୁଥିବା ବେଳେ ରାଜୀବ ମେହେର, କୌଶିକ ମେହେର, ଦୁଃଖୀଶ୍ୟାମ ମେହେର, ଶ୍ରୀକାନ୍ତ ମେହେର, ବୀରେନ୍ଦ୍ର ମେହେର ପ୍ରମୁଖ ସହଯୋଗ କରୁଛନ୍ତି। ବଅଁରପାଳ ବ୍ଲକ ବଳରାମପ୍ରସାଦ ଗଡସାହିର ୩୦ ଅସହାୟ ପରିବାରକୁ ଅପରାଜିତା ଓମେନ୍ସ କ୍ଲବ ପକ୍ଷରୁ ଖାଦ୍ୟ ସାମଗ୍ରୀ, ସାବୁନ, ମାସ୍କ ଆଦି ବଣ୍ଟନ କରାଯାଇଛି। କ୍ଲବ ସମ୍ପାଦିକା ସୁଚିସ୍ମିତା ସିଂଙ୍କ ନେତୃତ୍ୱରେ ଉପସଭାପତି ଶୁଭଦର୍ଶନୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦିକା ମିନତୀ ସିଂ, ସାବିତ୍ରୀ ସିଂ, ବିଜୟାଲକ୍ଷ୍ମୀ ତାରେଣୀୟା, ନମିତା ସିଂ, କଳ୍ପନା ଷଣ୍ଢ, ଭାରତୀ ଦାସ ପ୍ରମୁଖ ବିତରଣରେ ସହଯୋଗ କରିଥିଲେ। ତାଳଚେର ଡେରା ଜଗନ୍ନାଥ ଡିଏଭି ସ୍କୁଲ ପକ୍ଷରୁ ପୌରାଞ୍ଚଳର ଶ୍ରମଜୀବୀମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ସ୍କୁଲ ଅଧ୍ୟକ୍ଷା ଶୁକ୍ଳା ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏହି କାର୍ଯ୍ୟରେ ସାମିଲ ହୋଇ ବସ୍ତି ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରିଥିଲେ। କଣିହାଁ ବ୍ଲକ ଅଧ୍ୟକ୍ଷ ନମିତା ସାହୁଙ୍କ ନେତୃତ୍ୱରେ କମରେଇ ପଞ୍ଚାୟତର ଅସହାୟ ଓ ଜୀବିକା ହରାଇଥିବା ଶତାଧିକ ବ୍ୟକ୍ତିଙ୍କୁ ଖାଦ୍ୟ ସାମଗ୍ରୀ, ମାସ୍କ, ସାବୁନ ପ୍ରଦାନ କରାଯାଇଛି। ସରପଞ୍ଚ ଦୁଃଖବନ୍ଧୁ ଭୁତିଆଙ୍କ ସହ ସ୍ଥାନୀୟ ସାମାଜିକକର୍ମୀମାନେ ସହଯୋଗ କରିଥିଲେ। ସେହିପରି ତାଳପଦା ପଞ୍ଚାୟତ ଦୁର୍ଗାପୁର ଗ୍ରାମ ସାଇ ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ମାସ୍କ ବଣ୍ଟନ କରାଯାଇଛି। ସଭାନେତ୍ରୀ ନିରୁପମା ବିଶ୍ୱାଳ, ସମ୍ପାଦିକା ଚୁନିଲତା ବିଶ୍ୱାଳଙ୍କ ନେତୃତ୍ୱରେ ସଦସ୍ୟମାନେ କିଆଖାର ଓ ଦୁର୍ଗାପୁର ଗ୍ରାମର ୫ ଶହ ଜଣଙ୍କୁ ମାସ୍କ ପ୍ରଦାନ କରାଯାଇଥିଲା। କଣିହାଁ ବିଡିଓ ରମେଶ କୁମାର ଜେନା, ତହସିଲଦାର ରବୀନ୍ଦ୍ର ସାମଲ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ ସହଯୋଗ କରିଥିଲେ।



ତାଳଚେର ଥାନାକୁ କମ୍ପାନୀ ପକ୍ଷରୁ ଛତା ପ୍ରଦାନ କରାଯାଉଛି।


ଆଠମଲ୍ଲିକ ଆଇଆଇସିଙ୍କୁ ମାସ୍କ ପ୍ରଦାନ କରାଯାଉଛି।

- ଯୁବକ ସଂଘ ବାଣ୍ଟିଲା ମାସ୍କ
- ଓମେନ୍ସ କ୍ଲବ ଦେଲା ସାବୁନ
- ସାମିଲ ହେଲା ଜଗନ୍ନାଥ ଡିଏଭି ସ୍କୁଲ


ଜଗନ୍ନାଥ ଡିଏଭି ସ୍କୁଲ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଉଛି।


ବଅଁରପାଳରେ ମାସ୍କ ବଣ୍ଟନ କରାଯାଉଛି।


କଣିହାଁର ଅସହାୟ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି।

## ସଂକ୍ଷେପରେ

### ୬ ବଖରା ପାଉଁଶ

**ବନ୍ତଲା/ ପବିତ୍ରନଗର, ୧୬।୪ (ଡି.ଏନ.ଏ.):** ବନ୍ତଲା ଥାନା ପୁରୁଣାଗଡ଼ ମାଟିଆସାହି ପଞ୍ଚାୟତ ମଦନମୋହନ ପାଟଣାରେ ଅଗ୍ନିକାଣ୍ଡ ଘଟି ସରୋଜ ବେହେରା, ପଲଉ ବେହେରା, ବ୍ରଜବନ୍ଧୁ ବେହେରା ଓ ହାଡ଼ିବନ୍ଧୁ ବେହେରାଙ୍କ ୪ ବଖରା ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ହେଁ ସେତେବେଳକୁ ସବୁକିଛି ପୋଡ଼ିଯାଇଥିଲା। ସରପଞ୍ଚ ସହଦେବ ବେହେରା ବିପନ୍ନ ପରିବାର ପାଇଁ ଖାଇବା ବ୍ୟବସ୍ଥା କରିଛନ୍ତି। ତୁରନ୍ତ ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ସେହିପରି କଣିହାଁ ବ୍ଲକ ହରିହରପୁର ପଞ୍ଚାୟତ ଏକଘରିଆ ଗ୍ରାମର ନବୀନନଗର ସାହିରେ ଅଗ୍ନିକାଣ୍ଡ ଘଟି ପ୍ରତିମା ମହାରଣାଙ୍କ ଘର ଜଳିଯାଇଛି। କଣିହାଁ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ତହସିଲଦାର ରବୀନ୍ଦ୍ର କୁମାର ସାମଲ ଓ ବିଡିଓ ରମେଶ କୁମାର ଜେନା ପହଞ୍ଚି ୧୫ ଦିନ ପାଇଁ ରନ୍ଧା ଖାଦ୍ୟ ଦେବାର ବ୍ୟବସ୍ଥା କରିଛନ୍ତି।

### ଖାଇବାକୁ ପାଉନାହାନ୍ତି ୧୨ ଶ୍ରମିକ

**ଆଠମଲ୍ଲିକ, ୧୬।୪(ଡି.ଏନ.ଏ.):** ତେଲଙ୍ଗାନାର ସାମ୍ବୁର ଜିଲା ଗାଗିଲାପୁରର ଏକ ଠିକା କମ୍ପାନୀରେ କାମ କରିବାକୁ ଯାଇଥିବା ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ପଞ୍ଚାୟତର ୧୨ ଜଣ ଯୁବକ ସେଠାରେ ଖାଦ୍ୟାଭାବର ସମ୍ମୁଖୀନ ହେଉଛନ୍ତି। ଉକ୍ତ କମ୍ପାନୀ ସେମାନଙ୍କୁ କାର୍ଯ୍ୟରୁ ବାହାର କରିଦେବା ସହ କୌଣସି ଅର୍ଥ ଦେଇନାହିଁ। ପାଖରେ ଟଙ୍କା ନ ଥିବାରୁ ଶ୍ରମିକମାନେ ବାହାରୁ ଖାଦ୍ୟ ସାମଗ୍ରୀ କିଣି ନ ପାରି ଭୋକ ଉପାସରେ ଗୋଟିଏ ଜାଗାରେ ପଡ଼ିରହିଛନ୍ତି। ତୁରନ୍ତ ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିବା ସହ ଆଠମଲ୍ଲିକ ଫେରାଇ ଆଣିବାକୁ ଶ୍ରମିକମାନେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ହ୍ୱାଟ୍ସଆପ ବାର୍ତ୍ତା ପଠାଇଛନ୍ତି। ଆଠମଲ୍ଲିକ ବିଧାୟକ ଓ ଉପଜିଲାପାଳଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି।

### ଟ୍ରକ୍ ମାଲିକ ସଂଘର ଶୋକ



**ବଅଁରପାଳ, ୧୬।୪(ଡି.ଏନ.ଏ.):** ନାଲ୍‌କୋ ଟ୍ରକ୍ ମାଲିକ ସଂଘର ସଭ୍ୟ ମନୋରଞ୍ଜନ ନାୟକଙ୍କ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତାଙ୍କ ବିୟୋଗରେ ନାଲ୍‌କୋ ୱେଲଫେୟାର ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସଭାପତି ରାଜୀବ ଜେନା, ସମ୍ପାଦକ ରଞ୍ଜିତ ସେଠ, ଉପସଭାପତି ତପନ ସାମନ୍ତ ସିଂ, ସହ ସମ୍ପାଦକ ବିଭୂତି ଭୂଷଣ ଜେନା, କୋଷାଧ୍ୟକ୍ଷ ମୁକେଶ ଜେନା, ସଦସ୍ୟ ଅଶ୍ୱିନୀ ରାଉତ, ବାପି ଗଡ଼ନାୟକ, ସଞ୍ଜୀବ ବିଶୋଇ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଚୋରା କୋଇଲା ଚାଲାଣ, ୪ ଗିରଫ

**କଣିହାଁ, ୧୬।୪(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ଏକ ଚୋରା କୋଇଲା ବୋଝେଇ ମିନିଟ୍ରକ୍ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ବାଉରିବନ୍ଧୁ ମହାନ୍ତି, ଗାଡ଼ି ଚାଳକ ପୁରନ୍ଦର ବେହେରା ଓ ଡିପୋ କରିଥିବା ଉମାକାନ୍ତ ମହାନ୍ତି। ଶୁକ୍ରବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଦୀପିକା ଦେବୀରାୟ ପ୍ରକାଶ କରିଛନ୍ତି। ସେହିପରି କୋଇଲା ଚୋରି ଅଭିଯୋଗରେ ଦଣ୍ଡସିଂହା ଗ୍ରାମର ବିଜୟ ସାହୁଙ୍କୁ ଗିରଫ କରାଯାଇଛି।

### ଯୁବକେନ୍ଦ୍ର କଲା ସଚେତନ



**ବଇଣ୍ଡା, ୧୬।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ରଘୁନାଥପୁର, ରଙ୍ଗମାଟିଆସାହି, ମଧପୁର, ବଡଡଙ୍ଗିଆଣୀ, ଗଦେଇମୁଣ୍ଡା, ବୁଦୁଲିମୁଣ୍ଡା, କୁଣ୍ଡୁଲୀ, ପୁରୁଣାପାଣି ଆଦି ଗ୍ରାମବାସୀଙ୍କୁ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ସଚେତନ କରାଯାଇଛି। ପରିଷ୍କାର ପରିଚ୍ଛନ୍ନ ରହିବା ସହ ମାସ୍କ ଲଗାଇବା, ସାମାଜିକ ଦୂରତା ରକ୍ଷା କରିବା ସମ୍ପର୍କରେ ବୁଝାଯାଇଛି। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ଅଭୟ ସ୍ୱାଇଁ, ଗୋବିନ୍ଦ ଶଙ୍ଖାରୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ନିୟମ ମାନିବାକୁ ନିବେଦନ

**ଢେଙ୍କାନାଳ ଅଫିସ, ୧୬।୪**

ଗଁଦିଆ ବ୍ଲକ ଆଙ୍କର୍ଦ୍ଧା ଗ୍ରାମ କାମନାକାଳୀ ପୀଠରେ 'ନ୍ୟୁ-ଇଣ୍ଡିଆ' ପକ୍ଷରୁ ସାମାଜିକ ଦୂରତା ରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ମାସ୍କ ବଣ୍ଟନ କରାଯିବା ସହିତ ହାତ ଧୋଇବା, ବାହାରୁ ଆସୁଥିବା ସନ୍ଦିଗ୍ଧଙ୍କ ସମ୍ପର୍କରେ ଜଣାଇବା ଏବଂ ସରକାରଙ୍କ ନିୟମକୁ ପାଳନ କରିବା ଉପରେ ସମ୍ପାଦକ ଶେଷଦେବ ରାଉତ ସଚେତନ କରାଇଥିଲେ। ମନୋଜ ସାହୁ, ଧରଣୀଧର ସାହୁ ଏବଂ ମଙ୍ଗଳପୁର ମା' ହରଚଣ୍ଡୀ ଯୁବକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ଗୋବିନ୍ଦପୁର ପଞ୍ଚାୟତରେ କରୋନା ଭୂତାଣୁ ମୁକାବିଲା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁନୀତା ସାହୁ, ୱାର୍ଡମେମ୍ବର ରାଜେଶ୍ୱରୀ ସାହୁ, ଇଶୋ ସମ୍ପାଦିକା ପୁଷ୍ପାଞ୍ଜଳି ଜେନା, ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ହେଲପିଂହ୍ୟାଣ୍ଡ୍-୨ର ସ୍ୱେଚ୍ଛାସେବୀ ସୌମ୍ୟା ମିଶ୍ର, ଐଶ୍ୱର୍ଯ୍ୟା ମାନସିଂହ, କାବେରୀ ପ୍ରିୟଦର୍ଶିନୀ ପ୍ରମୁଖ ଦଳିତ ସାହିରେ ସାମାଜିକ ଦୂରତା, ହାତଧୁଆ ନିୟମ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ।

## ନଦୀରେ ବୁଡ଼ି ଜଣେ ମୃତ

**କଣିହାଁ, ୧୬।୪(ଡି.ଏନ.ଏ.)**

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ଟୋଲକବେଡା ଗ୍ରାମର ପଞ୍ଚାନନ ସାହୁ ଟିକିରା ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ପୋଲିସ ତାଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପଞ୍ଚାନନ ନଦୀରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ବୁଡ଼ି ଯାଇଥିଲେ। କଣିହାଁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ


ଜିଲାପାଳ କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କରୁଛନ୍ତି।

**ଅନୁଗୋଳ ଅଫିସ, ୧୬।୪–** ବଅଁରପାଳ ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଜିଲାପାଳ ମନୋଜ କୁମାର ମହାନ୍ତି ଓ ଉପଜିଲାପାଳ ବାସୁଦେବ ଶତପଥୀ ପରିଦର୍ଶନ କରିଛନ୍ତି। ବଅଁରପାଳ ସେବାଶ୍ରମ ଓ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଏହି ସେଣ୍ଟର ପରିଦର୍ଶନ ବେଳେ ସେଠାରେ ଥିବା ୯୬ ଜଣଙ୍କୁ କିପରି ଖାଦ୍ୟ ପ୍ରଦାନ କରାଯାଉଛି ଓ କିପରି ବ୍ୟବସ୍ଥା ଉପଲବ୍ଧ ଅଛି ତାହା ଅଧିକାରୀମାନେ ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ବଅଁରପାଳ ତହସିଲଦାର, ବିଡିଓ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂଗ୍ରାମୀଙ୍କ ପରିବାରକୁ ସମବେଦନା


ଧନେଶ୍ୱରଙ୍କ ଘରେ ମନ୍ତ୍ରୀ ଏବଂ ଏମ୍‌ପି।

**କାମାକ୍ଷାନଗର, ୧୬।୪(ଡି.ଏନ.ଏ.)–**ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଲିଗୋରଡ଼ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଧନେଶ୍ୱର ସ୍ୱାଇଁ (୯୪)ଙ୍କ ବିୟୋଗରେ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଏମ୍‌ପି ମହେଶ ସାହୁ। ଗୁରୁବାର ଉଭୟେ ଦିବଂଗତ ସଂଗ୍ରାମୀ ଧନେଶ୍ୱରଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାର ସହିତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ବାରୁଆ ସମିତିସଭ୍ୟ ଦୀପକ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ୫୨ ରିପୋର୍ଟ ନେଗେଟିଭ୍

**ଢେଙ୍କାନାଳ ଅଫିସ, ୧୬।୪–** ଢେଙ୍କାନାଳ ସହରରେ ସ୍ୱାବ ପରୀକ୍ଷା ଲାଗି ଯାଇଥିବା ୫୨ ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଏହାପରେ କ୍ୱାରାଣ୍ଟାଇନ୍‌ରେ ଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଛାଡ଼ି ଦିଆଯାଇଛି। ଏବେ ସେମାନେ ହୋମ୍ କ୍ୱାରାଣ୍ଟାଇନରେ ରହିବେ। ଏଥିପୂର୍ବରୁ ୧୪ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ୮ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ଏବେ ଅନ୍ୟ ୬ଜଣଙ୍କର ରିପୋର୍ଟ ମଧ୍ୟ ନେଗେଟିଭ୍ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ସଂକ୍ରମଣକୁ ରୋକିବା ଲାଗି ସାମାଜିକ ଦୂରତା ରଖିବା ଏବଂ ମାସ୍କ ବ୍ୟବହାର କରିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିବେଦନ କରିଛନ୍ତି।

## ୩୭ ଜଣଙ୍କ ନାମରେ ମାମଲା

**ଅନୁଗୋଳ ଅଫିସ, ୧୬।୪–** ଅନୁଗୋଳ ଜିଲାରେ ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ମୋଟ୍ ୩୭ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ଉଲ୍ଲଂଘନକାରୀଙ୍କ ପାଖରୁ ୬ଟି ମୋଟର ସାଇକେଲ ଜବତ କରାଯାଇଛି। ଅନୁଗୋଳ ଥାନାରେ ୨ଜଣ, ଜରପଡା ଥାନାରେ ଜଣେ, ହଣ୍ଡାପା ଥାନାରେ ୩ ଜଣ ଓ ଛେଣ୍ଡିପଦା ଥାନାରେ ଜଣେ, ବଅଁରପାଳ ଥାନା ଅଞ୍ଚଳରେ କାମ କରୁଥିବା ୨୪ ପ୍ରବାସୀ ଶ୍ରମିକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ରେଙ୍ଗାଳି ଥାନା ଅଞ୍ଚଳରେ ଗୁଜବ ପ୍ରଚାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସେହିପରି ସାମାଜିକ ଦୂରତ୍ୱ ରକ୍ଷା କରାଯାଉ ନ ଥିବା ଯୋଗୁ ଅନୁଗୋଳ ଥାନା ଅଞ୍ଚଳରେ ୪ଟି ଦୋକାନ, ବନ୍ତଲା ଓ ତାଳଚେର ଅଞ୍ଚଳରେ ଗୋଟିଏ ଲେଖାଏ ଦୋକାନକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରାଯାଇଛି।

## ଗୋଷ୍ଠୀ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୧୬।୪**

ଗ୍ରାମାଞ୍ଚଳରେ କରୋନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମକୁ ଆଗେଇ ନେଉଛନ୍ତି ଢେଙ୍କାନାଳ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ। ପ୍ରଶାସନର ନିଷ୍ପତ୍ତି ପରେ ସାମାଜିକ କର୍ମୀମାନେ ନିଜ ନିଜ ସ୍ତରରେ କରୋନାକୁ ହରାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ସଙ୍ଗଠନ 'ଇଡିଅଟ' ପକ୍ଷରୁ ସ୍ଥାନୀୟ ସଦର ବ୍ଲକ ବଣସିଂହ ଏବଂ ରାଧାଦେଇପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ କୋଭିଡ୍-୧୯ ମୁକାବିଲା ଲାଗି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟକ୍ତିଗତ ଏବଂ ଗୋଷ୍ଠୀ ପରିଚ୍ଛନ୍ନତା, ହାତଧୁଆ ଏବଂ ପରିମଳ ବ୍ୟବସ୍ଥା ସୁଧାରିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପଞ୍ଚାୟତର ଦଳିତ ବସ୍ତିରେ ହାତଧୁଆ ଅଭ୍ୟାସ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଶିଶିର ଶତପଥୀ, ସରୋଜ ଶତପଥୀ, ଶିଶିର ପାଣି, ରଞ୍ଜନ ହୋତା, ସୁବ୍ରତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଗୋଷ୍ଠୀ ପରିଚ୍ଛନ୍ନତା ସମ୍ପର୍କରେ ସଚେତନ କରାଯାଉଛି।

## କଂଗ୍ରେସର କୋଭିଡ୍ ଆକ୍ସନ ଗ୍ରୁପ୍

**ଢେଙ୍କାନାଳ ଅଫିସ, ୧୬।୪**

କରୋନା ବିରୋଧୀ ଲଢ଼େଇରେ ସାମିଲ ହୋଇଛି ଢେଙ୍କାନାଳ ଜିଲା କଂଗ୍ରେସ। ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଦଳପକ୍ଷରୁ ଜିଲାସ୍ତରୀୟ କୋଭିଡ୍-୧୯ ଆକ୍ସନ ଗ୍ରୁପ୍ ଗଠିତ ହୋଇଛି। ଡା. ତୁଷାରକାନ୍ତି ନାୟକଙ୍କୁ ଜିଲା ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେହିପରି ଢେଙ୍କାନାଳ ପୌରାଞ୍ଚଳ ସଂଯୋଜକ ଭାବେ ଶିଳ୍ପୀ ହରିଚନ୍ଦନ, ସଦର ବ୍ଲକ ସଂଯୋଜକ ଭରତ ସାମଲ, ହିନ୍ଦୋଳ ବ୍ଲକ ପାଇଁ ପର୍ଶୁରାମ ଗଡନାୟକ, ଏନ୍‌ଏସି ପାଇଁ ରସାନନ୍ଦ ବେହେରା, ଓଡ଼ାପଡ଼ା ବ୍ଲକ ପାଇଁ କରୁଣାକର ବେହେରା, ଗଁଦିଆ ବ୍ଲକ ପାଇଁ ଶେଷଦେବ ମହାପାତ୍ର, କଙ୍କଡ଼ାହାଡ଼ ବ୍ଲକ ପାଇଁ ନଗେଶ ଚନ୍ଦ୍ର ପଣ୍ଡା, କାମାକ୍ଷାନଗର ଏନ୍‌ଏସି ପାଇଁ ମନୋଜ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ କାମାକ୍ଷାନଗର ବ୍ଲକ ପାଇଁ ପ୍ରଭୁଦତ୍ତ ଭଞ୍ଜ, ପରଜଙ୍ଗ ବ୍ଲକ ପାଇଁ ରଣଜିତ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଜିଲାରେ ଆରମ୍ଭ ହୋଇଥିବା କୋଭିଡ ହସ୍ପିଟାଲରେ ଆକ୍ରାନ୍ତଙ୍କ ଚିକିତ୍ସା, ଆଇସିୟୁ ଓ ଭେଣ୍ଟିଲେଟର ସୁବିଧା, ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା, ଶଟ୍‌ଡାଉନ କରାଯାଇଥିବା ଅଞ୍ଚଳରେ ନାଗରିକଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଜରୁରୀ ସମୟରେ ରୋଗୀମାନେ ଡାକ୍ତରଖାନାକୁ ଯିବା ଲାଗି ୧୦୮କୁ ଫୋନ୍ କଲେ ଜବାବ ମିଳୁ ନ ଥିବା ଦଳ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ପ୍ରତି ଥାନା ସହିତ ୧୦ରୁ ୧୫ ଅଟୋରିକ୍ସା ଚାଳକଙ୍କୁ ସଂଯୋଗ କରାଗଲେ ୧୦୦କୁ ଡାଏଲ୍ କରି ରୋଗୀମାନେ ସୁବିଧା ପାଇପାରନ୍ତେ ବୋଲି ଦଳ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବା ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କମିଟି ସଂଯୋଜକ ରୁଦ୍ରପ୍ରକାଶ ଶରଣ ସୂଚନା ଦେଇଛନ୍ତି।

## ଫଟୋରେ ଖବର


ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ସରପଞ୍ଚ ତାପସ କୁମାର ସାହୁ ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।


ଢେଙ୍କାନାଳ ବସ୍ ମାଲିକ ସଂଘ ପକ୍ଷରୁ ଗରିବ ଓ ଅସହାୟ ଲୋକଙ୍କୁ ରନ୍ଧନ ଖାଦ୍ୟ ବଣ୍ଟନ କରାଯାଉଛି।

## ବିଧାୟକଙ୍କ କରୋନା ସମୀକ୍ଷା

**ଢେଙ୍କାନାଳ ଅଫିସ, ୧୬।୪**

ଢେଙ୍କାନାଳ ଜିଲାରେ କୋଭିଡ୍-୧୯ ସଂକ୍ରମଣ ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ଗୁରୁବାର ବିଧାୟକ ସୁଧୀର କୁମାର ସାମଲ ସମୀକ୍ଷା କରିଛନ୍ତି। ସେ ଜିଲା କାର୍ଯ୍ୟାଳୟକୁ ଆସି ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। କୋଭିଡ୍-୧୯ ହସ୍ପିଟାଲ ପାଇଁ ବିଧାୟକଙ୍କ ହାତପାଣ୍ଠିରୁ ଖୁବ୍‌ଶୀଘ୍ର ଏକ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ସାମାଜିକ ଦୂରତା ବଜାୟ ରଖିବା ଲାଗି ଅଧିକ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ଏହାପରେ ସେ ସଦର ବ୍ଲକ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କ ସହ କରୋନା ପ୍ରତିହତ ଲାଗି ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସଦର ବ୍ଲକ ଶପ୍ତଶଯ୍ୟା ଏବଂ ଗଁଦିଆ ବ୍ଲକର ବିଭିନ୍ନ ସ୍ଥାନରେ ବିଧାୟକଙ୍କ ଉପସ୍ଥିତିରେ ଅସହାୟଙ୍କୁ ରନ୍ଧାଖାଦ୍ୟ ଏବଂ ମାସ୍କ ବଣ୍ଟନ କରାଯାଇଥିଲା। ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର ଉପସ୍ଥିତ ଥିଲେ।

# ଜୀବିକା ଛଡ଼ାଇ ନେଇଛି କରୋନା

ଖବରକାଗଜ ହିଁ ବିତରକ(ହକର)ଙ୍କ ଜୀବନଜୀବିକା। ବିଭିନ୍ନ ଖବରକାଗଜ ସଂଗ୍ରହ ପରେ ତାକୁ ବିତରଣ କରି ସେଥିରୁ ଯେଉଁ ଦି ପଇସା ମିଳେ, ପରିବାର ଚଳେ। ମାତ୍ର କରୋନା ବିତରକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି। ସରକାର ଲକ୍ ଡାଉନ୍ କଟକଣା ଲାଗୁ କରିଥିବାରୁ ବିତରକଙ୍କ ରୋଜଗାର ଠପ୍ ପଡ଼ିଛି। ଫଳରେ ପରିବାର ଚଳାଇବା କଷ୍ଟକର ହୋଇ ପଡ଼ିଛି। ଖବରକାଗଜ ବିତରକଙ୍କ ପାଇଁ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସରକାରୀ ଯୋଜନା ନାହିଁ। ଫଳରେ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡିଛି ।

## ରୋଜଗାର ଠପ୍ ପଡ଼ିଛି



ଖବରକାଗଜ ବିକି ଦିନକୁ ୨ରୁ ୩ଶହ ଟଙ୍କା ରୋଜଗାର କରୁଥିଲି । ହେଲେ ଲକ୍‌ଡାଉନ୍ ପରେ ରୋଜଗାର ବନ୍ଦ ହୋଇ ଯାଇଯାଇଛି । ଲୋକଙ୍କ ଘରକୁ ଖବରକାଗଜ ଧରି କିମ୍ବା ଦେୟ ଅସୁଲି ପାଇଁ ଗଲେ ସେମାନେ ମଧ୍ୟ କରୋନା ଭୟରେ ଫେରାଇ ଦେଉଛନ୍ତି । ଅନ୍ୟ କୌଣସି କାମଧନ୍ଦା ନ ଥିବା ଯୋଗୁ ପରିବାରର ୧୧ଜଣଙ୍କ ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇ ପଡିଛି ।**–ଅଚ୍ୟୁତା ସର**

## ସିକ୍ୟୁରିଟି ଗାର୍ଡ଼ କାମ କରୁଛି



ଲକ୍‌ଡାଉନ୍ ପରେ ଖବରକାଗଜ ବିତରଣ କରି ହେଉନାହିଁ । ଏପରକି ରାସ୍ତାରେ ଯିବାକୁ ହେଲେ ପୋଲିସ ଭୟ ମଧ୍ୟ ଘାରୁଛି । ପୋଲିସ ଅଟକାଇବାରୁ ଗୁରୁଦ୍ୱାରା ଛକ, ଲେଙ୍ଗୁ ମିଶ୍ର ଛକ ଭଳି କେତେକ ସ୍ଥାନରୁ ମୋତେ ଫେରିବାକୁ ପଡ଼ିଛି। ଖବରକାଗଜ ବିତରଣ ସମ୍ଭବ ହୋଇପାରୁନାହିଁ । ଫଳରେ ଗତ ୧ତାରିଖରୁ ମୁଁ ମାସିକ ୫ ହଜାର ଟଙ୍କାରେ ସିକ୍ୟୁରିଟି ଗାର୍ଡ଼ ଭାବେ କାମ କରୁଛି ।**–ଗୋବିନ୍ଦ ଦୁର୍ଦ୍ଦସ୍**

## ସରକାରୀ ସହାୟତାକୁ ଆଶା



ଲକ୍ ଡାଉନ ଯୋଗୁ ଦୋକାନ ଗୁଡ଼ିକ ବନ୍ଦ ରହିଛି । ଫଳରେ ସେଠାକୁ ଖବରକାଗଜ ବିତରଣ ବନ୍ଦ ହୋଇଛି । ସେହିପରି ଘରମାନଙ୍କୁ ଖବରକାଗଜ ଧରି ଗଲେ ସେଠାରେ ମଧ୍ୟ ତାହା ରଖିବାକୁ ମନା କରି ଦେଉଛନ୍ତି । ଫଳରେ ଖବରକାଗଜ ବିକ୍ରି ବହୁତ କମି ଯାଇଛି ଏବଂ ପରିବାର ଚଳାଇବା ମଧ୍ୟ କଷ୍ଟକର ହୋଇ ପଡ଼ିଛି। ଏଭଳି ସ୍ଥଳେ ସରକାର କିଛି ସହାୟତା କଲେ ଖବରକାଗଜ ବିତରକଙ୍କ ସମସ୍ୟା କିଛି ମାତ୍ରାରେ ଲାଘବ ହୁଅନ୍ତା ।**–ଜୟପ୍ରକାଶ କୁମ୍ଭାର**

## ଏଭଳି ଅସୁବିଧା ପ୍ରଥମ

୧୯୭୯ ମସିହାରୁ ଖବରକାଗଜ ବିତରଣ କରିଆସୁଛି । ୪୧ବର୍ଷ ହେଲା ଜୀବନରେ ଖବରକାଗଜ ବିତରଣ ଉପରେ କେବେ ଏଭଳି ଅସୁବିଧା ଅନୁଭବ କରି ନ ଥିଲି । ଏବେ ଖବରକାଗଜ ଧରି ଗଲେ ଅଧିକାଂଶ ଲୋକ ତାଟି, କବାଟ ଖୋଲୁ ନାହାନ୍ତି। ଅଧେ ଲୋକ ଖବରକାଗଜ ଦେବାକୁ ମଧ୍ୟ କହୁଛନ୍ତି । ଖବରକାଗଜ ବିକ୍ରିରୁ ପରିବାର ଚଳିଆସୁଛି । ମାତ୍ର କରୋନା ଯୋଗୁ ପରିବାର ଗୁଜୁରାଣ ମେଣ୍ଟାଇବା ଏବେ ମୁସ୍କିଲ ହୋଇ ପଡ଼ିଛି ।**–ରମେଶ ଦାସ**



ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼

## ସଂକ୍ଷେପରେ

### କୋର୍ଟ କର୍ମଚାରୀଙ୍କଠାରୁ ଜରିମାନା ଆଦାୟ

ବୌଦ୍ଧ,୧୬।୪(ସ୍ୱ.ପ୍ର.): ମଙ୍ଗଳବାର କୋର୍ଟ କାର୍ଯ୍ୟରେ ଯୋଗ ଦେବା ପାଇଁ ବୌଦ୍ଧ କୋର୍ଟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଜ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ଜଣେ ପ୍ରଶାସନିକ ଅଧିକାରୀ ସହରର ସ୍ଥିତି ତଦାରଖ କରୁଥିଲେ । ସ୍ଥାନୀୟ ପୋଡାପୋଡା ଛକରେ ସଂପୃକ୍ତ କର୍ମଚାରୀଙ୍କୁ ସେ ଅଟକାଇଥିଲେ । କର୍ମଚାରୀ ଜଣଙ୍କ ନିଜ ପରିଚୟ ପତ୍ର ଦେଖାଇବା ସହ କୋର୍ଟକୁ ଯାଉଥିବା କହିଥିଲେ । କିନ୍ତୁ ଅଧିକାରୀ ଜଣଙ୍କ କିଛି ଶୁଣି ନ ଥିଲେ । ତାଙ୍କ ଗାଡିକୁ ଜବତ କରିବା ସହ ଫାଇନ ଦେବାକୁ ବାଧ୍ୟ କରିଥିଲେ। ଶେଷରେ କର୍ମଚାରୀ ଜଣକ ଜରିମାନା ଦେବା ପରେ ଅଧିକାରୀ ଜଣକ ତାଙ୍କୁ ଛାଡି ଥିଲେ । ପ୍ରଶାସନର ଏଭଳି କାର୍ଯ୍ୟକୁ କୋର୍ଟ କର୍ମଚାରୀମାନେ ନାପସନ୍ଦ କରିଛନ୍ତି।

### ବିଶ୍ରାରେ ପୁଣି ୪୮ ଘଣ୍ଟା ବଢ଼ିଲା କଣ୍ଟେନମେଣ୍ଟ

ସୁନ୍ଦରଗଡ଼, ୧୬।୪(ଡିଏନଏ): ସୁନ୍ଦରଗଡ଼ ଜିଲା ବିଶ୍ରାରେ କଣ୍ଟେନମେଣ୍ଟ ଅବଧିକୁ ପୁଣି ୪୮ ଘଣ୍ଟା ପାଇଁ ବୃଦ୍ଧି କରାଯାଇଛି। ପରିସ୍ଥିତିକୁ ଆଖି ଆଗରେ ରଖି ଜିଲାପାଳ ନିଖିଲ ପବନ କଲ୍ୟାଣ ଏହି ପଦକ୍ଷେପ ନେଇଛନ୍ତି। ବିଶ୍ରାରେ ୨ ଜଣଙ୍କଠାରେ କରୋନା ପଜିଟିଭ ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ ପ୍ରଥମେ ୧୨ ତାରିଖରେ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ଏହାପରେ ଦ୍ୱିତୀୟ ଥର ପାଇଁ ଏହାର ଅବଧିକୁ ଗତ ୧୪ତାରିଖରେ ବୃଦ୍ଧି କରାଯିବା ପରେ ଗୁରୁବାର ତୃତୀୟ ଥର ପାଇଁ ଏହାର ଅବଧିକୁ ପୁଣି ବୃଦ୍ଧି କରାଯାଇଛି।

### ୨୪ ଘଣ୍ଟା ଭିତରେ ଧରାପଡ଼ିଲେ ୫ ଡକାୟତ

ନୂଆପଡା ଅଫିସ,୧୬।୪: କରୋନା ମୁକାବିଲା କାମରେ ପୋଲିସ ନିଦ ହଜି ଯାଇଛି। ହେଲେ ଅସାମାଜିକ ବ୍ୟକ୍ତି ଏହାର ସୁଯୋଗରେ ଆପରାଧିକ କାର୍ଯ୍ୟକଳାପ ଚଳାଇଛନ୍ତି। ନୂଆପଡ଼ା ଜିଲା ଖରିଆରରୋଡ ସହରରେ ଏକ ଡକାୟତି ଘଟଣାରେ ଚବିଶ ଘଣ୍ଟା ମଧ୍ୟରେ ପୋଲିସ ଚଢାଉ କରି ୫ଜଣ ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୮୯ଟି ମୋବାଇଲ ସେଟ୍, ନଗଦ ୪୦ହଜାର ଟଙ୍କା ସହ ୧୩ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ଜବତ ହୋଇଛି।

## ବର୍ଷେ ହେଲା ନଳକୂଅ ଅଚଳ, ମରାମତି ଦାବି

ଜହ୍ନାପଙ୍କ, ୧୬।୪ (ଡି.ଏନ.ଏ)

ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଦାମଦୋରପୁର ହରିଜନସାହିରେ ଥିବା ନଳକୂଅ ପ୍ରାୟ ବର୍ଷେ ହେଲା ଖରାପ ହୋଇଥିବାରୁ ସାହିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ମରାମତି ପାଇଁ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳିନାହିଁ। ବର୍ତ୍ତମାନ ଗ୍ରୀଷ୍ମଋତୁ ଆସିଥିବାରୁ ସମସ୍ୟା ବଢିଯାଇଛି । ସକାଳ ହେଲେ ସାହିବାସୀଙ୍କ ପାଣି ଚିନ୍ତା। ପାଣି ପାଇଁ ଅନ୍ୟ ନଳକୂପକୁ ଯିବାକୁ ପଡେ। ଏ ନେଇ ସ୍ୱେଚ୍ଛାସେବୀ ନିର୍ମଳ କୁମାର ସାହୁ ଓ ସୁଶୀଲ କୁମାର ଦୀପ ନଳକୂପ ମରାମତି ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପ୍ରତାପ ପରିଡାଙ୍କୁ ଯୋଗାଯୋଗ କରିବାରୁ ଦାମୋଦରପୁର ବସ୍ତି ପଥର ଚଟାଣ ଉପରେ ଥିବାରୁ ନଳକୂଅ ଗୁଡିକରୁ ପ୍ରାୟ ବର୍ଷେ ୨ ବର୍ଷ ପରେ ପାଣି ବାହାରୁ ନାହିଁ। ତେଣୁ ଏଠାରେ ପାନୀୟ ଜଳ ପ୍ରକଳ୍ପ ପାଇଁ ପ୍ରସ୍ତାବ ଯାଇଛି । ତାହା ହେଲେ ଯାଇ ସମସ୍ୟା ଦୂର ହେବ ବୋଲି ସେ କହିଥିଲେ । ତେବେ ତୁରନ୍ତ ଏହାର ମରାମତି ପାଇଁ ପଦକ୍ଷେପ ନିଆଯିବ ।

## ହୋଟେଲରୁ ମଦ ଜବତ, ଜଣେ ଗିରଫ

ବଲାଙ୍ଗୀର ଅଫିସ, ୧୬।୪



ବଲାଙ୍ଗୀର ଇନ୍ଦ୍ରପ୍ରସ୍ଥ ହୋଟେଲରୁ ଜବତ ହୋଇଥିବା ବିଦେଶୀ ମଦ ଓ ଗିରଫ ଯୁବକ ।

**ଚୋରା ମଦ ବେପାରର ପର୍ଦ୍ଦାଫାଶ**

କରୋନା ପାଇଁ ଲକ୍‌ଡାଉନ୍ ଲାଗୁ ହେବା ପରେ ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନରେ ମଦ ବେପାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ସହରର ରେଲୱେ ଷ୍ଟେଶନ ଛକ, ରମାଇ ଟକିଜ୍ ରାସ୍ତା, ଭାଗିରଥି ଛକ, ବିଜାଖମନ୍ ନିକଟରେ ଥିବା ମଦ ଦୋକାନ ଓ ବାର୍‌ରେ ଜୋରସୋର ମଦ ବିକ୍ରି ଚାଲିଥିଲା । ଗତ ୨୨ ଦିନର ଲକ୍‌ଡାଉନ୍ ଭିତରେ ବାରମ୍ବାର ଅଭିଯୋଗ କଲେ ମଧ ଅବକାରୀ ବିଭାଗ ସହରର କୌଣସି ଗୋଟିଏ ବାର୍ ବା ମଦ ଦୋକାନରେ ଚଢ଼ାଉ କରିପାରି ନ ଥିଲା । ତେବେ ପୋଲିସ ଗୁରୁବାର ରେଲୱେ ଷ୍ଟେଶନ୍ ଛକ ନିକଟ ଇନ୍ଦ୍ରପ୍ରସ୍ଥ ହୋଟେଲ ଓ ବାର୍‌ରେ ଅତର୍କିତ ଚଢ଼ାଉ କରିବା ପରେ ସେଠାରୁ ବିଭିନ୍ନ ବ୍ରାଣ୍ଡର ୮୦ ବୋତଲ ବିଦେଶୀ ମଦ ଜବତ କରିବା ସହ ଜଣେ କର୍ମଚାରୀ ମହେଶ୍ୱର ରଥ (୩୬)ଙ୍କୁ ଗିରଫ କରିଛି । ଏହି ବେଆଇନ ମଦ ବିକ୍ରି ଘଟଣାରେ ଇନ୍ଦ୍ରପ୍ରସ୍ଥ ହୋଟେଲ ମାଲିକ ରାମ ଦାଶ ମଧ ସମ୍ପୃକ୍ତ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଟାଉନ୍‌ଥାନାରେ ଏକ ମାମଲା (୧୮୫/୨୦) ରୁଜୁ କରାଯାଇଥିବା ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଲକ୍‌ଡାଉନ୍ ଯୋଗୁଁ ଇନ୍ଦ୍ରପ୍ରସ୍ଥ ହୋଟେଲ ବାର୍ ବନ୍ଦ ଥିବା କୁହାଯାଉଥିବାବେଳେ ସେଠାରେ ଏତେ ପରିମାଣର ବିଦେଶୀ ମଦ ଜବତ୍ ଘଟଣା ସହରର ଚୋର ମଦ ବେପାରକୁ ପ୍ରମାଣିତ କରିଛି । ପୋଲିସ ବିଭାଗ ପକ୍ଷରୁ ମଦ ଜବତ୍ କରାଯାଇଥିବାବେଳେ ଅବକାରୀ ବିଭାଗର ଭୂମିକା ସନ୍ଦେହଜନକ ହୋଇପଡିଛି। ଏ ନେଇ ଅବକାରୀ ଭାରପ୍ରାପ୍ତ ଅଧୀକ୍ଷକ ସିଦ୍ଧେଶ୍ୱର ବେଶ୍ରାଙ୍କୁ ପଚରାଯିବାରୁ ଆମେ ବିଭିନ୍ନ ମଦ ଦୋକାନକୁ ସିଲ୍ କରିଛୁ, ପାଟ୍ରୋଲିଂ କରୁଛୁ। ଇନ୍ଦ୍ରପ୍ରସ୍ଥ ହୋଟେଲକୁ ଆମେ ଯାଇଥିଲୁ, ମାତ୍ର କିଛି ମିଳି ନ ଥିଲା ବୋଲି ସେ କହିଛନ୍ତି।

## ପୃଥକ୍‌ବାସରେ ରହିଲେ ୩ କୃଷି ଅଧିକାରୀ

ସୋନପୁର,୧୬।୪(ନି.ପ୍ର.)

ଭୁବନେଶ୍ୱରରେ କରୋନା ସଂକ୍ରମଣଙ୍କ ସଂଖ୍ୟା ଅଧିକ। ଏହି ଅଞ୍ଚଳକୁ ହଟ୍‌ସ୍ପଟ୍ ଭାବେ ବିବେଚନା କରାଯାଉଛି। ଏଭଳି ସ୍ଥିତିରେ ବୁଧବାର ସନ୍ଧ୍ୟାରେ ଜିଲାର ୩ ବରିଷ୍ଠ କୃଷି ଅଧିକାରୀ ଭୁବନେଶ୍ୱରରୁ ଆସି ସୋନପୁରରେ ପହଞ୍ଚିଛନ୍ତି। ସେମାନେ ବୁଧବାର ମୃତ୍ତିକା ରସାୟନବିତ୍‌ଙ୍କ କାର୍ଯ୍ୟାଳୟର ଉପର ମହଲାରେ ରହିଥିଲେ। ଜଣେ ଅଧିକାରୀ ଭୁବନେଶ୍ୱରର କଣ୍ଟେନମେଣ୍ଟ ଏରିଆରୁ ଆସିଛନ୍ତି। ଏଭଳି ଆଲୋଚନା ପରେ ଏହି ଘଟଣାକୁ ନେଇ କୃଷି ବିଭାଗର ଅଧିକାରୀ, କର୍ମଚାରୀ ଓ ସହରର ଜନସାଧାରଣଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀ ଘଟଣା ସମ୍ପର୍କରେ ଅବଗତ ହେଲା ପରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଅଧିକାରୀମାନେ ବେଆଇନ ଭାବେ ଲକ୍‌ଡାଉନ୍ ପୂର୍ବରୁ ଭୁବନେଶ୍ୱରରେ ରହି ଆସୁଥିଲେ। ଛୁଟି ନେଇ ନ ଥିଲେ। ଏବେ କେନ୍ଦ୍ର ସରକାର ନୂତନ ଗାଇଡ୍ ଲାଇନ ଜାରି କରିବା ସହ କୃଷି ଭଳି ଅତ୍ୟାବଶ୍ୟକ ସେବାକୁ ଅନୁମତି ପ୍ରଦାନ କରିଛନ୍ତି। ତେଣୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟରେ ସେମାନେ ଭୁବନେଶ୍ୱରରୁ ଫେରିଥିବା କୁହାଯାଉଛି। ତେବେ ଲକ୍‌ଡାଉନ୍ ସମୟରେ ସେମାନେ କିଭଳି କାର୍‌ରେ ଖୋର୍ଦ୍ଧା, ନୟାଗଡ ଓ ବୌଦ୍ଧ ଜିଲା ଅତିକ୍ରମ କରି ଏତେ ଦୂର ଆସିଲେ, ତାଙ୍କୁ ପାସ୍ କିଏ ପ୍ରଦାନ କଲା ସେ ନେଇ ନାନା ପ୍ରଶ୍ନ ଉଠିଛି । ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ପୃକ୍ତ ୩ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ରାତିରେ ପରୀକ୍ଷା ପାଇଁ ଏହି ନମୁନାକୁ ଭୁବନେଶ୍ୱର ପଠାଯାଇଛି। ସମସ୍ତେ ମୃତ୍ତିକା ରସାୟନବିତ୍‌ଙ୍କ କାର୍ଯ୍ୟାଳୟର ଉପର ମହଲାରେ ପୃଥକ୍‌ବାସ(ହୋମ ଆଇସୋଲେଶନ)ରେ ଅଛନ୍ତି।

## ବାଟୋଇଙ୍କୁ ଆଇସୋଲେଶନରେ ରଖିଲା ପ୍ରଶାସନ



ଜଣେ ବାଟୋଇଙ୍କୁ ପ୍ରଶାସନିକ ଅଧିକାରୀମାନେ ଉଦ୍ଧାର କରି ନେଉଛନ୍ତି।

ବିଜେପୁର,୧୬।୪(ଡି.ଏନ.ଏ.)

ବରଗଡ ଜିଲା ବିଜେପୁର-ପଦ୍ମପୁର ରାସ୍ତାରେ ଯାଉଥିବା ଏଭଳି ଜଣେ ନିରାଶ୍ରିତ ପଥିକଙ୍କୁ ଗୁରୁବାର ମଧ୍ୟାହ୍ନରେ ପ୍ରଶାସନ ଉଦ୍ଧାର କରିଛି । ସେ ହେଲେ ବଲାଙ୍ଗୀର ଜିଲା ଅନ୍ତର୍ଗତ ରାଜ ଆଗଲପୁର ବ୍ଲକର ନଅଗାଁର ସୁରୁ ସାହୁ(୫୦) । ମିଳିଥିବା ସୂଚନା ମୁତାବକ ସୁରୁ ସାହୁ ସମ୍ବଲପୁର ଗୋଶାଳାର ଏକ ହୋଟେଲରେ କାମ କରୁଥିଲେ । ହେଲେ ଲକ୍ ଡାଉନ ହେବା ଯୋଗୁ ହୋଟେଲ ବନ୍ଦ ହୋଇ ଯାଇଛି। ଏଣୁ ସେ ବରଗଡରୁ ବାହାରି ବିଜେପୁର ବାଟ ଦେଇ ନଅଗାଁ ଫେରୁଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଭାଜପା ନେତା ସନତ କୁମାର ଗଡତିଆ ମଧ ବନ୍ଦୋବସ୍ତ କରିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏଣୁ ତହସିଲଦାର କୁଳମଣୀ ରଣବିଡା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୁକ୍ମଣ ମେହେର କେଉଁଟପାଲି ପହଞ୍ଚିଥିଲେ । ତାଙ୍କୁ ଏନଏସି ପକ୍ଷରୁ ଗାଡିରେ ନିଆଯାଇ ହାଇସ୍କୁଲରେ ଖୋଲା ଯାଇଥିବା ଆଇସୋଲେଶନ କକ୍ଷରେ ରଖା ଯାଇଛି। ତାଙ୍କ ଖାଦ୍ୟପେୟ ବନ୍ଦୋବସ୍ତ କରିବା ସହ ତାଙ୍କ ତାଙ୍କର ଘରକୁ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ଦିନରେ ୨ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

ବଲାଙ୍ଗୀର ଅଫିସ, ୧୬।୪

ବଲାଙ୍ଗୀର ସହରରେ ଗତ ୩ ଦିନ ମଧ୍ୟରେ ୨ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପୋଲିସ ବିଭାଗର ଜଣେ ଡ୍ରାଇଭରଙ୍କ ମଙ୍ଗଳବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିବାବେଳେ ଗୁରୁବାର ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସର ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳୁ ବଲାଙ୍ଗୀର ସହର ଆରଟିଓ ଅଫିସ ଛକ ନିକଟ ୨୬ ନମ୍ବର ଜାତୀୟ ରାଜପଥ ରାସ୍ତାକଡ ଏକ ଗଛରୁ ମ୍ୟୁନିସିପାଲିଟି ଡ୍ରାଇଭର ରୁଷି ସାହୁ (୪୫)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା । ତେବେ ମୃତଶରୀର ଓହଳି ମାଟିରେ ଲାଗିଥିବାରୁ ଏନେଇ ତଦନ୍ତ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହି ଡ୍ରାଇଭର ଜଣକ କରୋନା ଲକ୍‌ଡାଉନ୍ ସମୟରେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ । ମଙ୍ଗଳବାର ବଲାଙ୍ଗୀର ଟାଉନ୍ ଥାନା ପିସିଆର ଗାଡିର ଡ୍ରାଇଭର ଭାବେ କାମ କରୁଥିବା ଶମ୍ଭୁ ବଡ଼ିଆଙ୍କ ମଧ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ୩ ଦିନ ଭିତରେ ଦୁଇ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି ।

## ଫଟୋରେ ଖବର...



ଗୁରୁବାର ବୌଦ୍ଧ ବସଷ୍ଟାଣ୍ଡରେ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ନାଟକ ମାଧ୍ୟମରେ କରୋନା ଉପରେ ଲୋକମାନଙ୍କୁ ସଚେତନ କରାଯାଉଛି ।

## ହଜାରେ ଟଙ୍କା ପାଇଁ ରାତି ଅନିଦ୍ରା

ସମ୍ବଲପୁର, ୧୬।୪ (ବ୍ୟୁରୋ)

କରୋନା କଟକଣା ଲକ୍ ଡାଉନ ପରେ ଏହାର ପ୍ରଭାବ ସିଧାସଳଖ ଖଟିଖିଆ, ଦିନ ମଜୁରିଆ ଓ ଗରିବ ଶ୍ରେଣୀ ଲୋକଙ୍କ ଉପରେ ପଡିଛି। ରୋଜଗାର ନ ଥିବାରୁ ସେମାନୁ ରାଜ୍ୟ ଓ କେନ୍ଦ୍ର ସରକାର ପର୍ଯ୍ୟାୟ କ୍ରମେ ଟଙ୍କା, ଚାଉଳ, ଗହମ ଏପରିକି ସାମାଜିକ କର୍ମୀ ଓ ଅନୁଷ୍ଠାନ ପକ୍ଷରୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଉଛନ୍ତି । ଏହାକୁ ପାଇବା ପାଇଁ ଲୋକମାନେ ଅନେକ ସ୍ଥାନରେ ହଇରାଣ ହରକତ ହେବାକୁ ପଡୁଛି। ପିଡିଏସ ସାମଗ୍ରୀ ବଣ୍ଟନ କେନ୍ଦ୍ର, ବ୍ୟାଙ୍କ, ଅଙ୍ଗନୱାଡି କେନ୍ଦ୍ର ସ୍କୁଲରେ ଭିଡ ଦେଖିବାକୁ ମିଳୁଛି। ଏଥିରେ ସାମାଜିକ ଦୂରତ୍ୱ ନିୟମ ମଧ ପାଳନ କରାଯାଉ ନାହିଁ । ଏଭଳି ଏକ ଘଟଣା ସମ୍ବଲପୁର ମହାନଗର ନିଗମ ସାକ୍ଷୀପଡାରେ ଦେଖିବାକୁ ମିଳିଛି । ଅସ୍ଥାୟୀ ପିଡିଏସ ବଣ୍ଟନ (ସାକ୍ଷୀଗୋପିନାଥ ପଡା ୟୁପି ସ୍କୁଲ) କେନ୍ଦ୍ର ଖୋଲା ଯାଇଛି । ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ରାସନକାର୍ଡକୁ ବିଳମ୍ବିତ ରାତ୍ରିରୁ ଲାଇନରେ ରଖି ୧ ହଜାର ଟଙ୍କା ପାଇଁ ଜଗି ବସିଥିବା ଦେଖିବାକୁ ମିଳିଥିଲା। ପିଡିଏସ ବଣ୍ଟନ କେନ୍ଦ୍ରରେ କେନ୍ଦ୍ର ସରକାରଙ୍କ ୧ହଜାର ଟଙ୍କା ସହାୟତା ରାଶି ରାସନକାର୍ଡ ଥିବା ହିତାଧିକାରୀମାନଙ୍କୁ ଦିଆଯାଉଛି । ଏହି ଖବର ପ୍ରଚାର ହେବା ପରେ ସମସ୍ତ ପିଡିଏସ କେନ୍ଦ୍ର ଗୁଡିକରେ ଭିଡ ବଢ଼ିଛି। ପିଡିଏସ ଡିଲରମାନେ ପ୍ରତିଦିନ ପ୍ରାୟ ୪୦ ରୁ ୫୦ଜଣ ହିତାଧିକାରୀମାନଙ୍କୁ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି । ଅନ୍ୟପଟେ ଟଙ୍କା ଯଦି ଶୀଘ୍ର ହିତାଧିକାରୀ ନ ଆଣିବେ ତାହା ହେଲେ ଫେରିଯିବ ବୋଲି ମିଛ ଖବର ପ୍ରଚାର କରାଯାଉଛି । ତେଣୁ ହିତାଧିକାରୀ ରାତି ସାରା ଉଜାଗର ରହି ୧ ହଜାର ଟଙ୍କା ପାଇଁ ବିଳମ୍ବିତ ରାତ୍ରିରେ ବଣ୍ଟନ କେନ୍ଦ୍ରରେ ଲାଇନରେ ଛିଡା ହୋଇ ରହୁଛନ୍ତି । ସେଠାରେ ମଧ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖା ଦେଉଛି। ଏପରିକି କରୋନା ସଂକ୍ରମଣ ଆଶଙ୍କା ରହୁଛି । ଏ ଦିଗରେ ଜିଲା ପ୍ରଶାସନ ଓ ପୋଲିସ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



ଲୋକେ ସାକ୍ଷୀଗୋପୀନାଥ ପଡା ୟୁପି ସ୍କୁଲରେ ରାସନ କାର୍ଡ ଲାଇନରେ ରଖି ଜଗି ରହିଛନ୍ତି ।

## ଫୁଲଚାଷରେ ଲକ୍‌ଡାଉନ ପ୍ରଭାବ

ଲୋଇସିଂହା, ୧୬।୪(ଡି.ଏନ.ଏ.)

**ଲୋଇସିଂହା**



- ବିକ୍ରି ନ ହୋଇ ଗଛରେ ମଉଳୁଛି ଫୁଲ
- ସରକାରୀ ସହାୟତା ଦାବି କଲେ ଚାଷୀ

ବଗିଚାରେ ନାନାଦି ଫୁଲର ସମ୍ଭାର। ହେଲେ ସବୁ ଫୁଟି ମଉଳି ଯାଉଛି । ଲକ୍‌ଡାଉନ କଟକଣା ଯୋଗୁ ଫୁଲଚାଷ ଆଜି ସଙ୍କଟରେ ପଡିଛି। ଏଥିରେ ପ୍ରଭାବିତ ହୋଇଛନ୍ତି ବଲାଙ୍ଗୀର ଜିଲା ଆଗଲପୁର ଅଞ୍ଚଳର ଫୁଲଚାଷୀ ସୁଶୀଲ ବିଶ୍ୱାଳ । ସୁଶୀଲ(୩୫)ଙ୍କ ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏଟ । ପାଠ ସରିବା ପରେ ରୋଜଗାର ପାଇଁ ଆନ୍ଧ୍ର ପ୍ରଦେଶକୁ ଯାଇ ଏକ କମ୍ପାନୀରେ କାମ କରୁଥିଲେ। ହେଲେ ସେଠାରେ ମନ ଲାଗିଲା ନାହିଁ । ୨୦୧୩ରେ ଗାଁକୁ ଫେରି ନିଜ ପୈତୃକ ୨ ଏକର ଜମିରେ ଚାଷ କାମ ଆରମ୍ଭ କରିଥିଲେ। ସେଥିରୁ ଅଧ ଏକର ମାଳଜମି । ସେହି ଜମିରେ ପ୍ରଥମେ ସେ ଗେଣ୍ଡୁଫୁଲ ଚାଷ କରିଥିଲେ। ସୁଶୀଲଙ୍କ ଫୁଲଚାଷ ଦେଖି ସ୍ଥାନୀୟ ଉଦ୍ୟାନ ବିଭାଗ ପକ୍ଷରୁ ୨୦୧୪ରେ ତାଙ୍କୁ ଗୋଲାପ ଫୁଲଚାରା ଯୋଗାଇ ଦିଆଯାଇଥିଲା। ଏହାପରେ ଫୁଲଚାଷ ପାଇଁ ଖୁବ୍ ଉତ୍ସାହିତ ହୋଇଥିଲେ ସୁଶୀଲ । ସୁଶୀଲଙ୍କ ସହିତ ୨ ମହିଳା ଓ ଜଣେ ପୁରୁଷ ଶ୍ରମିକ କାମ କରୁଛନ୍ତି। ଜାନୁୟାରୀରୁ ଜୁନ ପର୍ଯ୍ୟନ୍ତ ୬ ମାସ ତାଙ୍କର ଭଲ ବ୍ୟବସାୟ ହୁଏ । ବାର୍ଷିକ ସେ ୪୦ ରୁ ୫୦ ହଜାର ଟଙ୍କା ରୋଜଗାର କରନ୍ତି ବୋଲି ସୁଶୀଲ କୁହନ୍ତି।

ସୁଶୀଲଙ୍କ ସୂଚନା ମୁତାବକ ଏବେ ତାଙ୍କ ବଗିଚାରେ ୨ହଜାର ଗୋଲାପ, ୨ହଜାର ଗେଣ୍ଡୁ, ୧ ହଜାର ବାସନ୍ତୀ, ୫ଶହ ଚେରି ଓ ୫ଶହ ଚିନା ଚାରା ରୋପଣ କରିଛନ୍ତି। ଚଳିତବର୍ଷ କଲିକତାରୁ ଗେଣ୍ଡୁ ଚାରା ଆଣି ସେ ରୋପଣ କରିଥିଲେ । ଚାରା, ସାର, କୀଟନାଶକ ବାବଦକୁ ୧୨ରୁ ୧୫ ହଜାର ଖର୍ଚ୍ଚ ହୋଇଛି । ଅମଳ ଗେଣ୍ଡୁଫୁଲ ମାର୍ଚ୍ଚ ୨୦ରୁ ବିକ୍ରି ହେବ ବୋଲି ଆଶା ରଖିଥିଲେ ସୁଶୀଲ । ଲକ୍‌ଡାଉନ ଯୋଗୁ ତାଙ୍କର ସବୁ ଆଶା ଯେମିତି ମଉଳି ଯାଉଥିଲା । ମନ୍ଦିର ଖୋଲା ରହୁ ନ ଥିବାରୁ ଫୁଲର ଚାହିଦା କମିଛି। ଏଣେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ବନ୍ଦ ରହିଛି । ଏପରି ପରିସ୍ଥିତିରେ ବଲାଙ୍ଗୀରର ଫୁଲ ଦୋକାନୀ କିମ୍ବା ସ୍ଥାନୀୟ ଡେକୋରେଟରମାନେ ଫୁଲ ନେଉନାହାନ୍ତି। ବଗିଚାରେ ଫୁଟିଥିବା ଫୁଲ ବିକ୍ରି ହୋଇ ନ ପାରି ମଉଳିଯାଉଛି। ଏପରି କ୍ଷତି ଯୋଗୁ ଫୁଲଚାଷୀମାନଙ୍କୁ ସରକାର ସହାୟତା ଯୋଗାଇ ଦେବା ପାଇଁ ସୁଶୀଲ ଦାବି କରିଛନ୍ତି।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ଏପ୍ରିଲ ୧୭/୨୦୨୦ Friday, April 17/2020

## ସମ୍ପୂର୍ଣ୍ଣ ବୁକିଂ ଅର୍ଥ ଫେରସ୍ତ କରିବେ ବିମାନ କମ୍ପାନୀ

**ନୂଆଦିଲ୍ଲୀ,୧୬।୪ :** ଦ୍ବିତୀୟ ପର୍ଯ୍ୟାୟରେ ଏବେ ଲକ୍‌ଡାଉନ ମେ ମାସ ୩ ଯାଏ ବଢ଼ିଛି। ୨୫ ମାର୍ଚ୍ଚରୁ ୧୪ ଏପ୍ରିଲ ଯାଏ ବୁକିଂ ହୋଇଥିବା ଟିକେଟର ସମ୍ପୂର୍ଣ୍ଣ ଅର୍ଥ ବିମାନ କମ୍ପାନୀଗୁଡ଼ିକ ଯାତ୍ରୀଙ୍କୁ ଫେରାଇବେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ବିମାନ କମ୍ପାନୀଗୁଡ଼ିକୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦିଆଯାଇଛି। ଲକ୍‌ଡାଉନ ସବୁ ବିମାନ କମ୍ପାନୀ ଟିକେଟ ବାତିଲ କରିଛନ୍ତି। ହେଲେ ଲୋକଙ୍କ ବୁକିଂ ଅର୍ଥ ଏବେ ଯାଏ ଫେରସ୍ତ କରିବା ନେଇ କୌଣସି ପଦକ୍ଷେପ ଘୋଷଣା କରିନାହାନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ନୂଆ ନିର୍ଦ୍ଦେଶ ଜାରି ହେବା ପରେ ଯାତ୍ରୀ ବିମାନ ଟିକେଟ ବୁକିଂ ଅର୍ଥ ଫେରିପାଇବା ନେଇ ସ୍ପଷ୍ଟ ହୋଇଛି। ଯାତ୍ରୀ ଟିକେଟ କ୍ୟାନ୍‌ସେଲ ଅନୁରୋଧ କରିବାର ୩ ସପ୍ତାହ ମଧ୍ୟରେ ରିଫଣ୍ଡ କରିବାକୁ କୁହାଯାଇଛି।

## ୭୬.୮୦ ସ୍ତରରେ ଟଙ୍କା

**ନୂଆଦିଲ୍ଲୀ,୧୬।୪ :** ଡଲାର ତୁଳନାରେ ଟଙ୍କା ଲଗାତର ଖସୁଥିବା ନଜରକୁ ଆସିଛି। ଗୁରୁବାର ମଧ୍ୟ ଏହି ଧାରା ଲାଗି ରହିଛି। ଏହି ସମୟରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୩୬ ପଇସା ଖସିବା ଯୋଗୁ ଏହା ରେକର୍ଡ ନିମ୍ନ ସ୍ତର ୭୬.୮୦ଟଙ୍କାକୁ ଖସିଯାଇଛି। ଟଙ୍କା ଗୁରୁବାର ୭୬.୭୫ ସ୍ତରରୁ କାରବାର ଆରମ୍ଭ କରିଥିଲା। କିଛି ସମୟ ପରେ ଏଥିରେ ୩୬ ପଇସା ହ୍ରାସ ଦେଖାଯିବା ସହ ୭୬.୮୦ ପ୍ରତି ଡଲାରରେ ବନ୍ଦ ରହିଛି। ଘରୋଇ ଶେୟାର ବଜାରରେ ହ୍ରାସ ଏବଂ କରୋନା ସଂକ୍ରମଣ ଯୋଗୁ ବଜାରରେ ଉପୁଜିଥିବା ଖରାପ ଅବସ୍ଥା ପାଇଁ ଟଙ୍କା ମୂଲ୍ୟରେ ଏଭଳି ହ୍ରାସ ଦେଖାଯାଇଛି।

## ଇ-କମର୍ସରେ ମିଳିବ ଇଲେକ୍‌ଟ୍ରୋନିକ୍ସ

**ନୂଆଦିଲ୍ଲୀ,୧୬।୪ :** ଇ-କମର୍ସ କମ୍ପାନୀଗୁଡ଼ିକୁ ସରକାର ପ୍ରାଥମିକ ପର୍ଯ୍ୟାୟରେ କିଛିଟା ଆଶ୍ୱସ୍ତି ଦେଇଛନ୍ତି। ଚଳିତ ମାସ ୨୦ରୁ ଇ-କମର୍ସ ସାଇଟଗୁଡ଼ିକରେ ଲୋକମାନେ ମୋବାଇଲ, ଟିଭି ଏବଂ ଫ୍ରିଜ୍ ଭଳି ସାମଗ୍ରୀ କ୍ରୟ କରିବାର ସୁବିଧା ପାଇପାରିବେ। ସରକାର କମ୍ପାନୀଗୁଡ଼ିକୁ ଏ ଦିଗରେ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସାମଗ୍ରୀ ଡେଲିଭରି କରିବାକୁ ଥିବା ବ୍ୟକ୍ତିବିଶେଷଙ୍କୁ ଏଥିଲାଗି ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ସୂଚନାଯୋଗ୍ୟ ବର୍ତ୍ତମାନ ଇ-କମର୍ସ କମ୍ପାନୀଗୁଡ଼ିକ କେବଳ ଜରୁରୀ ସାମଗ୍ରୀ ହୋମ୍‌ଡେଲିଭରି କରୁଛନ୍ତି।

# ତ୍ୱରିତ ହେବ ଭାରତର ବିକାଶ ହାର

**ନୂଆଦିଲ୍ଲୀ,୧୬।୪:** କୋଭିଡ୍-୧୯ ବର୍ତ୍ତମାନ ସାରା ବିଶ୍ୱକୁ କ୍ଷତିଗ୍ରସ୍ତ କରିଛି। ଭୂତାଣୁ ନ ବ୍ୟାପିବା ପାଇଁ ସାରା ବିଶ୍ୱରେ ହୋଇଥିବା ଲକ୍‌ଡାଉନ କାରଣରୁ ଆର୍ଥିକ କାର୍ଯ୍ୟକଳାପ ଏବେ ଠପ୍ ହୋଇଛି। ବିକଶିତ କିମ୍ବା ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହେଉ ପଛେ କୋଭିଡ୍-୧୯ର ପଞ୍ଝାରୁ କେହି ବାହାରିପାରିନାହାନ୍ତି। ଦେଶଗୁଡ଼ିକର ଅଭିବୃଦ୍ଧି ନକାରାତ୍ମକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) କହିଛି ଯେ, ପ୍ରମୁଖ ଅର୍ଥ ବ୍ୟବସ୍ଥାଗୁଡ଼ିକର ବିକାଶ ହାର ମାତ୍ରାଧିକ ଖସିଯିବ। ଏହି ସମୟରେ ଭାରତ ଏବଂ ଚାଇନାର ବିକାଶ ହାର ସକାରାତ୍ମକ ରହିବ। ଚାଇନା ୧.୨% ଏବଂ ଭାରତ ୧.୯%ରୁ ଅଧିକ ଅଭିବୃଦ୍ଧି କରିବା ନେଇ ଆଇଏମ୍‌ଏଫ୍ ଏହାର ପୂର୍ବାନୁମାନରେ ଆଶାବାଦୀ ରହିଛି। ସେହିଭଳି ୨୦୨୧ରେ ଚାଇନା ୯.୨% ଏବଂ ଭାରତ ୭.୨% ଅଭିବୃଦ୍ଧି ହାସଲ କରିବା ଦିଗରେ ସକ୍ଷମ ହେବ ବୋଲି ଏହି ଏଜେନ୍ସି ଏହାର ରିପୋର୍ଟରେ ଉଲ୍ଲେଖ କରିଛି।

ଆଇଏମ୍‌ଏଫ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କରୋନା ବିରୋଧରେ ଏସୀୟ ଦେଶ ସମୂହଙ୍କ ପ୍ରଦର୍ଶନ ଉନ୍ନତ ସ୍ଥିତିରେ ରହିଛି। ବିଶ୍ୱର ଅନ୍ୟ ଦେଶଗୁଡ଼ିକ ତୁଳନାରେ ଏସୀୟ ଦେଶଗୁଡ଼ିକର ପ୍ରଦର୍ଶନ ଉନ୍ନତ ହେବା ସହ କରୋନା ପ୍ରଭାବକୁ କମ୍ କରି ଶୀଘ୍ର ସ୍ଥିତାବସ୍ଥା ବଜାୟ ରଖିବାକୁ ସକ୍ଷମ ହେବେ। ଆଇଏମ୍‌ଏଫ୍ ପକ୍ଷରୁ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ନିର୍ଦ୍ଦେଶକ ଚାଙ୍ଗ୍ ୟୋଙ୍ଗ୍ ରି କହିଛନ୍ତି ଯେ, କରୋନା ଭାଇରସ୍ ପ୍ରଭାବ ପ୍ରତି କ୍ଷେତ୍ରରେ ରହିଛି। ଏହା ଗମ୍ଭୀର ଏବଂ ଅପ୍ରତ୍ୟାଶିତ। ବିଶ୍ୱର ଅନ୍ୟ ସ୍ଥାନ ତୁଳନାରେ ଏସିଆ ବେଶ୍ ଭଲ ସ୍ଥିତିରେ ରହିଛି। ଏହା ଟ୍ରାକ୍‌କୁ ଶୀଘ୍ର ଫେରିବା ସମ୍ଭାବନା ରହିଛି। ଏସିଆର ଅଭିବୃଦ୍ଧି ହାର ବିଶ୍ୱର ଅନ୍ୟ ସ୍ଥାନ ତୁଳନାରେ ଅଧିକ ରହିଛି ବୋଲି ସେ ମତ ରଖିଛନ୍ତି।

୨୦୨୧ରେ ଏସିଆର ବିକାଶ ହାର ୭.୬% ରହିବ ବୋଲି ଅନୁମାନ କରାଯାଇଛି। ୟୋଙ୍ଗ୍ କହିଛନ୍ତି ଯେ, ଏହି ବିକାଶ ହାର ହାସଲ କରିବା ତଥା ପର୍‌ଫରମାନ୍ସ ସ୍ତର ଧାର୍ଯ୍ୟ ଲକ୍ଷ୍ୟ ଯାଏ ହାସଲ କରିବାକୁ ଏତେଟା ସହଜ ନୁହେଁ। ବିଶ୍ୱ ସ୍ତରରେ ଖସୁଥିବା ଅଭିବୃଦ୍ଧି ହାର ମଧ୍ୟ ଏସିଆ ବଜାରକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ୨୦୨୧ରେ ମଧ୍ୟ ଉତ୍ପାଦନର ସ୍ତର କୋଭିଡ୍-୧୯ ସ୍ତର ତୁଳନାରେ କମ୍ ରହିପାରେ। ମାତ୍ର ଏହି ପୂର୍ବାନୁମାନ ଅନିଶ୍ଚିତ ବୋଲି ଏହା ପ୍ରକାଶ କରିଛି।

ଆଇଏମ୍‌ଏଫ୍ ମୁତାବକ,ଏସିଆର ୨ ବଡ଼ ବାଣିଜ୍ୟ ଭାଗୀଦାର ଦେଶ ଆମେରିକା ଏବଂ ୟୁରୋପରେ ବିକାଶ ହାର ୬ରୁ ୬.୬% ହ୍ରାସ ହେବା ଆଶଙ୍କା ଉପୁଜିଛି। ଚଳିତ ବର୍ଷ ଚାଇନା ଅଭିବୃଦ୍ଧି ୨୦୧୯ର ୬.୧% ପରିବର୍ତ୍ତେ ୧.୨%କୁ ଖସିପାରେ।



### ୦%କୁ ଖସିବ ଏସିଆ ଅଭିବୃଦ୍ଧି




ଗତ ୬୦ ବର୍ଷ ମଧ୍ୟରେ ପ୍ରଥମଥର ଲାଗି ଏସିଆର ଅଭିବୃଦ୍ଧି ହାର କ୍ଷତିଗ୍ରସ୍ତ ହେବ ବୋଲି ଆଇଏମ୍‌ଏଫ୍ କହିଛି। ଏହି ଅଞ୍ଚଳର ସର୍ଭିସ ସେକ୍ଟର ଏବଂ ପ୍ରମୁଖ ରପ୍ତାନି ଡେଷ୍ଟିନେଶନଗୁଡ଼ିକ ଚଳିତ ବର୍ଷ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କରୋନା ଯୋଗୁ ଏସିଆର ବିକାଶ ହାର ୦% ରହିବ ବୋଲି ରିପୋର୍ଟରେ କୁହାଯାଇଛି। ଏହା ୧୯୬୦ ପରଠାରୁ ସବୁଠୁ ଖରାପ ସ୍ତର। ଏଭଳି ସଙ୍କଟ ବଜାରରେ କେବେ ଆସି ନ ଥିଲା। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାଠାରୁ ବର୍ତ୍ତମାନର ସ୍ଥିତି ଜଟିଳ ରହିଛି। ଏସିଆ ଦେଶଗୁଡ଼ିକ ଏହାଠାରୁ ବର୍ତ୍ତିବାକୁ କ୍ଷମତା ନାହିଁ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ସମୟରେ ଏସିଆର ବିକାଶ ହାର ୪.୭% ରହିଥିଲା। ଏସିଆ ଆର୍ଥିକ ସଙ୍କଟ ସମୟରେ ବିକାଶ ହାର ୧.୩% ରହିଥିଲା। କୋଭିଡ୍ ପାଇଁ ବିଶ୍ୱ ବଜାରର ଅଭିବୃଦ୍ଧି ହାର ୩% ରହିବ ବୋଲି ଆଇଏମ୍‌ଏଫ୍ କହିଛି।

### ଅଭିବୃଦ୍ଧି ୧.୧ % ରହିବ: ଏସ୍‌ବିଆଇ ରିସର୍ଚ୍ଚ

ବ୍ରିଟେନର ପ୍ରମୁଖ ଏଜେନ୍ସି ଭାରତର ବିକାଶ ହାର ୨୦୨୦ କ୍ୟାଲେଣ୍ଡର ବର୍ଷରେ ୦% ରହିବ ବୋଲି ପୂର୍ବାନୁମାନରେ କହିଛି। ସେହିଭଳି ୨୦୨୧ରେ ଭାରତର ବିକାଶ ହାର ୧.୧% ରହିବ ବୋଲି ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

### ଭାରତକୁ ପ୍ରଶଂସା

ସଂକ୍ରମଣକୁ ରୋକିବା ଲାଗି ଭାରତ ସରକାର ଗ୍ରହଣ କରିଥିବା ପଦକ୍ଷେପକୁ ଆଇଏମ୍‌ଏଫ୍ ପ୍ରଶଂସା କରିଛି। ଏଭଳି ପଦକ୍ଷେପ ବିବେକପୂର୍ଣ୍ଣ ବୋଲି ଏହି ଏଜେନ୍ସି କହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରେ ଆଇଏମ୍‌ଏଫ୍ ଦ୍ୱିତୀୟ ଅନ୍ତର୍ଜାତୀୟ ଏଜେନ୍ସି ଯାହା ଭାରତର ପଦକ୍ଷେପକୁ ପ୍ରଶଂସା କରିଛି। ସରକାରଙ୍କ ଲକ୍‌ଡାଉନ ପଦକ୍ଷେପକୁ ଏହି ଏଜେନ୍ସି ପ୍ରଶଂସା କରିଛି। ବିକାଶ ହାର କମିଲେ ମଧ୍ୟ ଏହା ନିଶ୍ଚିତ ପକ୍ଷେ ଏକ ବିବେକପୂର୍ଣ୍ଣ ପଦକ୍ଷେପ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ଏହା ପ୍ରଶଂସା କରିଥିବା ବେଳେ ଯଦି କରୋନା ପ୍ରଭାବ ଶୀଘ୍ର ବଜାରରୁ ନ ଯାଏ ତେବେ ଅଧିକ ପଦକ୍ଷେପ ଗ୍ରହଣ କରିବାକୁ ହେବ ବୋଲି କୁହାଯାଇଛି।



## କରୋନା ପ୍ରଭାବ ସମୀକ୍ଷା କଲେ ସରକାର

**ନୂଆଦିଲ୍ଲୀ,୧୬।୪ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ସହିଥିବା କ୍ଷତିର ସମୀକ୍ଷା କରିଛନ୍ତି। ଭୂତାଣୁ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା କ୍ଷେତ୍ରଗୁଡ଼ିକୁ ଆଉ ଏକ ଆଶ୍ୱସ୍ତି ପ୍ୟାକେଜ ଦେବା ଲାଗି ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ବଜାରର ସ୍ଥିତି ନେଇ ମୋଦି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ସହ ଆଲୋଚନା କରିଛନ୍ତି। କରୋନା ଭାଇରସ୍ ଏବଂ ଲକ୍‌ଡାଉନ ପାଇଁ ଏବେ ସାରା ଦେଶରେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇଯାଇଛି। ଭାରତର ବିକାଶ ହାର ୦%କୁ ଖସିବା କିମ୍ବା ଅଭିବୃଦ୍ଧି ଆଖିଦୃଶିଆ ହେବ ନାହିଁ ବୋଲି ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ ସେମାନଙ୍କ ପୂର୍ବାନୁମାନରେ କହି ସାରିଲେଣି। ଏହାକୁ ବିଚାରକରି ସରକାର ସ୍ଥିତିର ସମୀକ୍ଷା କରିଥିବା ଜଣାପଡ଼ିଛି। ଅର୍ଥ ବ୍ୟବସ୍ଥାର ସ୍ୱାସ୍ଥ୍ୟ ନେଇ ବିସ୍ତୃତ ଆଲୋଚନା ବୈଠକରେ କରାଯାଇଛି ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେହିଭଳି ଚ୍ୟାଲେଞ୍ଜକୁ ସାମ୍ନା କରିବା ଦିଗରେ କିଭଳି ପଦକ୍ଷେପ ନିଆଯିବ ସେ ଦିଗରେ ମଧ୍ୟ ବିଭିନ୍ନ ପ୍ରସଙ୍ଗ ଆଲୋଚନାରେ ସାମିଲ କରାଯାଇଛି।

## ଚାଇନିଜ ଆପ୍ ୱିଚାଟକୁ ଟକ୍କର ଦେବାକୁ ପ୍ରସ୍ତୁତି

**ନୂଆଦିଲ୍ଲୀ,୧୬।୪ :** ଚାଇନାର ସୁପର ଆପ୍ଲିକେଶନ ୱିଚାର୍ଟକୁ ଟକ୍କରଦେବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଭଳି ମଲ୍ଟିପରପସ ଆପ୍ ପ୍ରସ୍ତୁତି କରିବା ଲାଗି ଏବେ ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଗ୍ରୁପ୍ ଏବଂ ମାର୍କ ଜୁକରବର୍ଗଙ୍କ ଫେସ୍‌ବୁକ୍ ଏକାଠି ହୋଇଛନ୍ତି। ହ୍ୱାଟ୍ସଆପ୍ ପ୍ଲାଟ୍‌ଫର୍ମ ୟୁଜରବେସ୍‌ର ଫାଇଦା ଉଠାଇ ୱିଚାର୍ଟକୁ ପଛରେ ପକାଇବା ଲାଗି ଏହି ଦୁଇ ଗ୍ରୁପ୍ ଏବେ ସମ୍ଭାବନା ସନ୍ଧାନରେ ରହିଥିବା ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମ ଅଧୀନ ୨ କମ୍ପାନୀ ପ୍ରକଳ୍ପ ଲାଗି ପାଣ୍ଠି, ଟେକ୍ନିକାଲ ସହାୟତା ଏବଂ ଡୋମେନ କ୍ଷେତ୍ରରେ କାମ କରିବେ ବୋଲି ଜଣାପଡିଛି। ମିଡିଆ ରିପୋର୍ଟ ମୁତାବକ ଏଭଳି ଆପ୍ କାର୍ଯ୍ୟକାରୀ ହେଲେ ୟୁଜର ରିଲାଏନ୍ସ ରିଟେଲ ଷ୍ଟୋର ଏବଂ ଜିଓ ଡଟ୍ କମ୍‌ରେ କିରାନା ସାମଗ୍ରୀ କ୍ରୟ କରିବାକୁ ସକ୍ଷମ ହୋଇପାରିବେ। ଜିଓ ମନିର ବ୍ୟବହାର ଉପଯୋଗ ଗ୍ରାହକ ଏଥି ଲାଗି ପେମେଣ୍ଟ ମଧ୍ୟ କରିପାରିବେ। ନୂଆ ଆପ୍ଲିକେଶନରେ ଡିଜିଟାଲ ପେମେଣ୍ଟ, ସୋସିଆଲ ମିଡିଆ, ଗେମିଂ, ଏୟାର ଟିକେଟ ଏବଂ ହୋଟେଲ ବୁକିଂ ଭଳି ସୁବିଧା ମଧ୍ୟ ରହିବ। ଏଭଳି ଏକ ଆପ୍ଲିକେଶନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ସୁବିଧା ପ୍ରଦାନ କରିବ ବୋଲି ବିଶେଷଜ୍ଞ କହୁଛନ୍ତି। ନୂଆ ଯୋଜନାକୁ ରୂପରେଖ ପ୍ରଦାନ କରିବା ଲାଗି ମୋର୍ଗାନ ଷ୍ଟାନଲି ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ ନିଯୁକ୍ତ ହୋଇଛି। ଦୁଇ କମ୍ପାନୀର ନୂଆ ଯୋଜନା ଏକ ଷ୍ଟ୍ରାଟେଜିକ ପାର୍ଟନରଶିପ ହେବ, ଯାହା ଫେସ୍‌ବୁକ୍ ଏବଂ ରିଲାଏନ୍ସକୁ ଅଲଗା ଭାବେ ପରିଭାଷିତ ହେବ। ନୂଆ ଯୋଜନାର ଚୂଡ଼ାନ୍ତ ରୂପରେଖ ଏଯାଏ ସ୍ପଷ୍ଟ ହୋଇନାହିଁ।

# ଖେଳ ଖବର

## ରୋହିତ୍ ଦୁବାଇ କ୍ରିକେଟ ଏକାଡେମୀ ବ୍ରାଣ୍ଡ୍ ଆମ୍ବାସାଡର

**ଦୁବାଇ,୧୬।୪(ପି.ଟି.):** ଭାରତୀୟ ତାରକା ଓପନର ତଥା ସୀମିତ ଓଭର ଉପ- ଅଧିନାୟକ ଦୁବାଇ ପର୍ଯ୍ୟବସିତ ଏକ କୋଚିଂ ଏକାଡେମୀର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଏହି କୋଚିଂ ଏକାଡେମୀର ନାମ 'କ୍ରିକ୍‌କିଙ୍ଗଡମ୍' ରହିଛି। ସାରା ବିଶ୍ୱରେ କୋଭିଡ୍-୧୯ର ଆତଙ୍କ ଜାରି ରହିଥିବା ବେଳେ ଅନ୍‌ଲାଇନ୍ ପ୍ଲାଟଫର୍ମରେ ଏହି ଏକାଡେମୀରେ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି। ଅନ୍‌ଲାଇନ୍ ଦ୍ୱାରା ଛାତ୍ର, କୋଚ୍‌ମାନଙ୍କୁ ଗୋଟିଏ ସୂତ୍ରରେ ଯୋଡି ହେବାର ସୁଯୋଗ ମିଳିଛି। ଅନ୍‌ଲାଇନ୍ ଦ୍ୱାରା କୋଚ୍, ଗ୍ରାଉଣ୍ଡ/ନେଟ୍ସ, ବିଭିନ୍ନ ଏକାଡେମୀର ଟିମ୍ ମ୍ୟାନେଜମେଣ୍ଟ ବୁକିଂ କରିବାର ସୁବିଧା ମଧ୍ୟ ରହିଛି। ନୂଆ କ୍ରିକେଟ ପ୍ରତିଭାଙ୍କୁ ଅଭିନବ ଉପାୟରେ ପ୍ରଶିକ୍ଷଣ ଦେବା ଏହି ଏକାଡେମୀର ଲକ୍ଷ ବୋଲି ରୋହିତ କହିଛନ୍ତି। ମୁମ୍ବାଇ ଦ୍ରୁତ ବୋଲର ଧବଳ କୁଲକର୍ଣ୍ଣୀ ଏହି ଏକାଡେମୀର ମେଣ୍ଟର ରହିଛନ୍ତି। ଏହି ଏକାଡେମୀ ସହିତ ୨୦ଜଣ କୋଚ୍ ଜଡିତ ହୋଇ ରହିଛନ୍ତି। ଏମାନେ ତୃଣମୂଳସ୍ତରରେ କାର୍ଯ୍ୟ କରୁଛନ୍ତି। ଏହି କୋଚ୍‌ମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି ପ୍ରଦୀପ ଇନଗାଲେ, ପରରାଗ ମାଡକାଇକର, ସୁବାସ ରାନ୍‌ଜାନେ ଓ ପ୍ରଥମେଶ ସାଲୁଙ୍ଖେ। ୪ଟି ବର୍ଗରେ ଏଠାରେ କୋଚିଂ ଦିଆଯାଉଛି। ୫ରୁ୮, ୮ରୁ ୧୩, ୧୩ରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ଓ ଏଲିଟ୍ ସ୍ତରର କ୍ରିକେଟରଙ୍କୁ ଏଠାରେ ପ୍ରଶିକ୍ଷଣ ଦିଆଯାଉଛି। ରୋହିତଙ୍କ ମଧ୍ୟ ଏହି ଏକାଡେମୀର ନିର୍ଦ୍ଦେଶକ ହେବାକୁ ପ୍ରସ୍ତାବ ଦିଆଯାଇଥିଲା।



## ଭାରତକୁ ଆଇସିସି ମହିଳା ବିଶ୍ୱକପ୍ ଯୋଗ୍ୟତା

**ଦୁବାଇ, ୧୬।୪:** ନିକଟ ଅତୀତରେ ୩ଟି ସିରିଜ ଖେଳାଯାଇ ପାରି ନ ଥିବାରୁ ଦଳଗୁଡ଼ିକ ମଧ୍ୟରେ ପଏଣ୍ଟ ବାଣ୍ଟିବାକୁ ଆଇସିସି ମହିଳା କ୍ରିକେଟ ଚାମ୍ପିୟନସିପ୍ ଟେକ୍ନିକାଲ କମିଟି ନିଷ୍ପତ୍ତି ନେଇଛି। ଏହି ୩ଟି ସିରିଜ ହେଲା ଭାରତ-ପାକିସ୍ତାନ, ଦକ୍ଷିଣ ଆଫ୍ରିକା-ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ। ଭାରତ ସରକାରଙ୍କ ପକ୍ଷରୁ ଅନୁମତି ନ ମିଳିବାରୁ ଭାରତ-ପାକିସ୍ତାନ ସିରିଜ ଆୟୋଜନ ହୋଇପାରି ନ ଥିବା ବିସିସିଆଇ ପକ୍ଷରୁ ଜଣାଇ ଦିଆ ଯାଇଥିଲା। କରୋନା ଭାଇରସ ସଂକ୍ରମଣ ଜନିତ କାରଣରୁ ଅନ୍ୟ ୨ଟି ସିରିଜ ବାତିଲ ହୋଇଥିଲା। ପଏଣ୍ଟ ଭାଗ ହେବାରୁ ନ୍ୟୁଜିଲାଣ୍ଡରେ ହେବାକୁଥିବା ମହିଳା କ୍ରିକେଟ ବିଶ୍ୱକପ ପାଇଁ ଭାରତ ଯୋଗ୍ୟତା ଅର୍ଜନ କରିଛି। ଶୀର୍ଷ ୪ ଦଳଭାବେ ଅଷ୍ଟ୍ରେଲିଆ(୩୭ ପଏଣ୍ଟ), ଇଂଲଣ୍ଡ(୨୯), ଦକ୍ଷିଣ ଆଫ୍ରିକା(୨୫) ଭାରତ (୨୩) ସ୍ୱାଭାବିକଭାବେ ଯୋଗ୍ୟତା ପାଇଥିବାବେଳେ ପାକିସ୍ତାନ(୧୯), ନ୍ୟୁଜିଲାଣ୍ଡ(୧୭), ୱେଷ୍ଟଇଣ୍ଡିଜ(୧୩) ଓ ଶ୍ରୀଲଙ୍କା (୫) ଅନ୍ୟ ୪ ସ୍ଥାନ ପୂରଣ କରିଛନ୍ତି ।

# ଶୁଭାଶିଷଙ୍କ ରୋଲ ମଡେଲ କୋହଲି, ଗାଙ୍ଗୁଲି, ଫେଡରର

**ନୂଆଦିଲ୍ଲୀ, ୧୬।୪:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି, ବର୍ତ୍ତମାନର ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏବଂ ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଟେନିସ ତାରକା ରୋଜର ଫେଡରର ତାଙ୍କ ରୋଲମଡେଲ ବୋଲି ପ୍ରକାଶ କରିଛନ୍ତି ଭାରତୀୟ ଫୁଟବଲ ଦଳର ଡିଫେଣ୍ଡର ଶୁଭାଶିଷ ବୋଷ। ଭାରତୀୟ ଫୁଟବଲ ଦଳର ଅଫିସିଆଲ ଫେସବୁକ୍ ପେଜ୍ ଲାଇଭ୍ ଚାଟ୍ ଅବସରରେ ସେ ଏହା କହିଛନ୍ତି। କ୍ରିକେଟ କଥା କହିଲେ ବର୍ତ୍ତମାନର ଟିମ୍ ଇଣ୍ଡିଆ ଅଧିନାୟକ କୋହଲି ମୋ ଫେଭରାଉଟ। ତେବେ ମୋ ପାଇଁ ସର୍ବକାଳୀନ ଫେଭରାଇଟ ହେଲେ ସୌରଭ। "ମୁଁ ଅତି ଛୋଟ ବେଳରୁ ସୌରଭଙ୍କୁ ଫଲୋ କରି ଆସୁଛି । ଦାଦାଙ୍କ ବିଭିନ୍ନ ମ୍ୟାଚ ଓ ବ୍ୟାଟିଂ ଷ୍ଟାଇଲକୁ ଦେଖି ମୁଁ ବଡ଼ ହୋଇଛି। ସେ କେବଳ ମୋ ପାଇଁ ନୁହେଁ, ଅନେକ ଲୋକଙ୍କ ପାଇଁ ପ୍ରେରଣା" ବୋଲି ଶୁଭାଶିଷ କହିଛନ୍ତି । ସୁଇଜରଲାଣ୍ଡ ଟେନିସ ଲିଜେଣ୍ଡ ରୋଜର ଫେଡରରଙ୍କର ସେ ଜଣେ ବଡ଼ ପ୍ରଶଂସକ ବୋଲି ସେ କହିଛନ୍ତି। ସୁଯୋଗ ମିଳିଲେ ସେ ନିଶ୍ଚିତ ଫେଡରରଙ୍କ ମ୍ୟାଚ ଦେଖିଥାନ୍ତି। "ମୁଁ ଫେଡରରଙ୍କ ଗେମ୍ ଦେଖିବାକୁ ଭଲପାଏ। ମ୍ୟାଚ ଖେଳିବାକୁ ଆମକୁ ବିଭିନ୍ନ ସ୍ଥାନକୁ ଯିବାକୁ ପଡୁଥିଲେ ହେଁ ସୁଯୋଗ ମିଳିବାମାତ୍ରେ ମୁଁ ତାଙ୍କ ଖେଳ ଦେଖିଥାଏ। ଦୀର୍ଘଦିନଧରି ସେ ଶୀର୍ଷସ୍ତରରେ ନିଜ ସ୍ଥାନ ବଜାୟ ରଖିବା ମୋତେ ଖୁବ୍ ଉତ୍ସାହିତ କରିଛି। ମୁଁ ମୋ କ୍ୟାରିୟରରେ ଏପରି କିଛି କରିବାକୁ ଲକ୍ଷ୍ୟ ରଖିଛି" ବୋଲି ଶୁଭାଶିଷ ପ୍ରକାଶ କରିଛନ୍ତି। ଭାରତୀୟ ଦଳର ନିର୍ଭରଯୋଗ୍ୟ ଡିଫେଣ୍ଡର ଭାବେ ଲେଫ୍ଟ ବ୍ୟାକ୍ ଓ ସେଣ୍ଟର ବ୍ୟାକ୍‌ରେ ଖେଳିବାର ଦକ୍ଷତା ରଖିଛନ୍ତି ଶୁଭାଶିଷ। ଜଣେ ଯୁବ ଖେଳାଳି ନିଜ ଖେଳରେ ଜଣେ କିପରି ଉନ୍ନତି ଆଣିପାରିବ ଏବଂ ଜଣେ ଫୁଲ୍ ବ୍ୟାକ୍ ଅପେକ୍ଷାକୃତ ଦୁର୍ବଳ ପାଦରେ କିପରି ଉନ୍ନତ ଖେଳିପାରିବ ଏ ଦିଗରେ ସେ ଧ୍ୟାନ ଦେଇଛନ୍ତି। "ଉଭୟ ଆକ୍ରମଣାତ୍ମକ ଏବଂ ରକ୍ଷଣାତ୍ମକ ଦୃଷ୍ଟିରୁ ଆଧୁନିକ ଖେଳରେ ଜଣେ ଫୁଲବ୍ୟାକ୍ ପାଇଁ ଏଣ୍ଡୁରାନ୍ସ ବହୁ ଗୁରୁତ୍ୱପୂର୍ଣ୍ଣ। ଫୁଲବ୍ୟାକ୍ ପ୍ରଥମତଃ ରକ୍ଷଣାତ୍ମକ ବିଭାଗକୁ ପ୍ରାଥମିକତା ଦେଇଥାଏ। ଦ୍ୱିତୀୟତଃ ବଲ୍ ପୋସେଶନ ପାଇଁ ଦଳକୁ ସହାୟତା କରିଥାଏ ଏବଂ ତୃତୀୟତଃ ଉପଯୁକ୍ତ ସମୟ ଦେଖି ଆକ୍ରମଣ କରିବାକୁ ଗୁରୁତ୍ୱ ଦେଇଥାଏ। ଆଟାକିଂ ହାଫ୍‌ରେ ହାଫ୍‌ବ୍ୟାକ୍‌କୁ ଦ୍ରୁତ ଖେଳ ଦେଖାଇବାକୁ ପଡ଼ିଥାଏ। ଗୋଟିଏ କିମ୍ବା ୨ଟି ପାସ୍ ଦେଇ ଦଳୀୟ ସାଥିଙ୍କ ପାଇଁ ଗ୍ୟାପ୍ ସୃଷ୍ଟି କରି ନିଜ ପୋଜିଶନକୁ ଫେରିଥାଏ" ବୋଲି ସେ କହିଛନ୍ତି। ମ୍ୟାଚ ସମୟରେ ମାନସିକ ଦୃଢ଼ତା ଅତ୍ୟନ୍ତ ଜରୁରୀ। ବିଶେଷ କରି ଗୋଲ ବରଣ ସମୟରେ ଆଦୌ ଚାପଗ୍ରସ୍ତ ହେବା ଉଚିତ ନୁହେଁ । ଗେମ୍‌ର ସ୍ଥିତି ଉପରେ ବିଶେଷ ନଜର ନ ଦେଇ ସବୁବେଳେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ତତ୍ପର ହେବା ଉଚିତ ଏବଂ ଅପର ପାର୍ଶ୍ୱରେ ଗୋଲ ସ୍କୋର ପାଇଁ ସୁଯୋଗ ସୃଷ୍ଟି କରିବା ଉଚିତ ବୋଲି ବୋଷ ପ୍ରକାଶ କରିଛନ୍ତି । କରୋନା ଭାଇରସ ସଂକ୍ରମଣ ଜନିତ କାରଣରୁ ଏବେ ଖେଳାଳିଙ୍କ ପାଇଁ ମ୍ୟାଚ ଏବଂ ଟ୍ରେନିଂ ସବୁକିଛି ବନ୍ଦ। ତେଣୁ ବର୍ତ୍ତମାନ ସ୍ଥିତିରେ ଘରେ ରହି ଫିଟ୍‌ନେସ ବଜାୟ ରଖିବା ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି । ଏପରି ସ୍ଥିତିରେ ଜଣେ ଖେଳାଳି କିପରି ପ୍ରତିଦିନ ବିଭିନ୍ନ ବ୍ୟାୟାମ କରିପାରିବ ସେଥିନେଇ ସେ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଛନ୍ତି। ଘରେ ରୁହ, ସୁରକ୍ଷିତ ରୁହ, ସୁସ୍ଥ ରୁହ। ନିଜର ଯତ୍ନ ନେବା ସହିତ ଭଲ ପାଉଥିବା ପ୍ରତିଟି ବ୍ୟକ୍ତିଙ୍କର ଯତ୍ନ ନିଅ ବୋଲି ସେ ଏହି ଭିଡିଓ ମାଧ୍ୟମରେ କହିଛନ୍ତି ।


ଶୁଭାଶିଷ ବୋଷ

## ଆଇପିଏଲ୍ ସ୍ଥଗିତ ସମ୍ପର୍କରେ ବିସିସିଆଇର ବିଧିବଦ୍ଧ ଘୋଷଣା

**ନୂଆଦିଲ୍ଲୀ, ୧୬।୪ (ପି.ଟି.):** ପରବର୍ତ୍ତୀ ସୂଚନା ଜାରି ନ ହେବା ପର୍ଯ୍ୟନ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ସ୍ଥଗିତ ରଖାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଗୁରୁବାର ବିଧିବଦ୍ଧ ଘୋଷଣା କରାଯାଇଛି। ଦେଶରେ କୋଭିଡ୍-୧୯ ମହାମାରୀରେ ଇତିମଧ୍ୟରେ ୧୨,୦୦୦ ଜଣ ସଂକ୍ରମିତ ହୋଇସାରିଛନ୍ତି। ୪୦୦ ଜଣଙ୍କର ପ୍ରାଣହାନି ଘଟିସାରିଛି। ଟୁର୍ନାମେଣ୍ଟର ୧୩ତମ ସଂସ୍କରଣକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଯିବା ସମ୍ପର୍କରେ ଗତ ୧୪ ତାରିଖରେ ୮ଟି ଫ୍ରାଞ୍ଚାଇଜ୍ ସମେତ ଅନ୍ୟ ଅଂଶୀଦାରମାନଙ୍କୁ ଅବଗତ କରାଯାଇଥିବା ଭାରତୀୟ କ୍ରିକେଟ ବୋର୍ଡ ସୂଚନା ଦେଇଥିଲା। ତେବେ ଏନେଇ ବିଧିବଦ୍ଧ ଘୋଷଣା ଗୁରୁବାର କରାଯାଇଛି। ପରବର୍ତ୍ତୀ ସୂଚନା ଜାରି ନ ହେବା ପର୍ଯ୍ୟନ୍ତ ଏହି ବ୍ୟୟ ବହୁଳ ଟି୨୦ ଟୁର୍ନାମେଣ୍ଟକୁ ସ୍ଥଗିତ ରଖିବା ଲାଗି ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ଓ ବିସିସିଆଇ ମିଳିତ ଭାବେ ନିଷ୍ପତ୍ତି ନେଇଥିବା ବିସିସିଆଇ ସମ୍ପାଦକ ଜୟ ଶାହା ଏକ ବିବୃତିରେ ପ୍ରକାଶ କରିଛନ୍ତି।








ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ବିନମ୍ର ଶ୍ରଦ୍ଧାଞ୍ଜଳି

ଆଧୁନିକ ଓଡ଼ିଶାର ନିର୍ମାତା, ବିଶିଷ୍ଟ ଜନନାୟକ, ଭୂମିପୁତ୍ର କଳିଙ୍ଗବୀର, ପ୍ରବାଦ ପୁରୁଷ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୩ତମ ତିରୋଧାନ ଦିବସରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଓଡ଼ିଶା ସରକାର ନୋଭେଲ କରୋନା ଭାଇରସ୍‌ର ମୁକାବିଲା ପାଇଁ କରିଥିବା ସମସ୍ତ ନିୟମ କାନୁନ ପାଇଁ କରିଥିବା ସମସ୍ତ ନିୟମ କାନୁନ୍ ମାନି ଚଳିବା ପାଇଁ ବିନମ୍ର ନିବେଦନ।





ଶ୍ରୀଯୁକ୍ତ ସୁଧୀର କୁମାର ସାମଲ (ନିଧି ଭାଇ)
ବିଧାୟକ, ଢେଙ୍କାନାଳ




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ